DIGITAL EDITION

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୬ Vol. 22 No-26 26 APRIL 2025 SATURDAY BHUBANESWAR ଶନିବାର, ୨୬ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୬.୦୦


## Odisha Bhaskar Live

Presents

# THE VOICE

CONCLAVE OF IDEAS

27th April, 2025

**When voices unite, ideas find wings and the world begins to change**


Explore Bold Insights on Business, Health, Education, Media, Real Estate & Spiritualism

## The Conclave will be Enlighten by



**Shri Dharmendra Pradhan**
(Hon'ble Union Minister for Education)

## Valedictory Session



Chief Guest
**Shri Jitan Ram Manjhi**
(Hon'ble Union Minister for MSME)



Guest of Honour
**Smt. Pravati Parida**
(Hon'ble Deputy Chief Minister of Odisha)

## Along with Inspiring presence of



**Shri Suryabanshi Suraj**
Hon'ble Minister of Higher Education, Sports & Youth Services, Odia Language, Literature & Culture




**Dr. Mukesh Mahaling**
Hon'ble Minister of Health and Family Welfare, Parliamentary Affairs, Electronic and Information Technology




**Shri Prithviraj Harichandan**
Hon'ble Minister of Law, Works and Excise


## Eminent Minds to Contribute




**Tilak Raj Mohanty**
(Founder, TK Digital)




**Ms. Tisca Chopra**
(Bollywood Actress)




**Mr. Aman Gupta**
(Co-Founder Boat, Investor in Sony TV's business reality show Shark Tank India)




**Mr. Rohit Kapoor**
(Co-Founder Swiggy)




**Shri Aniruddhacharya Ji**
(Spiritual leader and Story-Teller, & Founder of Gouri Gopal Ashram)




**Shri Rahul Dev Ji**
(Pandit Hari Dutt Sharma Awardee and Honorary Advisor to the Speaker's Research Initiative, Parliament of India & Managing Trusteeof the Samyak Foundation)




**Padma Shri Alok Mehta**
(Sr Journalist and Author)




**Dr. Vertika Nanda**
(President awardee for Stree Shakti Puraskar and Sr. Journalist)




**Shri Ruben Banerjee**
(Sr Journalist and Author)



**Shri Aakash Ohri**
(Joint Managing Director, DLF)



**Ms Ruby Sinha**
(President of BRICS CCI WE Women's Vertical)



**Binny Advani**
(Moderator)

For Registration, Scan

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ବିବାଦୀୟ ମନ୍ତବ୍ୟ ନେଇ ସୁପ୍ରିମକୋର୍ଟଙ୍କ ତାଗିଦ | ୬



ଦିବ୍ୟାଙ୍ଗଙ୍କ ସାମଗ୍ରିକ ବିକାଶ ପାଇଁ ପ୍ରତିବଦ୍ଧ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୬ | Vol. 22 No-26 | 26 APRIL 2025 SATURDAY BHUBANESWAR | ଶନିବାର, ୨୬ ଏପ୍ରିଲ୍ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସୁରକ୍ଷାକର୍ମୀଙ୍କ ବଡ଼ ଧରଣର ଅପରେସନ

# ଖୋଜି ଖୋଜି ମାରିବୁ




- କଠୁଆରେ ଘର ଘର ବୁଲି ଯାଞ୍ଚ
- ପହଲଗାମରେ ସର୍ଚ୍ଚ ଅପରେସନ ଜୋରଦାର
- କାଶ୍ମୀରରେ ସେନାମୁଖ୍ୟଙ୍କ ସ୍ଥିତି ସମୀକ୍ଷା
- ଅଟାରୀରୁ ଭାରତ ଫେରିଲେ ୧୮୭ ଭାରତୀୟ

ନୂଆଦିଲ୍ଲୀ/ଶ୍ରୀନଗର, ୨୫।୪: ଗତ ୨୨ ତାରିଖରେ ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ୨୬ ପର୍ଯ୍ୟଟକ ନିହତ ହେବା ପରେ ସୁରକ୍ଷାକର୍ମୀ ଆତଙ୍କବାଦୀଙ୍କୁ ନିପାତ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଜାମ୍ମୁକାଶ୍ମୀରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସୁରକ୍ଷା କର୍ମୀମାନେ ଘରକୁ ଘର ବୁଲି ଯାଞ୍ଚ କରୁଛନ୍ତି। ଏହି ଘଟଣା ପରେ ଜାମ୍ମୁକାଶ୍ମୀରକୁ ହାଇଆଲର୍ଟରେ ରଖାଯାଇଛି। ଭାରତୀୟ ସେନା ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। କଠୁଆ ଜିଲ୍ଲାର ହୀରାନଗର ସେକ୍ଟରରେ ୪ଜଣ ସନ୍ଦିଗ୍ଧ ବୁଲୁଥିବାର ସ୍ଥାନୀୟ ମହିଳାମାନେ ଖବର ଦେବାପରେ ଭାରତୀୟ ସେନାର ସ୍ପେଶାଲ ଅପରେସନ ଗ୍ରୁପ ଓ ଜାମ୍ମୁକାଶ୍ମୀର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଅଞ୍ଚଳକୁ ଘେରାବନ୍ଦୀ କରି ରଖିବା ସହ ଘର ଘର ବୁଲି ଯାଞ୍ଚ କରୁଛନ୍ତି। ସନ୍ଦିଗ୍ଧଙ୍କୁ ତନ୍ନତନ୍ନ କରି ଖୋଜୁଛନ୍ତି। ସେହିପରି ଚେକିଂ ଓ ବ୍ଲକିଂକୁ ମଧ୍ୟ ବଢାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ କଠୁଆର ହୀରାନଗର ଅନ୍ତରାଷ୍ଟ୍ରୀୟ ସୀମାଠାରୁ ମାତ୍ର ଅଳ୍ପ ଦୂରରେ ରହିଛି। ପୂର୍ବରୁ ସନ୍ଦିଗ୍ଧମାନେ ସୀମାରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ନଜିର ରହିଛି। ମହିଳାଙ୍କ ଖବର ପରେ ସୁରକ୍ଷା ଏଜେନ୍ସି ସନ୍ଦେହ କରୁଛି ଯେ ସନ୍ଦିଗ୍ଧମାନେ ବଡ଼ ଷଡ଼ଯନ୍ତ୍ର ଯୋଜନାରେ ରହିଛନ୍ତି। ସେହିପରି ପୋଲିସ ଓ ଭାରତୀୟ ସେନାର ଯବାନମାନେ ମଧ୍ୟ ଚତୁରତାର ସହ ସର୍ଚ୍ଚ ଅପରେସନ ଅଭିଯାନକୁ ଜାରି ରଖିଛନ୍ତି। ଏ ନେଇ ଡ୍ରୋନ ଓ ସନ୍ଧାନୀ କୁକୁରର ମଧ୍ୟ ସହାୟତା ନିଆଯାଉଛି। ସେହିପରି ପହଲଗାମରେ ମଧ୍ୟ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଅପରେସନ ଆରମ୍ଭ ହୋଇଛି। ଏସଓଜି, ସ୍ଥାନୀୟ ପୋଲିସ, ସେନା ଓ ସିଆରପିଏଫ ମିଳିତ ଭାବେ ଅପରେସନ ଚଳାଇଛନ୍ତି। ସୁରକ୍ଷାକର୍ମୀ କହିଛନ୍ତି ଯେ ଆତଙ୍କୀଙ୍କୁ ଖୋଜିଖୋଜି ହତ୍ୟା କରିବୁ। ସେହିପରି ପୁଲଓ୍ୱାମାର କରିମାବାଦ ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଯାଇଛି। ପୂର୍ବରୁ ଏହି ଅଞ୍ଚଳରେ ଆତଙ୍କବାଦୀଙ୍କ ● ପୃଷ୍ଠା ୫ ଦେଖନ୍ତୁ

## ମୁମ୍ବାଇରେ ଓଡ଼ିଶା ରାଉଣ୍ଡ୍ ଟେବୁଲ ବୈଠକରେ ମୁଖ୍ୟମନ୍ତ୍ରୀ

# ଇସ୍ପାତ ହେଉଛି ଓଡ଼ିଶାର ମାତୃଶିଳ୍ପ




- ଓଡ଼ିଶା ନିବେଶକଙ୍କ ସଂଯୋଗର ନେତୃତ୍ୱ ନେଲେ
- ଇସ୍ପାତ କ୍ଷେତ୍ରରେ ନିବେଶ ପାଇଁ ଆହ୍ୱାନ ଦେଲେ
- ସରକାର ଯୋଗାଇ ଦେବେ ସମସ୍ତ ସହାୟତା

ମୁମ୍ବାଇ/ଭୁବନେଶ୍ୱର, ୨୫।୪ (ବ୍ୟୁରୋ): ଇସ୍ପାତ ହେଉଛି ଓଡ଼ିଶାର ମାତୃଶିଳ୍ପ। ଓଡ଼ିଶା ହେଉଛି ଭାରତରେ ଲୁହାପଥରର ସର୍ବବୃହତ ଉତ୍ପାଦକ। ଇସ୍ପାତ କ୍ଷେତ୍ରର ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଓଡ଼ିଶା। ଦେଶର ଲୁହାପଥର ଉତ୍ପାଦନର ୫୫ ପ୍ରତିଶତରୁ ଅଧିକ ଓଡ଼ିଶାରେ ଉତ୍ପାଦନ ହେଉଛି ବୋଲି ଶୁକ୍ରବାର ମୁମ୍ବାଇରେ ଆୟୋଜିତ ଓଡ଼ିଶା ଗୋଲଟେବୁଲ ବୈଠକରେ ମତ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶ୍ରୀ ମାଝୀ ଫିକି ସହଯୋଗରେ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟଦ୍ୱାରା ଆୟୋଜିତ ଇଣ୍ଡିଆ ଷ୍ଟିଲ-୨୦୨୫ରେ ଓଡ଼ିଶା ରାଜ୍ୟ ଗୋଲଟେବୁଲ ବୈଠକରେ ଯୋଗଦେଇ କହିଥିଲେ ଯେ ଭାରତର ଇସ୍ପାତ ରାଜଧାନୀ ଭାବରେ ଓଡ଼ିଶାର ସ୍ଥିତିକୁ ସେ ପୁନଃପ୍ରକାଶ କରିବାକୁ ଆଗ୍ରହୀ। ଓଡ଼ିଶାରେ ଇସ୍ପାତ ଏବଂ ଆନୁସଙ୍ଗିକ କ୍ଷେତ୍ରର ବିକାଶକୁ ବୃଦ୍ଧି କରିବା ପାଇଁ ସରକାର ବିଭିନ୍ନ ସରକାର ଗ୍ରହଣ କରୁଛନ୍ତି। ଯେଉଁଥିରେ ରାଜ୍ୟ ଭିତରେ ଶିଳ୍ପଗୁଡ଼ିକର ସୁଗମ କମିଶନିଂ ଓ ପରିଚାଳନା ସୁନିଶ୍ଚିତ ପାଇଁ ଏକ ଉତ୍ସର୍ଗୀକୃତ ଉଚ୍ଚ ସରକାରୀ ଅଧିକାରୀମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। କଞ୍ଚାମାଲ ଏବଂ ଭାରମୁକ୍ତ ଜମି ସୁରକ୍ଷିତ କରିବାଠାରୁ ଆରମ୍ଭ କରି ସଡ଼କ ଏବଂ ରେଳପଥ ମାଧ୍ୟମରେ ସଂଯୋଗୀକରଣ ସୁନିଶ୍ଚିତ କରିବା ଏବଂ ବିଦ୍ୟୁତ ଓ ପାଣି ଭଳି ଉପଯୋଗିତା ପ୍ରଦାନ କରିବା ପର୍ଯ୍ୟନ୍ତ ରାଜ୍ୟ ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଶିଳ୍ପର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶା ସରକାର କଞ୍ଚାମାଲଠାରୁ ଉଚ୍ଚମାନର ଇଞ୍ଜିନିୟରିଂ ଉତ୍ପାଦ ପର୍ଯ୍ୟନ୍ତ ଏକ ବ୍ୟାପକ ଧାତୁ ଆଧାରିତ ଉତ୍ପାଦନ ମୂଲ୍ୟ ଶୃଙ୍ଖଳ ବିକଶିତ କରିବା ଉପରେ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ମୁମ୍ବାଇର ଇସ୍ପାତ କ୍ଷେତ୍ର ଶିଳ୍ପର ୨୦୦ରୁ ଅଧିକ ପ୍ରତିନିଧି ସାମିଲ ହୋଇଥିଲେ। ଆଲୋଚନା ସମୟରେ ଟାଟା ଷ୍ଟିଲ, ଜେଏସଡବ୍ଲୁ, ସେଲ ଭଳି ପ୍ରମୁଖ ଫାର୍ମର ଶିଳ୍ପପତିମାନେ ସେମାନଙ୍କ ମୂଲ୍ୟବାନ ମତାମତ ରଖିଥିଲେ। କଲ୍ୟାଣୀ ଷ୍ଟିଲ, ଶ୍ୟାମ ଷ୍ଟିଲ, ଶ୍ରୀମେଟାଲିକ୍ସ, କାଲଡେରିସ ଇଣ୍ଡିଆ ପ୍ରମୁଖ ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### କାଳବୈଶାଖୀରେ ଗଛପଡ଼ି ୨ ମୃତ

ବଲାଙ୍ଗୀର, ୨୫।୪(ଭାସ୍କର ନ୍ୟୁଜ): ଶୁକ୍ରବାର ମଧ୍ୟାହ୍ନରେ କାଳବୈଶାଖୀରେ ଝଡ଼ ଯୋଗୁ ବଲାଙ୍ଗୀର ଜିଲ୍ଲା ପୁଇଁତଳା ବ୍ଲକ ଆଠଗାଁ ରାସ୍ତା କସାବାହାଲ ନିକଟରେ ଗଛପଡ଼ି ୨ଜଣଙ୍କର ମୃତ୍ୟୁ ଘଟିଛି। ଏକ ଅଟୋରେ ଯାଉଥିବାବେଳେ ଅଟୋ ଉପରେ ଗଛଟି ପଡ଼ିଥିଲା। ଏଥିରେ ଅଟୋର ଡ୍ରାଇଭର ଓ ଅଟୋରେ ଥିବା ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଛି।

### ଶ୍ରୀଜିଉଙ୍କ ମହାସ୍ନାନ

ପୁରୀ, ୨୫।୪ (ଭାସ୍କର ନ୍ୟୁଜ୍): ବିଶ୍ୱପ୍ରସିଦ୍ଧ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ମା' ସୁଭଦ୍ରାଙ୍କ ବଡ଼ ମହାସ୍ନାନ କରାଯାଇଛି। ଜଣେ ଭକ୍ତ ବାନ୍ତି କରିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ସୂଚନା ମୁତାବକ ସକାଳ ପ୍ରାୟ ସାଢେ ୮ଟା ସମୟରେ ଭିତର ଦର୍ଶନ ଚାଲିଥିବାବେଳେ ଭକ୍ତ ଜଣକ ବାନ୍ତି କରିଦେଇଥିଲେ। ଏ ଅଘଟଣ ପରେ ପ୍ରାୟ ୧ ଘଣ୍ଟା ଧରି ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ଶ୍ରୀମନ୍ଦିର ପରମ୍ପରା ଅନୁସାରେ ମନ୍ଦିର ପରିସର ମଧ୍ୟରେ ଯଦି ରକ୍ତ ଛିଟା ପଡ଼େ, କିଏ ବାନ୍ତି କରିଦେଲେ କିମ୍ବା ମଳତ୍ୟାଗ କଲେ ମହାପ୍ରଭୁଙ୍କ ସାଧାରଣ ଦର୍ଶନ ବନ୍ଦ କରାଯାଇଥାଏ ।


### ଦୁଷ୍କର୍ମୀକୁ ୨୦ବର୍ଷ ଜେଲ୍

ବ୍ରହ୍ମପୁର, ୨୫।୪(ଭାସ୍କର ନ୍ୟୁଜ): ୨୦୨୪ ମସିହାରେ ଗଞ୍ଜାମ ଜିଲ୍ଲା ନିମଖଣ୍ଡି ଅଞ୍ଚଳରେ ଘଟିଥିବା ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ। ଏଥିସହ ପୀଡ଼ିତାଙ୍କୁ ୧୦ହଜାର ୫୦ହଜାର ଟଙ୍କା ପ୍ରଦାନ କରିବା ପାଇଁ ମଧ୍ୟ କୋର୍ଟ ଆଇନ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ସେନ୍‌ସେକ୍ସ: ୭୯,୨୧୨.୫୩
ସର୍ବାଧିକ: ୩୭.୨ ଡିଗ୍ରୀ
ସର୍ବନିମ୍ନ: ୨୬.୮ ଡିଗ୍ରୀ

### ୨୫।୪ ।୨୦୨୫ ର ମତାମତ

ଜାମ୍ମୁ-କାଶ୍ମୀରରୁ ଆତଙ୍କବାଦୀଙ୍କ ଦବ୍‌ଦବା ଦୂର କରିବା ସମ୍ଭବ କି ?





### ଆଜିର ପ୍ରସଙ୍ଗ

ଜନଶୁଣାଣିରେ ଦିଆଯାଉଥିବା ନିର୍ଦ୍ଦେଶ ଅନୁଯାୟୀ ତ୍ୱରିତ ସମାଧାନ ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଶାହଙ୍କ ବାସଭବନରେ ଉଚ୍ଚସ୍ତରୀୟ ବୈଠକ

# ପାକିସ୍ତାନୀଙ୍କୁ ତୁରନ୍ତ ଭାରତରୁ ତଡ଼




- ବୁନ୍ଦାଏ ବି ପାଣି ପାକିସ୍ତାନକୁ ଦିଆଯିବନି
- ବୈଦେଶିକ ମନ୍ତ୍ରୀ, ଜଳଶକ୍ତି ମନ୍ତ୍ରୀ ଉପସ୍ଥିତ
- ଓଡ଼ିଶାରେ ଅଛନ୍ତି ୧୨ ପାକିସ୍ତାନୀ
- ଶାହଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୫।୪: ଗତ ୨୨ ତାରିଖରେ ଜାମ୍ମୁକାଶ୍ମୀରର ପହଲଗାମରେ ଆତଙ୍କୀଙ୍କ ଗୁଳିରେ ୨୬ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣାକୁ ଭାରତ ସରକାର ଗମ୍ଭୀରତାର ସହ ନେଇଛନ୍ତି। ଏହି ଘଟଣାରେ ଭାରତ ସରକାର ସିନ୍ଧୁ ଜଳଚୁକ୍ତିକୁ ବାତିଲ କରି ଦେଇଛନ୍ତି। ତେବେ ଏ ନେଇ ପରବର୍ତ୍ତୀ ପଦକ୍ଷେପ ପାଇଁ ଶୁକ୍ରବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପାକିସ୍ତାନକୁ ଯେପରି ଟୋପାଏ ବିନ୍ଦୁ ଜଳ ନ ଯାଏ ସେ ନେଇ ଧ୍ୟାନ ଦେବାକୁ ଶାହ ପରାମର୍ଶ ଦେଇଥିଲେ। ପହଲଗାମ ରକ୍ତପାତର ପ୍ରତିଶୋଧ ଭାରତ ୱାଟର ଷ୍ଟ୍ରାଇକ୍‌ରେ ନେବ। ଜଳ ବନ୍ଦ ଯୋଗୁ ଶୋଷରେ ପାକିସ୍ତାନ ମରିବ। ଭାରତପଟୁ ପାକିସ୍ତାନକୁ ଯାଉଥିବା ସିନ୍ଧୁ, ଝେଲମ, ଚେନାବ, ବ୍ୟାସ, ରାବି, ସତଲେଜ ନଦୀର ଜଳଧାରାକୁ ଅଟକାଇ ଦିଆଯାଉଛି। ଭାରତରୁ ପାକିସ୍ତାନ ଭିତରେ ଥିବା ୪ଟି ବନ୍ଧ ଓ ଏହାକୁ ସଂଯୋଗ କରୁଥିବା କେନାଲ ମାଧ୍ୟମରେ ସିନ୍ଧୁନଦୀକୁ ପାଣି ପହଞ୍ଚା ଯାଉଥିବା ୪ଟି ସ୍ଲୁଇସ୍ ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ୬ଟି ନଦୀର ପାଣିକୁ ଭାରତ ସଂପୂର୍ଣ୍ଣ ଅଟକାଇ ଦେଲେ ପାକିସ୍ତାନର କୃଷିକ୍ଷେତ୍ର ସାଂଘାତିକ ଭାବେ ପ୍ରଭାବିତ ହେବ। ବିଶେଷକରି ସିନ୍ଧ ଓ ପଞ୍ଜାବ ପ୍ରାନ୍ତରରେ ସମସ୍ୟା ଦେଖାଦେବ। ପାକିସ୍ତାନ ମୋଟ ଜିଡିପିର ୨୧ ପ୍ରତିଶତ ଭାଗ କୃଷିରୁ ଆସୁଛି। ସେହିପରି ଚାଷରୁ ୪୫ ପ୍ରତିଶତ ପାକିସ୍ତାନକୁ ରୋଜଗାର ମିଳୁଛି। ପାଣି ବନ୍ଦହେଲେ ବେରୋଜଗାର ସମସ୍ୟା ସହ ଜଳବିଦ୍ୟୁତ ଉତ୍ପାଦନ ହ୍ରାସ ପାଇବ। ସିନ୍ଧୁନଦୀ ପାଣି ବନ୍ଦ ହେଲେ ପାକିସ୍ତାନର କରାଚୀ, ଅଟକ, ଗିଲଗିଟ୍, ପେଶୱାର, ରାୱଲପିଣ୍ଡି ଇତ୍ୟାଦି ଅଞ୍ଚଳରେ ଜଳସମସ୍ୟା ଦେଖାଦେବ। ସେହିପରି ଝେଲମ ନଦୀର ଜଳ ବନ୍ଦ କରାଗଲେ ମୁଜାଫରବାଦ, ଝାଙ୍ଗ୍, ନ୍ୟୁ ମିରପୁର ଇତ୍ୟାଦି ଅଞ୍ଚଳରେ ଲୋକେ ଶୋଷରେ ● ପୃଷ୍ଠା ୫ ଦେଖନ୍ତୁ

## ପାଣିପାଗ ବିଭାଗର ପୂର୍ବାନୁମାନ

# ଆହୁରି ୫ ଦିନ ଜଳିବ






ଭୁବନେଶ୍ୱର, ୨୫।୪(ଭାସ୍କର ନ୍ୟୁଜ): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଜଳୁଛି ସାରା ରାଜ୍ୟ। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାତି ସଙ୍ଗୀନରୂପ ଧାରଣ କରିଛି। ଆହୁରି ୫ ଦିନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ମଝିରେ ମଝିରେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଆଣିଦେବାର ସମ୍ଭାବନା ଥିବା ବିଭାଗ ସୂଚନା ଦେଇଛି। ଝାରସୁଗୁଡ଼ା,

**ଆଶ୍ୱସ୍ତି ଦେବ କାଳବୈଶାଖୀ**

ସମ୍ବଲପୁର, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲାକୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ସୋନପୁର, ବରଗଡ଼, ସୁନ୍ଦରଗଡ଼ ଓ ଅନୁଗୋଳ ପାଇଁ ୟେଲୋ ଆଲର୍ଟ ଜାରି ରହିଛି। ସେହିପରି ଉଷ୍ମ ରାତି ପାଇଁ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଉଭୟ ଉଷ୍ମ ଓ ଆର୍ଦ୍ରକୁ ନେଇ ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ଭାଗ୍ୟ ଭଲ ଏବେ ଇଷ୍ଟର୍ଣ୍ଣ କୁମ୍ଭାନୀ
ଯାତ୍ରା ଦଳ କିଛି ନାହିଁ,
ଯଦି ବି ଥାଆନ୍ତା ବାଦ କି ବିବାଦ
ଦିଅନ୍ତେ ତା'ମୁଣ୍ଡେ ଥୋଇ ।
ଦିନ ନାହିଁ କାଳ ନାହିଁ,
ଯେତେ ଯିଏ ସବୁ ଭଦର ମଣିଷ
ଗହ୍ମା ପୁନେଇଁକୁ ମାଇଁ !!






ଗରଦପୁର(ଭାସ୍କର ନ୍ୟୁଜ): ଗରଦପୁର ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରୀ ଜିଲ୍ଲା ତାଳବଣିଆ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସର ଉଦ୍ଘାଟନ କରିଥିବାବେଳେ ତାର ସିଧା ପ୍ରସାରଣ ପ୍ରଦର୍ଶିତ ହୋଇଥିଲା । ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ଗରଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲୋକ କୁମାର ସେଠୀ ସଭା ପରିଚାଳନା କରିଥିବାବେଳେ ବିଧାୟକଙ୍କ ପ୍ରତିନିଧି କ୍ଷିତିଶ୍ ଚନ୍ଦ୍ର ଦାଶ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ପ୍ରତିନିଧି ବିଜୟ ନାୟକ, ଉପ-ନିର୍ଦ୍ଦେଶିକା ଆରତୀ ନାୟକ, ବ୍ଲକ୍ ଅଧକ୍ଷ ଅଭୟ କୁମାର ମହାରାଜ, ଉପାଧକ୍ଷା ସୌଦାମିନି ଆଚାର୍ଯ୍ୟ, ପୂର୍ବତନ ବ୍ଲକ୍ ଅଧକ୍ଷ ଦିଲ୍ଲିପ ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ । ଅତିଥିମାନେ ଗ୍ରାମସ୍ତରରୁ ଶାସନକୁ ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱାରୋପ କରି ପଞ୍ଚାୟତିରାଜ ଦିବସ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ଅତିଥିମାନଙ୍କ ଦ୍ୱାରା ରାସନ କାର୍ଡ ବଣ୍ଟନ କରାଯାଇଥିବା ବେଳେ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ଅଧିକାରୀ ମୃଣ୍ମୟ ରାଉତ, ସାରଦା ବାରିକଙ୍କ ସମେତ ବ୍ଲକ୍ କର୍ମଚାରୀ ମାନେ ସହଯୋଗ କରିଥିଲାବେଳେ ଏଥିରେ ସି ଆର୍ ପି,ଏମ୍ ବି କେ, ବ୍ୟାଙ୍କମିତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଆଭାସି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ ।

# ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ପାଲଟିଛି ଭୂତକୋଠି

## ♦ଜଣେ କ୍ଳର୍କରେ ଚାଲିଛି କାର୍ଯ୍ୟାଳୟ ♦ ସାତବର୍ଷ ହେବ ଚାଲିଛି ଭଡାଘରେ ♦ସ୍ଥାୟୀ ଗୃହ କେବେ ?

ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ୍ ୨୩ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ କଟକ ଜିଲ୍ଲାରେ ଏକ ବଡ ବ୍ଲକ୍ ରୁପେ ପରିଚିତ। ଏହି ବ୍ଲକ୍ ଅଧିନରେ ପଚାଶ ରୁ ଉର୍ଦ୍ଧ୍ୱ ସରକାରୀ ଅଫିସ୍ ରହିଛି। ଥାନା, ବ୍ଲକ୍, କଲେଜ, କୋର୍ଟ, ବ୍ୟାଙ୍କ୍, ପଶୁ ଚିକିତ୍ସାଳୟ, ପୋଷ୍ଟ ଅଫିସ୍, ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ୍, ସବ୍ ରେଜିଷ୍ଟ୍ରାର୍ ଅଫିସ୍, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସମ୍ପଦ ବିଭାଗ ଭଳି ଅନେକ ସରକାରୀ ଅଫିସ୍ କାର୍ଯ୍ୟାଳୟ ରହିଛି। ହଜାର ହଜାର ଲୋକଙ୍କର ଦରମା ଠାରୁ ଆରମ୍ଭ କରି ପେନ୍‌ସନ୍ ଓ ବିଭିନ୍ନ କାର୍ଯ୍ୟ ଏହି ସବ୍ ଟ୍ରେଜେରୀ




କାର୍ଯ୍ୟଳୟ ଉପରେ ନିର୍ଭର କରିଥାନ୍ତି। ଏମିତିକି ନିଆଳିକୁ ଏନ୍ଏସି ର ମାନ୍ୟତା ମିଳି ସାରିଛି। ଏଭଳି ପରିସ୍ଥିତିରେ ନିଆଳି ପରି ଏକ ସମ୍ବେଦନଶୀଳ ପରି ଜାଗାରେ ସବ୍ ଟ୍ରେଜେରୀ ଥାଇ ମଧ ଏହା କାମରେ ଲାଗୁନାହିଁ। ଉକ୍ତ କାର୍ଯ୍ୟାଳୟ ସାତ ବର୍ଷ ପୂର୍ବେ ତହସିଲ୍ କାର୍ଯ୍ୟାଳୟରୁ ଆସି ନୂଆଗାଁରେ ଭଡାରେ କାର୍ଯ୍ୟାଳୟଟି ଚାଲିଛି। ଗତ ମାସ ୩୧ ତାରିଖରୁ ଏଠାରେ ଥା ଅଫିସର ଶରତ ଚନ୍ଦ୍ର ନାୟକ ଅବସର ନେଇ ସାରିଲେଣି, ତାଙ୍କ ସ୍ଥାନରେ ନିଆଳି ଅତିରିକ୍ତ ତହସିଲ୍‌ଦାର୍ ଦୁର୍ଯ୍ୟୋଧନ ସାହୁଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲେ ମଧ ସେ ସଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁନାହାନ୍ତି। ସେହିଭଳି ଉକ୍ତ କାର୍ଯ୍ୟାଳୟରେ ଜୁନିୟର୍ ସିନିୟର୍ ଦୁଇଟି କ୍ଲରିକାଲ୍ ପୋଷ୍ଟ ଥିଲେ ମଧ ଜଣେ ଜୁନିୟର୍ କ୍ଲର୍କ ନାହାନ୍ତି। ସେହିଭଳି ଏଠାରେ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଦୀର୍ଘ ଦିନ ହେବ ଅବସର ନେଇ ସାରିଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। କାର୍ଯ୍ୟାଳୟ ଭିତରେ ଡାଳପତ୍ର ପଡିବା ସହ ଉଇ ହୁଙ୍କା ଲାଗିଗଲାଣି। ଏଠାରେ ଥିବା ଏକମାତ୍ର ସିନିୟର୍ କ୍ଲର୍କ ଅଜିତ୍ ଡିସ୍ ଙ୍କ ଭରଷାରେ କାର୍ଯ୍ୟାଳୟ ଚାଲିଛି। କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାତ ବର୍ଷ ହେବ ଭଡାରେ ଚାଲୁଥିବା କାର୍ଯ୍ୟାଳୟ ଗୃହଟି ଏପର୍ଯ୍ୟନ୍ତ ସ୍ଥାୟୀ ଗୃହ ନିର୍ମାଣ ହୋଇପାରିଲା ନାହିଁ। ଯାହାଫଳରେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ଯଥାଶୀଘ୍ର କର୍ମଚାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଅଚଳ ହୋଇ ପଡ଼ିଛି ସରକାରୀ ନଳକୂପ

## ସଜାଡିବା ନାମରେ ରଙ୍ଗବୋଳି ଲକ୍ଷାଧିକ ଚଳୁ ଅଭିଯୋଗ

ଗୋପ(ଭାସ୍କର ନ୍ୟୁଜ୍): ପ୍ରଖର ଖରାରେ ଜନଜୀବନ ଅସ୍ତବ୍ୟସ୍ତ । ହେଲେ ମିଳୁନି ପାନୀୟ ଜଳ । ସେପଟେ ନଈ ନାଳ ଶୁଖିଲା ପଡିଥିବା ବେଳେ ହଜାର ହଜାର ସଂଖ୍ୟାରେ ନଳକୂପ ଅଚଳ । ଗୋଟିଏ ପଟେ ସରକାର ଖରା ଦିନେ ପାନୀୟ ଜଳର କୌଣସି ଅସୁବିଧା ହେବ ନାହିଁ, ଲୋକମାନଙ୍କୁ ସୁବିଧାରେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଡିଡିମ ପିଟୁଥିବା ବେଳେ ଏବେ ଗୋପ ବ୍ଲକର ଅନେକ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ ଫେଲ୍ ମାରିଛି।ଏହା ସହିତ ପ୍ରତ୍ୟେକ ପଂଚାୟତରେ ଶତାଧିକ ସରକାରୀ ନଳକୂପ ଅଚଳ ହୋଇପଡିଛି । ଅଚଳ ସରକାରୀ ନଳକୂପ ଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିବା ବେଳେ ଗୋପ ବ୍ଲକରେ ତାର ସଂପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି । କେଉଁଠି ୬ ମାସ ହେଲା ଜରି ଅଖାରେ ବନ୍ଧା ପଡିଛି ସରକାରୀ ନଳକୂପ ତ କେଉଁଠି ଭାଙ୍ଗିରୁଜି ପଡିଛି । ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବ୍ଲକ ଠାରୁ ମାତ୍ର ୩ ଶହ ମିଟର ଦୂର ଅର୍ଥାତ ନିମାପଡା-କୋଣାର୍କ ରାସ୍ତାର ଗୋପ ଦେବୀ ବଜାର ନିକଟରେ । ଗୋପ ବଜାରର ଶତାଧିକ ବ୍ୟବସାୟୀଙ୍କ ସମେତ ସ୍ଥାନୀୟ କେତେକ ବାସିନ୍ଦା ଏହି ନଳକୂପ ଉପରେ ନିର୍ଭର କରୁଥିବା ବେଳେ ଏବେ ୬ ମାସ ହେଲା ଏହି ନଳକୂପ ଜରି ଅଖାରେ ବନ୍ଧା ପଡିଥିବା ଦେଖିବାକୁ ମିଳୁଛି । ଏହି ନଳକୂପକୁ ସଚଳ କରିବା ପାଇଁ ବାରମ୍ବାର ବ୍ଲକ



ପ୍ରଶାସନ ଠାରୁ ଆରମ୍ଭ କରି ପାନୀୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ ହେଉଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହେଉନାହିଁ । ଏହି ନଳକୂପ ସଜାଡିବା ପାଇଁ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଗୋପୀ ବଲ୍ଲଭ ପାଣିଗ୍ରାହୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ତାଙ୍କ ଦାୟିତ୍ୱ ହୀନତା ଯୋଗୁଁ ସେ ଏଠାରୁ କିଛି ଦିନ ତଳେ ଅନ୍ୟତ୍ର ବଦଳି ହୋଇଗଲେ ମଧ୍ୟ ଏହି ନଳକୂପକୁ ସଚଳ କରିଲେ ନାହିଁ। ଖାଲି ଏହି ନଳକୂପ ନୁହେଁ ଗୋପ ବ୍ଲକର ୩୧ ଗୋଟି ପଂଚାୟତରେ ୧୪ ଶହରୁ ଉର୍ଦ୍ଧ୍ୱ ସରକାରୀ ନଳକୂପ ଥିବା ବେଳେ ଏବେ କେତୋଟି ହାତଗଣତି ନଳକୂପକୁ ଛାଡି ଦେଲେ ସମସ୍ତ ନଳକୂପ ଦୀର୍ଘ ଦିନ ହେଲା ଅଚଳ ହୋଇପଡିଛି। ମାତ୍ର ଏହି ନଳକୂପ ସଚଳ କରିବା ପରିବର୍ତ୍ତେ କେବଳ ରଙ୍ଗ ବୋଳି ସଂପୃକ୍ତ ଅଧିକାରୀ ବର୍ଷ ବର୍ଷ ଧରି ଗୋପ ବ୍ଲକ ତହବିଲରୁ ଲକ୍ଷାଧିକ ଟଙ୍କା ଚଳୁ କରିଦେଇଥିବା ସାଧାରଣରେ ଅଭିଯୋଗ ହେଉଛି । ସରକାରୀ ନଳକୂପ ଗୁଡିକୁ ସଜାଡିବା ପାଇଁ ସରପଂଚମାନଙ୍କ ଠାରୁ ଦାୟିତ୍ୱ ହସ୍ତାନ୍ତର କାରଯାଇ ବ୍ଲକ ଓ ଜଳ ପରିମଳ ବିଭାଗକୁ ଦାୟିତ୍ୱ ଦିଆଯିବାରୁ ଅଚଳ ନଳକୂପ ଗୁଡିକୁ ସଚଳ ନକରି ଦାୟିତ୍ୱରେ ଥିବା ଅଧିକାରୀ ଏହି ଅର୍ଥ ହରିଲୁଟ୍ କରିଥିବା କେତକ ସରପଂଚ ତାଙ୍କ ନାମ ଗୋପନ ରଖି କହିଛନ୍ତି। ଏହା ଉପରେ ଭିଜିଲାନ୍ସ ତଦନ୍ତ କରିବା ସହ ଅଚଳ ସରକାରୀ ନଳକୂପ ଗୁଡିକୁ କାର୍ଯ୍ୟକ୍ଷମ କରି ଲୋକମାନଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଅଂଚଳବାସୀ ଦାବି କରିଛନ୍ତି। ଏଥିପ୍ରତି ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି ।

# ଧାନଜମିରେ ନିଆଁ ଲଗାଇ ପରିବେଶକୁ ଦୂଷିତ ଓ ଉତ୍ତପ୍ତ କରୁଛି ଚାଷୀ



କଣାସ(ଭାସ୍କର ନ୍ୟୁଜ୍): ହରିଆନ ଚାଷୀମାନେ ଧାନ ଅମଳ କରିବା ପରେ ଧାନ ଜମିରେ ରହୁଥିବା କୁଟା ଓ ନଡା ଉପରେ ନିଆଁ ଲଗାଇ ଦେଉଥିବାରୁ ପରିବେଶ ଦୂଷିତ ହେବା ସହ ଦିଲ୍ଲୀ ସହର ଉପରେ ପ୍ରଭାବ ପଡିବା ଯୋଗୁଁ କେତେକ ବୁଦ୍ଧିଜୀବୀ ଉଚ୍ଚ ନ୍ୟାୟଳୟରେ ଆଶ୍ରୟ ନେବାରୁ ଚାଷୀମାନେ ଏଥିରୁ ନିବୃତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜି ସେହିପରି ପୁରୀ ଜିଲ୍ଲା କଣାସ ବ୍ଲକର ଚାଷୀମାନେ ଧାନ କଟା ମେସିନ ମାଧ୍ୟମରେ ଧାନ କାଟିଦେବା ପରେ ଧାନ ଜମିରେ ରହିଯାଉଥିବା ଧାନମୂଳରେ ନିଆଁ ଲଗାଇ ଦେଉଥିବାରୁ ଅଞ୍ଚଳ ଧୂଆଁମୟ ହେବା ସହ ବର୍ତ୍ତମାନ ରୌଦ୍ରତାପ ବୃଦ୍ଧି ଯୋଗୁଁ ଜନସଧାରଣ ଛଟପଟ ହେଉଥିବାବେଳେ ଏହି ଧୂଆଁ ତାପମାତ୍ରାକୁ ଆହୁରି ବଢାଇ ଦେଉଛି। ଯାହାଫଳରେ ଜନସାଧାରଣ ଅସହ୍ୟ ଯନ୍ତ୍ରଣା ଭୋଗ କରୁଛନ୍ତି । ଏ ସଂପର୍କରେ କଣାସ ତହସିଲଦାର ହିମାଂଶୁ ଶେଖର ଗିରିଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଟ୍ରେନିଙ୍ଗରେ ଅଛି ଗଲେ ଦେଖିବେ ।

# ମାଟି ଯାତ୍ରା ଅନୁଷ୍ଠିତ, ୪ରେ ମଣ୍ଡେଇ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସାତପାଲି ଗ୍ରାମ ର ପରମ୍ପରା ଅନୁଯାୟୀ ଆଜି ମାଟି ଯାତ୍ରା ଆଜି ଅନୁଷ୍ଠିତ ହେବ। ଏହି ଅବସରରେ ସାତ ପାଲି ଗ୍ରାମ ରାଇଘର ର ସମସ୍ତ ସିଆନ, ମୁଖ୍ୟ ପୂଜାରୀ, ସିରହା, ନେଗି ପାତ୍ର ଦଣ୍ଡସେନା, ଗାଇନ୍ତା, ଧାରୁଆ, ସାମ ପୁରିଆ, ସମରଥ, ଡେଙ୍ଗୁର ମୁଣ୍ଡିଆ ସିଆନ୍ ତଥା କମିଟି ର ସମସ୍ତ ସଦସ୍ୟ ଆଦି ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି ଗତ କିଛି ଦିନ ତଳେ ପ୍ରସିଦ୍ଧ କଳସୀ ଗୁଡ଼ି ଙ୍କ ଯାତ୍ରା ଆଡମ୍ବର ସହକାରେ ସମସ୍ତଙ୍କ ସହଯୋଗରେ ସମ୍ପନ୍ନ ହୋଇଥିଲା। ସମସ୍ତ ସଦସ୍ୟ ଙ୍କୁ ଧନ୍ୟବାଦ ଦେବା ସହ ସମସ୍ତ ଙ୍କ ଉପସ୍ଥିତି ରେ ଆସନ୍ତା ୪,୫,୨୫ ତାରିଖ ରବିବାର ଦିନ ମାଉଲୀ ମା'ଙ୍କ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବ ବୋଲି ସର୍ବ ସମ୍ମତି କର୍ମେ ନିଷ୍ପତ୍ତି ନିଆଯାଇଥିବା ଦେଖିବାକୁ ମିଳିଥିଲା।



# ଶହେଦିନିଆ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ

କଣାସ(ଭାସ୍କର ନ୍ୟୁଜ୍): କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଶହେ ଦିନିଆ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଚାଲିଥିବାରୁ ପୁରୀ ଜିଲ୍ଲାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉତ୍ତମ ପ୍ରଦର୍ଶନ କରିଥିବା ବେଳେ ଏଥିରେ କେତେକ ସାମ୍ବାଦିକ ପୂର୍ଣ୍ଣ ସହଯୋଗ କରିଥିବାରୁ ଗତକାଲି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ଯକ୍ଷ୍ମା ସେକ୍ସନ ଅଫିସର ଭୁବନେଶ୍ୱର ନଗେନ୍ଦ୍ର ନାଥ ପ୍ରଧାନ, ଡାକ୍ତର ବିବେକ ଅନୁରାଗ,



ଡାକ୍ତର ସବ୍ୟସାଚୀ ମହାପାତ୍ର,ଡାକ୍ତ କୁମାର ଅଭିନନ୍ଦନ ପ୍ରମୁଖ ଅତିଥିଭାବେ ଯୋଗ ଦେଇ କଣାସ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ବିଭୂତିଭୂଷଣ ତ୍ରିପାଠୀ, ସାମ୍ବାଦିକ ହେମନ୍ତ କୁମାର ମହାରଥୀ,ସାମ୍ବାଦିକ ଶ୍ରୀକାନ୍ତ ପଟଯୋଷୀଙ୍କୁ ଯକ୍ଷ୍ମା ନିୟନ୍ତ୍ରଣ ସଚେତନତାରେ ପୂର୍ଣ୍ଣ ସହଯୋଗ କରିଥିବାରୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । କଳିଙ୍ଗ କୁମାର ଉପାଧ୍ୟାୟ, ଯକ୍ଷ୍ମାର ବ୍ଲକ ପରିଚାଳକ ତପନ କୁମାର ଚୌଧୁରୀ,ବିପିଏମ ଧନେଶ୍ୱର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶିମିଳିପାଳକୁ ମିଳିଲା ଜାତୀୟ ଉଦ୍ୟାନର ମର୍ଯ୍ୟାଦା

ବାରିପଦା(ଭାସ୍କର ନ୍ୟୁଜ୍): ବର୍ଷ ବର୍ଷ ଧରି ଚାଲିଥିବା ପରିଶ୍ରମ, ପ୍ରୟାସ ପ୍ରାକୃତିକ ସମ୍ପଦ ସଂରକ୍ଷଣ ପ୍ରତି ଦୃଢ଼ ସମର୍ପଣର ଫଳସ୍ୱରୂପେ ଓଡ଼ିଶା ବାସୀଙ୍କ ପାଇଁ ଏକ ଗର୍ବମୟ ଅବସର ଆସିଛି। ମୟୁରଭଞ୍ଜ ଜିଲ୍ଲାର ଗର୍ବ ଓ ଗୌରବ, ଶିମିଳିପାଳ ବର୍ତ୍ତମାନ ଅଧିକୃତ ଭାବରେ ଜାତୀୟ ଉଦ୍ୟାନ ଭାବେ ଘୋଷିତ ହୋଇଛି।ଏହି ଘୋଷଣା ସହିତ ଶିମିଳିପାଳ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନ ହେବା ସହିତ, ଏହା ଭାରତର ୧୦୭ତମ ନ୍ୟାସନାଲ୍ ପାର୍କ ଭାବେ




ଉଲ୍ଲିଖିତ ହୋଇଛି। ଏହାର ପୂର୍ବରୁ ଓଡ଼ିଶାରେ ସୁନାବେଡ଼ା ଏକମାତ୍ର ଜାତୀୟ ଉଦ୍ୟାନ ଭାବରେ ପରିଚୟ ପାଇଥିଲା। ଜୈବ ବିବିଧତାର ଏକ ଅମୂଲ୍ୟ ସମ୍ପଦ ଶିମିଳିପାଳ ଅଭୟାରଣ୍ୟ ବର୍ତ୍ତମାନ ତିନି ଦଶକ ଧରି ଓଡ଼ିଶାର ପ୍ରାଣୀ ଓ ପ୍ରାକୃତିକ ସଂପଦ ପାଇଁ ଏକ ଅବିଚଳିତ ଆଶ୍ରୟସ୍ଥଳ ଭାବେ ପରିଚିତ।ବାଘ ହାତୀଙ୍କ ବ୍ୟତୀତ ଏଠାରେ ଅନେକ ଦୁର୍ଲଭ ପକ୍ଷୀ, ଉଦ୍ଭିଦ ଓ ଔଷଧୀୟ ଗଛ ସବୁ ରହିଛି। ଏହି ଅଞ୍ଚଳଟି ୟୁନେସ୍କୋ ଦ୍ୱାରା ମାନ୍ୟତାପ୍ରାପ୍ତ ବାୟୋସଫିୟର ରିଜର୍ଭ ଭାବେ ମଧ ପରିଚିତ। ପର୍ଯ୍ୟଟନ, ଅର୍ଥନୈତିକ ବିକାଶ ଓ ସ୍ଥାନୀୟ ଜୀବିକା ପାଇଁ ନୂଆ ଅବସର ସୃଷ୍ଟି କରିବ।ଜାତୀୟ ଉଦ୍ୟାନ ଘୋଷଣା ସହିତ, ଶିମିଳିପାଳ ଏବେ ରାଷ୍ଟ୍ରୀୟ ଓ ଆନ୍ତର୍ଜାତୀୟ ନକ୍ସାରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ଉଭୟ କୃତ୍ରିମ ଓ ପ୍ରାକୃତିକ ଧାରାକୁ ଆକର୍ଷିତ କରିପାରିବ। ଏହା ସ୍ଥାନୀୟ ଅଞ୍ଚଳର ଜୀବିକା, ହସ୍ତଶିଳ୍ପ, ଓ ଜନଜାତୀୟ ସଂସ୍କୃତିକୁ ମଧ ଉନ୍ନତି ପଥରେ ଆଗେଇ ନେଇ ପାରିବ।ଶିମିଳିପାଳର ଏହି ନୂଆ ମର୍ଯ୍ୟାଦା କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସମଗ୍ର ଭାରତ ଓ ବିଶ୍ୱ ସାମ୍ବାଦିକତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର। ଏହା ବନ୍ୟଜନ୍ତୁ ଓ ପ୍ରାକୃତିକ ଧରୋହର ସଂରକ୍ଷଣରେ ଓଡ଼ିଶାର ଦୃଢ଼ ପଦକ୍ଷେପକୁ ସୂଚିତ କରେ।

# ଭୁବନ କଳା ପରିଷଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ କଳା ପରିଷଦର ବାର୍ଷିକ ଉତ୍ସବ ସ୍ଥାନୀୟ ହିଙ୍ଗୁଳା ମନ୍ଦିର ଯାତ୍ରା ପଡିଆ ଠାରେ ଉଦଯାପିତ ହୋଇଯାଇଛି । ପରିଷଦର ସଭାପତି ଦିଲ୍ଲିପ କୁମାର ଦାସଙ୍କ ଅଧକ୍ଷତା ଓ ବିନୋଦ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ନଗରପାଳ ଢ଼େଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ତିନିଦିନିଆ ବାର୍ଷିକ ଉତ୍ସବ କୁ ଉଦଯାପନ କରିଥିଲେ । ସମ୍ମାନିତ ଅତିଥି ଭାବେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା, ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ,ଆଇଆଇସି ଧୀରେନ୍ଦ୍ର କୁମାର ସ୍ୱାଇଁ, ଅତିରିକ୍ତ ତହସିଲଦାର ସୁକାନ୍ତ କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ଅଧକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ମା' ହିଙ୍ଗୁଳା ଦେବୀ ଚାରିଟେବୁଲ ଟ୍ରଷ୍ଟ ସଭାପତି ଶଶି ଭୂଷଣ ପୃଷ୍ଟି, ସମ୍ପାଦକ କୁଞ୍ଜ ବିହାରୀ ଚିନରା ମଞ୍ଚରେ ଉପସ୍ଥିତ ଥିଲେ । ଗତ ୨୧ ତାରିଖ ସୋମବାର ରାତ୍ର ବାର ଘଟିକା ସମୟରେ ଦେବାଶିଷ ମିଶ୍ର ଙ୍କ ନିର୍ଦ୍ଦେଶନାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ 'କିଏ ପୋଛିବ ଆଖିର ଲୁହ' ୨୨ ତାରିଖ ମଙ୍ଗଳବାର ରାତି ସତ୍ୟବାଦୀ ସେନାପତିଙ୍କ ନିର୍ଦ୍ଦେଶିତ 'ଦେବଦାସୀ' ଓ ଗତକାଲି ଅନ୍ତିମ ରଜନୀରେ ଗୁରୁ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶନାରେ 'ସେଇ ଗୋଟିଏ ଭୁଲ ପାଇଁ' ମଞ୍ଚସ୍ଥ ହୋଇଥିଲା । କଳାକାର ମାନଙ୍କ ଉଚ୍ଚ କୋଟିର ଅଭିନୟ ପାଇଁ ସକାଳ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହି ନାଟକ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଇଂ ଶକ୍ତି ପ୍ରସାଦ ସାହୁ,ମନୋରଞ୍ଜନ ମିଶ୍ର, ଅମ୍ବୁଜ କୁମାର ସାହୁ,ଲକ୍ଷ୍ମଣ କୁମାର ଦାସ,ନିରଞ୍ଜନ ଗୁରୁଙ୍କ ସମେତ କଳା ପରିଷଦର ସମସ୍ତ ସଦସ୍ୟ ଏବଂ ମା ହିଙ୍ଗୁଳା ଦେବୀ ଚାରିଟେବୁଲ ଟ୍ରଷ୍ଟର ସମସ୍ତ କାର୍ଯ୍ୟକର୍ତ୍ତା ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ ।

## ।।। ପେହେଲଗାଓଁ ଆତଙ୍କବାଦୀ ଆକ୍ରମଣ ଘଟଣା ।।।

# ଶ୍ରୀରାମ ସେନାପକ୍ଷରୁ ଆତଙ୍କବାଦୀଙ୍କ କୁଶପୁତ୍ତଳିକା ଦାହ ଓ ବିକ୍ଷୋଭ ପ୍ରଦର୍ଶନ

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜମ୍ମୁ କାଶ୍ମୀରର ପେହେଲଗାଓଁ ଠାରେ ହୋଇଥିବା ଆତଙ୍କବାଦୀଙ୍କ ବର୍ବରିତ ଆକ୍ରମଣ ଘଟଣାରେ ଭାରତ ସମେତ ସମଗ୍ର ବିଶ୍ୱରେ ଏକ ଆଲୋଡନ ସୃଷ୍ଟି କରିଛି । ଭାରତରେ ଜାତି ଧର୍ମ ବର୍ଣ୍ଣ ରାଜନୈତିକ ଉର୍ଦ୍ଧ୍ୱରେ ପ୍ରତ୍ୟେକ ଭାରତୀୟ ଏହି ଘଟଣାକୁ ନିନ୍ଦା କରିଛନ୍ତି । ଦେଶବାସୀ ଙ୍କ ମନରେ ଏହି ଘଟଣା ଯେତିକି ଆଘାତ ପହଞ୍ଚାଇଛି ତାଠାରୁ ଅଧିକ ଜନମାନସରେ ଆକ୍ରୋଶ ବାତାବରଣ ସୃଷ୍ଟିକରିଛି। ଏହି ଅଘଟଣ ପରେ ସମଗ୍ର ଦେଶର କୋଣ ଅନୁକୋଣରେ ଦେଶବାସୀ ଙ୍କ ପକ୍ଷରୁ ଆତଙ୍କୀ ମାନଙ୍କୁ ଦୃଢ ହସ୍ତରେ ଦମନ କରିବା ପାଇଁ




ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ କେନ୍ଦ୍ରସରକାଙ୍କୁ ଏକ ପ୍ରକାର ଅନୁରୋଧ କରାଯାଉଥିବାବେଳେ ଏହାକୁନେଇ ରଘୁନାଥ ପୁର ବ୍ଲକ ବିଜୁପଟ୍ଟନାୟକ ଛକ ନିକଟରେ ଶ୍ରୀରାମ ସେନା ଓ ରଘୁନାଥପୁର ପ୍ରଖଣ୍ଡ ବଜରଙ୍ଗି ଦଳ ପକ୍ଷରୁ ସହୀଦ ଙ୍କ ଉଦ୍ଦେଶ୍ୟ ରେ ଦୀପ ଦାନ, ପୁଷ୍ପାର୍ଘ୍ୟ ପ୍ରଦାନ ସ୍ୱରୂପ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ମୃତକଙ୍କ ପୁଣ୍ୟ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇ ଆତଙ୍କବାଦୀ ଓ ପାକିସ୍ତାନ ବିରୁଦ୍ଧରେ ସ୍ଲୋଗାନ ଦିଆଯାଇ ଶେଷରେ ଆତଙ୍କବାଦୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତାପ ଚନ୍ଦ୍ର ମହାନ୍ତି, ସରିତ୍ ମହାପାତ୍ର, ସୁମିତ୍ ମଣ୍ଡଳ, ବିଶ୍ୱଜିତ୍ ଦାସ, ଉମାକାନ୍ତ ପାତ୍ର, ନିଶିକାନ୍ତ ନାୟକ, ଆଶିଷ ସାମଲ, ବିଶ୍ୱଜିତ୍ ମହାନ୍ତି, ଲୋକନାଥ ମହାନ୍ତି, ମନୋରଞ୍ଜନ ସାହୁ, ସଞ୍ଜୀବ ସ୍ୱାଇଁ, ସୁମାଲ୍ୟ ମହାନ୍ତି, ଅଶୋକ କୁମାର ବାରିକ, କାଳିଆ ସେଠି, ଆଶୁତୋଷ ମହାନ୍ତି, ରାକେଶ ବେହେରା, ଅଭିଷେକ ମହାନ୍ତି, ରାକେଶ ସାହୁ,ସୁକାନ୍ତ ଦଳାଇ, ଚିତ୍ତରଞ୍ଜନ ଦାସ, ପ୍ରକାଶ କୁମାର ବେହେରାଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ମେଜିକ୍ ସ୍ଲେଟ୍ ବଣ୍ଟନ ଓ ୱାଟର ପ୍ଲାଣ୍ଟ ଉଦ୍‌ଘାଟିତ



ମାଲକାନଗିରି (ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ମାଲକାନଗିରିର ଅଧକ୍ଷ ଡ଼ କୈଳାଶ ମୀନାଙ୍କ ଅଧକ୍ଷତା ରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ଦ୍ୱାରା ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ମ୍ୟାଜିକ୍ ସ୍ଲେଟ୍ ବଣ୍ଟନ କରାଯାଇଛି । ତତସହିତ ବିଦ୍ୟାଳୟ ରେ ୫୦୦ ଲିଟର କ୍ଷମତା ବିଶିଷ୍ଟ ବିଶୁଦ୍ଧ ପାନୀୟ ଜଳ ପାଇଁ ଆର.ଓ. ୱାଟର ପ୍ଲାଣ୍ଟ ଉଦଘାଟନ କରାଯାଇଛି । ଅଧକ୍ଷ ଡ଼ ମୀନା ପିଏମଶ୍ରୀ ଯୋଜନା ର ସବିଶେଷ ବିବରଣୀ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ମାଣିକଲାଲ ଚକ୍ରବର୍ତ୍ତୀ, ଡା ସାଗର ବାଲ, କ୍ରିଷ୍ଣା ମିର୍ଦ୍ଧା ଏବଂ ମହିଳା ମହାବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ଜେନା ଏବଂ କୁନି କୁନି ଛାତ୍ରଛାତ୍ରୀ ଙ୍କ ଅଭିଭାବକ ଙ୍କ ଉପସ୍ଥିତି ରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ଏହି ଦୁଇଟି କାର୍ଯ୍ୟକ୍ରମ ପିଏମଶ୍ରୀ ଯୋଜନା ର ଅଂଶବିଶେଷ ଅଟେ। ଅମିତ ଦାସ ଓ ନିରଞ୍ଜନ କୁମାର ମଞ୍ଚ ପରିଚାଳନା କରିଥିଲେ ଏବଂ ଭି ଅଶୋକ କୁମାର, ସୃଷ୍ଟି, ନଗମା, ଆଶ୍ରିତା ପଣ୍ଡା ଆଦି ଏହି କାର୍ଯ୍ୟକ୍ରମକୁ ସଫଳ ହେବାରେ ସହଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ

କଣ୍ଟାପଡା(ଭାସ୍କର ନ୍ୟୁଜ୍): କଣ୍ଟାପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ପଞ୍ଚାୟତି ରାଜ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷା ସୁଶ୍ରୀ ଜିନା ଭୋଇ ଯୋଗଦେଇଥିବା ବେଳେ



ଉକ୍ତ ସମାରୋହ ବୈଠକକୁ ବିଡିଓ ସ୍ୱପ୍ନିତା ନାୟକ ସଭାପତିତ୍ୱ କରିଥିଲେ। କଣ୍ଟାପଡା ଯୋଗାଣ ବିଭାଗ ପକ୍ଷରୁ ଯୋଗାଣ ବିଭାଗ ଅଧିକାରୀ ମୋତିରାମ ଦାସ ୩୧ ଜଣ ନୂତନ ରାସନ ହିତାଧିକାରୀଙ୍କୁ ନୂତନ କାର୍ଡ ବଣ୍ଟନ କରିଥିଲେ। ରାଜ୍ୟ ସ୍ତରୀୟ ପଞ୍ଚାୟତ ରାଜ ଦିବସ ପୁରୀରୁ ମୁଖ୍ୟମନ୍ତ୍ରୀଙ୍କର ସିଧା ପ୍ରସାରଣ ଭିଡିଓ କନ୍‌ଫରେନ୍ସ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପାଧକ୍ଷ ଯତିନ୍ଦ୍ରନାଥ ବରାଳ, ଆତ୍ମା ଅଧକ୍ଷ ପ୍ରଦୀପ ପାତ୍ର, ସରପଞ୍ଚ ନିର୍ମଳ ସାହୁ, ସଞ୍ଜୟ ରାଉତରାଏ, ଅଭିଷେକ ମହାପାତ୍ର, ହେମନ୍ତ ମଲ୍ଲିକ, ସାଂସଦଙ୍କ ପ୍ରତିନିଧି ସଂଗ୍ରାମ କିଶୋର ପଟ୍ଟନାୟକ, ଏ.ବି.ଡି.ଓ ରୁବି ତପସ୍ୱିନୀ ଦାସ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାପଡା ବ୍ଲକ୍‌ର ଏସ୍‌ଓଜି ମା' ମାନେ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, କଣ୍ଟ୍ରୋଲ୍ ଡିଲର୍ ଯୋଗ ଦେଇଥିଲେ। ଆତଙ୍କବାଦୀ ଆକ୍ରମଣରେ ମରିଥିବା ଭାରତୀୟଙ୍କ ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବ୍ଲକ୍‌ର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କ ଅଧକ୍ଷତାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଶିବିରରେ ବିଡିଓ ମିନତୀ ଜଗଦେବ ଯୋଗ ଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ ।ଏଥିରେ ବନ୍ଧୁଗାଁ ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ସିଡ଼ିପିଓ ଗୀତାଞ୍ଜଳୀ ମହାରଣା,ବ୍ଲକ କୃଷି ବିଭାଗ ଅଧିକାରୀ ସୂର୍ଯ୍ୟକାନ୍ତ ନାହକ,ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେଉରିଆ,ଯୋଗାଣ ଅଧିକାରୀ ବି.ଚନ୍ଦନ କୁମାର ଓଡିଶା ଜୀବିକା ମିଶନ କୋର୍ଡିନେଟର ଚୈତନ୍ୟ ସାଗରିଆ ଓ ଯନ୍ତ୍ରୀ ମହେଶ୍ୱର ପାତ୍ର ମଞ୍ଚାସିନ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗ,ଶିଶୁ କଲ୍ୟାଣ ବିଭାଗ,ସ୍ୱାସ୍ଥ୍ୟ ବିଭାଗ,ଶିକ୍ଷା ବିଭାଗ କର୍ମଚାରୀ ଓ ୱାର୍ଡ ସଭ୍ୟ ସଭ୍ୟାମାନେ ଯୋଗ ଦେଇଥିଲେ ।ତୁରୁକୁପେଟା କସ୍ତୁରବା ଗାନ୍ଧି ଛାତ୍ରୀ ନିବାସ ଓ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଥିବା ଛାତ୍ର ନିବାସରେ ଅଧିକାଂଶ ସମୟରେ ବିଜୁଳି ଫେଲ ଯୋଗୁଁ ପାନୀୟ ଜଳର



ସମସ୍ୟା,ରାତି ଅଧିଆ ବାଲି ଚୋରା ଚାଲାଣ ଉପରେ ରୋକ ଲଗେଇବା,କେତେକ ପ୍ରଥମିକ ବିଦ୍ୟାଳୟରେ ବାଲ ବାଟିକା ଛାତ୍ର ଛାତ୍ରୀଙ୍କ ପାଠ ପଢା ପାଇଁ ନୂତନ କୋଠରୀ ନିର୍ମାଣ ଉପରେ ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପିଇଓ ବୃନ୍ଦାବନ କଲେକା ପରିଚାଳନା କରିଥିବା ବେଳେ ଏଡିଇଓ ଲିଙ୍ଗରାଜ ସାହୁକାର ସହଯୋଗ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର






କଟକ(ଭାସ୍କର ନ୍ୟୁଜ): ଖ୍ରୀଷ୍ଟ କଲେଜ ଶିକ୍ଷକ ସଂଘ ତରଫରୁ ଇତିହାସ ବିଭାଗ ମୁଖ୍ୟ ବରିଷ୍ଠ ଅଧ୍ୟାପିକା ଗାୟତ୍ରୀ ମହାପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜର ଅଧକ୍ଷା ମଧୁମିତା ପାତ୍ର ସଭାପତିତ୍ୱ କରି ଶ୍ରୀମତୀ ମହାପାତ୍ରଙ୍କର ବନ୍ଧୁବତ୍ସଳତା, କାର୍ଯ୍ୟନିପୁଣତା, ସମୟାନୁବର୍ତିତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ସଂଘର ସଂପାଦକ ଡଃ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଶ୍ରୀମତୀ ମହାପାତ୍ରଙ୍କ ଅଧ୍ୟାପନା ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀମତୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ ମାନପତ୍ର, ଉତରୀୟ ଓ ବିଭିନ୍ନ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକଡଃ ଦୈତ୍ୟାରୀ ଶୁକ୍ଳ ମାନପତ୍ର ପାଠ କରିଥିଲେ। ଡଃ ଦେବଯାନୀ ଦାଶ, ଡଃ କ୍ଷଣପ୍ରଭା ନନ୍ଦ, ସୁମନ ରଏ, ଡଃ ବିନିତା ନନ୍ଦ, ଡଃ ଯୋଗଶଙ୍କର ମହାପ୍ରଶସ୍ତ, ଡଃ ପ୍ରଶାନ୍ତ କୁମାର ମହାନ୍ତି, ଦେବାଶୀଷ ମହାପାତ୍ର, ଶୋଭନ ପଣ୍ଡା, ଡଃ ଆଲୋକ ମିଶ୍ର, ନିବେଦିତା ଦାସ ପ୍ରମୁଖ ଶ୍ରୀମତୀ ମହାପାତ୍ରଙ୍କ ଗୁଣାବଳୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥି ଲେ। ଶ୍ରୀମତୀ ମହାପାତ୍ର ସମ୍ବର୍ଦ୍ଧନା ଗ୍ରହଣ କରିବା ପରେ କହିଲେ ଯେ ଖ୍ରୀଷ୍ଟ କଲେଜ ପରିବାର ପରି ମୋର ସୁଖଦୁଃଖରେ ଛିଡା ହୋଇଥିବାରୁ ଖ୍ରୀଷ୍ଟ କଲେଜ ଓ ଶିକ୍ଷକ ସଂଘର ସର୍ବକୁଶଳ କାମନା କରୁଛି। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ସୁବ୍ରତ ବଳ।

## ଶପଥ ନେଲେ ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା କମିଶନର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ୩ଜଣ ରାଜ୍ୟ ସୂଚନା ଆୟୁକ୍ତ ଶପଥ ଗ୍ରହଣ କରିଛନ୍ତି। ଶୁକ୍ରବାର ରାଜଭବନର ଅଭିଷେକ ହଲ୍‌ରେ ଏହି ଉପଲକ୍ଷେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ମନୋଜ କୁମାର ପରିଡ଼ା, ରାଜ୍ୟ ସୂଚନା ଆୟୁକ୍ତଭାବେ ପ୍ରାଣବନ୍ଧୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ କଳ୍ପନା ପଟ୍ଟନାୟକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ ପରେ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିଯୁକ୍ତି ଆଜ୍ଞାପତ୍ର ପାଠ କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାନସଭାର ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ମାନବିକ ଅଧିକାର ଆୟୋଗର ଅଧକ୍ଷ ଜଷ୍ଟିସ୍ ଶତ୍ରୁଘନ ପୂଜାହାରୀ, ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ଗୁର୍‌ବୀର ସିଂହଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଛୁଟିରେ ସ୍କୁଲ ଖୋଲିଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଛୁଟିରେ ସ୍କୁଲ ଖୋଲିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବେସରକାରୀ ସ୍କୁଲ ଓ କଲେଜକୁ କଡା ଚେତାବନୀ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ସରକାରଙ୍କ ଗ୍ରୀଷ୍ମ ପ୍ରବାହ ଏସ୍‌ଓପି ନମାନି ସ୍କୁଲ, କଲେଜ ଖୋଲିଲେ କାର୍ଯ୍ୟାନୁଷ୍ଠାନ ହେବ। ଗ୍ରୀଷ୍ମ ପ୍ରବାହକୁ ନେଇ ପଦକ୍ଷେପ ନିଆଯାଇଛି,। ଏବେ ସ୍ଥିତି ନିୟନ୍ତ୍ରଣରେ ଅଛି। ଅତି ଆବଶ୍ୟକ ନଥିଲେ ଘରୁ ନବାହାରିବାକୁ ଅପିଲ କରିଛନ୍ତି ମନ୍ତ୍ରୀ। ଏହାସହ ହସ୍ପିଟାଲ ମାନଙ୍କରେ ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବାକୁ ସିଏଚ୍‌ସି ଓ ପିଏଚ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଓଡ଼ିଶାର ୧ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ପାଖେ ସୁଭଦ୍ରା ପହଞ୍ଚି ପାରିଛି: ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ 'ଗଣମାଧ୍ୟମ ସହ କଥାବାର୍ତ୍ତା' କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଏହି ଯୋଜନାକୁ ଆହୁରି ଉନ୍ନତ କରିବା ପାଇଁ ସେମାନଙ୍କ ଠାରୁ ସୁଚିନ୍ତିତ ମତାମତ ଗ୍ରହଣ କରିଥିଲେ । ସୁଭଦ୍ରା ଯୋଜନାରେ ଏସ୍‌ଓପି ତଥା ଗାଇଡଲାଇନକୁ ଘରେ ଘରେ ପହଞ୍ଚାଇବା ସହ ଜନସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ପରିଡା ମତ ପ୍ରକାଶ କରିଥିଲେ। ବିଭିନ୍ନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସୁଭଦ୍ରା ଯୋଜନାକୁ ଆହୁରି ସମୃଦ୍ଧ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମତୀ ପରିଡା ସେମାନଙ୍କ ସୁଚିନ୍ତିତ ମତାମତ ଉପରେ ଆଗକୁ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଖୁବ୍ କମ ଦିନରେ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଡି ଥିବାରୁ ମହିଳା ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ ସମେତ ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ଓ ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ର କର୍ମକର୍ତ୍ତାମାନଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ ବରିଷ୍ଠ ସାମ୍ବାଦିକ ତଥା ବିଭିନ୍ନ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକ ଓ ସାମ୍ବାଦିକମାନେ ଯୋଗ ଦେଇଥିଲେ। ଏହା ସହ ଅତିରିକ୍ତ ଶାସନ ସଚିବ ତଥା ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସୁଭଦ୍ରା ସହ ଜଡ଼ିତ ବିଭିନ୍ନ ପ୍ରଶ୍ନର ଉତର ରଖିଥିଲେ। ମହିଳା ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ପ୍ରମୁଖ ଅଧିକାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ରେଳ ଲାଇନରୁ ଦୁଇ ମୃତଦେହ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଗୋଟିଏ ଦିନରେ ରେଳ ଲାଇନରୁ ଦୁଇଟି ମୃତଦେହ ଉଦ୍ଧାର ହୋଇଛି । ବାଣୀବିହାର ରେଳ ଧାରଣାରୁ ଜଣେ ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି । ତାଙ୍କର ପରିଚୟ ଅସ୍ପଷ୍ଟ ରହିଛି । ସେହିଭଳି ଲିଙ୍ଗରାଜ ରେଳ ଷ୍ଟେସନ ନିକଟ ରେଳ ଧାରଣାରୁ ଜଣେ ମହିଳାଙ୍କ ଖଣ୍ଡ ବିଖଣ୍ଡିତ ମୃତ ଦେହ ଉଦ୍ଧାର ହୋଇଛି । ଘଟଣା ସ୍ଥଳରେ ତଦନ୍ତ କରୁଛି ଜିଆରପି । ଉଭୟ ମୃତଦେହର ପରିଚୟ ଜଣା ପଡିବା ପରେ ପରିବାର ଲୋକଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି ଜିଆରପି ଥାନା ଅଧିକାରୀ କହିଛନ୍ତି ।

## ଜଳ ସମସ୍ୟା ଥିଲେ ୭ଦିନ ଭିତରେ ସମାଧାନ: ପଞ୍ଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜଳ ସମସ୍ୟା ଥିଲେ ୭ଦିନ ଭିତରେ ସମାଧାନ । ଯେଉଁଠି ବି ପାନୀୟ ଜଳ ସମସ୍ୟା ଦେଖାଯିବ ତୁରନ୍ତ ପ୍ରଶାସନିକ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାୟକ କହିଛନ୍ତି । ଦୁଇ ଦିନ, ତିନି ଦିନ ଓ ସାତ ଦିନ ଭିତରେ କାମ ହେବ । କଠିନ କାମ ହେଲେ ସାତ ଦିନ ଏବଂ ରିପାରିଙ୍ଗ କାମ ହେଲେ ଦୁଇ ଦିନ ରେ କାର୍ଯ୍ୟ ସାରିବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ପହଲଗାମ ଆତଙ୍କୀ ଆକ୍ରମଣକୁ ନିନ୍ଦା ସହ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ




କଟକ(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାମ୍ମୁ କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ପାଇଁ ଶୋକପ୍ରସ୍ତାବ ଗ୍ରହଣ କରାଯିବା ସହିତ ଏହି ଘଟଣାର ସମ୍ପୃକ୍ତ ଦେଶ, ସଙ୍ଗଠନ ଓ ଉଗ୍ରପନ୍ଥୀ ସଙ୍ଗଠନ ଥିବା ଆତଙ୍କବାଦୀଙ୍କ ବିରୁଦ୍ଧରେ ଦୃଢ଼ରୁ ଦୃଢ଼ତର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏହି ଘଟଣା ଭାରତର ପ୍ରତ୍ୟେକ ନାଗରିକଙ୍କ ଉପରେ ଏକ ଗଭୀର ଆଘାତ ସୃଷ୍ଟି କରିବା ସହିତ ସମସ୍ତଙ୍କୁ ମର୍ମାହତ କରିଛି। ଆତଙ୍କବାଦୀ ଓ ତାଙ୍କ ସହଯୋଗୀଙ୍କର ଏଭଳି ଅମାନୁଷିକ ଓ ବର୍ବରୋଚିତ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ପ୍ରତିହିତ କରିବା ପାଇଁ ଭାରତ ସରକାର ବିହୀତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଏପରି କାର୍ଯ୍ୟର ପୁନରାବୃତ୍ତି ଓ ଉଚିତ ପଦକ୍ଷେପ ନେବାପାଇଁ ଦୃଢ଼ ଦାବି କରୁଅଛୁ। ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହିତ ଏହି ଘଟଣାରେ କିଭଳି ପୁନରାବୃତ୍ତି ନ ଘଟିବ ସେଥିପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ନିଆଯିବାର ଆବଶ୍ୟକତାକୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଉପଲବ୍ଧି କରିଛି। ଆଜିର ଏହି ସଭା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ଏହି ସଭାରେ ଆଇନଜୀବୀ ପରିଷଦର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ସର୍ବଶ୍ରୀ ବାର କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ଭକ୍ତ ଭୂଷଣ ବାରିକ, ଉପାଧକ୍ଷ ରାଜୀବ ମହାନ୍ତି, ପିତବାସ ପଣ୍ଡା, ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ଧଳ, ବିଭୁ ପ୍ରସାଦ ଦାସ, ଅକ୍ଷୟ କୁମାର ପତି, ଆତ୍ମା ପ୍ରକାଶ ମହାନ୍ତି, ବରିଷ୍ଠ ଆଇନଜୀବୀ ସୌର ଚନ୍ଦ୍ର ମହାପାତ୍ର, ଅରୂପାନନ୍ଦ ଦାଶ, ଦେବଦତ୍ତ ମିଶ୍ର, ଦିନେଶ ଚନ୍ଦ୍ର ରାୟ, ପ୍ରସନ୍ନ କୁମାର ପାଢ଼ୀ, ସଞ୍ଜିତ କୁମାର ପାଣିଗ୍ରାହୀ, ଗିରିଜା ପ୍ରସନ୍ନ ମିଶ୍ର, ମାନସ କୁମାର ଚାନ୍ଦ, ଗିରିଧାରୀ ମହାପାତ୍ର, ନୃସିଂହ ଚରଣ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପଟେଲ, ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଜ୍ଞାନରଞ୍ଜନ ମହାନ୍ତି, ପିଟା ରମେଶ ପାତ୍ର, ଅକ୍ଷୟ କୁମାର ସାମନ୍ତରାୟ, ଧନଞ୍ଜୟ ମୁଣ୍ଡ, ତପନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ରଙ୍ଗମ ସିଡ଼ିଏ ଫେଷ୍ଟିଭାଲ ଉଦ୍‌ଘାଟିତ




କଟକ(ଭାସ୍କର ନ୍ୟୁଜ): ଆବାସିକ ସଂଘ ସିଡ଼ିଏ ଏବଂ ବାରବାଟୀ ନୃତ୍ୟ ଏକାଡ଼େମୀ ଆନୁକୁଲ୍ୟରେ ଏକ ମହାନ ସାଂସ୍କୃତିକ ଉତ୍ସବ ପ୍ରଥମ କରି ଏକ ବର୍ଷାଜ୍ୟ ପରିବେଶରେ ସେକ୍ଟର-୮ ସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ କରକମଳରେ ଉଦ୍ଘାଟିତ ହୋଇଛି । ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡ଼. ସତ୍ୟନାରାୟଣ ରାଉତରାୟଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା ଏହି ରଙ୍ଗମ ସିଡ଼ିଏ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜସମନ୍ତ୍ରୀ ସୁରେଶ ପୁଜାରୀ ରଙ୍ଗମ ଉତ୍ସବର ପରିକଳ୍ପନା ଏବଂ ମହାନ ଉଦ୍ଦେଶ୍ୟକୁ ସାଧୁବାଦ ପ୍ରକାଶ କରିବା ସହ ଏହି ଉତ୍ସବ ସମସ୍ତଙ୍କୁ ଏକାଠି କରିପାରିବ ମତ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତାରୂପେ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ବକ୍ତବ୍ୟ ଦର୍ଶକଙ୍କୁ ଭାବମୟ ରାଜ୍ୟକୁ ନେଇଯାଇଥିଲା । କଟକ ସହରର ଐତିହ୍ୟ, ନୂତନ ସିଡ଼ିଏର ପ୍ରତିଷ୍ଠିତ ସମାଜ ତା ମଧ୍ୟରେ ଏହି ସାଂସ୍କୃତିକ ଉତ୍ସବର ପରିକଳ୍ପନା ସମ୍ପର୍କରେ ଏକ ସମ୍ମିଳ ଆଗାମୀ ଦିନଗୁଡ଼ିକ ବାସ୍ତବତାର ରୂପ ନେବ ପରିପ୍ରକାଶ କରିଥିଲେ । ବିଶିଷ୍ଟ ଅତିଥିରୂପେ ଆଡ଼ଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏବଂ ପ୍ରସନ୍ନ କୁମାର ପାଢ଼ୀ, ଡେ଼ପୁଟି ସଲିସେଟର ଜେନେରାଲ ଅଫ୍ ଇଣ୍ଡିଆ, ଯୋଗ ଦେବା ସହ ଅନ୍ୟତମ ଅତିଥିରୂପେ ମାନ୍ୟବର ପୂର୍ବତନ ନ୍ୟାୟଧୀଶ ବିମଳ ପ୍ରସାଦ ଦାସ ଯୋଗଦେଇ ନିଜର ସାଂସ୍କୃତିକ ଚେତନାରେ ସିଡ଼ିଏର ରୂପରେଖ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଉକ୍ତ ଉତ୍ସବରେ ସାଗତ ଭାଷଣ ଓ ଅତିଥ୍ୟ ପରିଚୟ ରଖୁଲେ ବିଶିଷ୍ଟ ଆଇନିଜୀବୀ ସୌର ଚନ୍ଦ୍ର ମହାପାତ୍ର ଏବଂ କରପୋରେଟର ପ୍ରିୟମ୍ବଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ମନୋରଞ୍ଜନ ଅଧିକାରୀଙ୍କ ପରିଚାଳନାରେ ସ୍ୱାଗତ ସଙ୍ଗୀତ ସହ ସମସ୍ତ ଅତିଥିମାନଙ୍କୁ ରଙ୍ଗମ ସମ୍ମାନ ପରିଚାଳାନ କମିଟି ଦ୍ୱାରା ପ୍ରଦାନ କରାଯାଇଥିଲା । ନୃତ୍ୟଗୁରୁ ସସ୍ମିତା ପଣ୍ଡାଙ୍କ ପରିଚାଳନାରେ ଓଡ଼ିଶୀ ନୃତ୍ୟମଣ୍ଡଳ ଶିଳ୍ପୀମାନେ ପ୍ରଥମେ ନୟନ ପଥଗାମୀ ଭବତୁମେ ଏବଂ ଜୟ ମା ବିରଜା ନୃତ୍ୟବାଲେ ଗୁରୁ ଆଶିଷ କୁମାର ଦାସଙ୍କ ନୃତ୍ୟ ସଂଯୋଜନାରେ ଚମତ୍କାର ରୂପେ ପ୍ରଦର୍ଶିତ ହୋଇଥିଲା । ଏହାପରେ ନକ୍ଷତ୍ର ଗୁରୁକୁଳ, ଭୁବନେଶ୍ୱରର ଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ବଲାଙ୍ଗୀରର ସଙ୍ଗୀତ ସାଧନା ଲୋକନୃତ୍ୟ ଶିଳ୍ପୀ ଶଙ୍କର ବେହେରା ଓ ତାଙ୍କର ସାଥୀମାନେ ସମ୍ବଲପୁରୀ ଲୋକନୃତ୍ୟ ଓ ଗୀତ ପରିବେଷଣ କରି ସମବେତ ମନ୍ତ୍ରମୁଗ୍ଧ କରିଦେଇଥିଲେ । ଏହି ସାଂସ୍କୃତିକ ଉତ୍ସବର ଉଦ୍ଘୋଷକ ଥୁଲେ ମଧୁମିତା ମହାନ୍ତି ଏବଂ ଡ଼.ପ୍ରୋନିମା ବାଗ୍ଚି । ଉତ୍ସବ କମିଟିର ସଭ୍ୟ ଲକ୍ଷ୍ମୀଧର ମହାନ୍ତି, ଭଗବାନ ଭଞ୍ଜ, ସନ୍ତୋଷ କୁମାର ପଲେଇ, ମନୋଜ ପତି, ମୈତ୍ରୀଜିତ୍ ମହାନ୍ତି ପ୍ରମୁଖଙ୍କ ପରିଚାଳନାରେ ଉତ୍ସବଟି ସର୍ବାଙ୍ଗ ସୁନ୍ଦର ହୋଇଥିଲା ।



ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ସାଇବର ଅପରାଧର କାୟା ବିସ୍ତାର

## ଜାତୀୟସ୍ତରରେ ସୁଚିନ୍ତିତ ରଣନୀତି ଲୋଡ଼ା

ଭାରତରେ ସାଇବର ଅପରାଧ ନେଇ କିଛିଦିନ ପୂର୍ବେ ପ୍ରକାଶ ପାଇଥିବା ଏକ ପରିସଂଖ୍ୟାନ ମୁଣ୍ଡବଥାର କାରଣ ସାଜିଛି। ଏହି ପରିସଂଖ୍ୟାନ ଅନୁଯାୟୀ ଆମ ଦେଶରେ ସାଇବର ଅପରାଧ ଏଭଳି ଦ୍ରୁତଗତିରେ ବୃଦ୍ଧି ପାଉଛି ଯେ ଆସନ୍ତା ୨୦୩୩ ମସିହା ସୁଦ୍ଧା ଏହି ସଂଖ୍ୟା ପ୍ରାୟ ଏକ ହଜାର ବିଲିୟନ୍‌ରେ ପହଞ୍ଚିବାର ସମ୍ଭାବନା ଦେଖାଦେଇଛି। ସେହିପରି ୨୦୪୭ମସିହା ସୁଦ୍ଧା ସାଇବର ଅପରାଧ ୧୭ ହଜାର ବିଲିୟନ୍‌କୁ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ଏହାର ମୁକାବିଲା କରିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଦେଶର ଅନ୍ୟରାଜ୍ୟ ସହ ଆମ ଓଡ଼ିଶାରେ ମଧ୍ୟ ସାଇବର ଅପରାଧ କାୟା ବିସ୍ତାର କରି ମାଡ଼ି ଚାଲିଥିବାର ଲକ୍ଷ୍ୟ କରାଯାଉଛି। ସାଧାରଣ ଜନତା ବିଶେଷ କରି ବୈଷୟିକ ଜ୍ଞାନ ନଥିବା ଗରିବ, ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକ ତଥା ବରିଷ୍ଠ ନାଗରିକମାନେ ଅଧିକ ସଂଖ୍ୟାରେ ସାଇବର ଠକମାନଙ୍କ ଶିକାର ହେଉଛନ୍ତି। ଅନ୍ୟ ସ୍ଥାନ ତ ଦୂରର କଥା, ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଗତ ଜାନୁଆରୀ ମାସରେ ୫କୋଟି ୨୦ଲକ୍ଷ ୬୩ ହଜାର ଟଙ୍କାର ସାଇବର ଠକେଇ ହୋଇଥିବା ବେଳେ ଫେବୃଆରୀ ମାସରେ ୪କୋଟି ୭୨ଲକ୍ଷ ୨୮ ହଜାର ଟଙ୍କା ଏବଂ ମାର୍ଚ୍ଚରେ ୫କୋଟି ୨୧ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଥିବା ଜଣାପଡ଼ିଛି। ବୈଷୟିକ ଜ୍ଞାନକୌଶଳର ବିକାଶ ସହ ତାଳ ଦେଇ ସାଇବର ଅପରାଧର ତରିକା ମଧ୍ୟ କ୍ରମଶଃ ବଦଳିବାରେ ଲାଗିଛି। ଏହି ଶ୍ରେଣୀର ଅପରାଧୀଙ୍କ ପ୍ରଲୋଭନର ଜାଲରେ ପଡ଼ି ବହୁ ଲୋକ ପ୍ରତିଦିନ ନିଜର କଷ୍ଟଲବ୍ଧ ଅର୍ଥ ହରାଉଛନ୍ତି। ଫେକ୍ ବା ନକଲି ମୋବାଇଲ୍ ଆପ୍ଲିକେସନ୍ (ଆପ୍) ଏବଂ ଅଜଣା ଲିଙ୍କ୍ ଜରିଆରେ ଜାଲ ବିଛାଇ ଅପରାଧୀମାନେ ଅର୍ଥ ଲୁଟି ନେଉଛନ୍ତି। ପ୍ରାୟ ବର୍ଷେକ ପୂର୍ବେ ଆମ ଦେଶରେ ସାଧାରଣ ନିର୍ବାଚନର ମହାପର୍ବ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସାଇବର ଅପରାଧୀମାନେ ଖୁବ୍ ସକ୍ରିୟ ହୋଇ ଉଠିଥିଲେ। ନିର୍ବାଚନର ଅବ୍ୟବହିତ ପୂର୍ବରୁ ଭୋଟର ପରିଚୟପତ୍ର ସଂଶୋଧନ ତଥା ଭୋଟର ତାଲିକାରେ ନାମ ରଖିବା ପାଇଁ ବିଭିନ୍ନ ପ୍ଲାଟଫର୍ମରେ ଜାଲ ଲିଙ୍କ୍ ପଠାଉଥିଲେ। ଏହି ଲିଙ୍କରେ କ୍ଲିକ୍ କରିବା ପରେ ବିଭିନ୍ନ ତଥ୍ୟ ଦେବାକୁ କୁହାଯାଉଥିଲା। ଏହା ଜରିଆରେ ସାଇବର ଅପରାଧୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଗୋପନୀୟ ତଥ୍ୟ ସଂଗ୍ରହ କରି ଅର୍ଥ ଲୁଟ୍ କରିବାକୁ ସକ୍ଷମ ହେଉଥିଲେ। ସେହିପରି ବିଭିନ୍ନ ଅନ୍‌ଲାଇନ୍ ପ୍ରଚାରପତ୍ର ଡିଜାଇନ୍ କରିବା ନାମରେ ମଧ୍ୟ ଜାଲ୍ ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ଠକାମି ହୋଇଥିବା ନଜରକୁ ଆସିଥିଲା। ଏହାକୁ ରୋକିବାକୁ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇ ଥିଲେ ମଧ୍ୟ ଓଡ଼ିଶା କ୍ରାଇମବ୍ରାଞ୍ଚ ପାଇଁ ନକଲି ୱେବସାଇଟ୍ ଓ ଲିଙ୍କ୍ ତଥା ମୋବାଇଲ ଆପ୍ଲିକେସନ୍ ଦ୍ୱାରା ଠକେଇ ଧରିବା ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ବିଗତ ଦିନରେ ବିଭିନ୍ନ ସରକାରୀ ସଂସ୍ଥାର ୱେବ୍‌ସାଇଟ୍ ନକଲ କରି ଲୋକଙ୍କୁ ବିଭିନ୍ନ ଉପାୟରେ ଠକାଯିବାର ଏକାଧିକ ଘଟଣା ରହିଛି। ପ୍ରାୟ ଦଶଗୁ ଅଧିକ ୱେବ୍‌ସାଇଟ୍‌କୁ ନକଲ କରାଯାଇ ଠକେଇ କରାଯିବାର ଅଭିଯୋଗ ହୋଇଥିଲା। ମାତ୍ର ଏଭଳି ଅପରାଧର ମୂଳ ପର୍ଯ୍ୟନ୍ତ ପହଞ୍ଚିବାରେ କ୍ରାଇମବ୍ରାଞ୍ଚ ଏଯାବତ୍ ସକ୍ଷମ ହୋଇନାହିଁ। ସାଇବର ଅପରାଧର ଶିକାର ନହେବା ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯିବାର ଜରୁରି ଆବଶ୍ୟକତା ରହିଛି। ଏପରି ଅପରାଧୀଙ୍କୁ ଠାବ କରି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ବିଭାଗ ପକ୍ଷରୁ ସମନ୍ୱିତ ପ୍ରୟାସ ଜାରି ରହିବା ସମୟର ଆହ୍ୱାନ। ମିଳିଥିବା ସୂଚନା ଅନୁଯାୟୀ ସାରା ବିଶ୍ୱରେ ସାଇବର ଅପରାଧ ଦ୍ୱାରା ସର୍ବାଧିକ ପ୍ରଭାବିତ ଦେଶଗୁଡ଼ିକ ମଧ୍ୟରେ ଭାରତର ସ୍ଥାନ ରହିଛି ଏବଂ ଚଳିତ ବର୍ଷର ପ୍ରଥମ ତିନିମାସରେ ଏଭଳି ଅପରାଧୀମାନଙ୍କ ଦ୍ୱାରା ୧୭ଶହ ୫୦ କୋଟି ଟଙ୍କା ଲୁଟ୍ ହୋଇଛି। ସର୍ବଭାରତୀୟ ସ୍ତରରେ ବଢ଼ି ଚାଲିଥିବା ଏ ଧରଣର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଏକ ସୁଚିନ୍ତିତ ଜାତୀୟ ସାଇବର ସୁରକ୍ଷା ରଣନୀତିର ଜରୁରି ଆବଶ୍ୟକତା ଅନୁଭୂତ ହେଉଛି।

# ବିକଶିତ ରାଜ୍ୟ ପାଇଁ ଭିତ୍ତିଭୂମିର ବିକାଶ ଲୋଡ଼ା



ସୁଧାଂଶୁ ରଞ୍ଜନ ଦାସ
ହାଇଦ୍ରାବାଦ୍
ମୋ: ୭୭୦୨୩୮୩୮୮୦

ଓଡ଼ିଶାକୁ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଅଭିବୃଦ୍ଧିଶୀଳ, ରୋଜଗାରକ୍ଷମ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ବଜେଟରେ ୨ ଲକ୍ଷ ୯୨ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି। ବଜେଟରେ ଭିତ୍ତିଭୂମି ବିକାଶ, ନଗର ଉନ୍ନୟନ, କୃଷି ଓ ଜଳସେଚନ, ବନ୍ଦର ଭିତ୍ତିକ ବିକାଶ, ଶିଳ୍ପାୟନ ଏବଂ ସାର୍ବଜନିକ କ୍ରୀଡାକ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଭାବରେ ଶିକ୍ଷା ସ୍ୱାସ୍ଥ୍ୟସେବା ସାମାଜିକ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ସୁଦକ୍ଷ ଜନସେବା ପ୍ରଦାନ ସହ ଓଡ଼ିଶାବାସୀଙ୍କ ସାମୂହିକ ବିକାଶ ପାଇଁ ମୋହନ ମାଝୀ ରାଜ୍ୟକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ମାଝୀ ସରକାର ତାଙ୍କର ଏହି ପ୍ରତିଶ୍ରୁତିକୁ ବାସ୍ତବରେ ପରିଣତ କରିବା ପାଇଁ ଅନୁରୂପ ପଦକ୍ଷେପ ନେବା ଉଚିତ୍।

ଓଡ଼ିଶାରେ ବନ୍ଦର ବିକାଶ ପାଇଁ ୧୦୭ କୋଟି ଟଙ୍କା, ଆଭ୍ୟନ୍ତରୀଣ ଜଳ ପରିବହନ ପାଇଁ ୨୧୦ କୋଟି ଟଙ୍କା, ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ୩୪୦୮ କୋଟି ଟଙ୍କା, ଭୁବନେଶ୍ୱରରେ ଆଉଟର ରିଂରୋଡ଼ ଓ ଭୁବନେଶ୍ୱର ଭିତରର ରୋଡ଼ ନିର୍ମାଣ ପାଇଁ ୧୩୦୦୦ କୋଟି ଟଙ୍କା, ଓଡ଼ିଶା ଭିତରେ ବିମାନ ଚଳାଚଳର ସୁବିଧା ପାଇଁ ୩୮୨ କୋଟି ଟଙ୍କା ଓ ସମୃଦ୍ଧ ସହର ଯୋଜନା ପାଇଁ ୪୦୮ କୋଟି ଟଙ୍କା ଅଟକଳ କରାଯାଇଛି। ଓଡ଼ିଶା ସରକାର ବଜେଟରେ ଭିତ୍ତିଭୂମି ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଓଡ଼ିଶାର ଋଣଭାର ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍। ଓଡ଼ିଶାର ଋଣଭାର ୨୦୨୫-୨୬ ବର୍ଷ ଶେଷବେଳକୁ ୧ଲକ୍ଷ ୩୪ହଜାର ୯୧୪କୋଟି ଟଙ୍କା ଛୁଇଁବ ବୋଲି ଅର୍ଥନୀତି ବିଶାରଦମାନେ କହିଛନ୍ତି। ଯଦି ଏହି ଋଣଭାର କ୍ରମାଗତ ଭାବରେ ବଢେ ତେବେ ଏହା ଆଗାମୀ ଦୁଇବର୍ଷ ଭିତରେ ରାଜ୍ୟ ବଜେଟ ଠାରୁ ଅଧିକ ହେବ ଓ ଏହି ବିକଟ ଋଣ ଭାର ସମସ୍ୟାକୁ ଲାଘବ କରିବା ପାଇଁ ସରକାର ପ୍ରଥମେ କେବଳ ରାଜ୍ୟ ଉପଯୋଗୀ ଭିତ୍ତିଭୂମି ବିକାଶଗୁଡିକ ଉପରେ ଧ୍ୟାନ ଦେବା ଉଚିତ୍। ଯେଉଁ ବ୍ୟୟ ବହୁଳ ବିକାଶ ପ୍ରକଳ୍ପଗୁଡିକ ଲୋକ ଉପଯୋଗୀ ନୁହେଁ କିମ୍ବା ଯାହାର ଚାହିଦା ନାହିଁ ସେଗୁଡିକୁ ଚିହ୍ନଟ କରି ତୁରନ୍ତ ବନ୍ଦ କରିଦେବା ଉଚିତ୍। ଲୋକଙ୍କ ଉପରେ ବ୍ୟୟ ବହୁଳ ଭିତ୍ତିଭୂମି ପ୍ରକଳ୍ପ ଗୁଡିକର ଭାର ଲଦିଦେବା ଉଚିତ୍ ନୁହେଁ। ରାଜ୍ୟର ଆର୍ଥିକ ବିଶାରଦ, ଗଣମାଧ୍ୟମ, ଶିକ୍ଷିତ ଯୁବପିଢ଼ି ଓ ସଚ୍ଚୋଟ ସରକାରୀ ଅଧିକାରୀମାନେ ସରକାରଙ୍କୁ କେବଳ ଲୋକ ଉପଯୋଗୀ ଭିତ୍ତିଭୂମି ବିକାଶ ପ୍ରକଳ୍ପ କରିବା ପାଇଁ ଉଚିତ୍ ମାର୍ଗଦର୍ଶନ ଦେବା ଉଚିତ୍ ଓ ଭାରତର ଅନେକ ରାଜ୍ୟ ଅଦରକାରୀ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡିକ ନିର୍ମାଣ କରି ଋଣ ଭାରରେ ଉବୁଟୁବୁ ହେଉଛନ୍ତି। ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ, ଦକ୍ଷିଣ ଆମେରିକୀୟ ଦେଶଗୁଡିକ ମଧ୍ୟ ଅଦରକାରୀ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡିକ କରି ନିଜ ଦେଶକୁ ଋଣ ଜାଲରେ ପକାଇଛନ୍ତି। ଓଡ଼ିଶା ବେଳ ଥାଉଁ ଥାଉଁ ଉପାୟ କଲେ ଭବିଷ୍ୟତରେ ଋଣ ବୋଝରୁ ତ୍ରାହି ପାଇବ।

ମାଝୀ ସରକାର ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରଗୁଡିକର ବିକାଶ ପାଇଁ ସର୍ବାଧିକ ୩୬,୮୩୮ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। କେବଳ ବ୍ୟୟ ଅଟକଳ କୃଷି କ୍ଷେତ୍ରର ବିକାଶ କରେନାହିଁ। ଚାଷପାଇଁ ବଜେଟ ରାଶିର ଉପଯୁକ୍ତ ବିନିଯୋଗ, ସ୍ୱଚ୍ଛ ବଜାର ସୁବିଧା, ଜଳଧନର ସଂରକ୍ଷଣ, ଫସଲ ବିବିଧତାର ସୁରକ୍ଷା, କୃଷି ଉପରେ ଗବେଷଣା, ସୁସ୍ଥ ସାମାଜିକ ପରିବେଶ, ବୀମା ସୁବିଧା, ଚାଷ ଉପକରଣଗୁଡିକର ଗୁଣବତ୍ତା, ବଜାରରେ ଅସାଧୁ ବ୍ୟବସାୟୀ ଓ ଦଲାଲମାନଙ୍କ ଉପରେ ନିୟନ୍ତ୍ରଣ ଇତ୍ୟାଦି ଲୋକଙ୍କୁ ଚାଷ କରିବାକୁ ଉତ୍ସାହିତ କରିବ। ସରକାର ବର୍ଷ ବର୍ଷ ଧରି ଗ୍ରାମବାସୀଙ୍କୁ ଖାଦ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଓ ଜମିପଟ୍ଟା ଇତ୍ୟାଦି ମାଗଣାରେ ବାଣ୍ଟିବା ସଙ୍ଗେ ସଙ୍ଗେ କୋଟି କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତରଣ କରିଛନ୍ତି। ଫଳରେ ସମାଜରେ କର୍ମ ସଂସ୍କୃତି ଲୋପ ପାଇବାକୁ ବସିଲାଣି। ରାଜନେତାମାନେ ଜନଅସନ୍ତୋଷକୁ ରୋକିବା ପାଇଁ ବିଗତ ୩୦ବର୍ଷ ହେଲା ଟିକସଦାତାଙ୍କ ଅର୍ଥରେ ଲୋକଙ୍କୁ ମାଗଣା ଖାଦ୍ୟ ପଦାର୍ଥ ଓ ଅର୍ଥ ବାଣ୍ଟିବା କାର୍ଯ୍ୟ ତୀବ୍ରତର କରିଛନ୍ତି। ଓଡ଼ିଶା ସରକାର ଯଦି ରାଜ୍ୟବାସୀଙ୍କର ମଙ୍ଗଳ ଚାହାନ୍ତି ତେବେ ପ୍ରଥମେ ରାଜ୍ୟରେ କ୍ରମାଗତ ବଢୁଥିବା ଏହି ଆଳସ୍ୟ ପାହାଡକୁ ନଷ୍ଟ କରି ରାଜ୍ୟରେ କର୍ମ ସଂସ୍କୃତି ପୁନଃସ୍ଥାପନ କରିବା ଉଚିତ୍।

ଓଡ଼ିଶାରେ ରୋଜଗାର ସୃଷ୍ଟି କରିବା ପାଇଁ ପ୍ରଥମେ ରାଜ୍ୟର ସମସ୍ତ ସାର୍ବଜନିକ ପୁଞ୍ଜି (community capital) ଯଥା ଜଳଧନ, ଫସଲ ବିବିଧତା, ଜଙ୍ଗଲ, ପାହାଡ଼, ଉର୍ବର ଧାନଜମି, ହସ୍ତଶିଳ୍ପ ପରମ୍ପରା, ପୁରାତନ କରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ଓ ଖଣିଜ ସମ୍ପଦ ଇତ୍ୟାଦିର ସୁରକ୍ଷା କରିବା ନିହାତି ଦରକାର। କାରଣ ସାର୍ବଜନୀନ ପୁଞ୍ଜିଗୁଡିକ ସୁରକ୍ଷିତ ରହିଲେ ଏହା ଭବିଷ୍ୟତରେ ନୂତନ ଯୁବପିଢିଙ୍କର ଆର୍ଥିକ ଓ ସାମାଜିକ ବିକାଶରେ ସହାୟକ ହେବ। ଏହାର ସଂରକ୍ଷଣ ଓ ଉପଯୁକ୍ତ ବିନିଯୋଗ ପ୍ରକୃତିର ସନ୍ତୁଳନ ରକ୍ଷା କରିଥାଏ।

ଆଜି ସରକାରୀ ସ୍କୁଲଗୁଡିକର ଗୁଣାତ୍ମକ ମାନ ନଥିବାରୁ ଅଭିଭାବକମାନେ ପିଲାମାନଙ୍କୁ ଘରୋଇ ବିଦ୍ୟାଳୟରେ ଅଧିକ ଖର୍ଚ୍ଚ କରି ପଢ଼ାଉଛନ୍ତି। ଅଧିକାଂଶ ଘରୋଇ ସ୍କୁଲଗୁଡିକ ପିଲାଙ୍କ ଠାରୁ ଅଧିକ ଟଙ୍କା ନେଇ ମଧ୍ୟ ଗୁଣାତ୍ମକ ଶିକ୍ଷା ଦେଇ ପାରୁନାହାନ୍ତି। ବିଜେପିର ଡବଲ ଇଞ୍ଜିନ ସରକାର ରାଜ୍ୟରେ ଅଧିକ ସଂଖ୍ୟାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ସଙ୍ଗେ ସଙ୍ଗେ ରାଜ୍ୟର ସରକାରୀ ସ୍କୁଲଗୁଡିକର ଗୁଣାତ୍ମକ ମାନକୁ ବୃଦ୍ଧି କରିବା ଦରକାର।

ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଅବନତି ସାଧାରଣ ଲୋକଙ୍କୁ ବ୍ୟତିବ୍ୟସ୍ତ କରିଦେଇଛି। ଜିଲ୍ଲାଗୁଡିକରେ ଉତ୍ତମମାନର ସ୍ୱାସ୍ଥ୍ୟସେବା ନଥିବାରୁ ବିଭିନ୍ନ ଜିଲ୍ଲାରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ରୋଗୀ କଟକ ଓ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ଆସୁଛନ୍ତି ଓ ସରକାରୀ ହସ୍ପିଟାଲଗୁଡିକରେ ଏତେ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ନଥିବାରୁ ଦୂର ଜାଗାରୁ ଆସୁଥିବା ରୋଗୀମାନେ ଘରୋଇ ହସ୍ପିଟାଲରେ ଚିକିତ୍ସା ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଯେଉଁମାନଙ୍କର ସ୍ୱାସ୍ଥ୍ୟବୀମା ଅଛି ଘରୋଇ ହସ୍ପିଟାଲଗୁଡିକ ସେମାନଙ୍କ ଠାରୁ ସମ୍ପୂର୍ଣ୍ଣ ବୀମାରାଶି ନନେବା ଯାଏ ଚିକିତ୍ସା କରି ଚାଲୁଛନ୍ତି। ଓଡ଼ିଶାର ପ୍ରକୃତ ବିକାଶ ପାଇଁ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ବୃଦ୍ଧି ଓ ଲୋକ ଉପଯୋଗୀ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେବା ଉଚିତ୍।

# ବିପଦରେ ବିପନ୍ନ ହେଲେ କ'ଣ କରିବା ?



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଏହି ସମଗ୍ର ସୃଷ୍ଟିର ତତ୍ତ୍ୱାବଧାରକ ଏବଂ ନିର୍ଦ୍ଦେଶକ ହେଉଛନ୍ତି ପରମାତ୍ମା। ସୃଷ୍ଟିର ଜନ୍ମ-ମୃତ୍ୟୁ ଏବଂ ପ୍ରଳୟର ସେ ଏକମାତ୍ର ଦ୍ରଷ୍ଟା। ଯଦିଓ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସେ ହେଉଛନ୍ତି ସ୍ରଷ୍ଟା ସେ କିନ୍ତୁ ନିର୍ଲିପ୍ତ। ସେ କୌଣସିଥିରେ ସମ୍ପୃକ୍ତ ନୁହନ୍ତି। ସେ ହେଉଛନ୍ତ ସ୍ୱସମ୍ବେଦ୍ୟ ଅର୍ଥାତ୍ ସମ୍ବେଦନ ଠାରୁ ବହୁ ଊର୍ଦ୍ଧ୍ୱରେ। ସୃଷ୍ଟିର ଆରମ୍ଭ ପୂର୍ବରୁ ପରମାତ୍ମା ଥିଲେ ଏବଂ ସୃଷ୍ଟିର ବିନାଶ ପରେ ମଧ୍ୟ ସେ ରହିଥିବେ। ପରମାତ୍ମାଙ୍କ ଠାରୁ ସୃଷ୍ଟିର ଆରମ୍ଭ ଏବଂ ତାଙ୍କରି ଠାରେ ଏହାର ବିଲୟ। ପରମାତ୍ମା କିନ୍ତୁ ସେହିପରି ନିଶ୍ଚଳ ଥିବେ।

ସଂକ୍ଷେପରେ କୁହାଯାଇପାରେ ଯେ ଏହି ପ୍ରକାଣ୍ଡ ବିଶ୍ୱକୁ ଏକ ମହାଶକ୍ତି ପରିଚାଳିତ କରୁଛି ଏବଂ ସେହି ମହାଶକ୍ତି ହେଉଛନ୍ତି ପରମାତ୍ମା। ଯାହା ସବୁ ଆମର ଦୃଶ୍ୟ ହେଉଛି ତାହାଠାରୁ ତାଙ୍କର ସ୍ଥିତି ହେଉଛି ଭିନ୍ନ। ସୃଷ୍ଟିରେ ଯାହା କିଛି ଅଛି ସେ ସବୁର ସେ ହେଉଛନ୍ତି ଅଭିନ୍ନ ଅଙ୍ଗ। ତେବେ ଏ ସବୁକୁ ସୃଷ୍ଟି କରିବା ପରେ ପରମାତ୍ମାଙ୍କ ସ୍ଥିତି ହେଉଛି ସ୍ୱତନ୍ତ୍ର ଏବଂ ସ୍ୱାଧୀନ। ପରମାତ୍ମାଙ୍କର ଏହି ସର୍ବବ୍ୟାପୀ ଗୁଣ ଯୋଗୁ ତାଙ୍କୁ ଅନେକ ଅଜ, ଅମର ଏବଂ ଅନାଦି କହିଥାନ୍ତି। କେବଳ ସେତିକି ନୁହେଁ ତାଙ୍କୁ ମଧ୍ୟ ଅନନ୍ତ, ଅବିଚ୍ଛିନ୍ନ, ଅନିର୍ବାଚନୀୟ ଏବଂ ସଦଚିତ ଆନନ୍ଦ କୁହାଯାଏ। ପରମାତ୍ମାଙ୍କର ସର୍ବବ୍ୟାପୀ ଗୁଣକୁ ବର୍ଣ୍ଣନା କରିବାକୁ ଯାଇ କୁହାଯାଏ ଯେ ସେ ହେଉଛନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଏବଂ ବିଶାଳତା ଠାରୁ ମଧ୍ୟ ବିଶାଳ। ତେବେ ପରମାତ୍ମାଙ୍କ ଗୁଣକୁ ବର୍ଣ୍ଣନା କରିବାକୁ ଶବ୍ଦ ଯଥେଷ୍ଟ ନୁହେଁ।

ଜଣେ ମା' ବ୍ୟାକୁଳ କଣ୍ଠରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ କହିଲେ - ବାବା ! ମୁଁ ବଡ଼ ବିପନ୍ନ। କ'ଣ କଲେ ମୋର ବିପଦ ଯିବ ? ମୋତେ ଗୋଟିଏ ରାସ୍ତା ବତାଇ ଦିଅନ୍ତୁ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗଭୀର ସମବେଦନାର ସହିତ କହିଲେ- କ'ଣ ଆଉ କରିବୁ ମା' ! ପ୍ରାଣ ଭରି ଭଗବାନଙ୍କୁ ଡାକ। ଭଗବାନଙ୍କର ନାମ କର। ତାଙ୍କ ଛଡ଼ା ମଣିଷର ଆଉ କ'ଣ ବା ସମ୍ବଳ ଅଛି କହ ? ଭଗବାନଙ୍କ ବ୍ୟତୀତ ଆଉ ଯାହା କିଛି ଉପରେ ହିଁ ମଣିଷ ନିର୍ଭର କରିବାକୁ ଯାଏ, ସମସ୍ତେ ହିଁ ଜଣ ଜଣ କରି ଅପସରି ଯାଆନ୍ତି, କୌଣସିଟା ହିଁ ଦୀର୍ଘସ୍ଥାୟୀ ହୁଏ ନାହିଁ। ତାଙ୍କୁ ଯିଏ ଭଲ ପାଏ, ସମ୍ପଦରେ, ବିପଦରେ ଯିଏ କେବେ ବି ତାଙ୍କୁ ଭୁଲେ ନାହିଁ, ସେ କିନ୍ତୁ କମ୍ ଘାବୁରାଇ ଥାଏ। ଲୋକମାନେ ତାଙ୍କୁ ବିପଦ ବାରଣ କରିଥାନ୍ତି। ଶରୀର ଠିକ ରଖ, ଆଉ ତୋ ମନରେ କେହି କଷ୍ଟ ଦେଲେ ବି ତୁ କାହାରି ମନରେ କଷ୍ଟ ଦେବୁ ନାହିଁ। ଯେତେ ଟିକେ ପାରିବୁ ମଣିଷର ଭଲ କରିବୁ ଏବଂ ଭଗବାନ ପାଖରେ ସମସ୍ତଙ୍କର ମଙ୍ଗଳ ପ୍ରାର୍ଥନା କରିବୁ। ଏହି ଭାବରେ ଚଳିଲେ ଦେଖିବୁ ଭଗବାନଙ୍କ ଦୟାରେ ବିପଦର ସମୟରେ ସହାୟ ସମ୍ବଳର ଅଭାବ ହେବନାହିଁ ଏବଂ ମନରେ ବଳ ପାଇବୁ।

ବିଶ୍ୱର ସମସ୍ତ ଜଡ଼ ଏବଂ ଜୀବ ପରମାତ୍ମାଙ୍କ ଠାରୁ ସୃଷ୍ଟ। ପଞ୍ଚମହାଭୂତ ଯଥା ମାଟି, ପାଣି, ପବନ, ନିଆଁ ଏବଂ ବ୍ୟୋମର ସେ ହେଉଛନ୍ତି ନିୟନ୍ତ୍ରକ। ସ୍ଥାନ ଏବଂ ସମୟ ଠାରୁ ସେ ସ୍ୱାଧୀନ। ସେ ହେଉଛନ୍ତି ପରମାନନ୍ଦ। ତାଙ୍କୁ କେବଳ ସର୍ବଶକ୍ତିମାନ ଭାବେ ସମ୍ମାନ ପ୍ରଦର୍ଶନ କରାଯାଏ ନାହିଁ, ସେ ହେଉଛନ୍ତି ସବୁ ଶକ୍ତିର ସମନ୍ୱୟ ରକ୍ଷାକାରୀ। ପରମାତ୍ମାଙ୍କର ଜନ୍ମ ବା ମୃତ୍ୟୁ ନାହିଁ। ତାଙ୍କର ବୃଦ୍ଧି ନାହିଁ କିମ୍ବା କ୍ଷୟ ନାହିଁ। ପରମାତ୍ମା ସବୁବେଳେ ସତ ଚିତ ଆନନ୍ଦ ଅବସ୍ଥାରେ ବାସ କରୁଥାନ୍ତି।

ଈଶ୍ୱର ଏବଂ ସନ୍ଥ ହେଉଛନ୍ତି ଅଭିନ୍ନ। ଭୂଲୋକରେ ସନ୍ଥମାନେ ପରମାତ୍ମାଙ୍କ ପ୍ରତୀକ ଭାବେ କାର୍ଯ୍ୟ କରନ୍ତି। ପରମାତ୍ମା ମଣିଷ ଶରୀର ନେଇ ଜନ୍ମ ହେବା ଦ୍ୱାରା ଏହି ମର ଦୁନିଆରେ ଯାହା ସବୁ ଭୋଗିବାକୁ ପଡ଼େ ତାହା ମାନବ ହୋଇ ଜନ୍ମ ନେଇଥିବା ପରମାତ୍ମାଙ୍କ କ୍ଷେତ୍ରରେ ମଧ୍ୟ ହୋଇଥାଏ। ଏହି ଲୌକିକ ଦୁନିଆରେ କାର୍ଯ୍ୟ କରୁଥିଲେ ମଧ୍ୟ ସେ ଅଲୌକିକ ହୋଇରହନ୍ତି। ଭଗବାନ କହିଛନ୍ତି ଧର୍ମର ପତନ ହେବା ମାତ୍ରେ ସେ ମାନବ ଶରୀର ନେଇ ଧରାରେ ଜନ୍ମ ଗ୍ରହଣ କରି ଦୁଷ୍ଟଙ୍କ ନିବାରଣ କରନ୍ତି ଏବଂ ସନ୍ଥଙ୍କ ରକ୍ଷା କରନ୍ତି। ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି। ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହିସବୁ ଗୁଣଠାରୁ ଦୂରେଇ ରହିବା ପାଇଁ ଆଶ୍ରିତ ମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି। ଆତ୍ମ ସ୍ୱରୂପ ଏବଂ ଆତ୍ମ ବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ମନ ଉପରେ ଜୟଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି। ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ଶ୍ରୀ ଠାକୁର ସାହାଯ୍ୟ କରନ୍ତି। ଏଥିନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ। ସଦଗୁରୁ ଏତିକି ମାତ୍ର ଚାହାଁନ୍ତି। ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା।

# ଆର୍ଥିକ ସଶକ୍ତିକରଣ



ଡ. ସୁନୀତି ମୁଣ୍ଡ
ଭୁବନେଶ୍ୱର, ମୋ : ୯୭୭୮୩୧୧୫୩୩

ଜନସାଧାରଣଙ୍କ ବିକାଶ ଓ ରାଜ୍ୟ ତଥା ଦେଶର ଅଭିବୃଦ୍ଧି ପଛରେ ମୁଖ୍ୟ ଭୂମିକା ନେଉଛି ଆର୍ଥିକ ସଶକ୍ତିକରଣ। ସାଧାରଣ ଜନତା ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ନହେଲେ ସେମାନଙ୍କର ବିକାଶ ସମ୍ଭବ ନୁହେଁ ବୋଲି ସରକାର ଭଲ ଭାବରେ ବୁଝିଛନ୍ତି। ବିଶେଷକରି ଗ୍ରାମାଞ୍ଚଳ ଜନସାଧାରଣ ଏହି ଦୃଷ୍ଟିରୁ ବହୁ ପଛରେ ପଡିଥିଲେ। ସେମାନଙ୍କୁ ସଶକ୍ତ କରିବାକୁ ହେଲେ ସେମାନଙ୍କର ଏକ ଜମାଖାତା ଜରୁରି ଥିଲା, ଯାହା ସ୍ୱାଧୀନତାର ଦୀର୍ଘବର୍ଷ ପର୍ଯ୍ୟନ୍ତ ସମ୍ଭବ ହୋଇନଥିଲା। କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଇ ସମସ୍ତଙ୍କର ଯେଭଳି ବ୍ୟାଙ୍କ ବା ଡାକଘରେ ଏକ ଆକାଉଣ୍ଟ ଖୋଲାଯାଇପାରିବ ସେଥିପାଇଁ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ପ୍ରଚଳନ କରାଯାଇଥିଲା। ଏହାଦ୍ୱାରା ୨୦୨୩ ଫେବୃଆରୀ ସୁଦ୍ଧା ଦେଶରେ ପ୍ରାୟ ୪୮ କୋଟି ବ୍ୟାଙ୍କ ଖାତା ଖୋଲାଯାଇଥିଲା। ସେଥିରେ ୧୯,୪୧,୯୪୨୯ କୋଟି ଟଙ୍କା ଜମା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୩ କୋଟି ୨୩ ଲକ୍ଷ ଲୋକଙ୍କୁ ରୁପେ କାର୍ଡ ଯୋଗାଇ ଦିଆଯାଇଥିଲା। ଏହାଦ୍ୱାରା ୭୪ ଲକ୍ଷରୁ ଅଧିକ ପରିବାର ଉପକୃତ ହୋଇଛନ୍ତି। ଏବେ ସେମାନଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ଓଡ଼ିଶାରେ ଏହି ଯୋଜନାରେ ପ୍ରାୟ ୩ କୋଟି ୮୦ ଲକ୍ଷ ବ୍ୟାଙ୍କ ଖାତା ଖୋଲାଯାଇଛି ଏବଂ ପ୍ରାୟ ୮,୭୧୨.୬୪ କୋଟି ଟଙ୍କା ଜମା କରାଯାଇଥିଲା। ଏହା ପରବର୍ତ୍ତୀ ସମୟରେ ଜନସାଧାରଣଙ୍କୁ ସ୍ୱାବଲମ୍ବୀ ହେବା ଏବଂ ଛୋଟ ବ୍ୟବସାୟ କରିବାକୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଦେଶରେ ୩୫ କୋଟି ଲୋକଙ୍କୁ ୧୨.୪ ଲକ୍ଷ କୋଟି ଟଙ୍କା ଋଣ ଯୋଗାଇ ଦିଆଯାଇଛି। ଅନୁରୂପ ଭାବରେ ସେମାନଙ୍କ ପରିବାରକୁ ସୁରକ୍ଷିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ପ୍ରାୟ ୧୭ କୋଟି ଲୋକ ପଞ୍ଜିକୃତ ହୋଇଛନ୍ତି ଏବଂ ଦୁର୍ଘଟଣା କ୍ଷେତ୍ରରେ ସେମାନଙ୍କ ପାଇଁ ବୀମା ରାଶି ଯୋଗାଇ ଦିଆଯାଉଛି। ଲୋକଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ନିମନ୍ତେ ମତ୍ସ୍ୟଚାଷୀଙ୍କ ସକାଶେ ୩ ହଜାର କୋଟି ଟଙ୍କା ବ୍ୟୟରେ ମତ୍ସ୍ୟଚାଷ ଓ ବିକ୍ରି ନିମନ୍ତେ ଏକ ସଘନ ବିକାଶ ଓ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏହାଦ୍ୱାରା ମତ୍ସ୍ୟ ଉତ୍ପାଦନ ପାଖାପାଖି ୩୦ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି। ଏହା ମତ୍ସ୍ୟଚାଷୀ ଏବଂ ଏହି ବ୍ୟବସାୟ ସହିତ ସଂପୃକ୍ତ ଲୋକଙ୍କୁ ରୋଜଗାର ଦେବା ସହିତ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରୁଛି। ଦେଶର ଗରିବ ଜନସାଧାରଣଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବା ପଛରେ ସେମାନଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ କରିବାର ମୂଳ ଆବଶ୍ୟକତା ରହିଥିଲା। ସେଥିପାଇଁ କେନ୍ଦ୍ର ସରକାର ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ଛୋଟ ଛୋଟ କର୍ମଶାଳା ଜରିଆରେ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ସରକାର ସେମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ ପାଇଁ କାର୍ଯ୍ୟକାରୀ କରୁଥିବା ଯୋଜନାଗୁଡିକର ସୁଫଳ ଯେଭଳି ସେମାନଙ୍କ ନିକଟରେ ପହଞ୍ଚିବ ସେହି ବ୍ୟବସ୍ଥା କରୁଛନ୍ତି। ଏବେ ସରକାରୀ ଯୋଜନାଗୁଡିକର ଫାଇଦା ଜନସାଧାରଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ସ୍ଥାନାନ୍ତର କରାଯାଉଛି, ଯାହାଫଳରେ ପୂର୍ବରୁ ହେଉଥିବା ବାଟମାରଣାକୁ ରୋକାଯାଇ ପାରିଛି। ସେଥିମଧ୍ୟରେ ଅନ୍ୟତମ ହେଉଛି ପହଲ ଯୋଜନା। ଏଥିରେ ରନ୍ଧନ ଗ୍ୟାସ୍ ଉପରେ ମିଳୁଥିବା ରିହାତି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି। ପ୍ରଧାନମନ୍ତ୍ରୀଙ୍କ ଅନୁରୋଧକ୍ରମେ ପ୍ରାୟ ୧୮ କୋଟି ସ୍ୱଚ୍ଛଳବର୍ଗ ଏହି ରିହାତି ଅର୍ଥ ଛାଡି ଦେଇଛନ୍ତି। ଯାହାଦ୍ୱାରା ସରକାରଙ୍କର ପ୍ରତିବର୍ଷ ଏ ବାବଦରେ ପ୍ରାୟ ୩୨ହଜାର ୪୦୦ କୋଟି ଟଙ୍କା ସଞ୍ଚୟ ହେଉଛି। ଅନ୍ୟପକ୍ଷରେ ବର୍ଷକୁ ୧୦ ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ପ୍ରାୟ ୧୨.୫ କୋଟି ହିତାଧିକାରୀ ରନ୍ଧନ ଗ୍ୟାସ ବାବଦ ରିହାତି ଅର୍ଥ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପାଉଛନ୍ତି। ଜନସାଧାରଣ ଯେଭଳି ଶକ୍ତି ବାବଦରେ ଅଧିକ ଖର୍ଚ୍ଚାନ୍ତ ନହେବେ ସେଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଗରିବ ପରିବାରଗୁଡିକୁ ବିଦ୍ୟୁତ୍ ସଂଯୋଗ ସହିତ ଗ୍ରାମାଞ୍ଚଳରେ ସୌରଶକ୍ତିରୁ ଶକ୍ତି ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହେଉଛି। ଶିକ୍ଷିତ ଯୁବବର୍ଗଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ପାଇଁ ସେମାନେ ଚାକିରୀ ପଛରେ ନଗୋଡାଇ ଯେଭଳି ନିଯୁକ୍ତି ପ୍ରଦାନକାରୀ ହେବେ, ସେଥିପାଇଁ ସରକାର ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ଦେଉଛନ୍ତି। ଏଥିପାଇଁ ପ୍ରତ୍ୟେକ ଉଦ୍ୟୋଗୀଙ୍କ ନିମନ୍ତେ ୧୦ ଲକ୍ଷରୁ ଆରମ୍ଭ କରି ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ବ୍ୟବସ୍ଥା କରାଯାଇଛି। ଏସବୁ ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ କଲ୍ୟାଣ ଏବଂ ସେମାନଙ୍କ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରଧାନମନ୍ତ୍ରୀ ବୟବନ୍ଦନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଜମା ରାଶି ଉପରେ ୧୦ ବର୍ଷ ପାଇଁ ୮.୩୦ ପ୍ରତିଶତ ସୁଧହାର ନିଶ୍ଚିତ କରାଯାଇଛି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବର୍ଷକୁ ମାତ୍ର ୧୨ ଟଙ୍କା ବୀମାରାଶି ଦେୟରେ ଦୁର୍ଘଟଣାକାଳୀନ ବୀମାରାଶି ୨ ଲକ୍ଷ ଟଙ୍କା ମିଳୁଛି। ଯାହା ଅନେକ ପରିବାର ପାଇଁ ଆର୍ଥିକ ଦୃଷ୍ଟିରୁ ସହାୟକ ହୋଇପାରୁଛି। ଭାରତୀୟମାନେ ସୁନା ଗହଣା ପ୍ରତି ଅଧିକ ଆଗ୍ରହ ରଖିଥାନ୍ତି। ଅନେକ ଏହାକୁ ଏକପ୍ରକାର ନିବେଶ ବୋଲି ବିବେଚନା କରନ୍ତି। ସେଥିପାଇଁ ସେମାନେ ନିଜ ପାଖରେ ଥିବା ସୁନାରୁ କିଭଳି ଉପାର୍ଜନ କରିବେ ତାହାକୁ ଦୃଷ୍ଟିରେ ରଖି ସ୍ୱର୍ଣ୍ଣ ମୁଦ୍ରାକରଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ଜଣେ ନିଜ ପାଖରେ ଥିବା ସୁନା ବ୍ୟାଙ୍କରେ ଜମା ରଖି ସେ ବାବଦରେ ଅର୍ଥ ଉପାର୍ଜନ କରିପାରିବେ ଏବଂ ତାଙ୍କ ସୁନା ସୁରକ୍ଷିତ ରହିପାରିବ। ଗୋପାଳକମାନଙ୍କୁ ସହାୟତା କରିବାକୁ ରାଷ୍ଟ୍ରୀୟ ଗୋକୁଳ ଯୋଜନା କାର୍ଯ୍ୟକାରୀ କରାଯାଉଛି। ପରିବାରଗୁଡିକ ସେମାନଙ୍କର ଆବଶ୍ୟକତା ସମୟରେ ମହାଜନମାନଙ୍କ ନିକଟରୁ ଋଣ ନେଇ ତାହା ପରିଶୋଧ କରିବାକୁ ଯେଭଳି ସର୍ବସ୍ୱ ନହରାଇବେ ତାହା ସୁନିଶ୍ଚିତ କରିବାକୁ ସରକାରଙ୍କ ପକ୍ଷରୁ ଏକାଧିକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେଥିପାଇଁ ବ୍ୟାଙ୍କଗୁଡିକୁ ଋଣ ସହାୟତା ଯୋଗାଇଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହା କୋଟି କୋଟି ପରିବାରକୁ ଆର୍ଥି ସୁରକ୍ଷା ଯୋଗାଇଦେବା ସହିତ ସେମାନଙ୍କୁ ସଶକ୍ତ କରୁଛି।

ବିକଶିତ ଓଡ଼ିଶାର ଚିତ୍ର

# ଧର୍ମ-କର୍ମରେ ଅପରିହାର୍ଯ୍ୟ



ତପନ କୁମାର ପାଲ
ଦେଉଳ ସାହି, ତୁଳସୀପୁର, କଟକ
ମୋ : ୯୯୩୭୬୫୮୩୬୨

ଆମ ସନାତନ ସଂସ୍କୃତି ଓ ହିନ୍ଦୁ ପରମ୍ପରା ତଥା ବିଶ୍ୱାସରେ ଧର୍ମ କାର୍ଯ୍ୟର ଯେଉଁ ଅପରିହାର୍ଯ୍ୟତା ରହିଛି ଏବଂ ଆମ ଦୈନନ୍ଦିନ ଜୀବନରେ ପ୍ରତ୍ୟେହ ଆଧ୍ୟାତ୍ମିକ କାର୍ଯ୍ୟ ସମ୍ପର୍କରେ ଆସନ୍ତୁ ଛୋଟିଆ ଆଲୋଚନାଟି ରଖିବା।

ଧର୍ମ ପ୍ରଚାର : ଧର୍ମ ପ୍ରଶଂସା କରିବା ଓ ଧର୍ମ ବିଷୟରେ ଜାଣି ଅନ୍ୟମାନଙ୍କୁ ବୁଝାଇବା ପ୍ରତ୍ୟେକ ହିନ୍ଦୁର କର୍ତ୍ତବ୍ୟ। ଧର୍ମ ପ୍ରଚାରରେ ବେଦ, ଉପନିଷଦ ଓ ଗୀତା ଜ୍ଞାନ ପ୍ରଚାର କରିବା ସବୁଠୁ ଉତ୍ତମ। ପ୍ରତ୍ୟେକ ବ୍ୟକ୍ତି ଧର୍ମ ପ୍ରଚାରକ ହେବା ଉଚିତ୍। ଏଥିପାଇଁ କୌଣସି ସ୍ୱତନ୍ତ୍ର ପୋଷାକ କିମ୍ବା ସନ୍ନ୍ୟାସ ହେବା ଦରକାର ନାହିଁ। କେବଳ ହିନ୍ଦୁ ଧର୍ମକୁ ଠିକ୍ ଭାବରେ ବୁଝିବା ଓ ଅନ୍ୟକୁ ବୁଝାଇବା ଏକ ଉତ୍ତମ ସେବା।

ସନ୍ଧ୍ୟା ଉପାସନା : ସନ୍ଧ୍ୟା ସମୟରେ ମନ୍ଦିର ଯାଇ ସନ୍ଧ୍ୟା ଆଳତି କରିବା ଦରକାର। ଶୌଚ ସହ ଏକାନ୍ତ ଶୁଦ୍ଧ ମନରେ ସନ୍ଧ୍ୟା ସମୟରେ ମନ୍ଦିର ଯିବେ ନଚେତ୍ ଘରେ ଧୂପଦୀପ ଆଳତି କରି ଭଗବାନଙ୍କୁ ସ୍ମରଣ କରନ୍ତୁ। ସକାଳ ୫ଟା ସୂର୍ଯ୍ୟ ଉଦୟ ହେବା ଓ ସନ୍ଧ୍ୟା ୫ଟା ସୂର୍ଯ୍ୟ ଅସ୍ତ ଯିବା ସମୟ ସବୁଠୁ ଉତ୍ତମ। ଏହି ସମୟରେ ଈଶ୍ୱରଙ୍କୁ ଧ୍ୟାନ ପ୍ରାର୍ଥନା କଲେ, ସେ ସନ୍ତୁଷ୍ଟି ହୋଇଥାନ୍ତି। ସନ୍ଧ୍ୟା ଉପାସନା ଚାରି ପ୍ରକାର। ଯଥା ସନ୍ଧ୍ୟା ଦର୍ଶନ, ପ୍ରାର୍ଥନା-ଧ୍ୟାନ, କୀର୍ତ୍ତନ-ଭଜନ, ପୂଜା-ଆରତି।

ସାମୂହିକ ପୂଜାପର୍ବ : ଉତ୍ସବ, ପର୍ବ ଓ ଉପାସନାର ଅଲଗା ଅଲଗା ଅର୍ଥ ଏବଂ ମହତ୍ତ୍ୱ ରହିଛି। ପ୍ରତ୍ୟେକ ଋତୁରେ ପଡ଼େ ଉତ୍ସବ। ଏଗୁଡ଼ିକ ସାମୂହିକ ଭାବରେ ପାଳନ କରିବା ଦ୍ୱାରା ବହୁତ ଲାଭ ହୋଇଥାଏ। ୧୨ଟି ସୂର୍ଯ୍ୟ ସଂକ୍ରାନ୍ତି ରହିଛି। ଏଥିମଧ୍ୟରୁ ମକର, ମେଷ, ତୁଳା ଓ କର୍କଟ ଚାରି ସଂକ୍ରାନ୍ତି ରହିଛି। ଏହି ଚାରିଟି ମଧ୍ୟରୁ ମକର ସଂକ୍ରାନ୍ତି ଅଧିକ ମହତ୍ତ୍ୱପୂର୍ଣ୍ଣ। ସୂର୍ଯ୍ୟୋପାସନା ପାଇଁ ପ୍ରମୁଖ ପର୍ବ ହେଉଛି ଛଠ୍, ସଂକ୍ରାନ୍ତି ଓ କୁମ୍ଭ। ପର୍ବ ମଧ୍ୟରେ ରାମନବମୀ, କୃଷ୍ଣ ଜନ୍ମାଷ୍ଟମୀ, ଗୁରୁପୂର୍ଣ୍ଣିମା, ବସନ୍ତ ପଞ୍ଚମୀ, ହନୁମାନ ଜୟନ୍ତୀ, ନବରାତ୍ରି, ହୋଲି, ଦୀପାବଳି, ଗଣେଶ ଚତୁର୍ଥୀ ଓ ରକ୍ଷାବନ୍ଧନ ପ୍ରମୁଖ। ଏହି ପର୍ବମାନଙ୍କରେ ମିଳିମିଶି ପର୍ବ ପାଳନ କରିବା ଦରକାର।

ସେବା : ସର୍ବ ପ୍ରଥମ ମାତା-ପିତା, ଭଉଣୀ-ଝିଅ, ଭାଇ-ଭାଉଜ ଆଦିଙ୍କୁ କୌଣସି ପ୍ରକାର ସାହାଯ୍ୟ କରିବା ଏବ ଧାର୍ମିକ ସେବା। ଏହା ବ୍ୟତୀତ ଦିବ୍ୟାଙ୍ଗ, ମହିଳା, ବିଦ୍ୟାର୍ଥୀ, ସନ୍ୟାସୀ, ଚିକିତ୍ସକ ଓ ଧର୍ମ ରକ୍ଷକଙ୍କ ସେବା ସହାୟତା କରିବା ଆଦି ପୂଣ୍ୟ କାର୍ଯ୍ୟ। ଏହାପରେ ସମସ୍ତ ପ୍ରାଣୀ, ପକ୍ଷୀ, ଗାଈ, କୁକୁର ଆଦିଙ୍କୁ ଅନ୍ନ ଜଳ ଦେବା ଉଚିତ୍। ଏହା ସମସ୍ତ ପଞ୍ଚ ଯଜ୍ଞ କର୍ମ ସହିତ ସମାନ।

ଦାନ : ଦାନ କରିବା ଦ୍ୱାରା ଇନ୍ଦ୍ରୀୟ ଭୋଗ ପ୍ରତି ଆସକ୍ତି ଦୂର ହୋଇଥାଏ। ମନର ଗ୍ରନ୍ଥି ଖୋଲିଥାଏ, ଏହାଦ୍ୱାରା ମୃତ୍ୟୁ ସମୟରେ ଲାଭ ମିଳିଥାଏ। ତେବେ ଆରାଧନାରେ ଦାନ ସବୁଠାରୁ ସରଳ ଓ ଉତ୍ତମ ଉପାୟ। ବେଦରେ ଦାନକୁ ତିନି ପ୍ରକାର ବର୍ଣ୍ଣନା ହୋଇଛି - ଉତ୍ତମ, ମଧ୍ୟମ, ନିକୃଷ୍ଟ। ଧର୍ମର ଉନ୍ନତି ପାଇଁ ଦାନ କରାଯାଏ, ତାହା ଉତ୍ତମ। ସ୍ୱାର୍ଥ ପାଇଁ ଯେଉଁ ଦାନ କରାଯାଏ ତାହା ମଧ୍ୟମ। ବେଶ୍ୟାଳୟ ଯିବା, ଚୋର, ଠକ ଓ ଗୁଣ୍ଡାଗିରି ପାଇଁ ଯେଉଁ ଦାନ କରାଯାଏ ତାହା ନିକୃଷ୍ଟ ଧରଣର। ପୁରାଣରେ ଅନ୍ନଦାନ, ବସ୍ତ୍ରଦାନ, ବିଦ୍ୟାଦାନ, ଅଭୟଦାନ ଓ ଧନଦାନକୁ ଶ୍ରେଷ୍ଠ ବୋଲି ବର୍ଣ୍ଣନା କରାଯାଇଛି।

ଯଜ୍ଞ : ଯଜ୍ଞ ମୁଖ୍ୟତଃ ପାଞ୍ଚ ପ୍ରକାର। ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ବିଶ୍ୱଦେବ ଯଜ୍ଞ ଓ ଅତିଥି ଯଜ୍ଞ। ଯଜ୍ଞ ପାଳନ କରିବା ଦ୍ୱାରା ଋଷିଋଣ, ଦେବ ଋଣ, ପିତୃଋଣ, ଧର୍ମଋଣ, ପ୍ରକୃତିଋଣ ଓ ମାତୃ ଋଣ ସମାପ୍ତ ହୋଇଥାଏ। ପ୍ରତିଦିନ ସନ୍ଧ୍ୟା ଆଳତି କରିବା ଓ ବେଦପାଠ କରିବା ଦ୍ୱାରା ବ୍ରହ୍ମଯଜ୍ଞ ସମ୍ପନ୍ନ ହୋଇଥାଏ। ଦେବଯଜ୍ଞ ସତ୍‌ସଙ୍ଗ ତଥା ଅଗ୍ନିହୋତ୍ର କର୍ମରେ ସମ୍ପନ୍ନ ହୋଇଥାଏ। ଅଗ୍ନି ଜଳାଇ ହୋମ କରିବାକୁ ଅଗ୍ନିହୋତ୍ର ଯଜ୍ଞ କୁହାଯାଏ। ପିତୃଯଜ୍ଞକୁ ଶ୍ରାଦ୍ଧକର୍ମ ମଧ୍ୟ କୁହାଯାଏ। ଏହି ଯଜ୍ଞ ପିଣ୍ଡଦାନ, ତର୍ପଣ ଓ ସନ୍ତାନୋତ୍ପତ୍ତିରେ ସମ୍ପନ୍ନ ହୋଇଥାଏ। ବିଶ୍ୱଦେବ ଯଜ୍ଞକୁ ଭୁତ ଯଜ୍ଞ କୁହାଯାଏ। ସମସ୍ତ ପ୍ରାଣୀ ତଥା ବୃକ୍ଷ ପ୍ରତି କରୁଣା ଏବଂ କର୍ତ୍ତବ୍ୟ ମନୋଭାବ ନେଇ ଅନ୍ନ-ଜଳ ଦେବାକୁ ଭୁତ ଯଜ୍ଞ କୁହାଯାଏ। ଅତିଥିଯଜ୍ଞର ଅର୍ଥ ଅତିଥିଙ୍କ ସେବା କରିବା। ଦିବ୍ୟାଙ୍ଗ, ମହିଳା, ବିଦ୍ୟାର୍ଥୀ, ସନ୍ନ୍ୟାସୀ, ଚିକିତ୍ସକ ଓ ଧର୍ମ ରକ୍ଷକଙ୍କ ସେବା - ସହାୟତା କରିବା ହେଉଛି ଅତିଥିଯଜ୍ଞ। ଏହା ବ୍ୟତୀତ ଅଗ୍ନିହୋତ୍ର, ଅଶ୍ୱମେଧ, ସୋମଯଜ୍ଞ, ରାଜସ୍ୱୟ ଓ ଅଗ୍ନିଚୟନର ବର୍ଣ୍ଣନା ଯଜୁର୍ବେଦରେ ମିଳିଥାଏ।

ପ୍ରାୟଶ୍ଚିତ : ପ୍ରାଚୀନକାଳରୁ ଆଜି ପର୍ଯ୍ୟନ୍ତ ହିନ୍ଦୁମାନେ ମନ୍ଦିର ଯାଇ ପାପ ପ୍ରାୟଶ୍ଚିତ କରିବାର ପରମ୍ପରା ରହିଛି। ପ୍ରାୟଶ୍ଚିତ କରିବାର ମହତ୍ତ୍ୱ ବିଷୟରେ ସ୍ମୃତି ଓ ପୁରାଣରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି। ଗୁରୁ ଓ ଶିଷ୍ୟ ପରମ୍ପରାରେ ଗୁରୁ ତାଙ୍କର ଶିଷ୍ୟଙ୍କୁ ପ୍ରାୟଶ୍ଚିତ କରିବାର ଭିନ୍ନ ଭିନ୍ନ ଉପାୟ ବତାଇଥାନ୍ତି। ଦୁଷ୍କର୍ମ ପାଇଁ ପ୍ରାୟଶ୍ଚିତ କରିବା ହେଉଛି ତପସ୍ୟାର ଅନ୍ୟ ଏକ ରୂପ।

ଦୀକ୍ଷା ଦେବା : ଦୀକ୍ଷା ଦେବା ପ୍ରଚଳନ ବୈଦିକ ଋଷିମାନେ ଆରମ୍ଭ କରିଥିଲେ। ପ୍ରାଚୀନ କାଳରୁ ଶିଷ୍ୟ ଓ ବ୍ରାହ୍ମଣ କରିବା ପାଇଁ ଦୀକ୍ଷା ଦିଆଯାଉଥିଲା। ମାତା-ପିତା ପିଲାକୁ ପଢ଼ାଇବା ପୂର୍ବରୁ ଦୀକ୍ଷା ଦିଅନ୍ତି। ହିନ୍ଦୁ ଧର୍ମାନୁସାରେ ଦିଗହୀନ ଜୀବନକୁ ଦିଗ ଦେବା ହିଁ ଦୀକ୍ଷା। ଦୀକ୍ଷା ହେଉଛି ଶପଥ, ଏକ ଅନୁବନ୍ଧ ଓ ଏକ ସଂକଳ୍ପ। ଦୀକ୍ଷା ପରେ ବ୍ୟକ୍ତି ଦ୍ୱିଜ ହୋଇଥାଏ। ଦ୍ୱିଜ୍ ଅର୍ଥାତ୍ ଅନ୍ୟ ଏକ ଜନ୍ମ। ଭିନ୍ନ ବ୍ୟକ୍ତିତ୍ୱ।

ମନ୍ଦିର ଯିବା : ସବୁଦିନ ନ ହେଲେ ପ୍ରତି ଗୁରୁବାର ମନ୍ଦିର ଯିବା ଦରକାର। ମନ୍ଦିର ଯାଇ ପରିକ୍ରମା କରନ୍ତୁ। ଭାରତରେ ମନ୍ଦିର, ତୀର୍ଥ ଓ ଯଜ୍ଞାଦି ପରିକ୍ରମା ପ୍ରଚଳନ ପ୍ରାଚୀନକାଳରୁ ରହିଆସିଛି। ମନ୍ଦିରକୁ ୭ଥର ପରିକ୍ରମା କରିବା ବହୁତ ମହତ୍ତ୍ୱପୂର୍ଣ୍ଣ। ମନ୍ଦିର ପରିକ୍ରମା ଦ୍ୱାରା ବିଭିନ୍ନ ରିଷ୍ଟ ଦୂର ହୋଇଥାଏ। ଏଣୁ ମନ୍ଦିର ଯାଇ ମନ୍ଦିର ପରିକ୍ରମା କରିବା ଏକାନ୍ତ ଆବଶ୍ୟକ।

ତୀର୍ଥ କରିବା : ତୀର୍ଥ ଓ ତୀର୍ଥଯାତ୍ରା କରିବା ବହୁତ ପୁଣ୍ୟଦାୟୀ। ତୀର୍ଥ ମଧ୍ୟରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଯାତ୍ରାର ମହତ୍ତ୍ୱ ରହିଛି। ଏହାସହିତ ଅଯୋଧ୍ୟା, ମଥୁରା, କାଶୀ ଓ ପ୍ରୟାଗ ତୀର୍ଥର ପ୍ରମୁଖ କେନ୍ଦ୍ର। ଏହାବ୍ୟତୀତ କୈଳାସ ମାନସସରୋବର, ବଦ୍ରିନାଥ, ଦ୍ୱାରିକାନାଥ, ରାମେଶ୍ୱରମ୍ ଓ ଜଗନ୍ନାଥ ପୁରୀ, ଆଦି ସ୍ଥାନକୁ ତୀର୍ଥ କରିବାରେ ପୁଣ୍ୟ ଫଳ ମିଳିଥାଏ।

ସଂସ୍କାର : ହିନ୍ଦୁ ଧର୍ମରେ ୧୬ ପ୍ରକାର ସଂସ୍କାର ରହିଛି, ଯାହାକୁ ପାଳନ କରିବା ପ୍ରତ୍ୟେକ ହିନ୍ଦୁର କର୍ତ୍ତବ୍ୟ। ଗର୍ଭଧାନ, ପୁସ୍‌ବନ, ସୀମନ୍ତୋନୟନ, ଜାତକର୍ମ, ନାମକରଣ, ନିଷ୍କ୍ରମଣ, ଅନ୍ନପ୍ରାଶନ, ଚୂଡ଼ାକର୍ମ ଅବା ମୁଣ୍ଡନ, କର୍ଣ୍ଣଭେଦ, ଉପନୟନ, ବିଦ୍ୟାରମ୍ଭ, ସମାବର୍ତ୍ତନ, ବିବାହ, ସନ୍ନ୍ୟାସ ଓ ଅନ୍ତେଷ୍ଟି ଆଦି ୧୬ ପ୍ରକାର ସଂସ୍କାରକୁ ଉପଯୁକ୍ତ ନିୟମପୂର୍ବକ ପାଳନ କରିବା ଆବଶ୍ୟକ। ଏହା ମନୁଷ୍ୟକୁ ସଭ୍ୟ ଓ ହିନ୍ଦୁ ହେବାର ପଥ ଦେଖାଇଥାଏ।

ପାଠ କରିବା : ବେଦ, ଉପନିଷଦ ଓ ଗୀତା ପାଠ କରିବା ଓ ଶୁଣିବା ପ୍ରତ୍ୟେକ ହିନ୍ଦୁର ଏକ କର୍ତ୍ତବ୍ୟ। ଉପନିଷଦ ଓ ଗୀତା ସ୍ୱୟଂ ଅଧ୍ୟୟନ କରିବା ଓ ଏହାର କଥାବସ୍ତୁ କୌଣସି ଜ୍ଞାନୀ ବ୍ୟକ୍ତିଙ୍କ ସହିତ ଚର୍ଚ୍ଚା କରିବା ଦ୍ୱାରା ପୁଣ୍ୟଫଳ ମିଳିଥାଏ। ହେଲେ କୌଣସି ଅଜ୍ଞାନୀ ଅର୍ଥାତ୍ ଯିଏ ଏହାକୁ ଶୁଣିବାକୁ ପସନ୍ଦ କରୁନଥିବେ ସେମାନଙ୍କ ସହ ଏସବୁ ଆଲୋଚନା କରିବା ଅନୁଚିତ। ପ୍ରତିଦିନ ଧର୍ମ ଗ୍ରନ୍ଥର କିଛି ପାଠ କରିବା ଦ୍ୱାରା ଦେବ ଶକ୍ତିଙ୍କ କୃପା ମିଳିଥାଏ। ହିନ୍ଦୁ ଧର୍ମରେ ବେଦ, ଉପନିଷଦ ଓ ଗୀତା ପାଠ କରିବାର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି।

ବ୍ରତ ଉପବାସ : ବ୍ରତ କରିବା ଦ୍ୱାରା ନିରୋଗ ରହିବା ସହିତ ଜୀବନରେ ଶାନ୍ତି ମିଳିଥାଏ। ବ୍ରତ କରିବା ପାଇଁ ୧୨ ମାସ ମଧ୍ୟରୁ ଶ୍ରାବଣ ମାସ ହେଉଛି ସର୍ବଶ୍ରେଷ୍ଠ। ଏହା ବ୍ୟତୀତ ଏକାଦଶୀ, ଚତୁର୍ଦ୍ଦଶୀ, ଚତୁର୍ଥୀ, ପୂର୍ଣ୍ଣିମା, ଅମାବାସ୍ୟା ଓ ମଳମାସରେ ବ୍ରତ କରିବା ମଧ୍ୟ ବହୁତ ଭଲ। ସାଧୁଜନମାନେ ମଧ୍ୟ ଚାରିମାସ ଶ୍ରବାଣ, ଭାଦ୍ରବ, ଆଶ୍ୱିନ ଓ କାର୍ତ୍ତିକ ମାସରେ ବ୍ରତ କରିଥାନ୍ତି।

ଓଡ଼ିଶା ଭାସ୍କର ODISHA BHASKAR
# ରାଜ୍ୟ ଖବର





ଆସିକା(ଭାସ୍କର ନ୍ୟୁଜ): ଗୁରୁକୃପା ବଳରେ ମାନବ ସମାଜ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ । ଏହି ପରିପ୍ରେକ୍ଷୀରେ କଳିଙ୍ଗ ବୈଷ୍ଣ ସମାଜ ଶେରଗଡ଼ ପେଷ ପକ୍ଷରୁ ଗୁରୁ ଶିକ୍ଷା ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଉକ୍ତ ଗୁରୁଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମରେ ଆସିକା, ଶେରଗଡ଼, ଭଞ୍ଜନଗର, ସୋରଡ଼ା, ବ୍ରହ୍ମପୁର, ଦିଗପହଣ୍ଡି ଆଦି ଅଞ୍ଚଳରୁ ବହୁ ବୈଷ୍ଣ ସମାଜର ବ୍ୟକ୍ତି ବିଶେଷ ମାନେ ଉପସ୍ଥିତ ରହି ଗୁରୁଙ୍କ ମନ୍ତ୍ର ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ରାକେଶ କୁମାର ପାତ୍ର କର୍ତ୍ତା ରୂପେ ପୂଜା ପାଠ କାର୍ଯ୍ୟ ସମାପନ କରିଥିଲେ । ସକାଳୁ ସକାଳୁ ରୀତିନୀତି ଅନୁଯାୟୀ ନିଷ୍ଠା ସହକାରେ ମନ୍ତ୍ର ଗ୍ରହଣ କରିବା ପାଇଁ ଆଗ୍ରହରେ ଶିଷ୍ୟମାନେ ଗୁରୁଙ୍କ ଶରଣାପନ୍ନ ହୋଇଥିଲେ । ବୈଷ୍ଣବ ମନ୍ତ୍ର ସାଙ୍ଗକୁ ଶୈବ ମନ୍ତ୍ର ଗ୍ରହଣ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହୋଇଥିଲା । ନିକଟସ୍ଥ ପୋଖରୀରେ ତର୍ପଣ ସାଙ୍ଗକୁ ଗୁରୁ ଉପଦେଶ ପ୍ରଦାନ କରିଥିଲେ । ଗୁରୁ ମନ୍ତ୍ର ଗ୍ରହଣ ପରେ କିଭଳି ନୀତି ନିୟମ ପାଳି ଚାଲିବାକୁ ପଡିବ ସେ ସମ୍ପର୍କରେ କୁଳଗୁରୁ ମହୋଦୟ ବିସ୍ତୃତ ଭାବରେ ବୁଝାଇ ଥିଲେ । ବୈଶ୍ୟ ସମାଜ ପେଶ ସ୍ତର ଶେରଗଡ଼ ଚଳଚଞ୍ଚଳ ହୋଇଥିବା ବେଳେ କମିଟି ମାନଙ୍କ ବ୍ୟବସ୍ଥା ଓ ପରିଚାଳନାକୁ ପ୍ରଶଂସା କରିଥିଲେ କୁଳଗୁରୁ ମହୋଦୟ । ୨୫ ରୁ ଉର୍ଦ୍ଧ ପରିବାର ଗୁରୁମନ୍ତ୍ର ଶିକ୍ଷା ଗ୍ରହଣ କରିଥିବା ଜଣାପଡିଛି । ଆସିକା ଅଂଚଳର ଯୁବ ସମାଜସେବୀ ତଥା ବ୍ୟବସାୟୀ ରାକେଶ ପାତ୍ର ଓ ଶେରଗଡ଼ ବୈଶ୍ୟ ପେଶ ସଭାପତି ବି.ସନ୍ତୋଷ କୁମାର ପାତ୍ର ଏହି କାର୍ଯ୍ୟକ୍ରମକୁ ନେଇ ଖୁସି ବ୍ୟକ୍ତ କରିଥିଲେ । ସମସ୍ତ କମିଟି ବୃନ୍ଦ ସହଯୋଗ କରିଥିଲେ ।

## ନିମାପଡ଼ାରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାରାଥନ୍ କାର୍ଯ୍ୟକ୍ରମ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଏକ ସ୍କୁଲ ଓ କଲେଜର କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିବା ବେଳେ ଗଣମାଧ୍ୟମକୁ ଉପେକ୍ଷା କରାଯାଇଛି । ଉପ-ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ କୌଣସି ସୂଚନା ପ୍ରଦାନ କରାଯାଉ ନଥିବାରୁ ତାହାକୁ ନେଇ ଅନେକ ସାମ୍ବାଦିକ ଦୃଢ଼ ନିନ୍ଦା କରିଛନ୍ତି । କ'ଣ ପାଇଁ ସ୍କୁଲ ପରିଚାଳକ ଓ କଲେଜ ପରିଚାଳକଙ୍କର ଏପରି ମନୋମୁଖୀ କାର୍ଯ୍ୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପୁରୁଣା ବାଳକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକୋତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ ଅତିଥି ଭାବେ ଜଗତସିଂହପୁର ଲୋକସଭା ସାଂସଦ ଡ଼ଃ ବିଭୂ ପ୍ରସାଦ ତରାଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷା ସସ୍ମିତା ସାହୁ, ତହସିଲଦାର ମନୋଜ କୁମାର ପ୍ରଧାନ, ବିଡ଼ିଓ ଡ଼ଃ ଅଭିଜିତ୍ ଷଡ଼ଙ୍ଗୀ, ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଆଲୁମିନି କମିଟି ସଭାପତି ନାରାୟଣ ମିଶ୍ର, ପରିଚାଳନା କମିଟି ସଭାପତି ସମୀମା ବେଗମ୍ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି, ଛାତ୍ରଛାତ୍ରୀମାନଙ୍କ ଲୁକାୟିତ ପ୍ରତିଭା ଏପରି କାର୍ଯ୍ୟକ୍ରମରେ ପ୍ରକାଶିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଘରୋଇ ଶିକ୍ଷାନୁଷ୍ଠାନ ଠାରୁ ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଧିକ ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଉ ଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ସରକାରୀ ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ପାଠ ପଢ଼ାଇଲେ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ମଧ୍ୟ କହିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଓଝା, ମୀନଲତା ମହାନ୍ତି, ସନ୍ତୋଷ କୁମାର ପରିଡ଼ା, ଯତିନ୍ଦ୍ର ସ୍ୱାଇଁ, ନିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ନିମାପଡ଼ା ଇନ୍ଦିରାଗାନ୍ଧୀ ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୧କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ମାର୍ଟ ଗୃହ ଓ ଇ-ଲାଇବ୍ରେରୀ ଗୃହ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରଦ୍ଧାଳୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ବିଡ଼ିଓ ଡ଼ଃ ଅଭିଜିତ୍ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ । ମହାବିଦ୍ୟାଳୟ ପକ୍ଷରୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲେଜର ଭିତିଭୂମି ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି । ପ୍ରକାଶ ଥାଉକି, କଲେଜ ଓ ସ୍କୁଲ କାର୍ଯ୍ୟକ୍ରମକୁ ଅନେକ ସାମ୍ବାଦିକଙ୍କୁ ଡ଼କା ନଯିବା ପଛରେ କଲେଜ ପରିଚାଳକ ଓ ସ୍କୁଲ ପରିଚାଳକଙ୍କର କିଛି ଦୁର୍ବଳତା ରହିଥିବା ବାରି ହୋଇପଡୁଛି । ଉପ-ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସମସ୍ତ ସାମ୍ବାଦିକଙ୍କୁ କ'ଣ ପାଇଁ ସୂଚନା ଦିଆଯାଇ ନାହିଁ ତାହାକୁ ନେଇ ସାଧାରଣରେ ଚିନ୍ତା ପ୍ରକଟ ହୋଇଛି । ଏହି ପରିପ୍ରେକ୍ଷୀରେ ଉପ-ମୁଖ୍ୟମନ୍ତ୍ରୀ ନିମାପଡ଼ା ଅଟୋନୋମସ୍ କଲେଜ ପରିଦର୍ଶନ କରିବା ସହ ବାଳିକା କମନ୍ ରୁମ୍ ଓ ୨ଶହ ଶଯ୍ୟା ବିଶିଷ୍ଟ ଲେଡ଼ିଜ୍ ହଷ୍ଟେଲର ଶିଳାନ୍ୟାସ କରିଛନ୍ତି । ଥାନା ପରିସରରେ କର୍ମଚାରୀଙ୍କ କ୍ୱାର୍ଟରର ଶିଳାନ୍ୟାସ କରିଛନ୍ତି ।

## ଏଲପିଜି ଗ୍ୟାସ୍ ସିଲିଣ୍ଡର ଜବତ: ମହଜୁଦକାରୀ ଗିରଫ



ପାରାଦୀପ(ଭାସ୍କର ନ୍ୟୁଜ): ପୋଲିସର ନାକ ତଳେ ଚକ୍ରାନ୍ତରେ ସହିତ ବେଆଇନ ଏଲପିଜି ଗ୍ୟାସ ମହଜୁଦ ରଖି ବ୍ୟବସାୟ ଚଳାଇ ଆସୁଥିବା ଅସାଧୁ ବ୍ୟବସାୟୀଙ୍କ ଦୋକାନ ଓ ଗୋଦାମ ଘର ଉପରେ ପାରାଦୀପ ଲକ୍ ଥାନା ପୋଲିସ ଗୁରୁବାର ଦିନ ଚଢ଼ାଉ କରି ବିପୁଳ ପରିମାଣର ଏଲପିଜି ଗ୍ୟାସ ବୋଝେଇ ଓ ଖାଲିଥିବା ସିଲିଣ୍ଡର ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୋଲିସ ଗିରଫ କରିଥିବା ଅଭିଯୁକ୍ତ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନିମିଡ଼ି ଗ୍ରାମର ନାରାୟଣ ପୃଷ୍ଟିଙ୍କ ପୁଅ ସଞ୍ଜୟ ପୃଷ୍ଟି ଓରଫ କାଳିଆ । ବେଶ କିଛି ମାସ ଧରି ନିଜ ଘରେ ବେଆଇନ ଭାବେ ମହଜୁଦ ରଖି ବିଭିନ୍ନ ଶିଳ୍ପ ସଂସ୍ଥାର କର୍ମଚାରୀ ଓ ଅଣଓଡ଼ିଆ କର୍ମୀ ମାନଙ୍କୁ ସଞ୍ଜୟ ପୃଷ୍ଟି ମୋଟା ଅଙ୍କରେ ଉକ୍ତ ଏଲପିଜି ଗ୍ୟାସ ସିଲିଣ୍ଡର ବିକ୍ରି କରିଆସୁଥିଲା । ତେବେ ଲକ୍ ଥାନା ପୋଲିସ ଏ ସମ୍ପର୍କରେ ସୂଚନା ପାଇବା ମାତ୍ରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସଞ୍ଜୟ ପୃଷ୍ଟି ଓରଫ କାଳିଆର ଦୋକାନ ଓ ଗୋଦାମ ଘର ଭିତର ଚଢ଼ାଉ କରି ୧୪.୨କେଜି ଏଲପିଜି ଗ୍ୟାସ ଲୋଡ ଥିବା ୪୦ଟି ସିଲିଣ୍ଡର ଓ ୩୪ଟି ୧୪.୨କେଜିର ଖାଲି ସିଲିଣ୍ଡର, ୧୯.୨କେଜିର ୩ଟି ଏଲପିଜି ଗ୍ୟାସ ଲୋଡେଡ ସିଲିଣ୍ଡର ଓ ୬ଟି ଏମ୍ପ୍ଟି ଗ୍ୟାସ ସିଲିଣ୍ଡର, ୫କେଜି ଏଲପିଜି ଲୋଡ ଥିବା ୨ଟି ସିଲିଣ୍ଡର ଓ ୫ କେଜିଆ ୩୨ଟି ଖାଲି ସିଲିଣ୍ଡର ସର୍ବମୋଟ ୧୨୦ ଟି ଏଲପିଜି ଗ୍ୟାସ ସିଲିଣ୍ଡର ଜବତ କରିଛି । ଏ ବାବଦରେ ଥାନା କେଶ ନମ୍ବର ୧୨୧/୨୫ରେ ଅଭିଯୁକ୍ତ ସଞ୍ଜୟ ପୃଷ୍ଟି କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ସହିତ କେଉଁ ଗ୍ୟାସ ଡିପୋ ସହିତ ସାଲସୁତ୍ର କରି ଏଭଳି ଅସୁରକ୍ଷିତ ଓ ବେଆଇନ ଭାବେ ଏତେ ପରିମାଣର ଏଲପିଜି ଗ୍ୟାସ ସିଲିଣ୍ଡର ମହଜୁଦ ରଖି ଅଭିଯୁକ୍ତ ବ୍ୟବସାୟ ଚଳାଇ ଆସୁଥିଲା । ସେ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାସଙ୍କ ସୂତ୍ରରୁ ପ୍ରକାଶ ।

## ସଫଳ ପଞ୍ଚାୟତ ପାଇଁ ଟାଙ୍ଗୀକୁ ମିଳିଲା ଆୱାର୍ଡ



ଟାଙ୍ଗୀ(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକର ୪ ପଞ୍ଚାୟତକୁ ମିଳିଛି ଆୱାର୍ଡ । ଜନହିତକର କାର୍ଯ୍ୟ ଓ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରେ ଆସୁଥିବା ଅର୍ଥକୁ ସଫଳତାର ସହ ବିନିଯୋଗ କରିବା ଯୋଗୁ ପଞ୍ଚାୟତିରାଜ ଦିବସରେ ଟାଙ୍ଗୀ ପଞ୍ଚାୟତ, ମଙ୍ଗଳାଯୋଡି ପଞ୍ଚାୟତ, ଜଳସିଂହ ପଞ୍ଚାୟତ ଓ କୁସୁପୁର ପଞ୍ଚାୟତକୁ ଏହି ଆୱାର୍ଡ ମିଳିଛି । ଏକ ବର୍ଣ୍ଣାଢ଼ୟ ପରିବେଶରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଙ୍ଗୀ ପଞ୍ଚାୟତର ସରପଞ୍ଚ କିଶୋର କୁମାର ବେହେରା ଓ ସମିତି ସଭ୍ୟଙ୍କୁ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି । ଠିକ୍ ସେହିପରି ଅନ୍ୟସବୁ ପଞ୍ଚାୟତର ଜନପ୍ରତିନିଧିଙ୍କୁ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଛି ।

## ମହିଳାଙ୍କୁ ଲୁଟ୍ ଘଟଣା: ଫେରାର ଅଭିଯୁକ୍ତ କୋର୍ଟଚାଲାଣ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ଥାନା ଅଗ୍ରାହାଟ ଗ୍ରାମ ବ୍ରାହ୍ମଣ ସହିର ସୁପ୍ରିୟା ସାହୁଙ୍କୁ ଛୁରାମାଡ଼ କରି ଘରେ ଥିବା ସୁନା ଗହଣା ଲୁଟିନେଇ ନେଇ ଫେରାର ହୋଇ ଯାଇଥିବା ଅଭିଯୁକ୍ତଙ୍କୁ ଚୌଦ୍ୱାର ପୋଲିସ୍ ଗୁରୁବାର ଦିନ ଗିରଫ କରିବା ସହିତ ତା ପାଖରୁ ଲୁଟ ସୁନା ନେଇଥିବା ଆସାମୀକୁ ମଧ୍ୟ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲା ବାଲିଚନ୍ଦ୍ରପୁର ଥାନା ଜଳକ ଗ୍ରାମର ଆଶୁତୋଷ ଜେନା ଓ ତା ପାଖରୁ ସୁନା ନେଇଥିବା ବ୍ୟକ୍ତି ଜଣକ ହେଲା ବାଲିଚନ୍ଦ୍ରପୁରର ପ୍ରକାଶ ଚନ୍ଦ୍ର ସାହୁ । ପ୍ରକାଶ ନିକଟରୁ ତରଳା ହୋଇଥିବା ଲୁଟ ସୁନାକୁ ମଧ୍ୟ ପୋଲିସ ଜବତ କରିଛି । ପୋଲିସ ସୂଚନା ଅନୁଯାୟୀ ଅଗ୍ରାହାଟ ବ୍ରାହ୍ମଣସାହିର ସୁପ୍ରିୟା ସାହୁ ଘରେ ଏକା ଥିବା ବେଳେ ଗତ ୨୧ ତାରିଖ ଅପରାହ୍ନ ପ୍ରାୟ ୩ଟା ବେଳେ ଅଭିଯୁକ୍ତ ଆଶୁତୋଷ ଓ ଅନ୍ୟଜଣେ ବ୍ୟକ୍ତି ତାଙ୍କ ଘରେ ପଶି ସୁପ୍ରିୟାଙ୍କ ବେକକୁ ଛୁରାରେ ଆକ୍ରମଣ କରି ଆହତ କରିବା ସହିତ ତାଙ୍କ ପାଖରେ ଥିବା ସୁନା ଗହଣା ଲୁଟକରି ଏକ ସ୍କୁଟିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସୁପ୍ରିୟାଙ୍କ ଶଶୁର ଶରତ ସାହୁ ଏସମ୍ପର୍କରେ ପୋଲିସକୁ ଖବର ଦେବାରେ ପୋଲିସ ସୁପ୍ରିୟାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲେ । ପୋଲିସ୍ ଏ ସମ୍ପର୍କରେ ୨୫୫/୨୫ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ଆଶୁତୋଷଙ୍କ ଦୂର ସମ୍ପର୍କୀୟ ବୋଲି ପୋଲିସ୍ ଜାଣିବାକୁ ପାଇଛି ।

## ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ



ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭା ଗୃହ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡିଶା ସରକାର ଆନୁକୂଲ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ କବିତା ସ୍ୱାଇଁ ମଞ୍ଚ ସଂଚାଳନ ଓ ପରିଚୟ ପ୍ରଦାନ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ଡାକ୍ତର ଆଲୋକ ରଞ୍ଜନ ଶାସମଲ, ଡାକ୍ତର ଅରୁଣ କୁମାର ସାହୁ, ଡାକ୍ତର ସୌମ୍ୟରଞ୍ଜନ ସାମଲ, ବ୍ଲକ ପୋଗ୍ରାମ ମ୍ୟାନେଜର ଲିଙ୍ଗରାଜ ମହାପାତ୍ର, ମ୍ୟାଲେରିଆ ପରିଦର୍ଶକ ଅଶୋକ କୁମାର ନାଥ, ଆକାଉଣ୍ଟ ମ୍ୟାନେଜର ଅଶ୍ୱିନୀ ମିଶ୍ର ଉପସ୍ଥିତ ଥିଲେ । ମାଇ ଏନୋଫିଲସ ମଶା କାମୁଡ଼ିଲେ ମ୍ୟାଲେରିଆ ହେବା ଯୋଗୁଁ ବହୁ ଜନଜୀବନ କ୍ଷତି ହେଉଥିବା ବେଳେ ତାର ପ୍ରତିକାର ପାଇଁ ସଚେତନତାର ଆବଶ୍ୟକ ବୋଲି ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ଆମଠାରୁ ମ୍ୟାଲେରିଆ ଅନ୍ତ ଘଟିବ, ଏଥି ନିମନ୍ତେ ପୁନର୍ବିନିଯୋଗ, ପୁନଃଚିନ୍ତନ, ପୁନୋରୁଦ୍ଧିପିତ କରନ୍ତୁ ଏବଂ ବ୍ଲକରେ ମ୍ୟାଲେରିଆରେ ଯେପରି କାହାର ମୃତ୍ୟୁ ନଘଟିବ ସେଥିପାଇଁ ଶ୍ରୀ ନାଥଙ୍କ ଦ୍ୱାରା ଶପଥ ନିଆଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରତିନିଧି, ମେଡିକାଲର ଟେକନିସିଆନ ବୃନ୍ଦ ଓ କର୍ମଚାରୀମାନେ ଯୋଗ ଦେଇଥିଲା ବେଳେ ପରିଶେଷରେ ଅଶୋକ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆତଙ୍କବାଦକୁ ନିନ୍ଦା, ସମୁହ ଦୀପଦାନ




ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ): ଜାମ୍ମୁ କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ଚୌଦ୍ୱାର ମଣ୍ଡଳ ଭାଜପା ତରଫରୁ ତୀବ୍ର ନିନ୍ଦା କରାଯାଇଛି । ଏଥି ସହିତ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ପାଇଁ ସମୁହ ଦୀପ ଦାନ କରାଯାଇଛି । ମଣ୍ଡଳ ସଭାନେତ୍ରୀ ମମତା ବେହେରାଙ୍କ ନେତୃତ୍ୱରେ ଦଳର ବହୁ ସଂଖ୍ୟକ କର୍ମୀ ଶୋଭାଯାତ୍ରରେ ଯାଇ ଚୌଦ୍ୱାର ଯାତ୍ରା ପଡ଼ିଆ ନିକଟ ଜଗନ୍ନାଥ ମନ୍ଦିରରେ ମୃତ ପର୍ଯ୍ୟଟକ ପାଇଁ ସମୁହ ପ୍ରାର୍ଥନା କରିବା ଦହିତ ଦୀପଦାନ କରିଥିଲେ ଚ଼ଟକ ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମହେନ୍ଦ୍ର ମହାନ୍ତି, ଜିଲ୍ଲା ଉପ ସଭାପତି ପ୍ରଶାନ୍ତ କୁମାର ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ ସାହୁ, ସୁଜାତା ସାହୁ, ବିଷ୍ଣୁ ଚରଣ ପରିଡ଼ା, ଭାସ୍କର ରାଉତରାୟଙ୍କ ସମେତ ବହୁ ନେତା ଓ କର୍ମୀ ଏଥିରେ ଯୋଗ ଦେଇଥିଲେ ।

## ବେଆଇନ୍ କୋଇଲା ଗାଡି ଜବତ, ଡ୍ରାଇଭର ଗିରଫ




ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ଅଞ୍ଚଳ ରେ ଏବେ ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟ ସହ ଚୋରୀ ଓ ଧର୍ଷଣ ବଢ଼ିବାରେ ଲାଗିଛି । ବିଶେଷ କରି ଚୋର ମାନେ ଏବେ ଧାମନଗରକୁ ନିଜକୁ ସୁରକ୍ଷିତ ଭାବି ଏହି ଚୋରା କାରବାରରେ ଲିପ୍ତ ରହୁଛନ୍ତି । ବିଭିନ୍ନ ସମୟରେ ବଡବଡ ଟ୍ରକ, କାରକୁ ଆଣି କବାଡିଆ ଦୋକାନୀମାନେ ବିକି ଲାଲେଲାଲ ହେଉଥିବା ବେଳେ ଏବେ ଚୋରା କୋଇଲା ବେପାର ବଡି ଚାଲିଚି । ଧାମରାରୁ ଚୋରା କୋଇଲା ଚାଲାଣ ଧାମନଗରକୁ ଆସୁଥିବା ବେଳେ ନିକଟରେ ଧାମନଗର ପୋଲିସ ଜବତ କରିଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଧାମନଗର ପୋଲିସ ଆଉ ଗୋଟିଏ ଚୋରା କୋଇଲା ଗାଡି ଧରିବାରେ ସଫଳ ହୋଇଚି । ସୁଚନା ଥାଉକି ୧୬ ନମ୍ବର ଜାତୀୟ ରାଜପଥ ଧାମନଗର ଛକ ନିକଟରୁ ଗୁରୁବାର ରାତିରେ ପୋଲିସ ପେଟ୍ରୋଲିଂ ବେଳେ ଧାମନଗର ପୁଲିସି ଏକ ୧୬ ଚକିଆ ଟ୍ରକରେ ପାଖାପାଖି ୨୫ ଟନ୍‌ରୁ ଉର୍ଦ୍ଧ୍ୱ କୋଇଲି ଥିବା ଅନୁମାନିକ ଜବତ କରାଯାଇଥିଲା ବେଳେ ଯାହାର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ । ଜବତ ଗାଡି ନମ୍ବର ଓଡି.୩୫ଡି-୪୫୧୯ ହୋଇଥିଲା ବେଳେ ଧାମନଗର ପୁଲିସ ଗାଡିକୁ ଜବତ କରି ଥାନାକୁ ଆଣିଛନ୍ତି । ତେବେ କୋଇଲା ଟ୍ରକଟି ଭଦ୍ରକ ଆଡୁ କଟକ ଅଭିମୁଖେ ଯାଉଥିବା ବେଳେ ପୋଲିସ ପାଟ୍ରୋଲିଂରେ ଧାମନଗର ଥାନା ଏସଆଇ ରାଜେଶ ସେଠୀ ଉକ୍ତ ଟ୍ରକକୁ ଅଟକାଇ କାଗଜପତ୍ର ଦେଖିଥିଲେ । ଅଧିକ ତଦନ୍ତ ପାଇଁ ଡ୍ରାଇଭର ସହ ଟ୍ରକକୁ ଥାନାକୁ ନିଆଯାଇଥିଲା । ତଦନ୍ତ କାରି ଅଧିକାରୀ ଶ୍ରୀ ସେଠୀ ଡ୍ରାଇଭର ରଞ୍ଜନ ବେହେରାକୁ ଗିରଫ କରିବା ଶହ କେସ ନମ୍ବର ୧୪୪/୨୪ ରେ ଏକ ମାମଲା ରୁଜୁ କରିଛନ୍ତି । ତେବେ ଟ୍ରକରେ କେତେ କୋଇଲା ଅଛି ଓ ତାହାର ପ୍ରକୃତ ମୂଲ୍ୟ ଓଜନ ପରେ ଜଣାଯିବ ବୋଲି ପୋଲିସ କହିଛନ୍ତି । ତେବେ ଧାମନଗରରେ ଯେଉ ଚୋରୀ ହେଉଚି ବୋଲି ଅଭିଯୋଗ ଆସୁଛି ତାହାକୁ ଶ୍ରୀ ସେଠୀ ଖଣ୍ଡନ କରିଛନ୍ତି । ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇ ଚୋରଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଉଛି ବୋଲି ସେ କହିଛନ୍ତି । ତେବେ ଧାମନଗର ଅଞ୍ଚଳର ବିଭିନ୍ନ ଛକ ବଜାରରେ ରାତ୍ରିକାଳୀନ ପୋଲିସ ବ୍ୟବସ୍ଥା କରାଗଲେ ଚୋରି ବୃଦ୍ଧି ହୁଅନ୍ତା ନାହିଁ ବୋଲି ବିଭିନ୍ନ ମହଲରୁ ଦାବି ହୋଇଛି ।

### ପାଠ୍ୟ ପୁସ୍ତକ ଅଭାବ ପ୍ରସଙ୍ଗ
## ତଦନ୍ତ କଲେ ବିଭାଗୀୟ ଉପ ନିର୍ଦ୍ଦେଶିକା




କଣାସ(ଭାସ୍କର ନ୍ୟୁଜ): ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିଲେ ହେଁ ଛାତ୍ରଛାତ୍ରୀଙ୍କ ପାଖରେ ପାଠ୍ୟ ପୁସ୍ତକ ପହଞ୍ଚି ନ ଥିବା ଅଭିଯୋଗର ସତ୍ୟତା ପରଖିବା ପାଇଁ ବିଭାଗୀୟ ଉପନିର୍ଦ୍ଦେଶିକା ପ୍ରଜ୍ଞା ପରମିତା ଜେନା କଣାସ ବ୍ଲକରେ ପାଠ୍ୟପୁସ୍ତକ ଯୋଗାଣର ତଦନ୍ତ କରିଥିବା ଜଣାଯାଇଛି । ବିଭାଗୀୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ଉପ ନିର୍ଦ୍ଦେଶିକା ପ୍ରଜ୍ଞା ପରମିତା ଜେନା ଅଚାନକ ପହଞ୍ଚିଥିଲେ କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ । ଗୋଷ୍ଠି ସାଧନ କେନ୍ଦ୍ର ସଂଯୋଜକ ନାରାୟଣ ପ୍ରଧାନଙ୍କଠାରୁ ଜିଲ୍ଲାରୁ ବ୍ଲକ୍‌କୁ ପାଠ୍ୟ ପୁସ୍ତକ ଯୋଗାଣ ଓ ବ୍ଲକରୁ ସିଆରସିଙ୍କୁ ପାଠ୍ୟପୁସ୍ତକ ପ୍ରଦାନର ତଥ୍ୟ ସଂଗ୍ରହ କରିଥିଲେ । ପାଠ୍ୟ ପୁସ୍ତକ ସଂରକ୍ଷିତ ରହୁଥିବା ବୈଦ୍ୟନାଥ ପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଉପନିର୍ଦ୍ଦେଶିକା ଗଚ୍ଛିତ ପାଠ୍ୟ ପୁସ୍ତକର ତଦାରଖ କରିଥିଲେ । ପରେ କଣାସ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକର ୧୭ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ/ ସଂଯୋଜିକାଙ୍କ ଏକ ସମୀକ୍ଷା ବୈଠକରେ ଉପସ୍ଥିତ ହୋଇ ବିଭିନ୍ନ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିବା ପାଠ୍ୟପୁସ୍ତକର ତଥ୍ୟ ସଂଗ୍ରହ କରିଥିଲେ । ସତ୍ୟାସତ୍ୟ ତନଖି ପାଇଁ ଉପ ନିର୍ଦ୍ଦେଶିକା କିଛି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇ ଥିବା ପାଠ୍ୟପୁସ୍ତକ ବଣ୍ଟନ ରେଜିଷ୍ଟର ତନଖି କରିଥିଲେ । ସିଆରସିମାନେ ଚଳିତବର୍ଷ ୫ମ ଶ୍ରେଣୀ ଗଣିତ, ୮ ମ ଶ୍ରେଣୀ ଜ୍ୟାମିତି ଓ ଇତିହାସ ପାଠ୍ୟପୁସ୍ତକକୁ ଛାଡି ଅନ୍ୟ ସମସ୍ତ ପାଠ୍ୟପୁସ୍ତକ, କର୍ମପୁସ୍ତିକା ଓ ଖାତା ମାର୍ଚ୍ଚ ମାସ ୨୧ ତାରିଖ ମଧ୍ୟରେ ତଥା ଏହି ପାଠ୍ୟ ପୁସ୍ତକଗୁଡ଼ିକ ଏପ୍ରିଲ ମାସ ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇ କୌଣସି ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନରୁ ବଞ୍ଚିତ କରାଯାଇ ନଥିବା ପ୍ରମାଣ ଉପନିର୍ଦ୍ଦେଶିକାଙ୍କୁ ପ୍ରଦାନ କରିଥିଲେ । ଏହି ଅଭିଯୋଗର ସତ୍ୟତର ଉତ୍ତରରେ ଉପ ନିର୍ଦ୍ଦେଶିକା ଆମ ପ୍ରତିନିଧିଙ୍କୁ କଣାସ ବ୍ଲକରେ ଚଳିତ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀଙ୍କୁ ସମସ୍ତପାଠ୍ୟ ପୁସ୍ତକ ଶତପ୍ରତିଶତ ସଠିକ୍ ଭାବରେ ବଣ୍ଟନ ହୋଇଥିବା ପ୍ରକାଶ କରିବା ସହ କୌଣସି ଛାତ୍ରଛାତ୍ରୀ ପାଠ୍ୟ ପୁସ୍ତକ ପାଇବାରୁ ବଞ୍ଚିତ ହୋଇନଥିବା କହିଛନ୍ତି । ସମୀକ୍ଷା ବୈଠକରେ ସମଗ୍ର ଶିକ୍ଷାପୁରୀର ଏସସି, ଏସଟି ସଂଯୋଜକ ବରଦା ପ୍ରସନ୍ନ ରାଉତ, ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ ଓ ବିନୋଦ ବିହାରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## କାଇମାଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥାକୁ ପଞ୍ଚାୟତବାସୀଙ୍କ ବିରୋଧ



ଢେଙ୍କାନାଳ(ଭାସ୍କର ନ୍ୟୁଜ): କାଇମାଟି ପଂଚାୟତ ସରପଂଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବାକୁ ନେଇ ପଂଚାୟତର ଅଧିବାସୀମାନେ ଏହାକୁ ବିରୋଧ କରି ଏହା ଏକ ସଂପୂର୍ଣ୍ଣ ପ୍ରାୟୋଜିତ ଓ ଭିତିହୀନ ବୋଲି ପଂଚାୟତବାସୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ବର୍ତ୍ତମାନର ବିଜେଡି ଜିଲ୍ଲା ପରିଷଦ ସଦସ୍ୟାଙ୍କ ସ୍ୱାମୀ ପିଂଟୁ ଦେହୁରୀ ଯିଏକି ସଦର ବ୍ଲକ୍‌ର ବିଜେଡି ସଭାପତି ଅଛନ୍ତି, ସେ ଓ ତାଙ୍କ ଗୁଣ୍ଡା ବାହିନୀମାନେ କେତେକ ୱାର୍ଡ ମେମ୍ବର ଓ ତାଙ୍କ ପରିବାର ଲୋକଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଦେବା ସହିତ ଡରେଇ ଧମକେଇ ଗତ ୧୮ ତାରିଖ ରାତିରେ ସେମାନଙ୍କୁ ଉଠାଇ ନେଇ କୌଣସି ଏକ ଅଜ୍ଞାତ ସ୍ଥାନରେ ଅଟକ କରିଛନ୍ତି ଏବଂ ସେମାନଙ୍କୁ ବ୍ଲାକ୍‌ମେଲ୍ କରି ଜବରଦସ୍ତ ଗୋଟିଏ ଗାଡିରେ ଆଣି ତାଙ୍କ ଠାରୁ ଅନାସ୍ଥା କାଗଜରେ ଦସ୍ତଖତ କରାଇ ନିଜେ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି । ଆହୁରି ମଧ ଉଲ୍ଲେଖ କରିଛନ୍ତି ଗତ ୨୦୧୨ ଠାରୁ ୨୦୧୭ ମସିହାରେ ୫ ବର୍ଷ ଧରି ପିଣ୍ଟୁ ଦେହୁରୀଙ୍କ ସ୍ତ୍ରୀ ବ୍ଲକ୍ ଅଧ୍ୟକ୍ଷା ଥିବା ସମୟରେ ଓ ସରପଞ୍ଚ ଥିବା ୨୦୧୯ ରୁ ୨୦୨୨ ମସିହା ଚାରିବର୍ଷ ବ୍ୟାପକ ଦୁର୍ନୀତି କରିବା ସହିତ କୋଟି କୋଟି ଟଙ୍କାର ମିଛ ବିଲ୍ କରି କୋଟି କୋଟି ଟଙ୍କା ହଡପ କରିଛନ୍ତି । ତେଣୁ ପଞ୍ଚାୟତବାସୀମାନେ କହିଛନ୍ତି ଯେ, ସମସ୍ତ ୮ଜଣ ୱାର୍ଡ ମେମ୍ବରମାନଙ୍କ ସହିତ ସେମାନଙ୍କ ପରିବାରକୁ ଅନୈତିକ ଭାବେ ଅଟକ ରଖିଥିବା ସ୍ଥାନରୁ ମୁକ୍ତ କରି ସେମାନଙ୍କ ଦ୍ୱାରା ଦିଆଯାଇଥିବା ଅନାସ୍ଥା ସମ୍ମିଳିତ ଅଭିଯୋଗ ଗୁଡିକର ନିରପେକ୍ଷ ଯାଞ୍ଚ କରାଯାଉ ଓ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏହି ପତ୍ର ପ୍ରଦାନ ବେଳେ ପଞ୍ଚାୟତର ଭୀମସେନ ବେହେରା, ଧୃବଚରଣ ବେହେରା, ପରମାନନ୍ଦ ବେହେରା, ହୃଦାନନ୍ଦ ବେହେରା, ଜଗବନ୍ଧୁ ଦେହୁରୀ, କପିଳେଶ୍ୱର ବେହେରା, ପାଞ୍ଚେଳି ସେଠୀ, ଜାଫୁନ୍ ସେଠୀ, ବିଜୟ କୁମାର ମିଶ୍ରଙ୍କ ସମେତ ଶତାଧିକ ପଂଚାୟତବାସୀ ଉପସ୍ଥିତ ଥିଲେ ।

## ଆତଙ୍କବାଦୀ ଆକ୍ରମଣ ବିରୁଦ୍ଧରେ ବିକ୍ଷୋଭ ଓ ଶୋଭାଯାତ୍ରା

ନିଆଳି(ଭାସ୍କର ନ୍ୟୁଜ): ଜାମ୍ମୁ କାଶ୍ମୀରର ପହଲଗାମରେ ଧର୍ମ ନାରେ ୨୮ ଜଣ ହିନ୍ଦୁ ପାକିସ୍ତାନର ପ୍ରେରିତ ଆତଙ୍କବାଦୀଙ୍କ ଗୁଳି ମାଡ଼ରେ ପ୍ରାଣ ହରାଇଥିଲେ । ଏ ନେଇ କଟକ ଜିଲ୍ଲା ନିଆଳି ବ୍ଲକ ଛକରୁ ବିଶ୍ୱ ହିନ୍ଦୁ ପରିଷଦ, ବଜରଂଗୀ ଦଳ ଓ ବିଜେପି ପକ୍ଷରୁ ନିଆଳି ପ୍ରାଣୀ ଚିକିତ୍ସା କେନ୍ଦ୍ରଠାରୁ ମଝିଖଣ୍ଡ ଛକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଓ ମଶାଲ ଶୋଭାଯାତ୍ରା ଶହ ବିଖୋବ ଶୁକ୍ରବାର ସଂଧ୍ୟା ରେ ଅନୁଷ୍ଠିତ ହୋଇଯାଇଛି । ପାକିସ୍ତାନକୁ ଦୃଢ ଜବାଜ ଦେବା ଦାବି ନେଇ ଏହି ଶୋଭାଯାତ୍ରା ନିଆଳି ବଜାର ପରିକ୍ରମା କରିଥିଲା । ଶୋଭାଯାତ୍ରା ରେ ସାମିଲ ହୋଇଥିବା ସଦସ୍ୟ ମାନଙ୍କ ଦ୍ୱାରା ହିନ୍ଦୁସ୍ତାନ ଜିନ୍ଦାବାଦ ଓ ପାକିସ୍ତାନ ମୁର୍ଦାବାଦ ଧ୍ୱନି ସହିତ ଆତଙ୍କବାଦୀଙ୍କୁ ସୃଷ୍ଟି କରିଥିବା ଯୋଗୁ ସମୂଳେ ବିନାଶ କରିବା ଲାଗି ନାରା ଦେଇଥିଲେ । ଏହି ଶୋଭାଯାତ୍ରାରେ ତ୍ରିଲୋଚନ ବେହେରା, ଧରଣୀଧର ନାୟକ, ପ୍ରଶାନ୍ତ ସିଂ, ଅଭୟ ବେହେରା, ନକୁଳ ବେହେରା ପବିତ୍ର ମୋହନ ଦାଶ, ଅଶୋକ ସ୍ୱାଇଁ, ମନୋଜ ବେହେରା, ଆଲୋକ ଚନ୍ଦ୍ର ନାୟକ କୈବଲ୍ୟ ସାବୁତ, ନିହାର ମହାନ୍ତିଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ସମାରୋହ ରେ ସାମିଲ ହୋଇଥିଲେ । ନିଆଳି ପୋଲିସ ପକ୍ଷରୁ ବ୍ୟାପକ କଡା ବ୍ୟବସ୍ଥା କରାଯାଇଥିଲା ।

## ନୂତନ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ

ବୋଲଗଡ(ଭାସ୍କର ନ୍ୟୁଜ): ବେଗୁନିଆ ବ୍ଲକ ସାରୁଅ ପଂଚାୟତ ଅନ୍ତର୍ଗତ ପତନିବର ଗ୍ରାମର ଚକରବନ୍ଧ ଠାରୁ କାଠଖୁଣ୍ଟିଆ ଫୁଟବଲ ପଡ଼ିଆ ପର୍ଯ୍ୟନ୍ତ ନୂତନ ରାସ୍ତାର ଭିତି ପ୍ରସ୍ତର ସ୍ଥାପନ ହୋଇଛି । ଏଥିରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉଦଘାଟକ, ବିଧାୟକ ପ୍ରଦୀପ କୁମାର



ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ସରପଂଚ ରଞ୍ଜିତା ମହାଭୋଇ ଓ ସମାଜସେବୀ ଶଶୀ ଭୂଷଣ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଯାହାକି କାର୍ଯ୍ୟ ପାଇଁ ୭ ଲକ୍ଷ ଟଙ୍କା ଅନୁଦାନ ରାଶି ମଞ୍ଜୁର ହୋଇଛି ବୋଲି ସୂଚନା ମିଳିଛି ।

## ପାକିସ୍ତାନ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ




ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ପହଲଗାମ ଆତଙ୍କି ଆକ୍ରମଣ ଘଟଣାରେ ନିରୀହ ଲୋକମାନଙ୍କର ଜୀବନ ଚାଲି ଯାଇଥିବା ବେଳେ ଏହି ଘଟଣାକୁ ନେଇ ଭାରତର ପ୍ରଧାନମନ୍ତ୍ରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ପାକିସ୍ତାନକୁ କଡ଼ା ଜବାବ୍ ଦେବା ପାଇଁ ଭାରତୀୟ ଜବାନ୍‌ମାନେ ୩ ଦିଗରୁ ସଜାଗ ରହିଛନ୍ତି । ଏହି ଘଟଣାକୁ ନେଇ ପାକିସ୍ତାନ ବିରୁଦ୍ଧରେ ସାରା ରାଜ୍ୟ ସମେତ ଭାରତରେ ପାକିସ୍ତାନକୁ ନିନ୍ଦା କରାଯାଇଛି । ନିମାପଡ଼ା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏହାକୁ କଡ଼ା ଭାଷାରେ ନିନ୍ଦା କରାଯିବା ସହ ପାକିସ୍ତାନକୁ ଉଚିତ୍ ଜବାବ୍ ଦେବା ଲାଗି ଦାବୀ କରିଛନ୍ତି । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ତହସିଲଦାରଙ୍କ ମାଧ୍ୟମରେ ପ୍ରେରଣ କରାଯାଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ସହ-ସଂପାଦକ ଉମାଶଙ୍କର ଆଚାର୍ଯ୍ୟ, ବଜରଙ୍ଗ ଦଳ ସଂଯୋଜକ ରଂଜନ କୁମାର ପ୍ରଧାନ, ଜିଲ୍ଲା ଗୋ-ରକ୍ଷକ ସହ ପ୍ରମୁଖ ନିହାର ମହାରଣା, ବିଶ୍ୱହିନ୍ଦୁ ପରିଷଦ ନିମାପଡ଼ା ସଭାପତି ସୀମନ୍ତ ଶେଖର ରଥ, ବଜରଙ୍ଗ ଦଳ ପକ୍ଷରୁ ବାଲୁଙ୍କେଶ୍ୱର ମହାପାତ୍ର, ରଂଜନ ନାୟକ, ଭୀମସେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପୁରୁଣା ବସ୍‌ଷ୍ଟାଣ୍ଡ୍ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ଥିଲା । ତହସିଲ ସମ୍ମୁଖରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ପାକିସ୍ତାନର ଏପରି ବର୍ବର କାଣ୍ଡକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିବା ବେଳେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ସଂଘ ପରିବାର ଏହାକୁ ଦୃଢ଼ ନିନ୍ଦା କରିଛି ।

## ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର କାର୍ଯ୍ୟ



ଖବର ବାଜିଲା, ଫଳକ ଲାଗିଲା

ଗୋପ(ଭାସ୍କର ନ୍ୟୁଜ): ବିନା ସୂଚନା ଫଳକରେ କୋଟି କୋଟି ଟଙ୍କାର କାର୍ଯ୍ୟ । ଏ ନେଇ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣାଧିନ ସେତୁ ନିକଟରେ ଫଳକ ଲଗାଇଛି । ମାତ୍ର ଫଳକରେ ଯାହା ସୂଚନା ରହିଛି ତାକୁ ନେଇ ସମସ୍ତେ ଏବେ ତାଜୁବ୍ । କୋଣାର୍କ ସବଡିଭିଜନ୍‌ର କନିଷ୍ଠ ଯନ୍ତ୍ରୀ ନବୀନ ବେହେରା ସେତୁ କାର୍ଯ୍ୟ ୧୯କୋଟି ବିନିମୟରେ ନିର୍ମାଣ କରାଯାଉଛି ବୋଲି କହିଥିବା ବେଳେ ସୂଚନା ଫଳକରେ କିନ୍ତୁ ଏହାର ୧୪କୋଟି ୫୩ ହଜାର ୪୭ ହଜାର ଟଙ୍କା ଦର୍ଶାଯାଇଛି । ଯାହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି । କଣ ପାଇଁ କନିଷ୍ଠ ଯନ୍ତ୍ରୀ ନବୀନ ବାବୁ ଏହାକୁ ଲୁଚାଉଥିଲେ ତାହା ଏବେ ଅସ୍ପଷ୍ଟ ରହିଛି । ଏ ନେଇ କନିଷ୍ଠ ଯନ୍ତ୍ରୀ ନବୀନ ବେହେରା ଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନଥିଲେ । ମାତ୍ର କୋଣାର୍କ ସହକାରୀ ଅଧିକ୍ଷଣ ଯନ୍ତ୍ରୀ ହରିଶ ପତିଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଫଳକରେ ଲଗାଯାଇଥିବା ସୂଚନାଟି ଠିକ୍ ରହିଛି । ଭୂଲକ୍ରମେ ଆପଣଙ୍କୁ ସୂଚନା ମିଳିଥାଇପାରେ । ଅନ୍ୟପକ୍ଷରେ ଫଳକ ଲଗାଯିବା ପରେ ଏବେ ଫଳକରେ ଲଗାଯାଇଥିବା ସୂଚନା ଟି ଅଧାପନ୍ତରିଆ ଭାବେ ଦିଆଯାଇଛି । କାହିଁକି ଏହାର ଖୁଲାସା କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଡରୁଛି ଏବେ ଚିନ୍ତାର ବିଷୟ ବୋଲି ବନ୍ତଲୀଗ୍ରାମ ପଂଚାୟତର ସୂଚନାଧିକାର କର୍ମୀ ସୁଦର୍ଶନ ମିଶ୍ର କହିଛନ୍ତି । ଏହି ସୂଚନାରେ କେବଳ ସେତୁର ଦୈର୍ଘ୍ୟ, ପ୍ରସ୍ଥ, ନିର୍ମାଣର ଆରମ୍ଭ ଓ ଶେଷ ତାରିଖ ବ୍ୟତିତ ନିର୍ମାଣ ପରିମାଣ ଦିଆଯାଇଛି । ମାତ୍ର ଅନ୍ୟ ପ୍ରକଳ୍ପ ପରି ଏହାର ଡିଜାଇନ୍, ପ୍ଲାନ ବିଷୟରେ ସମ୍ୟକ ସୂଚନା ଦିଆଯାଇନଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି । ସୂଚନାଯୋଗ୍ୟ ଯେ, ବନ୍ତଲିଗ୍ରାମ ପଂଚାୟତର ସାଗେଣା ବିଜୁ ସେତୁ ନିର୍ମାଣରେ ବ୍ୟାପକ ଅନିୟମିତତା କୁ ବିରୋଧ କରୁଛନ୍ତି ଗ୍ରାମବାସୀ । ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ର ଫାଇଦା ନେଉଛନ୍ତି ଠିକାଦାର । ନିମ୍ନମାନର କାର୍ଯ୍ୟକୁ ନେଇ ସେତୁ ଭୁଷୁଡିବାର ଆଭାସ ଦେଇଛନ୍ତି ଗୋପ ବ୍ଲକ ବନ୍ତଲିଗ୍ରାମ ପଂଚାୟତର ଶାଗେଣା ଗ୍ରାମବାସୀ । ଅଭିଯୋଗ ଉଠିଛି ଯେ ରାତାରାତି କାର୍ଯ୍ୟ ଚାଲୁଛି କିନ୍ତୁ ଦିନରେ ବନ୍ଦ ରହୁଛି । ଏ ନେଇ କାରଣ ରଖିଛନ୍ତି ଗ୍ରାମବାସୀ । ଦିନରେ ଚାଲିଲେ ନିମ୍ନମାନର କାର୍ଯ୍ୟକୁ ଦେଖି ଗ୍ରାମବାସୀ ମାନେ ବିରୋଧ କରିପାରନ୍ତି । ଯାହାକୁ ନେଇ ଏବେ ଠିକାଦାର ଜଣକ ରାତିରେ ଲୁଚି ଲୁଚି କାର୍ଯ୍ୟ କରୁଛନ୍ତି । ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଠିକାଦାରଙ୍କୁ ସମ୍ପୂର୍ଣ୍ଣ ଭାବେ ସୁହାଉଛି । ଯଦ୍ଦ୍ୱାରା ଠିକାଦାର ଜଣକ ନିମ୍ନମାନର ରଡ, ସିମେଂଟ ଲଗାଇ କାର୍ଯ୍ୟ କରୁଛନ୍ତି । ଯେଉଁ ରଡ ବ୍ୟବହୃତ ହେଉଛି ତାହା ସରକାରଙ୍କ ଦ୍ୱାରା ପ୍ରମାଣିକୃତ ବୋଲି ଯେତେ କହିଲେ ବି ବାହାରେ ପଡି ରହିଥିବା ଏହି ରଡ ଗୁଡିକ ମାସେ ଦୁଇ ମାସ ମଧ୍ୟରେ କଳଙ୍କି ଲାଗି ଯାଉଥିବା ନେଇ ଅଭିଯୋଗ ଉଠିଛି । ସବୁଠାରୁ ଗୁରୁତ୍ୱପୁର୍ଣ ଭାବେ ଏହି ସେତୁ କାର୍ଯ୍ୟକୁ ତନଖି କରିବାକୁ ଆସୁଥିବା ଯନ୍ତ୍ରୀ ଓ ଠିକାଦାର କେବେ ଆସି କେବେ ଯାଉଛନ୍ତି ତାହାର କେହି ଟେର ପାଉନାହାନ୍ତି । ଏ ନେଇ ଗ୍ରାମବାସୀ ମାନେ ଗ୍ରାମ୍ୟଉନ୍ନୟନ ବିଭାଗର ନିମାପଡା ସବଡିଭିଜନ୍ ର ଅଧିକ୍ଷଣ ଯନ୍ତ୍ରୀ ସତ୍ୟଜିତ ଦଳେଇଙ୍କୁ ଭେଟି ଅଭିଯୋଗ ଦେବା ସତ୍ତ୍ୱେ ମଧ କେହି ଏହାର ତଦନ୍ତ କଲେ ନାହିଁ କିମ୍ବା ଏହି କାର୍ଯ୍ୟ କିପରି ହେବ ତାହାର ସୂଚନା ଫଳକ ମଧ ଲଗାଇଲେ ନାହିଁ । ଯଦ୍ଦ୍ୱାରା ସେତୁ ନିର୍ମାଣ ଜନିତ କାର୍ଯ୍ୟର ସୂଚନା ନଥିବାରୁ ଏହି କାର୍ଯ୍ୟର ତନଖି କରିପାରୁନାହାନ୍ତି ଗ୍ରାମବାସୀ ।



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକର ବିଭିନ୍ନ ସରପଞ୍ଚ ରାଜ୍ୟ ସରକାରଙ୍କ ପକ୍ଷରୁ ପାଳିତ ଏହି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନକୁ ବିରୋଧ କରି ବ୍ଲକର ବିଭିନ୍ନ ପଞ୍ଚାୟତରେ ତାଲା ପକାଇଥିବା ଦେଖିବାକୁ ମିଳିଛି। ଏ ପଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ସରପଞ୍ଚ ଏକାଠି ହୋଇ ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ବ୍ୟବସ୍ଥାରେ ସରପଞ୍ଚଙ୍କ କ୍ଷମତାକୁ ତାକୁ ନ୍ୟୁନ କରିବାକୁ ଚେଷ୍ଟା କରାଯିବା ସହ ଗ୍ରାମସଭାର ପ୍ରାଧାନ୍ୟତା କମାଇ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ଆଣିଥିଲେ। ମାର୍ଚ୍ଚ ୨୫ ତାରିଖରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗର ପୂର୍ବ ଗାଇଡ୍‌ଲାଇନକୁ ସଂଶୋଧନ କରି 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ପ୍ରକଳ୍ପ ଅନୁମୋଦନ ବେଳେ ଆବଶ୍ୟକ ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପ୍ରକଳ୍ପ ଯୋଡ଼ିବା ଓ ବିଧାୟକଙ୍କ ସୁପାରିସକୁ ଗ୍ରହଣ କରିବା ପାଇଁ ଉଲ୍ଲେଖ କରାଯାଇଛି। ଗ୍ରାମସଭାରେ ପାରିତ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ସ୍ଥଳରେ ବିଧାୟକ ମାନେ ସୁପାରିସ୍ କରିପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷ୍ୟରୁ ଏହି ସଂଶୋଧିତ ଗାଇଡ୍ ଲାଇନ୍‌ରେ ରହିଥିବାରୁ ପଡିଆ ବ୍ଲକର ସମସ୍ତ ସରପଞ୍ଚ ରାଜ୍ୟ ସରକାରଙ୍କ ଜାତୀୟ ପଞ୍ଚାୟତରାଜ ଦିବସ ପାଳନକୁ ବିରୋଧ କରି ବ୍ଲକସ୍ତରରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ନଥିବା କହିଛନ୍ତି। ଏଥିସହ ରାଜ୍ୟ ସରକାର ତୁରନ୍ତ ଏହି ଗାଇଡ୍ ଲାଇନ ସଂଶୋଧନ କରି ପଞ୍ଚାୟତରେ ସରପଞ୍ଚ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିମାନଙ୍କ କ୍ଷମତାକୁ ଅପୂର୍ଣ୍ଣ ରଖୁବାକୁ ଦାବି କରାଯାଇଛି। ଏହି ଦାବି ପୂରଣ ନହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ଏଥିପାଇଁ ଆଜି ପଡ଼ିଆ ସରପଞ୍ଚ ଗଙ୍ଗା କାରାମ, ମାଟେରୁ ସରପଞ୍ଚ ଲକ୍ଷ୍ମଣ ମାଡକାମୀ, ଉଣ୍ଡୁରୁକୋଣ୍ଡା ସରପଞ୍ଚ କାନନ ବେକ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ମାନେ ନିଜ ନିଜ ପଞ୍ଚାୟତକୁ ମଧ ତାଲା ପକାଇଥିବା ଜଣାପଡିଛି।



# କମ୍ପ୍ୟୁଟର ଶିକ୍ଷାର ବହୁଳ ପ୍ରସାର ନିମନ୍ତେ କୌଶଳ ପ୍ରଚାର ରଥର ଶୁଭାରମ୍ଭ



ଉମରକୋଟ, (ଭାସ୍କର ନ୍ୟୁଜ୍ ) : ହାଇଟେକ କମ୍ପ୍ୟୁଟର ଟ୍ରେନିଂ ଇନ୍ସଟିଚ୍ୟୁଟ, ଉମରକୋଟ ତରଫରୁ ଓ.ଏସ.ସି.ଆଇ.ଟି (ଓଡିଶା ଷ୍ଟେଟ ସାର୍ଟିଫିକେଟ ଇନ ଇନ୍‌ଫରମେଶନ ଟେକ୍‌ନୋଲଜି ) ପାଠ୍ୟକ୍ରମ ନିମନ୍ତେ ଏକ ପ୍ରଚାର ରଥର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କ୍ୟାବିନେଟ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢୀ, ସାଂସଦ ପ୍ରତିନିଧି ରାମ ନାୟକ, ବରିଷ୍ଠ ରାଜନେତା ମୁନା ପାଢୀ, ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନ ଉମରକୋଟର ଅଧକ୍ଷ ସଞ୍ଜୟ କୁମାର ଠାକୁର, ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷା ନମିତା ମହାପାତ୍ର, ବରିଷ୍ଠ ଲେଖିକା ଶାନ୍ତିଲତା ମହାନ୍ତି, ବରିଷ୍ଠ ପ୍ରାଧ୍ୟାପକ ଡ. ରବୀନ୍ଦ୍ର ମିଶ୍ର ପେଣ୍ଡରାଣୀ ଡିଗ୍ରୀ ମହାବିଦ୍ୟାଳୟ ଉମରକୋଟ, ରାଇଘର ପଞ୍ଚାୟତ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ରମେଶ ପଟ୍ଟନାୟକ, ସେକ୍‌ଶନ ଅଫିସର ସଞ୍ଜୟ ପରିଡ଼ା ସରକାରୀ ଶିକ୍ଷ ତାଲିମ ଅନୁଷ୍ଠାନ ଚନ୍ଦାହାଣ୍ଡି, ଟ୍ରେନିଂ ଅଫିସର ପି.କେ. ବର୍ମନ, ହେଲ୍ପ ଲାଇନ ସଂସ୍ଥାର ଉପସଭାପତି ଇ. ଚନ୍ଦନା ମଲ୍ଲିକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ରିବନ ଫିତା କାଟି କୌଶଳ ରଥର ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରାଧାପକ ତଥା ହାଇଟେକ କମ୍ପ୍ୟୁଟର ଟ୍ରେନିଂ ଇନ୍ସଟିଚ୍ୟୁଟର ଚେୟାରମ୍ୟାନ ଡ. ପଙ୍କଜ ଲୋଚନ ମିଶ୍ର ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ଏହି କମ୍ପ୍ୟୁଟର କୋର୍ସର ତାତ୍ପର୍ଯ୍ୟ, ସରକାରୀ ନିଯୁକ୍ତି ସୁବିଧା, ଡିଜିଟାଲ ଶିକ୍ଷ୍ୟାର ଲାଭ ବିଷୟରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଏଥିରେ ଅନୁଷ୍ଠାନର ସହଯୋଗ ଜଗଦୀଶ ହାଲଦାର, ଫେସିଲିଟର ସୋନାଲି ଦାସ, ସନତ ଗନ୍ତାୟତ ପ୍ରମୁଖ ସହଯୋଗ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଏହି କୌଶଳ ରଥ ତିନି ଦିନ ଧରି ସହରର ବିଭିନ୍ନ ଶିକ୍ଷ୍ୟା ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବ। ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ବାଲାଜୀ ବେହେରା, ଏସ. ସିଂହାର, ରଞ୍ଜିତ ମଜୁମଦର, ଏ.କେ ନାୟକ, ସ. ମୁର୍ମୁ, ପ୍ରଦୋଶ କୁ.ମହାପାତ୍ର ଏବଂ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ସହରର ବୁଦ୍ଧିଜୀବୀ ଗଣମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ ହେଲେ ତାରାତାରିଣୀଙ୍କ ମୁଖ୍ୟ ସେବକ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ପ୍ରସିଦ୍ଧ ଶକ୍ତି ପୀଠ ମା ତାରାତାରିଣୀଙ୍କ ମୁଖ୍ୟ ସେବକ ତଥା ତାରାତାରିଣୀ ସଂସ୍କୃତି ଗବେଷକ ଓ ଲେଖକ ପଣ୍ଡିତ ଧ୍ରୁବଚରଣ ରଣା ନବରତ୍ନ ସମ୍ମାନରେ ସମ୍ମାନୀତ ହୋଇଛନ୍ତି । ଏହି ଗୌରବ ମୟ ଖବର ପ୍ରକାଶିତ ହେଲାପରେ ତାରାତାରିଣୀଙ୍କ ଅନ୍ୟ ସେବକ ତଥା ଅଞ୍ଚଳବାସୀଙ୍କ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଶ୍ରୀରଣାଙ୍କ ପାଖକୁ ଛୁଟିଛି। ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶାର ରୌପ୍ୟ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରତିଭା ପୂଜା, ପ୍ରତିଭା ପ୍ରୋତ୍ସାହନ ଓ ସମ୍ବର୍ଦ୍ଧନା ଉତ୍ସବ କଟକ ସ୍ଥିତ କଳା ବିକାଶ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ମାନ୍ୟବର ନ୍ୟାୟ ମୂର୍ତ୍ତି ଏ.ଏସ୍. ନାଇଡୁ ଉଦ୍‌ଘାଟକ, ଭାବେ ଯୋଗ ଦେଇ ଥିବାବେଳେ, ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ, ବାରବାଟି କଟକ ବିଧାୟିକା ସୋଫିଯା ଫିରଦୌସ ସ୍ୱତନ୍ତ୍ର ଅତିଥି, ସମ୍ମାନିତ ଅତିଥି ଭାବେ ଚଳଚିତ୍ର ଅଭିନେତା ଶ୍ରୀତମ ଦାସ, ସିବିଆଇର ପ୍ରାକ୍ତନ ସ୍ୱତନ୍ତ୍ର ବିଚାରପତି ଭିକାରୀ ଚରଣ ରାଉତ, ମଞ୍ଚରେ ସଭାପତିତ୍ୱ କରିଥିଲେ ସ୍ମାର୍ଟ-ଓଡ଼ିଶାର ସଭାପତି କଳା ଭୂଷଣ ପ୍ରଶାନ୍ତ କୁମାର କର, ମଞ୍ଚ ପରିଚାଳକ ଜୟଦେବ ସଂସ୍କୃତି ବିକାଶ ପରିଷଦ ସଭାପତି ଯଜ୍ଞେଶ୍ୱର ପଣ୍ଡା, ପର୍ଯ୍ୟାୟ କ୍ରମେ ଅତିଥି ଭାବେ ଯୋଗ ଦେଇଥିବା ଡ଼. ହରିହର କରସୁଦ୍ଧା ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା ଜର୍ଜ କାଶୀନାଥ ପାଣିଗ୍ରାହୀ ମଞ୍ଚରେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଓଡ଼ିଶାରୁ ୯ ଜଣଙ୍କୁ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେଥିମଧ୍ୟରୁ ଗଞ୍ଜାମ ଜିଲ୍ଲା ତାରାତାରିଣୀ ସଂସ୍କୃତି ଗବେଷକ ଧ୍ରୁବ ଚରଣ ରଣା ସମ୍ମାନିତ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ନବାଗତ ଏଡିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା, (ଭାସ୍କର ନ୍ୟୁଜ୍) : ମୟୁରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାବରେ ପଦୋନ୍ନତି ପାଇ ଗୌତମ ପାତ୍ର ଓ ଦେବଗଡ଼ରୁ ବିନୋଦ କୁମାର ସିଂହ ଯୋଗଦାନ କରିଛନ୍ତି। ନୂତନ ଭାବରେ ଯୋଗଦାନ କରିଥିବା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମହୋଦୟଙ୍କୁ ଜିଲ୍ଲା ଏନ.ପି.ଏସ. ଶିକ୍ଷକ ସଂଘ, ମୟୂରଭଞ୍ଜ ପକ୍ଷରୁ ପୁଷ୍ପ ଗୁଚ୍ଛ ଏବଂ ଫୁଲ ଗଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା ଓ ଜିଲ୍ଲା ଏନ.ପି.ଏସ. ଶିକ୍ଷକ ସଙ୍ଘର ଆବାହକ ତପନ କୁମାର ବାରିକଙ୍କ ନେତୃତ୍ୱରେ ଏବଂ ରାଜ୍ୟ ଏନ.ପି.ଏସ. ଶିକ୍ଷକ ସଙ୍ଘର ନେତୃତ୍ୱ ବିଶ୍ୱଜିତ୍ ବିଶ୍ୱାଳଙ୍କର ତତ୍ୱାବୋଧନରେ ଜିଲ୍ଲା ସଙ୍ଘର ନେତୃତ୍ୱ ଉତ୍ପଳ କୁମାର ଭଦ୍ର, ରାଜେଶ ଶୁଭଙ୍କର, ସାନ୍ତୁନୁ ଦାସ, ଶେଖ ଫାଇଜାନ, ଅତସୀ କୁଣ୍ଡୁ, ଗାର୍ଗୀ ବାରିକ, ପ୍ରିୟବ୍ରତ ବେହେରା, ପାର୍ବତୀ ହାଁସଦା, ଚିନ୍ମୟୀ ଦାସ, ନନୀ ଗୋପାଳ ଜେନା, ସୂର୍ଯ୍ୟ ପ୍ରକାଶ ନାୟକ, ମନୋଜ ବେଶ୍ରା, ସଂଜୀବ ଦଳେଇ, ଶରତ ବେହେରା, ପ୍ରଭାତ ପଣ୍ଡିତ ଏବଂ କୈଳାଶ ମହାଳିକ ଯୋଗ ଦେଇ ଏନ.ପି.ଏସ. ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଥିଲା ।

# ବ୍ୟକ୍ତିତ୍ୱ ବିକାଶ ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ ପ୍ରତିଷ୍ଠାତା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧକ୍ଷତାରେ ଏକ ବ୍ୟକ୍ତିତ୍ୱ ବିକାଶ ଶିବିରର ଆୟୋଜନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମଇ ମାସ ୨୨ତାରିଖ ଠାରୁ ୨୫ତାରିଖ ପର୍ଯ୍ୟନ୍ତ ଏକ ଚାରିଦିନିଆ ବ୍ୟକ୍ତିତ୍ୱ ବିକାଶ ଶିବିର ଆଶ୍ରମ ପରିସରରେ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଶିବିରରେ ଅଷ୍ଟମ ଶ୍ରେଣୀ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ଶିବିରାର୍ଥୀମାନଙ୍କ ରହିବା ଓ ଖାଇବାର ବ୍ୟବସ୍ଥା ଆଶ୍ରମ ପକ୍ଷରୁ କରାଯିବାକୁ ସ୍ଥିର କରାଗଲା। ଏହି ଶିବିରରେ ଯୋଗ, ପ୍ରାଣାୟମ, ଆଧ୍ୟାତ୍ମିକ ଜ୍ଞାନ ସହିତ ବ୍ୟକ୍ତିର ଚରିତ୍ର ଗଠନ ଉପରେ ଧ୍ୟାନ ଦିଆଯିବ ବୋଲି ଶ୍ରୀ'ମା ମତବ୍ୟକ୍ତ କରିଥିଲେ। କାରଣ ଜଣେ ଉତ୍ତମ ମଣିଷ ଗଢ଼ିବା ଏହି ଶିବିରର ମୂଳ ଲକ୍ଷ୍ୟ। ତେଣୁ ଇଛୁକ ଛାତ୍ରଛାତ୍ରୀମାନେ ଆଶ୍ରମ ସହିତ ଯୋଗାଯୋଗ କରିବାକୁ ଆଶ୍ରମ ପକ୍ଷରୁ ନିବେଦନ କରାଯାଇଛି। ଶେଷରେ ବ୍ରହ୍ମଚାରୀ ନୃସିଂହ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଦିବ୍ୟଜୀବନ ସଙ୍ଘର ଉପସଭାପତି ଡ. କାଳୀପ୍ରସନ୍ନ ଶତପଥୀ, କରୁଣାକର ଦାସ, ଶିବାନନ୍ଦ ବିଦ୍ୟାମନ୍ଦିର ସହସମ୍ପାଦକ ଅଭିମନ୍ୟୁ ଗୋଛାୟତ, ଶିକ୍ଷାବୀତ ନୃସିହ ଚରଣ ତ୍ରିପାଠୀ, ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର କୁମାର ମହାନ୍ତି, ରୀତାଞ୍ଜଳି ନାଥ, ଆଶ୍ରମ ସମ୍ପାଦକ ଶରତ କୁମାର ପାତ୍ର, ଶିବାନନ୍ଦ ବିଦ୍ୟାମନ୍ଦିର ଅଧକ୍ଷ ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଶରତ ଚନ୍ଦ୍ର ବରାଳ, ରଜନୀକାନ୍ତ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅନିତାଙ୍କ ପାଇଁ ଗର୍ବିତ ନାରାୟଣପାଟଣା



ନାରାୟଣପାଟଣା (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକର ଜଣେ ସରଳ ନିରୀହ ଗରୀବ ଏବଂ ସମସ୍ତଙ୍କ ଆଦରର କୁନୁପିଲି ଗୌରୀ (ଗୌରୀ ରିକ୍ସା ବାଲା) ନାମରେ ପରିଚିତ ତାଙ୍କ ଏକ ମାତ୍ର ଝିଅ କୁନୁପିଲି ଅନିତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସ୍ନାତକ ସମ୍ମାନ ଓଡ଼ିଆ ପରୀକ୍ଷାରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଅନିତା ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଅନିତାଙ୍କ ଏହି କୃତିତ୍ୱ ନାରାୟଣପାଟଣା ସମେତ ମହାବିଦ୍ୟାଳୟ ଏବଂ ପୁରା କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣିଦେଇଛି। ଯେହେତୁ ବାପା ଜଣେ ରିକ୍ସା ଚାଳକ, ତାଙ୍କ ପାଇଁ ଏହା କାଠିକର ପାଠ ଥିଲା। କିନ୍ତୁ ଝିଅ ପାଇଁ ନିଜ ପରିଶ୍ରମକୁ ଆହୁରି ସୁଦୃଢ଼ କରି ଦୃଢ଼ ବିଶ୍ୱାସର ସହିତ ପରିଶ୍ରମ କରି ନିଜ ପରିବାର ଏବଂ ତାଙ୍କ ଝିଅର ସମସ୍ତ ଇଚ୍ଛା ପୂରଣ କରୁଥିଲେ। କିନ୍ତୁ ଝିଅକୁ ପାଠ ପଢ଼େଇ ଗୋଟେ ବଡ଼ ମଣିଷ କରିବା ସ୍ୱପ୍ନ ଆଜି ଗୌରୀ ଭାଇନାଙ୍କ ସତ ହୋଇଯାଇଛି। ଏହା ସଫଳତା କେବଳ ଅନିତାଙ୍କ ପରିବାର ପାଇଁ ନୁହେଁ ବରଂ ନାରାୟଣପାଟଣା ଭଳି ଗୋଟେ ମାଓ ଅଧ୍ୟୁସିତ ଆଦିବାସୀ ଅଞ୍ଚଳବାସୀଙ୍କ ପାଇଁ ଗର୍ବ ଏବଂ ଗୌରବର କଥା। ଏହି ସଫଳତାର ଶ୍ରେୟ ଅନିତା ତାଙ୍କ ବାପା ମାଙ୍କୁ ଦେବା ସହିତ ମାବୁଡ଼ୀ ଠାକୁରାଣୀ ଏବଂ ମା ଚୈତ୍ରାଇଙ୍କ ଆଶୀର୍ବାଦ ବୋଲି କହିଛନ୍ତି।

# ବୌଦ୍ଧଗଡଜାତ ଗଣପର୍ବ ରାମଲୀଳା ଉଦ୍‌ଯାପିତ

## ରାବଣ ବଧ ସହ ଶେଷହେଲା ରାଜ, ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ



ବୌଦ୍ଧ, (ଭାସ୍କର ନ୍ୟୁଜ୍ ) : ରାମଲୀଳା ନାଟ୍ୟସଂସଦ ପକ୍ଷରୁ ରଘୁନାଥ ମନ୍ଦିର ସ୍ଥିତ ମାରୁତୀମପ ଠାରେ ଦୀର୍ଘ ୧୮ ଦିନ ଧରି ଚାଲି ଆସୁଥିବା ବୌଦ୍ଧଗଡଜାତର ଗଣପର୍ବ ରାମଲୀଳା ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ସନ୍ଧ୍ୟାରେ ରାବଣ ବଧ ନାଟକ ପରିବେଷଣ ହୋଇଥିଲା। ଏହି ଯାତ୍ରାରେ ମର୍ଯ୍ୟଦା ପୁରୁଷମ ପ୍ରଭୂ ଶ୍ରୀରାମଚନ୍ଦ୍ରଙ୍କ ଲୀଳାକୁ ନାଟକ ଭାବରେ ପର୍ଯ୍ୟାୟ କ୍ରମେ ରାମଜନ୍ମ ଠାରୁ ରାବଣ ବଧ ପର୍ଯ୍ୟନ୍ତ ନାଟକ ପରିବେଷଣ କରାଯାଇଥିଲା। ଯାହାକୁ ଦେଖିପାଇଁ ପ୍ରତ୍ୟେହ ହଜାର ହଜାର ଦର୍ଶକ ସହରର ମାରୁତୀ ମପକୁ ଆସୁଥିଲେ। ଦୀର୍ଘ ୧୮ ଦିନ ଧରି ଅନୁଷ୍ଠାନର ଛୋଟବଡ଼ କଳାକାର ମାନେ ଅତ୍ୟନ୍ତ କାଷ୍ଟା ଓ ନିଷ୍ଠାର ସହ ରହି ପ୍ରତ୍ୟେକ ମଣିଷକୁ ଆଧାତ୍ମିକ ମାର୍ଗଦର୍ଶନ କରାଇଥାନ୍ତି। ଅନ୍ତିମ ଦିନ ରାବଣ ବଧ ଯାତ୍ରାକୁ ଖୁବ ଯାକଯମକରେ ପାଳନ କରାଯାଇଥିଲା। ଯାହାକୁ ନେଇ ସହର ଉତ୍ସବ ମୁଖର ହୋଇ ଉଠିଥିଲା। ଜିଲ୍ଲାର ବିଭିନ୍ନ ପଂଚାୟତ ଅନ୍ତର୍ଗତ ହରଭଙ୍ଗା ବ୍ଲକର ସରସରା, ବାମା, ବିରିଗଡ, କେଳାକଟା ଏବଂ ବୌଦ୍ଧ ବ୍ଲକର ବାଉଁଶୁଣୀ, କାଶଲପୁର, ଧୁତୁରବାହାଲ, ପୋଲାମ, ମର୍ଜାଦପୁର ଗ୍ରାମରୁ ନଅ ଗୋଟି ସୁସଜ୍ଜିତ ରାବଣରଥ ବିରାଟ ପଟୁଆରରେ ଆସି ବୁଟୁପାଲି ଠାରେ ଥିବା ହାଇସ୍କୁଲ ପଡିଆରେ ଏକତ୍ରୀତ ହୋଇଥିଲେ। ସେଠାରୁ ବୌଦ୍ଧର ମୁଖ୍ୟ ରାବଣ ରଥ ସହ ଏକତ୍ରିତ ହୋଇ ସମସ୍ତ ରଥ ଏକା ସଙ୍ଗରେ ଏକ ବିରାଟ ପଟୁଆରରେ ବାହାରିଥିଲେ । ସେଠାରୁ ସମସ୍ତ ରାବଣ ରଥ ଏକତ୍ରୀତ ହୋଇ ଯୁଦ୍ଧ ବାଦ୍ୟ ଓ ବିଭିନ୍ନ ସୁଆଙ୍ଗ ନୃତ୍ୟ ସହ ଯୁଦ୍ଧ ଯାତ୍ରା ଆରମ୍ଭ କରିଥିଲେ। ଯାହାକି ବୌଦ୍ଧ ସହର ପାଲଟିଥିଲା ରଣକ୍ଷେତ୍ର। ସମସ୍ତ ରାବଣରଥ ଗୁଡିକ ସେଠାରୁ ବୁଟୁପାଲି,ହାତୀଶାଳ ଛକ ଦେଇ ଜିଲ୍ଲା ଷ୍ଟାଡିୟମ ଠାରେ ପହି ଥିଲେ। ସେହି ପରି ପ୍ରଭୂ ଶ୍ରୀରାମଚନ୍ଦ୍ରଙ୍କ ରଥ ସହ ବାନର ସେନା ରାମେଶ୍ୱର ମନ୍ଦିର ଠାରୁ ବାହାରି ପୁରୁଣାବ୍ଲକ ଛକ, ଡେଲିମାର୍କେଟ, ପୋଡାପୋଡା, ନୂଆସାହି ଦେଇ ଜିଲ୍ଲା ଷ୍ଟାଡିୟମ ଠାରେ ପହିଥିଲା। ସେଠାରେ ମୁକ୍ତ ଆକାଶ ରଙ୍ଗମଞ୍ଚରେ ପ୍ରଭୂ ଶ୍ରୀରାମ ଓ ବାନର ସେନା ସହିତ ଦଶଗୋଟି ରାବଣ ମଧ୍ୟରେ ପ୍ରଥମ ସମର ଅନୁଷ୍ଠିତ ହୁଏ। ତାହା ସାଙ୍ଗକୁ ସେଠାରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ଉଭୟ ରଥ ସହରର ଅଲଗା ଅଲଗା ରାସ୍ତାଦେଇ ବାଘଗୁଡା ଛକ ଠାରେ ପହି ଥିଲା। ସେଠାରେ ଉଭୟ ସେନା ମଧ୍ୟରେ ଦ୍ୱିତୀୟ ମହାସମର ଅନୁଷ୍ଠିତ ହୋଇଥିଲା। ତାସହିତ ସେଠାରେ ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ଉଭୟ ରାମଚନ୍ଦ୍ରଙ୍କ ରଥ ଓ ରାବଣ ରଥ ଯାତ୍ରା ପଡିଆରେ ପହଂଚି ଥିଲେ । ସେଠାରୁ ସମସ୍ତ ରାବଣ ସହିତ ପ୍ରଭୂ ଶ୍ରୀ ରାମଙ୍କ ଯୁଦ୍ଧ ହୋଇଥିଲା। ସେଠାରେ ବିଭିନ୍ନ ରଙ୍ଗବେରଙ୍ଗର ଆତସବାଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ରାବଣ ବଧ ନାଟକ ପରିବେଷଣ ହୋଇଥିଲା ଓ ଶେଷରେ ରାବଣ ବଧ ହୋଇଥିଲା। ଏହି ଅବସରରେ ଯାତ୍ରା ପଡ଼ିଆରେ ଏକ ୩୦ ଫୁଟ ଉଚ୍ଚ ବିଶିଷ୍ଟ ଦଶ ମୁହାଁ ରାବଣ ପ୍ରତିମୂର୍ତ୍ତିକୁ ଅଗ୍ନି ସଂଯୋଗ କରାଯାଇ ରାବଣ ପୋଡି କରା ଯାଇଥିଲା। ଏହି ଅବସରରେ ଯାତ୍ରା ପଡିଆ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଶାସକ ଦଳର ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ପ୍ରମୁଖ ଯୋଗଦେଇଥିଲେ। ବୌଦ୍ଧଗଡ ଏନଏସି ଅଧକ୍ଷ ତଥା ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଅଧକ୍ଷତା କରିଥିବା ବେଳେ ସଂପାଦକ ମନୋଜ ସାହୁ ବିବରଣୀ ପାଠ କରିଥିଲେ। ସମର ଶୋଭାଯାତ୍ରା ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଓ ଜିଲ୍ଲା ବାହାରୁ ବିଭିନ୍ନ ସାଂସ୍କୃତିକ ଦଳ ଯୋଗଦେଇଥିଲେ। ଜନଗହଳିକୁ ଦୃଷ୍ଟିରେ ରଖି ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ଯୁଦ୍ଧକୁ ଦେଖିବାକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ହଜାର ହଜାର ଲୋକ ସମ୍ମିଳିତ ହୋଇଥିଲେ। ଗୁରୁବାର ହେବ ପ୍ରଭୂ ଶ୍ରୀରାମ ଚନ୍ଦ୍ରଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହେବ।

# ବଡ଼ଚଣା କଂଗ୍ରେସର ମହମବତୀ ଶୋଭାଯାତ୍ରା




ବାଲିଚନ୍ଦ୍ରପୁର, (ଭାସ୍କର ନ୍ୟୁଜ୍ ) : କାଶ୍ମୀରର ପହେଲଗ୍ରାମ ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶିକାର ହୋଇ ମୃତ୍ୟୁବରଣ କରିଥିବା ନିରିହ ପର୍ଯ୍ୟଟକ ମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ବଡ଼ଚଣା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ତରଫରୁ ଏକ ମହମବତୀ ଶୋଭାଯାତ୍ରା ବାଲିଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରା ଜାତୀୟ ରାଜପଥ (୫୩) ନିକଟସ୍ଥ କରୁଣା ଛକ ନିକଟରୁ ବାହାରି ବାଲିଚନ୍ଦ୍ରପୁର ବଜାରର ବ୍ୟାଙ୍କ ରୋଡ଼, ମଙ୍ଗଳା ବଜାର, ଲକ୍ଷ୍ମୀ ବଜାର, ସରସ୍ୱତୀ ବଜାର ପରିକ୍ରମା କରି କଲେଜ ଛକ ଠାରେ ଉଦ୍‌ଯାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁରେଶ ଚନ୍ଦ୍ର ସାହାଣୀ, ବିଳାସ ଚନ୍ଦ୍ର ବାରିକ, ବିଶ୍ୱ ପ୍ରକାଶ ସାମଲ, ସେକ୍ ଅବଦୁଲ ମଜିଦ, ସଂଯଜ କୁମାର କର, ବଟକୃଷ୍ଣ ଦାସ, ଅଜୟ ଜେନା, ସରୋଜ ଜେନା, ଶାନ୍ତନୁ ଜେନା, ଜୟ ପ୍ରକାଶ ବିଶ୍ୱାଳ, ଚାନ୍ଦ ଖାଁ, ଶ୍ରୀକାନ୍ତ ମଲ୍ଲିକ, ମହନି ମହାନ୍ତି, ପ୍ରଭାତ ସାହୁ, ବିଶ୍ୱରଞ୍ଜନ ବେହେରା, ମହେଶ୍ୱର ମହାପାତ୍ର, ଅଶୋକ କୁମାର ବେହେରା, ରବିନ୍ଦ୍ର କୁମାର ରାଉତ ଓ ଅଶୋକ କୁମାର ରାଉତ, ସେକ୍ ଇକବାଲ ହୁସେନ୍, ସନ୍ତୋଷ ପରିଡ଼ା, ସୁଧିର ଦାସଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ପହେଲଗ୍ରାମ ଅଘଟଣରେ ଆହତ ହୋଇଥିବା ପର୍ଯ୍ୟଟକ ମାନଙ୍କ ଆଶୁ ଆରୋଗ୍ୟ କାମନା ସମବେତ ଭାବେ କରାଯାଇଥିଲା।

# ସ୍କୁଲ ଛାତ୍ରୀକୁ ଅପହରଣ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍ ) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ ଭୂଷଣ୍ଡପୁର ଗ୍ରାମର କୋଠିଘର ସାହିର ସଞ୍ଜୟ କୁମାର ବେହେରା ଙ୍କର ନାବାଳିକା ତଥା ସ୍କୁଲ ଛାତ୍ରୀ ବୈଶାଖୀ ହୋଇଛି ଅପହରଣ। ଅପହୃତା ନାବାଳିକା ବୈଶାଖୀ ଆଜକୁ ୮/୯ ଦିନ ପୂର୍ବେ ଅପହରଣ ହୋଇଥିବା ନେଇ ପରିବାର ଲୋକେ ଭୂଷଣ୍ଡପୁର ଫାଣ୍ଡି ଓ



ଟାଙ୍ଗୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଗୋଟିଏ ଅପହରଣ ମାମଲା ରୁଜୁ କରାଯାଇଛି, ଆଉ ତା'ପରେ ପୋଲିସ ହାତ ଖାଲି। ଭୂଷଣ୍ଡପୁର ଫାଣ୍ଡି ଅଞ୍ଚଳର ଜଗନ୍ନାଥପୁର ଗ୍ରାମର ଜନୈକ ଯୁବକ ହିଁ ନାବାଳିକା କୁ ଅପହରଣ କରିଥିବା ନେଇ ଅପହୃତା ପରିବାର ଲୋକେ ପୋଲିସକୁ ଜଣାଇଛନ୍ତି, ହେଲେ ବର୍ତ୍ତମାନ ସୁଦ୍ଧା ଅପହୃତା ନାବାଳିକା ବୈଶାଖୀ ଉଦ୍ଧାର ହୋଇପାରି ନାହିଁ ଏପରିକି ଅପହରଣକାରୀକୁ ଠାବ କରିବାରେ ତଦନ୍ତକାରୀ ଅଧିକାରୀ ସଫଳ ହୋଇ ନାହାଁନ୍ତି। ଏପଟେ ଅପହୃତା ନାବାଳିକା ବୈଶାଖୀର ଫେରିବା ବାଟକୁ ପରିବାର ଲୋକେ ଅପେକ୍ଷା କରି ବସିଛନ୍ତି।

# କୁଜଙ୍ଗ ପଞ୍ଚାୟତରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



କୁଜଙ୍ଗ, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅର୍ନ୍ତଗତ କୁଜଙ୍ଗ ପଞ୍ଚାୟତରେ ସରପଞ୍ଚ ବନ୍ଦିତା ଦାସଙ୍କ ନେର୍ତ୍ତୃତ୍ୱରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ ୱାର୍ଡ ସଭ୍ୟ-ସଭ୍ୟା ଯୋଗଦେଇ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରିଥିଲେ। ଏହା ସହିତ ସରକାରଙ୍କ ସମସ୍ତ ଯୋଜନା କିପରି ଲୋକଙ୍କ ପାଖରେ ସୁଚାରୁ ରୂପେ ପହଞ୍ଚି ପାରିବ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ୱାର୍ଡ ସଭ୍ୟ-ସଭ୍ୟାଙ୍କୁ ସରପଞ୍ଚ ଶ୍ରୀମତୀ ଦାସ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରେବସ ଖାନ, ପ୍ରିୟଦର୍ଶିନୀ ଦାସ, ଯୁବନେତା ଚିରଞ୍ଜିବ ନାୟକ, ପ୍ରଭାସ ରଞ୍ଜନ ଦାସ, ନାୟବ ସରପଞ୍ଚ ଶାନ୍ତି ଲତା ସ୍ୱାଇଁ, ସବିତା ମଲ୍ଲିକ, ଗୀତାଞ୍ଜଳି ମଲ୍ଲିକ, ସୁକାନ୍ତି ନାୟକ, କୁଜଙ୍ଗ ସମିତି ସଭ୍ୟା ସସ୍ମିତା ନାୟକ, ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସଫଳ ପଞ୍ଚାୟତ ଆୱାର୍ଡରେ ସମ୍ମାନିତ ହେଲା ଟାଙ୍ଗୀ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍ ) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଏରିଆର ୪ ପଞ୍ଚାୟତକୁ ମିଳିଛି ସଫଳ ପଞ୍ଚାୟତର ସମ୍ମାନ। ଜନ ହିତକର କାର୍ଯ୍ୟ ଓ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାରେ ଆସୁଥିବା ଅର୍ଥକୁ ସଫଳତାର ସହିତ ବିନିଯୋଗ କରିବା ଘଟଣାରେ ପଞ୍ଚାୟତିରାଜ ଦିବସରେ ଟାଙ୍ଗୀ ବ୍ଲକର ଟାଙ୍ଗୀ ପଞ୍ଚାୟତ, ମଙ୍ଗଳାଯୋଡି ପଞ୍ଚାୟତ, ଓଳସିଂହ ପଞ୍ଚାୟତ ଓ କୁହୁଡ଼ି ପଞ୍ଚାୟତ ଏହି ଆୱାର୍ଡ ମିଳିଛି । ଏକ ବର୍ଣ୍ଣାଢ୍ୟ ପରିବେଶରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଙ୍ଗୀ ପଞ୍ଚାୟତର ସରପଞ୍ଚ କିଶୋର କୁମାର ବେହେରା ଓ ସମିତି ସଭ୍ୟାଙ୍କୁ ୩ ଲକ୍ଷ ୮୬ ହଜାର ୪୭୩ ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି । ଠିକ୍ ସେହିପରି ଅନ୍ୟ ସବୁ ପଞ୍ଚାୟତର ଜନ ପ୍ରତିନିଧି ମାନଙ୍କୁ ଅନୁରୂପ ଭାବେ ଏହିପରି ସମ୍ବର୍ଦ୍ଧିତ କରାଯାଇଛି ।

# ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ବ୍ଲକସ୍ତରୀୟ କର୍ମଶାଳା




ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ବ୍ଲକ କାର୍ଯ୍ୟକ୍ଷଳୟ ସ୍ଥିତ ସମିଳନୀ କକ୍ଷଠାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କତୃପକ୍ଷ, ମୟୁରଭଞ୍ଜଙ୍କ ତଥା ବ୍ଲକ ପ୍ରଶାସନଙ୍କ ମିଳିତ ସହଯୋଗରେ ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ବ୍ଲକ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜରୁରୀ କାଳୀନ ଉପବିଭାଗର ଡେପୁଟି କଲେକଟର ଶ୍ରଦ୍ଧା ସୁମନ, ସମାନୀୟ ଅତିଥି ଭାବେ ବେତନଟୀ ତହସିଲଦାର ସୁରଥ ଚନ୍ଦ୍ର ରାଉତ, ଜିଲ୍ଲା କଲେକଟରେଟ କାର୍ଯ୍ୟାଳୟର ଓଆର୍‌ଏସ, ଟିଆର୍‌ଓ ରଶ୍ମିତା ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲା ବେଳେ ବିଡିଓ ସୁଶାନ୍ତ କୁମାର ସୁତାର କର୍ମଶାଳା ସଂଚାଳନ କରିଥିଲେ। ପ୍ରାରମ୍ଭରେ ଜିପିଡିଓ ସବ୍ୟସାଚୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ ବିପର୍ଯ୍ୟୟ ପରିଚାଳନାରେ ବିପଦ ହ୍ରାସ ନିମନ୍ତେ ପ୍ରଥମ କରି ନୂତନ ଚିନ୍ତାଧାରା ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣକୁ ପରିସରଭୁକ୍ତ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଜରୁରୀକାଳୀନ କାର୍ଯାଳୟର ଡିପିଓ ଯୋଗବନ୍ଧୁ ମହାନ୍ତି କର୍ମଶାଳାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ପାୱାର ପ୍ରୋଜେକ୍ଟର ମାଧ୍ୟମରେ ସମସ୍ତ ଉପାଦେୟ ବିଷୟଗୁଡିକ ବୁଝାଇବା ସହିତ ଦଳଗତ ଆଲୋଚନା କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଡିପିଓ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବନାଞ୍ଚଳ ଅଧିକାରୀ, ମେଡିକାଲ ଅଧିକାରୀ, ଗୋଷ୍ଠୀ ଭେଟିନାରୀ ଅଧିକାରୀ, ଅଂଗ୍ନିଶମ ଅଧିକାରୀ, ପୋଲିସ ଅଧିକାରୀ, ମାର୍କେଟିଂ ଇନିସ୍ପେକ୍ଟର, ଜେଇ, ଆର୍‌ଓଏସ୍‌ଏସ୍, ବିପିସି, ବିପିଏମ, ଏପିସି, ଡବ୍ଲୁଇଓ, ପଂଚାୟତ ନିବାହିଁ ଅଧିକାରୀ, ସରପଞ୍ଚ, ଶେଲଟର ସମ୍ପାଦକ, ସହକାରୀ କୃଷି ଅଧିକାରୀ, ନୋଡାଲ ଏନଜିଓ ଫୋର୍ଡ଼ ଓ ସଂକଳ୍ପର ପ୍ରତିନିଧି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଫୋର୍ଡର ସନ୍ତୋଷ କୁମାର ଖଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୩ ତମ ଜିଲ୍ଲା ପରିଷଦ ସାଧାରଣ ବୈଠକ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଗତକାଲି ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁଙ୍କ ଅଧକ୍ଷତାରେ ୭୩ ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଜିଲ୍ଲା ପରିଷଦ ଉପାଧକ୍ଷ ପତିତ ପାବନ ବୈଦ୍ୟ, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ପରିଷଦର ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ନରେଶ ଚନ୍ଦ୍ର ଶବର, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ମଞ୍ଚାସୀନ ଥିଲେ। ଏହି ସଭାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ପୂର୍ବ ବୈଠକରେ ହୋଇଥିବା ଆଲୋଚନା ତଥା ଜନଜାତି ଉନ୍ନୟନ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ପ୍ରାଥମିକ ଶିକ୍ଷା ଓ ଗଣ ଶିକ୍ଷା, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜାତୀୟ ରାଜପଥ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ ଆଦି ବିଷୟରେ ଗୃହକୁ ଶ୍ରୀ ଶବର ସୂଚନା ଦେଇଥିଲେ। ପରିଷଦର ସମସ୍ତ ପ୍ରତିନିଧିଙ୍କର ପଚାରିଥିବା ପ୍ରଶ୍ନର ଉତ୍ତର ରଖିଥିଲେ ବିଭାଗୀୟ କର୍ତ୍ତୃପକ୍ଷ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ସମସ୍ତ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଉପରେ ଧ୍ୟାନ ଦେଇ ବର୍ଷା ଋତୁ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଧାୟକ ଶ୍ରୀ ମାଡ଼କାମୀ ନିର୍ଦ୍ଦେଶ ଦେଇଛନ୍ତି। ପାନୀୟ ଜଳ ସମ୍ବନ୍ଧରେ ଆସିଥିବା ଅଭିଯୋଗ ଗୁଡିକର ସମାଧାନ ତଥା ନୂଆ ପ୍ରକଳ୍ପ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି କ୍ଷେତ୍ର ସ୍ତରୀୟ କର୍ମଚାରୀ ଓ ଅଧିକାରୀଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଶ୍ରୀମତି ଟାଙ୍ଗୁଲୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ରାଧିକାର ଭିତ୍ତିରେ ଘାଟି ଅଞ୍ଚଳରେ ନଳକୂପ ଖନନ କରିବା ପାଇଁ ମଧ୍ୟ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଅନିୟମିତ ବିଜୁଳି ଶୁଳ୍କ ଉପରେ ପ୍ରତିକ୍ରିୟା ରଖି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଯେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଉପଭୋକ୍ତା ନିକଟକୁ ଯାଇ ଏକକାଳୀନ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଏବଂ ପାରାମେଡ଼ିକାଲ ଷ୍ଟାଫ ଅଭାବ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବାସିକ ଗୃହ ପାଇଁ ଉପୁଜିଥିବା ଅସୁବିଧା ବାବଦରେ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ଜିଲ୍ଲାପାଳଙ୍କ ବିଭିନ୍ନ ଜନଶୁଣାଣୀ ସମୟରେ ସମ୍ପୃକ୍ତ ଅଞ୍ଚଳକୁ ବୁଲି ସେ ଅଞ୍ଚଳରେ ପୂର୍ବରୁ ଥିବା ଅଭିଯୋଗ ଗୁଡିକର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଗୃହରେ ପ୍ରସ୍ତାବ ଦିଆଯାଇଛି । ଚିତ୍ରକୋଣ୍ଡା ଓ ବଣ୍ଡାଘାଟି ଅଞ୍ଚଳରେ ହିତାଧିକାରୀଙ୍କୁ ଚିହ୍ନଟ କରି କୃତ୍ରିମ ଅଙ୍ଗ ରୋପଣ କରାଇବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲାର ଆବଶ୍ୟକତା ଥିବା ଅଞ୍ଚଳରେ ନୂତନ ସବ୍ ସେଣ୍ଟର ସ୍ଥାପନ ସହ ଯୋଗାଣ ସହାୟକ ନିଯୁକ୍ତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାରେ କେନ୍ଦୁପତ୍ର ବିକ୍ରି ନେଇ ପତ୍ର ତୋଳାଳୀଙ୍କ ଉପୁଜୁଥିବା ସମସ୍ୟାର ସମାଧାନ କରିବା ନିମନ୍ତେ କେନ୍ଦୁପତ୍ର ବିଭାଗକୁ ଏଠାରେ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ କ୍ଷେତ୍ର ସ୍ତରରେ ଅଚାନକ ବିଦ୍ୟାଳୟ ପରିଦର୍ଶନ କରିବାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ବୈଠକରେ ପ୍ରସ୍ତାବ ଦିଆଯାଇଛି। ଏହି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ଓ ଅଧକ୍ଷା ଏବଂ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥିତ ଗ୍ଲୋବାଲ ଏକାଡେମୀ ପରିସରରେ 'ମନି ୱାଇଜ୍' ସଂସ୍ଥା ପକ୍ଷରୁ ଏକାଡେମୀର ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ କାରବାର ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମନିୱାଇଜ୍ ସଂସ୍ଥାର କେନ୍ଦ୍ରାପଡ଼ା କୋଡିନେଟର ଶୁଭଲକ୍ଷ୍ମୀ ମହାନ୍ତି, ଡେରାବିଶ ବ୍ଲକର ନିରୋଜ ନଳିନୀ ସାମଲ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆର୍ଥିକ ସଚେତନତା କରାଇଥିଲେ । ଯଥା ବ୍ୟାଙ୍କରେ ଜମାଖାତା ଖୋଲି ସେମାନଙ୍କର ସଞ୍ଚିତ ଅର୍ଥକୁ ସୁରକ୍ଷିତ ବ୍ୟାଙ୍କରେ ରଖିବା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ଅର୍ଥ ଜମା ରଖିବା, ଅଟଳ ପେନ୍‌ସନ୍ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଟଙ୍କା ରଖି ଲାଭବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହିତ ଏବେ ବହୁ ଠକ ଅନ୍‌ଲାଇନ୍ ଗେମ୍ ମାଧ୍ୟମରେ ଯୁବସମାଜକୁ ଆକୃଷ୍ଟ କରି ସେମାନଙ୍କ ଜମା ପୁଞ୍ଜି ଶେଷ କରିଦେଉଥିବା ବେଳେ ଅନ୍‌ଲାଇନ୍ ଗେମ୍ ନଖେଳିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଗ୍ଲୋବାଲ ଏକାଡେମୀର ଚେୟାରମ୍ୟାନ ଦୁର୍ଗା ପ୍ରସାଦ ରଥ ପରିଚାଳନା କରିଥିବା ବେଳେ ଶେଷରେ ଶିକ୍ଷକ ଶିବ ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗ୍ଲୋବାଲ ଏକାଡେମୀର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।



## ପଞ୍ଚାୟତିରାଜ ଦିବସରେ ରାସନକାର୍ଡ ବଣ୍ଟନ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ପକ୍ଷରୁ ଗୁରୁବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି । ବିଡିଓ ଦେବଦତ୍ତ ଦାଶଙ୍କ ଅଧ୍ୟକ୍ଷତାରେ ବ୍ଲକ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ସୁଧାଂଶୁ ଶେଖର ନାୟକ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ଅନୁଷ୍ଠାନର ଆବଶ୍ୟକତା, ଉତ୍ପତ୍ତି ଓ ବିସ୍ତାର ସହ ସାମ୍ବିଧାନିକ ମାନ୍ୟତା ଆଦି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ପୁରୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍‌ବୋଧନକୁ ପ୍ରତ୍ୟକ୍ଷ ପ୍ରସାରଣ କରାଯାଇଥିଲା । ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତ ଅନ୍ତର୍ଗତ ୩୦ଜଣ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ବଣ୍ଟନ କରାଯାଇଥିଲା । କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ହିମାଂଶୁ ଦାସ ଧନ୍ୟବାଦ ଦେଇଥିଲେ । ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସମିତି ସଭ୍ୟ ଜଗତଜୀବନ ବାରିକ, ଗିରିଶ ସାମଲ, ରାମଚନ୍ଦ୍ର ସେନାପତି, ବ୍ଲକ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ଜେନା ପ୍ରମୁଖ ଉତ୍ସବ ପାଳନରେ ସହଯୋଗ କରିଥିଲେ ।

## ଗଞ୍ଜାମ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଜିଲ୍ଲା ସଦର ମହକୁମା ଠାରେ ଗୁରୁବାର ଦିନ ଜିଲ୍ଲା ପ୍ରଶାସନ ତରଫରୁ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଉତ୍ସବର ପ୍ରାରମ୍ଭରେ କାଶ୍ମିରୀ ବେଲଗାଁଓରେ ଆତଙ୍କବାଦୀଙ୍କ ଦ୍ୱାରା ନିହତ ୨୭ ଜଣ ଭାରତୀୟଙ୍କ ଅମର ଆତ୍ମାର ସଦ୍‌ଗତି ସକାଶେ ନୀରବ ପ୍ରାର୍ଥନା କରାଯାଇଥିଲା । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଛତ୍ରପୁର କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତନ୍ତ୍ର ରାଷ୍ଟ୍ରର ମୂଳ ଲକ୍ଷ୍ୟ ହେଲା ନାଗରିକ ହାତରେ କ୍ଷମତା ଓ ଅଧିକାର ନ୍ୟସ୍ତ କରି ଏକ ଶ୍ରେଣୀହୀନ ରାଷ୍ଟ୍ର ଗଠନ କରିବା । ଗ୍ରାମାଞ୍ଚଳର ବିକାଶ ତଥା ସର୍ବବିଧ ଉନ୍ନତି ସାଧନ ଏହାର ଅନ୍ୟତମ ପ୍ରଧାନ ଲକ୍ଷ୍ୟ । ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଶିକ୍ଷା ସ୍ୱାସ୍ଥ୍ୟର ଉନ୍ନତିକରଣ ସକାଶେ ବର୍ତ୍ତମାନ ଦୁଇ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରତି ପଞ୍ଚାୟତକୁ ଯୋଗାଯୋଗ ନିମନ୍ତେ ସଡ଼କ ନିର୍ମାଣ ଓ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ଛତ୍ରପୁର ବ୍ଲକ୍ ଉପାଧ୍ୟକ୍ଷା ଏସ୍. ଶାରଦା ରେଡ୍ଡୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା ପ୍ରମୁଖ ମଞ୍ଚାସୀନ ଥିଲେ । ଉପ ନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ସୂଚନା ଓ ଲୋକସମ୍ପର୍କ ବିଭାଗ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଦିବସ ପାଳନ ଅବସରରେ ତାଳବଣିଆ, ପୁରୀ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣ କରାଯାଇଥିଲା ।

## ଆତଙ୍କବାଦୀଙ୍କ ହମ୍‌ଲାରେ ମୃତ ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

କଣାସ (ଭାସ୍କର ନ୍ୟୁଜ୍) : ଜାମ୍ମୁ-କାଶ୍ମୀରର ପହଲଗାମ ବୁଲିବାକୁ ଯାଇଥିବା ୨୭ଜଣ ପର୍ଯ୍ୟଟକଙ୍କୁ ଗତ ୨୨ ତାରିଖ ଦିନ ଗୁଳିକରି ଆତଙ୍କବାଦୀମାନେ ମାରିଦେଇଥିବାରୁ ଗତକାଲି ସନ୍ଧ୍ୟାରେ କଣାସ କୁଞ୍ଜେଶ୍ୱରୀ ବଜାର କମିଟି ଏବଂ କଣାସ ଗ୍ରାମ୍ୟ କମିଟିର କର୍ମକର୍ତ୍ତାମାନେ ଦୃଢ ନିନ୍ଦା କରିବା ସହିତ କଣାସର ଆରାଧ୍ୟ ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ପୀଠରେ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ମନ୍ଦିର ଠାରୁ ବାହାରି କୁଞ୍ଜେଶ୍ୱରୀ ଛକ, ବସ୍‌ଷ୍ଟାଣ୍ଡ, ଗୋଲାବଜାର, ବାଲିଘାଇ ଛକ, ପଞ୍ଚାୟତ ସମିତି, ଶହୀଦପୀଠକୁ ଯାଇଥିଲେ । ବଜାର କମିଟ ସଭାପତି ଶ୍ରୀକାନ୍ତ ପଟଯୋଷୀ, ଗ୍ରାମ୍ୟ କମିଟି ସଭାପତି ରୋହିତ ପ୍ରଧାନ, ଦାମୋଦର ବେହେରା, ପ୍ରଦୀପ ଭୋଳ, ସୁବାଷ ଚନ୍ଦ୍ର ପ୍ରଧାନ, ଭାଗୀରଥୀ ଖୁଣ୍ଟିଆ, ଗୁଣ୍ଡିଚି ପ୍ରଧାନ, ଅନୀଲ ବରିଷଲ, ଧୂଳିଧର ଦାସ, ସୁଧିର ମହାପାତ୍ର, ଅନନ୍ତ ପ୍ରଧାନ, ଧନୁର୍ଦ୍ଧର ସୁବୁଦ୍ଧି, ବେଣୁଧର ପାଇକରାୟ, ଶରତ ମହାପାତ୍ର ପ୍ରମୁଖ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ବିଦ୍ୟୁତର ଲୁଚକାଳି ଖେଳରେ ଅତିଷ୍ଠ ଉପଭୋକ୍ତା

- ଘନଘନ ଅଘୋଷିତ ବିଦ୍ୟୁତ କାଟ
- ଘଣ୍ଟାଏ ଜଳିଲେ ତିନି ଘଣ୍ଟା ଅନ୍ଧାର
- ଗାଁ ଗାଁରେ କୁହୁଳୁଛି ଅସନ୍ତୋଷ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଏଥର ଗ୍ରୀଷ୍ମ ଦିନେ ଯେପରି ଉପଭୋକ୍ତା ହଇରାଣ ନହେବେ, ସେଥିପାଇଁ ବିଜୁଳି ବିତରଣ ସଂସ୍ଥା ଟିପିସିଓଡିଏଲ୍ ବାରମ୍ବାର ବୈଠକ କରିଥିଲା । ଏହାସହ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ ତରଫରୁ ଗ୍ରୀଷ୍ମକାଳୀନ ପ୍ରସ୍ତୁତି ପାଇଁ ବିଦ୍ୟୁତ ବିଭାଗକୁ ମଧ୍ୟ ଉପଭୋକ୍ତା ଯେପରି ହଇରାଣ ନହେବେ ପରାମର୍ଶ ଦିଆଯାଇଥିଲା । ଏପରି ଗ୍ରୀଷ୍ମ ମୁକାବିଲା ପାଇଁ କମ୍ପାନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ନେଇ କୁହାଗଲା । ଯେଉଁଠି ଯେଉଁଠି ଆବଶ୍ୟକ ଥିଲା ସେଠାରେ ପୁରୁଣାକୁ ବଦଳାଇ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ବିଜୁଳି ତାର ଓ ସରଞ୍ଜାମ ଲଗାଇ ଦିଆଯାଇଛି ବୋଲି କମ୍ପାନୀର ବରିଷ୍ଠ ଅଧିକାରୀମାନେ ସୂଚନା ଦେଲେ । ମାତ୍ର ଏ ସମସ୍ତ ପ୍ରତିଶ୍ରୁତି ଓ ଘୋଷଣା ଏବେ ଭୁଲ ପ୍ରମାଣିତ ହୋଇଛି । ଗ୍ରାମାଞ୍ଚଳରେ ବିଜୁଳି ଯେମିତି ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଗଲାଣି । ଘଣ୍ଟାଏ ଜଳିଲେ ଘର ତିନିଘଣ୍ଟା ଅନ୍ଧାର ରହୁଛି । ପ୍ରବଳ ଗରମ ଓ ଗୁଳୁଗୁଳି ଏପଟେ ବିଜୁଳି ସେବା ଠପ୍ ହୋଇଯାଉଥିବାରୁ ଲୋକମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଲାଣି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ସମସ୍ୟା ବେଶ ବଢ଼ିଗଲାଣି । ବୁଧବାର ସନ୍ଧ୍ୟାରେ ପାଖାପାଖି ୨ଘଣ୍ଟାରୁ ଉର୍ଦ୍ଧ୍ୱ ବିଦ୍ୟୁତ ନଥିବା ବେଳେ ପ୍ରତ୍ୟେକ ଦିନ ଦିନରେ ୧୦ରୁ ଉର୍ଦ୍ଧ୍ୱ ଥରରୁ ଅଧିକ ବିଜୁଳି କଟୁଥିବା ବେଳେ ସନ୍ଧ୍ୟାରେ ଭୋଲଟେଜ ଅତ୍ୟନ୍ତ କମିଯାଉଛି । ଫଳରେ ବିଜୁଳି ବଲ୍‌ବ ଗୁଡିକ ଲଣ୍ଠନ ଭଳି ଜଳୁଛି । ଦିନରେ ବି ସମାନ ଅବସ୍ଥା । ବାହାରେ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୌଦ୍ରତାପ ଓ ଭିତରେ ବିଜୁଳି ଯନ୍ତ୍ରଣା ଯୋଗୁଁ ଉପଭୋକ୍ତା ତ୍ରାହି ତ୍ରାହି ଡାକିଲେଣି । ବର୍ତ୍ତମାନ ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଯେତିକି ବିଜୁଳି ଉପଭୋକ୍ତା ଥିଲେ ପ୍ରତ୍ୟେକ ବର୍ଷ କିଛି ମାତ୍ରାରେ ଉପଭୋକ୍ତା ବଢ଼ୁଛନ୍ତି । ମାତ୍ର ଏନେଇ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି । ସେହି ପୁରୁଣା ଟ୍ରାନ୍ସଫର୍ମର, ତାର ଓ ଅନ୍ୟାନ୍ୟ ବିଜୁଳି ସାମଗ୍ରୀ ବ୍ୟବହାର କରାଯାଉଛି । ଫଳରେ ବଢୁଥିବା ଉପଭୋକ୍ତା ବ୍ୟବହାର କରୁଥିବା ବିଜୁଳି ଲୋଡ଼ ଏହି ପୁରୁଣା ବିଜୁଳି ସରଞ୍ଜାମ ସମ୍ଭାଳି ପାରୁନାହିଁ । ଏଣୁ ବାରମ୍ବାର ବିଜୁଳି କଟୁଥିବା ବେଳେ ଭୋଲଟେଜ୍ କମି ଯାଉଥିବା ଅଭିଯୋଗ ହୋଇଛି । ଏବେ ବି ବିଭିନ୍ନ ଗାଁରେ ନୂତନ ଟ୍ରାନ୍ସଫର୍ମର ବସୁଥିବା ଦେଖାଯାଉଛି । ଟିପିସିଓଡିଏଲ୍ ଏହି ଯୋଜନା ଗ୍ରୀଷ୍ମ ପୂର୍ବରୁ କାହିଁକି କାର୍ଯ୍ୟକାରୀ କରାଯାଉନି, ଏହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରତ୍ୟେକ ବର୍ଷ ଉପଭୋକ୍ତାମାନଙ୍କର ପୁଞ୍ଜିଭୁତ ଅସନ୍ତୋଷ ବେଳେ ବେଳେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରୁଛି । ବିଶେଷ କରି କୋମଳମତି ଶିଶୁ, ଗର୍ଭବତୀ, ବୃଦ୍ଧ, ବୃଦ୍ଧା ଓ ରୋଗାକ୍ରାନ୍ତ ଲୋକ ଅସହ୍ୟ ଗରମରେ ତ୍ରାହି ତ୍ରାହି ଡାକୁଛନ୍ତି । ଏ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବା ସହ ସମସ୍ୟାର ତୁରନ୍ତ ସମାଧାନ ଲାଗି ଦାବି କରିଛନ୍ତି ଲୋକେ । ନଚେତ ଆଗାମୀ ଦିନରେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ ଆସିଷ୍ଟାଣ୍ଟ ମ୍ୟାନେଜର ସୁବ୍ରତ ତ୍ରିପାଠୀ କୁହନ୍ତି, ଅନେକ ସ୍ଥାନରେ ବ୍ରେକ ଡାଉନ ହେଉଛି, ସେଥିପାଇଁ କିଛି ସମୟ ବିଦ୍ୟୁତ କଟିଯାଉଛି । ଗ୍ରୀଷ୍ମ ଦିନେ ଯେପରି ବିଜୁଳି ସମସ୍ୟା ସୃଷ୍ଟି ନହୁଏ, ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି । ଯେଉଁ ଅଞ୍ଚଳ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ଟ୍ରାନ୍ସଫର୍ମର ଆବଶ୍ୟକତା ପଡୁଛି, ସେଠାରେ ଏ ଦିଗରେ ପଦକ୍ଷେପ ନିଆଯାଉଛି ।

## ଇପିଏଫ୍ ପେନସନର୍ସ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଫୁଲନଖରା (ଭାସ୍କର ନ୍ୟୁଜ୍) : ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଟକ ଖାନନଗର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଇଂ. ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କଟକ, ଖୋର୍ଦ୍ଧା, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର ଓ ପୁରୀ ପ୍ରଭୃତି ଜିଲ୍ଲାମାନଙ୍କରୁ ରାଜ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ସର୍ବନିମ୍ନ ପେନସନ ୯୦୦୦ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ ଘୋଷଣା ନକରିବା ଦ୍ୱାରା ଓଡ଼ିଶା ସହ ସାରା ଦେଶର ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଇପିଏଫ୍ ପେନସନଧାରୀ ବରିଷ୍ଠ ନାଗରିକ ମାନଙ୍କ ପ୍ରତି କେନ୍ଦ୍ର ସରକାରଙ୍କ କ୍ରମାଗତ ଅବିଚାର ଓ ଅବହେଳା ବାବଦରେ ଉପସ୍ଥିତ କର୍ମକର୍ତ୍ତାମାନେ ବକ୍ତବ୍ୟ ରଖିଥିଲେ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ କର୍ତ୍ତୃପକ୍ଷ ବର୍ଦ୍ଧିତ ପେନ୍‌ସନ୍ ପ୍ରଦାନରେ ଅହେତୁକ ବିଳମ୍ବ କରୁଥିବାରୁ ଘୋର ନିନ୍ଦା ପ୍ରକାଶ କରିଥିଲେ । କେନ୍ଦ୍ର ସରକାରଙ୍କ ଏତାଦୃଶ ବୈମାତୃକ ମନୋଭାବ ପାଇଁ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାଇ ଚଳିତ ମାସ ୨୯ ତାରିଖରେ ଓଡ଼ିଶାର ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର କରାଗଲା । କେନ୍ଦ୍ର ସରକାରଙ୍କ ଇପିଏଫ ପେନସନର୍ସଙ୍କ ପ୍ରତି ଏତାଦୃଶ ମନୋଭାବ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ସ୍ଥିର କରାଗଲା । ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ୨୪-୨୫ ବର୍ଷର ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆଙ୍କ ସମେତ ପ୍ରଫୁଲ୍ଲ କୁମାର ଦାସ, ଅଗାଧୁ ପ୍ରଧାନ, ପ୍ରକାଶ କୁମାର ପଟ୍ଟନାୟକ, ଅନାଦି ବେହେରା, ମାୟାଧର ନାୟକ, କୃଷ୍ଣଚନ୍ଦ୍ର ମହାନ୍ତି, ବିକ୍ରମ ଛୋଟରାୟ ସରୋଜକାନ୍ତ ମଲ୍ଲିକ, ବସନ୍ତ ଦାସ, ଗୀତାଞ୍ଜଳି ପାତ୍ର, ଉର୍ବଶୀ ମିଶ୍ର, କୈଳାଶ ଚନ୍ଦ୍ର ସାହୁ, ଧୀରେନ୍ଦ୍ର ପ୍ରତାପ, ଅଲେଖ ରାଉତ, ବିଜୟ ନାୟକ, ଦେବେନ୍ଦ୍ର କୁମାର ସାହୁ, ରଘୁନାଥ ବରାଳ, ଅକ୍ଷୟ କୁମାର ରାଉତ ପ୍ରମୁଖ ୩୦ଜଣ ସଭ୍ୟସଭ୍ୟା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ବୁଲେଇ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ହିତାଧିକାରୀଙ୍କୁ ବଣ୍ଟାଗଲା ନୂତନ ରାସନ କାର୍ଡ

ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ବ୍ଲକସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନୂତନ ରାସନ କାର୍ଡ ଶୁଭାରମ୍ଭ ଅବସରରେ ଏରସମା ବ୍ଲକ୍ ଅଞ୍ଚଳର ୧୦ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟା ଯାଇଥିବା ବେଳେ, ୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡରୁ ୯ଲକ୍ଷ ୫୦ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ କୁମାର ପରିଡା, ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଲେଙ୍କା, ସାଂସଦଙ୍କ ଏରସମା ବ୍ଲକ୍ ପ୍ରତିନିଧି ଜଟାଧାରୀ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ କୁମାର ସ୍ୱାଇଁ, ସରପଞ୍ଚ ଦିପ୍ତୀରାଣୀ ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ । ଯୋଗାଣ ଅଧିକାରୀ ଅମୀୟ ସା, ପିଇଓ ହୃଷିକେଶ ରାଉତରାୟ ଓ ଜ୍ଞାନରଞ୍ଜନ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ଡେରାବିଶରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ବିଡ଼ିଓ ନମିତା ବାରିକ, ଏବିଡ଼ିଓ ଅନିରୁଦ୍ଧ ବେହେରା, ସିଡ଼ିପିଓ ହରପ୍ରିୟା ଦେବୀ, ମନୋରଞ୍ଜନ ଉପାଧ୍ୟାୟ ପ୍ରମୁଖ ଯୋଗଦେଇଥିଲେ । ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଶ୍ମି ଦେବୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବେଶ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ କାଶ୍ମୀରରେ ଆତାଙ୍କବାଦୀଙ୍କ ଆକ୍ରମଣରେ ମୃତାହତ ହୋଇଥିବା ନାଗରକମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ସଭା ସ୍ଥଳରେ ଏଲଇଡ଼ି ମାଧ୍ୟମରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନର ପ୍ରସାରଣ ଉପସ୍ଥିତ ଦର୍ଶକମାନେ ଦେଖିଥିଲେ । ପରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ହିତାଧିକାରୀମାନଙ୍କୁ ନୂତନ ରାସନ କାର୍ଡ଼ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏମ୍‌ଆଇ ସ୍ୱରୂପ ଦାସ ପରିଚାଳନା କରିଥିବା ବେଳେ ଶେଷରେ ଚୌଧୁରୀ ଦୀପକ କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଅଂଶଗ୍ରହଣ କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

## ଅନିୟମିତତାରେ ଉବୁଟୁବୁ ଜଗତସିଂହପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟ

ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାରେ ଶିକ୍ଷା ବିଭାଗରେ ଚାଲିଥିବା ଦୁର୍ନୀତି ସାଧାରଣରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ଯଥା ସରକାରୀ ନିୟମ ଅନୁଯାୟୀ ଗୋଟିଏ ପଦବୀ ଜଣେ ଶିକ୍ଷକ ଅବସ୍ଥାପିତ ହେବା ସ୍ଥଳେ ଦୁଇଟି ପଦବୀରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବା କେତେଦୂର ଯଥାର୍ଥ ତାହା କାର୍ଯ୍ୟାଳୟର କାର୍ଯ୍ୟଧାରାରୁ ସହଜରେ ଅନୁମେୟ । ସିଆରସିସି ସାଁପୁର ଏବଂ ତରଡ଼ାପଡ଼ା ପ୍ରଧାନଶିକ୍ଷକ ଶେଷପ୍ରକାଶ ସେଠୀଙ୍କୁ ଦୁଇଟି ପଦବୀ ମିଳିଥିବା ବେଳେ ମଣ୍ଡାସାହି କ୍ଲଷ୍ଟର ସିଆର୍‌ସିସି ଓ ମଣ୍ଡାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀରେ ଶିକ୍ଷୟିତ୍ରୀ ସରୋଜିନୀ ମିଶ୍ରଙ୍କୁ ଅବସ୍ଥାପିତ କରାଯାଇଛି । ସେହିପରି ସିଆର୍‌ସିସି ପଲ୍ଲୀ ଓ ବଡଲହଙ୍ଗା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଆଲୋକ ରଞ୍ଜନ ଦାସଙ୍କୁ ନିଯୁକ୍ତ କରାଯାଇଛି । ଛାତ୍ର ଶିକ୍ଷକ ରେସିଓ(ପିଟିଆର୍)କୁ ଉଲ୍ଲଙ୍ଘନ କରୁଥିବା ଭଳି କାର୍ଯ୍ୟ ମଧ୍ୟ ମଣ୍ଡାସାହିର ଏକ ବିଦ୍ୟାଳୟରେ ଦେଖିବାକୁ ମିଳିଛି; ଯାହାକି ୩୨ଜଣ ଛାତ୍ରଛାତ୍ରୀ ଥିବାବେଳେ ବିଧାୟକଙ୍କୁ ଅନ୍ଧାରରେ ରଖି ଦୀର୍ଘଦିନ ଧରି ୩ଜଣ ଶିକ୍ଷକ ଉକ୍ତ ସ୍କୁଲରେ କାର୍ଯ୍ୟରତ ଅଛନ୍ତି । ଜଗତସିଂହପୁର ପୌରାଞ୍ଚଳ ଓ ବ୍ଲକରେ ଏହିପରି ଅନେକ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ବ୍ୟାପକ ଅନିୟମିତତା ପ୍ରାଥମିକ ଶିକ୍ଷା ବିଭାଗକୁ ଛାଡ଼ି ଯିବାକୁ ନା ଧରୁନି । ଏପରିକି ପର୍ଯ୍ୟାପ୍ତ ପରିମାଣର ବିଦ୍ୟାର୍ଥୀ ଥାଇ ବିଦ୍ୟାଳୟରେ ଆନୁପାତିକ ଶିକ୍ଷକ ଅଭାବ ଶିକ୍ଷାଦାନକୁ ଭୀଷଣ ଭାବେ ବାଧାପ୍ରାପ୍ତ କରୁଥିବା ବେଳେ ଅନେକ ସ୍ଥାନରେ ପର୍ଯ୍ୟାପ୍ତ ଶିକ୍ଷୟିତ୍ରୀ ଶିକ୍ଷାର୍ଥୀମାନଙ୍କ ଅପେକ୍ଷା ଅଧିକ ହୋଇଥିବାରୁ ମୋବାଇଲ ଖେଳରେ ଲିପ୍ତ ରହୁଛନ୍ତି । ଅନେକ କ୍ଷେତ୍ରରେ ଏହି ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ନିଜର ସ୍ୱାମୀ, ଶ୍ୱଶୂର, ଭାଇ ଓ ବନ୍ଧୁକୁଟୁମ୍ବଙ୍କୁ ଲଗାଇ ନିଜ ମନ ମୁତାବକ ବିଦ୍ୟାଳୟରେ ରହିବା ପାଇଁ ଅଫିସରଙ୍କୁ ଓ ସ୍ଥାନୀୟ ବିଭିନ୍ନ ନେତାଙ୍କୁ ଧରି ଚାପ ପ୍ରୟୋଗ କରିଆସୁଛନ୍ତି । ଏପରିକି ନିର୍ଦ୍ଦିଷ୍ଟ କେତେକ ସିଆର୍‌ସିସି ବ୍ୟାପକ ଅନିୟମିତତା ଓ ଦୁର୍ନୀତିରେ ସଂପୃକ୍ତ ଅଛନ୍ତି, ଯଥା ଖେଳ ଓ ଶିକ୍ଷଣ ଉପକରଣ ଯୋଗାଣରେ ସିଆରସିସି ଲିପ୍ତ ଥିବାବେଳେ ନିଜ କ୍ଲଷ୍ଟର ପାଖ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଅନୁଦାନ ରାଶିରୁ ପ୍ରଧାନଶିକ୍ଷକ ମାନଙ୍କୁ ନାଲିଆଖି ଦେଖାଇ ୨୦ ହଜାର ଟଙ୍କା ହଡ଼ପ କରିଛନ୍ତି; ଯାହାକି ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି । ଏସବୁ ଅବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ପାଇଁ ସର୍ବଶିକ୍ଷାର ନିର୍ଦ୍ଦିଷ୍ଟ କେତେକ କର୍ମଚାରୀ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ବେଶ୍ ତତ୍ପରତା ଦେଖାଉଛନ୍ତି । ଉପରକୁ ଆମେ ସ୍ୱଳ୍ପ ଦରମା ପାଉଥିବା କର୍ମଚାରୀ ବୁଲି କହୁଥିବା ଏହିସବୁ କର୍ମଚାରୀ ସିଆର୍‌ସିସିଙ୍କ ଠାରୁ ବେଶ୍ ମୁନାଫା ଉଠାଇବାରେ ବ୍ୟସ୍ତ । ଅନ୍ୟଜଣେ ସିଆର୍‌ସିସି ଅତି ମଧୁରଭକ୍ତି ଲକ୍ଷଣରେ ବେଶ ସିଦ୍ଧହସ୍ତ । ସିଆର୍‌ସିସି ପୂର୍ବରୁ କୌଣସି ଦିନ ତାଙ୍କ କାର୍ଯ୍ୟାଳୟରେ ନିୟମିତତା ଦେଖିବାକୁ ମିଳେନାହିଁ । ଯେହେତୁ ସେ ଅଣଶୈକ୍ଷିକ ଅନୁଷ୍ଠାନ ସହ ଜଡ଼ିତ । ସବୁ ଜାଣିଶୁଣି ଏ ସବୁ ବାବଦରେ ନିରବଦ୍ରଷ୍ଟା ସାଜିଥିବା ସର୍ଟୋଚ ବ୍ଲକ ଶିକ୍ଷାଧିକାରିଣୀଙ୍କ ଭୂମିକା ସନ୍ଦେହଜନକ ମନେହୁଏ । କେତେକ ସିଆରସିସି ନିଜକୁ ପାରଦର୍ଶୀ ଦେଖାଇ ହେବାକୁ ଉଦ୍ୟମ କରୁଥିବା ବେଳେ ବିଭିନ୍ନ ସର୍ବଶିକ୍ଷାର କାର୍ଯ୍ୟକ୍ରମରେ ମନଯୋଗ ଉଚିତ୍ ଭାବେ ଦେଉନାହାଁନ୍ତି । ତାହାର କାରଣ ସକାଳ ସନ୍ଧ୍ୟା ସେମାନଙ୍କୁ ଟ୍ୟୁସନ ନିଶା ଘାରିଛି । ଟ୍ୟୁସନ କରି ହଜାର ହଜାର ଟଙ୍କା ମାସିକ ରୋଜଗାର କରୁଥିବା ମୁଷ୍ଟିମେୟ ସିଆର୍‌ସିସି ଓ ଶିକ୍ଷକମାନଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ପୌରାଞ୍ଚଳରେ ଘରଭଡ଼ା ନେଇ ଟ୍ୟୁସନ କୋଚିଂ ସେଣ୍ଟର ଖୋଲି ଶିଶୁମନ୍ଦିର ପାଖାପାଖି ଅଞ୍ଚଳରେ ଶିକ୍ଷାକୁ ବ୍ୟବସାୟ କରଣ କରିବାରେ ବ୍ୟସ୍ତ । ଗତ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ସିଆର୍‌ସିସିଙ୍କ ଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀମାନେ ଦେଇଥିବା ଚାନ୍ଦା ଫେରାଇବା ପାଇଁ ମାନ୍ୟବର ବିଧାୟକ କହିଥିବା ବେଳେ ଅଦ୍ୟାବଧି ସେହି ଟଙ୍କାକୁ ଫେରସ୍ତ ପାଇ ପାରିବାରେ ଏବିଇଓ ସଂପୃକ୍ତ ଏବଂ ବିଇଓ କୌଣସି କର୍ଣ୍ଣପାତ କରୁନାହାଁନ୍ତି ।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

### 'ପଞ୍ଚାୟତ ସୁଦୃଢ଼ ନହେଲେ ଦେଶ ସୁଦୃଢ଼ ହେବା ଅସମ୍ଭବ'





କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ପଡିଆ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ବ୍ଲକସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନା ରାଣୀ ସାହୁ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, ଅତିରିକ୍ତ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ସମିତି ସଭ୍ୟା ସସ୍ମିତା ନାୟକ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ଗାଁ ଓ ପଞ୍ଚାୟତ ସୁଦୃଢ଼ ନହେଲେ ଦେଶ ସୁଦୃଢ଼ ହେବା ଅସମ୍ଭବ ବୋଲି କହିଥିଲେ । ତେଣୁ ଦେଶକୁ ସୁଦୃଢ଼ କରିବାକୁ ହେଲେ ପ୍ରଥମେ ପଞ୍ଚାୟତ ସୁଦୃଢ଼ କରିବାକୁ ହେବ ବୋଲି କହିଥିଲେ । ଗାଁର ବିକାଶ କରିବାକୁ ହେଲେ ତୃଣମୂଳ ସ୍ତରରେ କ୍ଷମତାର ବିକେନ୍ଦ୍ରୀକରଣ କରିବା ପାଇଁ ସରକାର ୧୯୯୨ମସିହା ଏପ୍ରିଲ ମାସ ୨୪ତାରିଖରେ ଦେଶରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସ୍ୱୀକୃତି ମିଳିଥିଲା । ସେହିଦିନ ଠାରୁ ଏପ୍ରିଲ ମାସ ୨୪ତାରିଖକୁ ଜାତୀୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଛି ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ନୂତନ ରାସନ କାର୍ଡ ଶୁଭାରମ୍ଭ ପରିପ୍ରେକ୍ଷରେ କୁଜଙ୍ଗ ବ୍ଲକ୍ ଅଞ୍ଚଳର ୧୦ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା । ଅନ୍ୟପଟେ କାର୍ଯ୍ୟ ଦକ୍ଷତା ନିମନ୍ତେ ନୂଆଗଡ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ଏଡିଇଓ ତୁଷାର କାନ୍ତ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ଜେନା, ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ଦେବେନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକଳ୍ପ ସଂଯୋଜକ ଜିତେନ୍ଦ୍ରିୟ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଯୋଗାଣ ଅଧିକାରୀ ଦୀପକ ପାତ୍ର ସହାୟତା କରିଥିଲେ । ଉକ୍ତ ସମାରୋହରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ ।

## ମୁଗଭଙ୍ଗାରେ ଶ୍ରୀରାମଲୀଳା ମହୋତ୍ସବ ପାଇଁ ପ୍ରସ୍ତୁତି

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ମହାନଗର ନିଗମ ଅନ୍ତର୍ଗତ ୫୯ ନମ୍ବର ୱାର୍ଡସ୍ଥିତ ମୁଗଭଙ୍ଗା ଗ୍ରାମରେ ଆସନ୍ତା ମେ ୧୩ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ୧୧ତମ ବାର୍ଷିକ ମା' ଖରାଖାଇ ଶ୍ରୀରାମ ଲୀଳା ମହୋତ୍ସବ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଭାଗ୍ୟଧର ଦଳାଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ମହା ଆଡ଼ମ୍ବରରେ ସହକାରେ ପାଳନ କରାଯିବ ବୋଲି ଗ୍ରାମର ବରିଷ୍ଠ ନାଗରିକ ନବକିଶୋର ଦଳାଇ ପ୍ରକାଶ କରିଥିଲେ । ପ୍ରଥମ ରାତିରେ ସୀତା ଚୋରି, ଦ୍ୱିତୀୟ ରାତିରେ ଇନ୍ଦ୍ରଜିତ ବଧ,ତୃତୀୟ ରାତିରେ ରାବଣ ବଧ ପରିବେଷଣ କରାଯିବା ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ଏଥିସହ ଅଞ୍ଚଳର ମୁରବୀଙ୍କ ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ହେମନ୍ତ କୁମାର ଦଳାଇ ସୂଚନା ଦେଇଛନ୍ତି । ଉକ୍ତ ବୈଠକରେ ବିଚିତ୍ରାନନ୍ଦ ଦଳାଇ, ଭୀମସେନ ଭୂୟାଁ, ଦୀପକ ଦଳାଇ, ମନୋଜ ଦଳାଇ, ମୁକେଶ ସ୍ୱାଇଁ, ଅଞ୍ଜନ ଦଳାଇ, ଦିଲୀପ ଦଳାଇ, ସଞ୍ଜିବ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଶିଫଳ


**ଶନିବାର, ୨୬ ଏପ୍ରିଲ ୨୦୨୫**



**ମେଷ:** ଆଜି ଆପଣ ମାନସିକ କ୍ଳାନ୍ତ ଅନୁଭବ କରିପାରନ୍ତି ଏବଂ ପରିଶ୍ରମ କରିବା ସତ୍ତ୍ୱେ ଫଳାଫଳ କମ୍ ହେବ । ଆପଣ ନିଜ ପିଲା ବିଷୟରେ ଚିନ୍ତିତ ହୋଇପାରନ୍ତି । ଅଧିକ ବ୍ୟସ୍ତତା ହେତୁ ଆପଣ ପରିବାରକୁ କମ୍ ସମୟ ଦେବେ ।




**ବୃଷ:** ଦିନ ଆରମ୍ଭରେ, ଆପଣଙ୍କର ମାନସିକ ସମସ୍ୟା ହୋଇପାରେ । ଅସ୍ଥିରତା ଆପଣଙ୍କ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଶରୀରରେ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ଅସ୍ଥିରତା ଅନୁଭବ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି ।




**ମିଥୁନ:** ଆଜି ମଧ୍ୟମ ଦିନ ହେବ । ଆଜି କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି । ଜୀବନସାଥୀ ଏବଂ ପିଲାମାନଙ୍କ ବିଷୟରେ ଚିନ୍ତା ହେବ । ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ । ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାକୁ ଏଡ଼ାନ୍ତୁ ।




**କର୍କଟ:** ଆଜି ଛାତି ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ବ୍ୟାଧିରୁ ଯନ୍ତ୍ରଣା ଅନୁଭବ ହେବ । ଘରେ ସଦସ୍ୟଙ୍କ ସହ ତୀବ୍ର ଆଲୋଚନା କିମ୍ବା ବିତର୍କ ହେତୁ ମନରେ ଦୁଃଖ ମଧ୍ୟ ରହିବ । ଆଜିର ଦିନ ଅସୁବିଧାରେ ପରିପୂର୍ଣ୍ଣ । କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ ।



**ସିଂହ:** ଆଜି ଆପଣଙ୍କର ଦିନ ଶୁଭ ଅଟେ । ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଭାଇମାନଙ୍କ ସହିତ ସମୟ ବିତାଇବେ । ଏକ ସୁନ୍ଦର ଯାତ୍ରାର ଯୋଗ ରହିଛି । ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କୁ ଭେଟିବାର ସମ୍ଭାବନା ଅଛି । କାର୍ଯ୍ୟରେ ସଫଳତା ପାଇ ବନ୍ଧୁମାନେ ଖୁସି ହେବେ ।




**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ । ବକ୍ତବ୍ୟର ମଧୁରତା ସହିତ, ଆପଣ ଅନ୍ୟ ଲୋକଙ୍କ ମନରେ ଏକ ସକାରାତ୍ମକ ଭାବନା ଛାଡି ପାରିବେ । ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ୍ୟ ଖୁସି ହେବ । ଏକ ସୁଖଦ ବ୍ୟାପାର ହେବ । ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବାରୁ ସନ୍ତୋଷର ଭାବନା ରହିବ ।



**ତୁଳା:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ସୁଖ ଅନୁଭବ କରିବେ । ପୋଷାକ ଏବଂ ଆନନ୍ଦ-ପ୍ରମୋଦ ପଛରେ ଖର୍ଚ୍ଚ ହେବ । ଆଦର୍ଶଗତ ଭାବରେ ଦୃଢ ରହିବେ । ମନ ସୃଜନଶୀଳ ଧାରାରେ ରହିବ । ଦିନଟି ଖୁସିରେ ବିତାଇବ । ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ ।




**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ । କୋର୍ଟ ସମ୍ବନ୍ଧୀୟ କାର୍ଯ୍ୟରେ ଯତ୍ନବାନ ହୁଅନ୍ତୁ । ପ୍ରତ୍ୟେକ ବିଷୟର ମଧ୍ୟମ ଆଚରଣ ଅପଚୟରୁ ଦୂରେଇ ରହିବ । ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ । ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ ।




**ଧନୁ:** ଆଜି ଆପଣଙ୍କ ଆୟ ଏବଂ ଲାଭର ବୃଦ୍ଧି ସମ୍ଭାବନା ରହିଛି । ସାମାଜିକ କାର୍ଯ୍ୟରେ ଭାଗ ନେଇ ମନ ଖୁସି ହେବ । ବ୍ୟବସାୟରେ ଲାଭବାନ ହେବେ । ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହେବ । ବକ୍ତବ୍ୟରେ ସଂଯମତା ରଖନ୍ତୁ ।




**ମକର:** ଆଜି କଣ୍ଟିଜେନ୍ସି ଟଙ୍କା ମିଳିପାରେ । ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ନଷ୍ଟ କରିପାରେ । ବ୍ୟବସାୟ କ୍ଷେତ୍ରରେ ଧନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀଙ୍କ ସୁଖ ଆପଣଙ୍କ ଉପରେ ରହିବ । ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ । ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ ।



**କୁମ୍ଭ:** ଆଜି ପ୍ରତିଯୋଗୀମାନଙ୍କ ସହିତ ବିତର୍କ କରନ୍ତୁ ନାହିଁ । ଶାରୀରିକ ଅସୁସ୍ଥ ରହିବେ । ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ । ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ । ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ ।



**ମୀନ:** ଆଜିର ଦିନ ସବୁ କ୍ଷେତ୍ରରେ ଆପଣଙ୍କ ପାଇଁ ଲାଭଦାୟକ । ଆଜି କିଛି ଦାନ କରନ୍ତୁ । ଉପଯୁକ୍ତ ଯୋଜନା ମାଧ୍ୟମରେ ବ୍ୟବସାୟ ବୃଦ୍ଧି ପାଇବ । ବ୍ୟବସାୟ ସହ ଜଡିତ ସ୍ଥାନାନ୍ତରଣର ସମ୍ଭାବନା ରହିଛି । ପିତା ଏବଂ ବରିଷ୍ଠମାନଙ୍କର ଆଶୀର୍ବାଦ ମିଳିବ । ଲାଭ ପାଇବେ । ଆୟ ବୃଦ୍ଧି ପାଇବ ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ୍ ପରିସରରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ଗାଆଁ ଓ ପଞ୍ଚାୟତ ବିକାଶ ହେଲେ ଗ୍ରାମପଞ୍ଚାୟତର ବିକାଶ ହେବ। ଜିଲ୍ଲାର ବିକାଶ ହେଲେ ଓଡ଼ିଶା ରାଜ୍ୟର ବିକଶିତ ସହ ଦେଶର ବିକାଶ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଦୂରଭାଷୀ ଜରିଆରେ ମୁଖ୍ୟମନ୍ତ୍ରୀ ପୁରୀ ଠାରେ ଜାତୀୟ ପଞ୍ଚାୟତ ରାଜ ଦିବସ ପାଳନରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଖଡିଆଳ ଠାରେ ତିନି ଗୋଟି ପଞ୍ଚାୟତ ଚବାବେଡା ସରପଞ୍ଚ ମଥାମଣୀ ତାଣ୍ଡି, ଅରଡା ସରପଞ୍ଚ ପ୍ରତିମା ପୁଞ୍ଜି ଓ ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରାଙ୍କୁ ସାତଲକ୍ଷ ବାସ୍ତରୀ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ନୂତନ ହିତାଧିକାରୀମାନଙ୍କୁ ଖାଉଟିକାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଏଫ୍‌ଟି ବିଭୁତି ଭୂଷଣ ବିଶି ସଂଚାଳନ କରିଥିବା ବେଳେ ପିଇଓ ପ୍ରଫୁଲ୍ଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ୫୧ ଜଣ ହିତାଧୀକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରିଛନ୍ତି। ଅତିଥି ରୂପେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲାପରିଷଦ ସଦସ୍ୟ ଚିତ୍ତ ରଞ୍ଜନ ବେହେରା, ତନୟା ଶବର, ଖଡିଆଳ ବିଡ଼ିଓ ନରସିଂହ ଗଦବା, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକ, ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅଜିତ୍ କିଶୋର ଚଲାନଙ୍କ ସମେତ ସିଆରପି,ଏମବିକେ ଆଦି ନିମନ୍ତ୍ରିତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ ।

# ପଶୁପକ୍ଷୀଙ୍କୁ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷା ଦେବା ପାଇଁ ବିବିଧ ପଦକ୍ଷେପ





ରାଉରକେଲା (ଭାସ୍କର ନ୍ୟୁଜ୍): ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନ ଓ ଡିୟର ପାର୍କର ପଶୁପକ୍ଷୀ ଏବଂ ସରୀସୃପଙ୍କୁ ସୁରକ୍ଷା ଦେବା ପାଇଁ ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନ କୃଷି ବିଭାଗରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଏବଂ ସତର୍କତା ଅବଲମ୍ବନ କରୁଛି। ପ୍ରାଣୀ ଉଦ୍ୟାନରେ ବାସକରୁଥିବା ୧୮ଟି ବିବିଧ ପ୍ରଜାତିର ୨୦୦ରୁ ଅଧିକ ପଶୁପକ୍ଷୀଙ୍କ ପାଇଁ ଏକ ସୁରକ୍ଷିତ ଓ ସୁସ୍ଥ ବାତାବରଣ ସୁନିଶ୍ଚିତ କରିବା ଏହି ପ୍ରୟାସ ଗୁଡିକର ଲକ୍ଷ୍ୟରହିଛି । କଲରାପତ୍ରିଆ ବାଘ, ଭାଲୁ, ହରିଣ ଏବଂ ପ୍ରାଇମେଟ ଖୁଆଡ ଓ ପରିସରରେ ପାରିପାର୍ଶ୍ୱିକ ତାପମାତ୍ରା କମ ରଖିବା ନିମନ୍ତେ ୱାଟର ଟ୍ୟାଙ୍କର୍ ମାଧ୍ୟମରେ ନିୟମିତ ଭାବରେ ଥଣ୍ଡା ପାଣି ସ୍ପ୍ରେ କରାଯାଉଛି । କଲରାପତ୍ରିଆ ବାଘ, ଭାଲୁ, ମାଙ୍କଡ଼, ମାକାଉ ଏବଂ ଅନ୍ୟାନ୍ୟ ପକ୍ଷୀ ପ୍ରଜାତିର ଏନକ୍ଲୋଜରରେ ଗ୍ରୀଷ୍ମ ତାପରୁ ସୁରକ୍ଷା ପାଇଁ କୁଲର୍ ସ୍ଥାପିତ କରାଯାଇଛି। ଭାଲୁ, ହରିଣ ଏବଂ ଏମ୍ମୁ ସ୍ନାନ କରିବା ପାଇଁ ଖୁଆଡ ଭିତରେ କୃତ୍ରିମ ପାଣି ପୁଷ୍କରିଣୀ ଖୋଳାଯାଇଛି। ସେମାନଙ୍କ ବାସକୁ ସଫସୁତୁରା ରଖାଯିବା ସହିତ ଗ୍ରୀଷ୍ମ ଜନିତ ସଂକ୍ରମଣ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସେଠାରେ ନିୟମିତ ରୂପେ ବିଶୋଧକ ଔଷଧରେ ବିଶୋଧିତ କରାଯାଉଛି। ମୃଗ ପରିସରରେ ଶୀତଳ ପାନୀୟ ଜଳର ଅନବରତ ଯୋଗାଣ ସୁନିଶ୍ଚିତ କରାଯିବା ସହ ସମ୍ବର, ନୀଳଗାଈ ଓ ଏମୁଙ୍କ ନିମନ୍ତେ ଜଳର ଉତ୍ସ ଉପଲବ୍ଧ ପାଇଁ ଆବଶ୍ୟକୀୟ ସୁବିଧା ଗ୍ରହଣ କରାଯାଇଛି। ଗ୍ରୀଷ୍ମକାଳୀନ ଡିହାଇଡ୍ରେସନ, ଗ୍ରୀଷ୍ମାଘାତ ତଥା ଅନ୍ୟାନ୍ୟ ସମସ୍ୟାରୁ ରକ୍ଷା ପାଇଁ ପ୍ରାଇମେଟସ୍, ଆଭେସ୍ ଏବଂ ହରିଣଗୁଡିକ ନିମନ୍ତେ ପାନୀୟ ଜଳ ସହ ରସଯୁକ୍ତ ଖାଦ୍ୟ ଏବଂ ଆଣ୍ଟି ଷ୍ଟ୍ରେସ୍ ଫର୍ମୁଲେସନ୍ ଯୋଗାଇ ଦିଆଯାଉଛି। ସମସ୍ତ ଜୀବଜନ୍ତୁ ଏବଂ ପକ୍ଷୀମାନଙ୍କ ପାଇଁ ୨୪ ଘଣ୍ଟିଆ ଜଳଯୋଗାଣ ସୁନିଶ୍ଚିତ କରାଯାଇଛି । ଜମାଟ ଜଳରେ ଆବର୍ଜନାର ସମ୍ଭାବନାକୁ ଏଡାଇବା ପାଇଁ ଜଳ ପ୍ରବାହକୁ ଅନବରତ କରାଯାଇଛି। ଅତ୍ୟଧିକ ଉତ୍ତାପକୁ ରୋକିବା ପାଇଁ ପ୍ରତ୍ୟେକ ବିକଳ୍ପ ଦିନରେ ପଶୁମାନଙ୍କ ସେଡରେ ପାଣି ଛିଞ୍ଚିବା ପାଇଁ ୱାଟର ଟ୍ୟାଙ୍କର୍ ଯୋଗାଇ ଦିଆଯାଉଛି । ବିଲୁପ୍ତ ତଥା ସମ୍ବେଦନଶୀଳ ପ୍ରଜାତିଗୁଡିକ ପାଇଁ ବିଶେଷ ଯତ୍ନ ନିଆଯାଉଛି ଯାହାଦ୍ୱାରା ସେମାନେ ଯେକୌଣସି ସମୟରେ ପାଣି ଭିତରକୁ ଯାଇ ନିଜକୁ ଥଣ୍ଡା ରଖିପାରିବେ। ଉଲ୍ଲେଖଯୋଗ୍ୟ ଯେ, ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନ ହେଉଛି ରାଜ୍ୟର ଦ୍ୱିତୀୟ ବୃହତ୍ତମ ଏକୀକୃତ ପ୍ରାଣୀ ଉଦ୍ୟାନ ଯାହା ସ୍ଥାନୀୟ ତଥା ପଡୋଶୀ ଅଞ୍ଚଳରୁ ବାର୍ଷିକ ଏକ ଲକ୍ଷରୁ ଅଧିକ ପରିଦର୍ଶକଙ୍କ ମନୋରଞ୍ଜନ କରୁଛି।

# ରିସିଗାଁ ପଞ୍ଚାୟତରେ ଦୂଷିତ ପାଣି ପିଇ ପିଲାଠୁ ବୃଦ୍ଧ ଜଣ୍ଡିସ ରୋଗରେ ଆକ୍ରାନ୍ତ



ଲୋକେ ଆତଙ୍କିତ

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ନୂଆପଡା ନର୍ସିଙ୍ଗ ପୁର ଗ୍ରାମକୁ ପାଇପ ଲାଇନ ଯୋଗେ ଜଳ ଯୋଗାଣର ସମସ୍ତ ସୁବ୍ୟବସ୍ଥା ଥାଇ ମଧ ପନ୍ଦର ଦିନ ହେଲା ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଗ୍ରାମବାସୀ ଚାଷ ଜମି ପାର୍ଶ୍ୱରେ ଥିବା ଖୋଲା ରିଙ୍ଗ କୂଅଁର ପାଣି ପିଇ ଗ୍ରାମର ଅସି ପ୍ରତିଶତ ଶିଶୁ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ଗ୍ରାମର ଜନସଂଖ୍ୟା ତିନି ହଜାରରୁ ଅଧିକ ରହିଛି। ଗ୍ରାମରେ ଛଅ ଗୋଟି ନଳକୁଅ ଥିବାବେଳେ ସମସ୍ତ ନଳକୁଅରେ ଫ୍ଲୋରାଇଡ଼ ଯୁକ୍ତ ପାଣି ବାହାରୁ ଥିବାରୁ ସେହି ନଳକୁର ପାଣି ପିଇ ଯୋଗ୍ୟ ନୁହେଁ ବୋଲି ବିଭାଗ ପକ୍ଷରୁ ଲାଲ ଛକି ଚିହ୍ନ ଦିଆ ଯାଇଛି। ହେଲେ ସେହି ନଳକୁଅ ଗୁଡିକରୁ କମ ପାଣି ବାହାରୁ ଥିବାବେଳେ ଦୁଇଟି ନଳକୁଅ ଖରାପ ହୋଇ ପଡିଛି। ଅନ୍ୟ ପକ୍ଷରେ ପନ୍ଦର ଦିନ ହେଲା ଜଳଯୋଗାଣ ବନ୍ଦ ରହିଛି। ଗ୍ରାମବାସୀ ପିଇବା ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କୁ ପିଇବା ପାଣି ପାଇଁ ଅନ୍ୟ ବିକଳ୍ପ ବ୍ୟବସ୍ଥା ନଥିବାରୁ ଧାନ ଚାଷ ହୋଇଥିବା ଚାଷ ଜମିରେ ଥିବା ରିଙ୍ଗ କୂଅରୁ ମହିଳା ମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ପାଣି ସଂଗ୍ରହ କରୁଛନ୍ତି। ପାଣି ନେବାକୁ କେନ୍ଦ୍ର କରି ମହିଳା ମାନେ ଝଗଡ଼ା ଲାଗୁଛନ୍ତି। ପାଣି ସମସ୍ୟାକୁ ନେଇ ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇ ଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ବେଳେ ଗ୍ରାମରେ ପିଇବା ପାଣି ପାଇଁ ମହିଳାମାନେ ଗରା, ବାଲ୍ ?ଟି ଧରି ଗ୍ରାମ ରାସ୍ତାକୁ ଅବରୋଧ କରି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଗ୍ରାମର କିଛି ମହିଳା ଗ୍ରାମଠାରୁ ଏକ କିଲୋମିଟର ଦୂରରେ ଥିବା ସରଗାଦି ଗ୍ରାମରୁ ପାଣି ଆଣି ପିଉଥିବା ପ୍ରକାଶ କରିଛନ୍ତି। ଗତ ପନ୍ଦର ଦିନ ତଳେ ଖଡ଼ିଆଳ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂଆପଡା (ନର୍ସିଙ୍ଗ ପୁର) ଗ୍ରାମକୁ ଯାଇ ଗ୍ରାମର କମ ବୟସର ପୁଅ ଝିଅ ମାନଙ୍କୁ ନେଇ ଶାରୀରିକ ପରୀକ୍ଷା କରିଥିଲେ। ଶାରୀରିକ ପରୀକ୍ଷାରେ ଗ୍ରାମର ଆସି ପ୍ରତିଶତ ପୁଅ ଝିଅ ମାନଙ୍କୁ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ଜଣା ପଡିଥିଲା। ହେଲେ ପରିତାପର ବିଷୟ ସ୍ୱାସ୍ଥ୍ୟ ବିଭାଗ ପନ୍ଦର ଦିନ ହେଲା ଗ୍ରାମର ଶିଶୁ ମାନଙ୍କୁ ଜଣ୍ଡିସ ରୋଗର ଔଷଧ ଦେଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣ୍ଡିସ ରୋଗର ଉପଚାର ପାଇଁ ନିକଟସ୍ଥ ଡୁଆଝର ଗ୍ରାମକୁ ଯାଇ ଝଡା ଫୁଙ୍କାର ଆଶ୍ରୟ ନେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଆଜି କମ ବୟସର ପୁଅ ଝିଅ ମାନଙ୍କୁ ଜଣ୍ଡିସ ରୋଗ ହୋଇଛି ଆଗାମୀ ଦିନରେ ଆମକୁ ଜଣ୍ଡିସ ରୋଗ ହେଲେ ସେମାନଙ୍କ ଚିକିତ୍ସା ଯତ୍ନ କିଏ ନେବ ବୋଲି ପ୍ରଶ୍ନ କରିଛନ୍ତି। ଗ୍ରାମବାସୀ ଦୂଷିତ ପାଣି ପିଇ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗ୍ରାମର ପାଣି ସମସ୍ୟାର ସମାଧାନ ନହେଲେ ରାଜ ରାସ୍ତାକୁ ଓଲ୍ଲାଇ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ଯଶୋବନ୍ତି ବନଛୋର, ସୁରୁ ତାଣ୍ଡି, ଗାୟତ୍ରୀ ବର୍ଗର୍ତ୍ତି, କବିତା ବାଗ, ପାୟଲ ବର୍ଗର୍ତ୍ତି, ଗିରିସୁତା ବର୍ଗର୍ତ୍ତି, ଗୋମତୀ ତାଣ୍ଡି, ଜ୍ୟୋଷ୍ନା ସଗରିଆ ଚେତାବନୀ ଦେବା ସହିତ କୌଣସି ଲୋକଙ୍କ ଜୀବନ ହାନି ହେଲେ ଜିଲ୍ଲା ପ୍ରଶାସନ ଦାୟୀ ହେବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଖଡ଼ିଆଳ ବ୍ଲକ ଦାଇତ୍ୱରେ ଥିବା ଜଳ ଯୋଗାଣ ଓ ପରିମଳ ଯନ୍ତ୍ରୀ ରାଜେନ୍ଦ୍ର ବେହେରାଙ୍କୁ ଅବଗତ କରିବାରୁ ସ୍ୱିଚବଲ ଖରାପଥିଲା ମରାମତି ଚାଲିଛି। କାଲି ଦ୍ୱି ପ୍ରହର ସୁଦ୍ଧା ଜଳ ଯୋଗାଣ ହୋଇଯିବ ବୋଲି ପ୍ରକାଶ କରିଥିଲେ। ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଅଧିକାରୀ ଡ଼ ରଞ୍ଜିତ ରାଉତଙ୍କୁ ଅବଗତ କରିବାରୁ ଗତ ପନ୍ଦର ଦିନ ପୂର୍ବରୁ ଗୋଟିଏ ଚିକିତ୍ସା ଦଳ ଯାଇ ପରୀକ୍ଷା କରିଥିଲେ ସେତେବେଳେ ପାଞ୍ଚ ଛଅ ଜଣ ଶିଶୁ ଜଣ୍ଡିସ ଚିହ୍ନଟ ହୋଇଥିଲେ। ବର୍ତ୍ତମାନ ଆଉ ଜଣ୍ଡିସ ବାହାରୁନାହିଁ ବିଭାଗ ପକ୍ଷରୁ କାଲିଯାଇ ପୁଣି ଡାକ୍ତର ଦଳ ଯାଇ ପରୀକ୍ଷା କରିବେ ବୋଲି ପ୍ରକାଶ କରିଥିଲେ ।

# ପୋଷଣ ପକ୍ଷ ପାଳିତ





ଗୁଣପୁର(ଭାସ୍କର ନ୍ୟୁଜ): ଗୁଣପୁର ବ୍ଲକ ସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇ ଯାଇଛି । ଗୁଣପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ଗୁଣପୁର ସୁଶ୍ରୀ କିରନଦୀପ କୌର ସହୋତା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଗୁଣପୁର ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କାଳୀ ପ୍ରସାଦ ପଣ୍ଡା, ବ୍ଲକ ପଶୁଧନ ଅଧିକାରୀ ରାଧେଶ୍ୟାମ ଦାସ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସସ୍ମିତା ମହାନ୍ତି, ଆଶା ଅନୁଷ୍ଠାନ ସମ୍ପାଦକ ବେଣୁ ଗୋପାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜଣେ ମହିଳା ମାତୃତ୍ୱ ଲାଭ ପରଠାରୁ ଶିଶୁ ଜନ୍ମର ୪୫ଦିନ ପର୍ଯ୍ୟନ୍ତ ପୋଷଣର ଆବଶ୍ୟକତା ଓ କିପରି ସେହି ପୋଷଣ ଦିଆଯିବ ତାହାରି ଉପରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଭିନ୍ନ ପ୍ରକାର ପୋଷଣ ସାମଗ୍ରୀର ପ୍ରଦର୍ଶନୀ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଯାଇଥିଲା । ବିଶେଷ କରି ମିଲେଟ ମିଶନ ଉପରେ ଗୁରୁତ୍ୱ ପ୍ରଦାନ କରି ମାଣ୍ଡିଆ ଲଡୁ, ବିସ୍କୁଟ, କେକ, ଦହିବରା, ପିଠା ଆଦି ପ୍ରଦର୍ଶନୀରେ ଗୁରୁତ୍ୱ ବହନ କରିଥିଲା । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀଙ୍କ ହାତ ତିଆରି ପିଠା, ଲଡୁ, ଦହି ପଖାଳ, ସଜନା ଶାଗ ଭଜା, ଜଳଖିଆ ଭଳି ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ଦେଖି ଅତିଥିମାନେ ଖୁସି ବ୍ୟକ୍ତ କରିଥିଲେ । ଏହି ଅବସରରେ କୁନି ଛୁଆ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଶିଶୁ ବିକାଶ ଯୋଜନା ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଜଗନ୍ନାଥପୁର ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଯୋଗଦାନ କରିଥିଲେ ।

# ପଞ୍ଚାୟତିରାଜ ଦିବସ ପାଳିତ

ଉମରକୋଟ (ଭାସ୍କର ନ୍ୟୁଜ୍): ଗୁରୁବାର ଥିଲା ପଞ୍ଚାୟତ ରାଜ ଦିବସ, ପଞ୍ଚାୟତରାଜ ଦିବସକୁ ମହା ଆଡମ୍ବର ସହକାରେ ପାଳନ କରିବାକୁ ସରକାରଙ୍କ ନର୍ଦ୍ଦେଶ ରହିଥିବାବେଳେ କାର୍ଯ୍ୟକ୍ରମ ବିଷୟରେ ଅଞ୍ଚଳବାସୀଙ୍କ ନିକଟରେ ପହଞ୍ଚାଇବାକୁ ସରକାର ଯୋଜନା କରିଥିଲେ, ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଉମରକୋଟ ଠାରେ ପଞ୍ଚାୟତରାଜ ଦିବସ ପାଳନ କରାଯାଇଛି କି ନାହିଁ ତାହା ସନ୍ଦେହ, କାର୍ଯ୍ୟାଳୟ ଠାରେ କୌଣସି କାର୍ଯ୍ୟକ୍ରମ ହେଲା ଭଳି ଦୃଶ୍ୟମାନ ହେଉ ନଥିଲା। ସରକାର ଏହି ଦିନକୁ କାହିଁକି ପଞ୍ଚାୟତ ରାଜ ଦିବସ ପାଳନ କରୁଛନ୍ତି ସେ ସମସ୍ତ ବିଷୟ ଲୋକଙ୍କୁ ଅବଗତ କରିବା ହେଉଛି ସରକାରଙ୍କ ଉଦ୍ଦେଶ୍ୟ ହେଲେ ଉମରକୋଟ ଠାରେ ତାହା ଫଳପ୍ରଦ ହୋଇପାରିଲା ନାହିଁ ଏବଂ କାର୍ଯ୍ୟକ୍ରମରେ କିଏ କିଏ ଯୋଗ ଦେଲେ କଣ କାର୍ଯ୍ୟକ୍ରମ ହେଲା ତାହା ଲୋକ ଲୋଚନକୁ ଆସିପାରିଲା ନାହିଁ। ଉମରକୋଟ ବିଧାୟକ ତଥା ରାଜ୍ୟ କ୍ୟାବିନେଟ ମନ୍ତ୍ରୀ କିନ୍ତୁ ତଥାପି ସରକାରଙ୍କ କାର୍ଯ୍ୟକ୍ରମ ଲୋକଲୋଚନ କୁ ଆସି ପାରୁନାହିଁ। କିନ୍ତୁ ସାମ୍ବାଦିକ ହେଉଛନ୍ତି ଚତୁର୍ଥ ସ୍ତମ୍ଭ ହେଲେ ସେହି ଚତୁର୍ଥ ସ୍ତମ୍ଭ ସାମ୍ବାଦିକଙ୍କୁ ନିମନ୍ତ୍ରଣ କରାଇବାରେ ବିଫଳ ହୋଇଛନ୍ତି ବ୍ଲକ ପ୍ରଶାସନ। ସାମ୍ବାଦିକଙ୍କୁ ଅଣଦେଖା କରି ଏହି କାର୍ଯ୍ୟକ୍ରମକୁ କରାଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଉମରକୋଟ ସାମ୍ବାଦିକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏହି ଦିବସ ପାଳନ କରାଯାଉଛି କି ନାହିଁ ବୋଲି ପଚାରିବାରୁ ସେ କହିଛନ୍ତି କାର୍ଯ୍ୟକ୍ରମ ପାଳନ କରାଯାଉଛି କାର୍ଯ୍ୟାଳୟ ପଛ ପଟେ ଆୟୋଜନ କରାଯାଉଛି ବୋଲି କହିଛନ୍ତି।

# ସିଫ୍ଟ ପରିବର୍ତ୍ତନ ଓ ଉପଯୁକ୍ତ ମଜୁରି ପ୍ରଦାନ ଦାବି



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ମହାନଦୀ କୋଇଲା ଖଣି ଇବ୍ ଭ୍ୟାଲି କ୍ଷେତ୍ର ଅନ୍ତର୍ଗତ ସମଲେଶ୍ୱରୀ ଖୋଲା ମୁହଁ କୋଇଲା ଖଣିରେ ନିୟୋଜିତ ରାଜାରା କମ୍ପାନୀରେ କର୍ମଚାରୀମାନଙ୍କୁ ଉଚିତ ବେତନ ପ୍ରଦାନ କରାନଯାଇ ଅନିୟମିତ ଭାବେ ଗାଡ଼ି ପରିଚାଳନା କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏନେଇ ରାଜାରା କମ୍ପାନୀର କର୍ମଚାରୀମାନ ଲିଖିତ ଭାବେ ସମଲେଶ୍ୱରୀ ଖୋଲା ମୁହଁ କୋଇଲା ଖଣି ପ୍ରକଳ୍ପ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ଅଭିଯୋଗ ଅନୁସାରେ, ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲ୍ଲା ପ୍ରଶାସନ ସମସ୍ତ ଯାନରେ ବାତାନୁକୂଳନ ବ୍ୟବସ୍ଥା ସ୍ଥାପନ କରିବାକୁ ବାଧ୍ୟତାମୂଳକ କରିଛି। ଏହି କମ୍ପାନୀର ଯାନଗୁଡ଼ିକରେ ବାତାନୁକୂଳନ ବ୍ୟବସ୍ଥା ନଥିବାରୁ ୦୧.୦୪.୨୦୨୫ ରୁ ୧୨.୦୪.୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଏହି ସମୟ ମଧ୍ୟରେ, ଯଦିଓ ଡ୍ରାଇଭର ଏବଂ ଅନ୍ୟ କର୍ମଚାରୀମାନେ ଡ୍ୟୁଟି ପାଇଁ ରିପୋର୍ଟ କରିଥିଲେ, ତଥାପି ସେମାନଙ୍କର ଉପସ୍ଥିତି ରେକର୍ଡ କରାଯାଇନଥିଲା। ପରେ ଗାଡ଼ି ଗୁଡ଼ିକରେ କୁଲର ସ୍ଥାପନ କରାଯିବା ଏବଂ ଖଣି କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମତି ପ୍ରଦାନ କରାଯିବା ପରେ, ୧୩.୦୪.୨୦୨୫ରୁ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। ହେଲେ କମ୍ପାନୀ ପରିଚାଳକ ଧନଞ୍ଜୟ ପାଣ୍ଡେ ଦୁଇଟି ସିଫ୍ଟ ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହା ସନ୍ଧ୍ୟା ୬ଟାରୁ ରାତି ୨ଟା ଏବଂ ରାତି ୨ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ। ଏ ବିଷୟରେ ପଚାରି ବୁଝିବାରୁ ଏହି ବ୍ୟବସ୍ଥା କୋଇଲା ଖଣି କର୍ତ୍ତୃପକ୍ଷ ଏବଂ ରାଜାରା କମ୍ପାନୀ ଦ୍ୱାରା ଅନୁମୋଦନ କରାଯାଇଥିବା ଜଣାପଡ଼ିଥିଲା। ସେହିପରି ଯଦି ଚାଳକମାନେ ଗାଡ଼ି ଚଲାଇବାକୁ ମନା କରନ୍ତି, ତେବେ ଗୁଳି କରି ହତ୍ୟା କରାଯିବାର ଧମକ ମଧ୍ୟ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସେପଟେ ରାତି ୨ଟାରେ ଖଣି ଭିତରେ ଯାତାୟାତ କରିବାରେ ବିପଦ ଥିବାରୁ ଏନେଇ ବିଚାର କରାଯିବା ଉଚିତ। ତା ସହିତ ଏହି ସିଫ୍ଟ ସମୟରେ ଯଦି ଦୁର୍ଘଟଣା ଘଟେ, ତେବେ ଏଥିପାଇଁ କିଏ ଦାୟୀ ବୋଲି କର୍ମଚାରୀ ପ୍ରଶ୍ନ କରିଛନ୍ତି। ତେଣୁ ସିଫ୍ଟ ସମୟକୁ ପରିବର୍ତ୍ତନ ସହିତ ଉପଯୁକ୍ତ ମଜୁରୀ ସୁନିଶ୍ଚିତ କରିବାକୁ ଅଭିଯୋଗକାରୀ କର୍ମଚାରୀ ଅନୁରୋଧ କରିଛନ୍ତି। ରାଜେଶ ସହିସ, ନାରାୟଣ ସିଂହ, ମୋନୁ ସିଂହ, ସିକନ୍ଦର ମହତୋ, ସଞ୍ଜୟ କୁମାର ନନ୍ଦନ, ଦୀପକ କୁମାର, ରାମ ଜନମ ଭଗତ, ହରେ ରାମ ଠାକୁର ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ଏହାର ନକଲ ଝାରସୁଗୁଡ଼ା ଜିଲ୍ଲାପାଳ, ଇବ ଭ୍ୟାଲି ମହାପ୍ରବନ୍ଧକ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଙ୍କୁ ପ୍ରଦାନ କରାଯାଇଛି।

# ମହୁଲ ଗୋଟାଳିଙ୍କୁ ମିଳିବ ପରିଶ୍ରମର ଉଚିତ୍ ମୂଲ୍ୟ

## ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

ନୂଆପଡା(ଭାସ୍କର ନ୍ୟୁଜ): ଜିଲ୍ଲାରେ ମହୁଲ ଫୁଲର ଉଚିତ୍ ମୂଲ୍ୟରେ କ୍ରୟ ବିକ୍ରୟ ପାଇଁ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ବିଭାଗ କର୍ମଚାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଲଛମନ ଓରାମ, ଜିଲ୍ଲାର ମହୁଲ କ୍ରେତା ଓ ଗୋଟାଳି ତଥା ବିକ୍ରେତା ମାନେ ଯୋଗଦେଇଥିଲେ । ବହୁ ଦିନରୁ ଅଭିଯୋଗ ହେଉଥିଲା ଏବଂ ଗଣମାଧ୍ୟମରେ ପ୍ରସାରିତ ହେଉଥିଲା ଯେ ଜିଲ୍ଲାର ଗରିବ ମହୁଲ ଗୋଟାଳି ତଥା ଆଦିବାସୀମାନେ ବହୁ ପରିଶ୍ରମ କରି ମହୁଲ ଫୁଲ ସଂଗ୍ରହ କରୁଥିଲେ ମଧ ତାର ଉଚିତ ମୂଲ୍ୟ ପାଇପାରୁ ନାହାନ୍ତି । ବେପାରୀ ଏବଂ ମଧ୍ୟସ୍ଥି ମାନେ ବହୁ କମ୍ ଦାମରେ ଏହାକୁ କିଣି ଅନେକ ଲାଭ କରୁଥିଲା ବେଳେ ଗରିବ ଗୋଟାଳି ମାନେ ଏହାର ପରିଶ୍ରମ ମୂଲ୍ୟବି ପାଉ ନାହାଁନ୍ତି। ଏହି ସମସ୍ୟାକୁ ଜିଲ୍ଲାପାଳ ଗମ୍ଭୀର ଭାବରେ ଗ୍ରହଣ କରି ଏହି ବୈଠକ ଆୟୋଜନ କରିବା ପାଇଁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ଗରିବ ଚାଷୀ ଆଦିବାସୀ ବହୁ କଷ୍ଟରେ ସମଗ୍ର ପରିବାର ନିୟୋଜିତ ହୋଇ ମହୁଲ ସଂଗ୍ରହ କରୁଛନ୍ତି। କେତେବେଳେ ସେମାନେ ଭାଲୁର ଶିକାର ହେଉଛନ୍ତି ତ କେତେବେଳେ ଅଂଶୁଘାତର । ସେମାନେ ଏହାର ଉଚିତ୍ ମୂଲ୍ୟ ପାଇବା ଅତ୍ୟନ୍ତ ଆବଶ୍ୟକ। ବେପାରୀ ମାନେ କମ୍ ଦାମରେ ଏହାକୁ କିଣି ଲାଭ ପାଉଛନ୍ତି କିନ୍ତୁ ଜିଲ୍ଲା ପ୍ରଶାସନ ବଦନାମ ହେଉଛି । ଏଭଳି ଆଉ ଚଳିବ ନାହିଁ। ମହୁଲ ଫୁଲର କିଗ୍ରା ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ୪୭ ଟଙ୍କା ରହିବ । ଏଥିରୁ କମ୍ ମୂଲ୍ୟରେ ବେପାରୀ କିଣିଲେ ସେମାନଙ୍କ ଲାଇସେନ୍ସ ରଦ୍ଦ ହେବ । ପ୍ରତିଦିନ ମହୁଲ କ୍ରୟ ବିକ୍ରୟ ସମ୍ବନ୍ଧୀୟ ରିପୋର୍ଟ ଜିଲ୍ଲାପାଳଙ୍କୁ ଅବକାରୀ ବିଭାଗ ପ୍ରଦାନ କରିବେ। ଜିଲ୍ଲାପାଳଙ୍କ ଏହି ସମୟୋଚିତ ପଦକ୍ଷେପ ଜିଲ୍ଲାର ହଜାର ହଜାର ମହୁଲ ଗୋଟାଳି ମାନଙ୍କୁ ନିଶ୍ଚିତ ଭାବରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଦୁର୍ଗମ ଅଞ୍ଚଳର ଜନଜାତି ମହିଳାଙ୍କୁ ମିଳୁନି ସୁଭଦ୍ରା ଟଙ୍କା

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କଲେ ମହିଳା

ଗୁଣୁପୁର(ଭାସ୍କର ନ୍ୟୁଜ୍):ସୁଭଦ୍ରା ଯୋଜନାରେ ଅର୍ଥ ପାଇବାରୁ ବଞ୍ଚିତ ଦୁର୍ଗମ ଲାଞ୍ଜିଆ ସୌରା ଅଞ୍ଚଳର ଜନଜାତି ମହିଳା। ଅନେକଥର ଆବେଦନ କରିବା ପରେ ଜନଜାତି ମହିଳାମାନେ ବିଫଳ ହୋଇଥିବା କହିଛନ୍ତି। ସେମାନେ ଆବେଦନ କରିବା ପରେ ବାରମ୍ବାର ଖାରଜ ହୋଇଛି। ଖାରଜ ହେବା ର ତଥ୍ୟ ମାଗିଲେ ମହିଳା ମାନଙ୍କ ନାମରେ ୫ ଏକର ରୁ ଉର୍ଦ୍ଧ୍ୱ ଜମି ରହିଥିବା କହୁଛନ୍ତି ଗୁଣୁପୁର ବ୍ଲକ୍ ପ୍ରଶାସନ। ଯାହାଫଳରେ ମହିଳାମାନେ ନିରାଶ ହୋଇ ଫେରୁଛନ୍ତି। ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ରହିଥିବା ଗୁଣୁପୁର ବ୍ଲକ୍ ଆବଡା ଓ ଶାଙ୍କିଡି ଗ୍ରାମର ଜନଜାତି ମହିଳାମାନେ ଗୁଣୁପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ମହିଳାମାନଙ୍କ ନାମରେ କୌଣସି ଜମି ନାହିଁ ଭୁଲତଥ୍ୟ ଯୋଗୁଁ ସେମାନେ ସୁଭଦ୍ରା ଯୋଜନାର ଟଙ୍କା ପାଇପାରୁନଥିବା ଅଭିଯୋଗ କରିଛନ୍ତି। ତେଣୁ ଅନେକଥର ଅଭିଯୋଗ ଦେବା ପରେ ବ୍ଲକ୍ ପ୍ରଶାସନ ଗୁରୁତ୍ୱ ଦେଉନଥିବା ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରିବା ସହ ସୁଭଦ୍ରା ଯୋଜନାରେ ସେମାନଙ୍କୁ ସାମିଲ୍ କରିବା ପାଇଁ ନିବେଦନ କରିଛନ୍ତି।

# ପର୍ଯ୍ୟଟକଙ୍କୁ ହତ୍ୟା ଘଟଣାର ପ୍ରତିବାଦରେ ଶୋଭାଯାତ୍ରା ଓ ସ୍ମାରକପତ୍ର

ଗୁଣପୁର(ଭାସ୍କର ନ୍ୟୁଜ): ଜମ୍ମୁ କାଶ୍ମୀରର ପର୍ଯ୍ୟଟନ ସ୍ଥଳ ପହଲଗାମ ଠାରେ ଗତ ୨୨ତାରିଖ ଅପରାହ୍ନରେ ସ୍ପଷ୍ଟ ଦିବାଲୋକରେ ପର୍ଯ୍ୟଟକ ଙ୍କ ଉପରେ ଆକ୍ରୋଶ ମୂଳକ ଭାବେ ତାଙ୍କର ଧର୍ମ ପରିଚୟ ପଚାରି ଏବଂ ତାପରେ ଗୁଳି ଚଳାଇ ନିର୍ମମ ହତ୍ୟା ଘଟଣାର ପ୍ରତିବାଦ କରି ଗୁଣପୁର ହିନ୍ଦୁ ସଂଗଠନ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦରରୁ ଏକ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ପାକିସ୍ତାନ ବିରୁଦ୍ଧରେ ସ୍ଲୋଗାନ ଦେଇ ସହ ଗୁଣପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ବର୍ବରଚିତ ଘଟଣାରେ ଜଡିତ ଆତଙ୍କବାଦୀଙ୍କୁ ନିପାତ କରାଯିବା ସହ ପାକିସ୍ତାନ ବିରୋଧ ରେ କଡା ଜବାବ ଦେବା ପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଗୁଣପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଶୋଭାଯାତ୍ରାକାରୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ଭଳି ଘଟଣା ଆଜି ସମଗ୍ର ସଭ୍ୟ ସମାଜର ଭାବନା କୁ ଦୋହଲାଇ ଦେଇଛି । ଏହି ଘଟଣା ପଛରେ ଯେଉଁ କୁଚକ୍ର ସଂଗଠନ ଅଛି ତାର ଯଥୋଚିତ ଶାସ୍ତି ଆବଶ୍ୟକ ଏବଂ ଏହି ମାନସିକ ପ୍ରୋତ୍ସାହନ ଦେଉଥିବା ତତ୍ତ୍ୱର ସମୂଳେ ବିନାଶ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବା ପାଇଁ ଆବଶ୍ୟକ। ଏଣୁ ସମଗ୍ର ହିନ୍ଦୁ ସମାଜ ନିଜର ଚିନ୍ତନ ତଥା ବ୍ୟଥା ପ୍ରକଟ କରିବା ସହ ଏହି ଘଟଣାରେ ପ୍ରାଣବଳି ଦେଇଥିବା ଅମର ଆତ୍ମା ପ୍ରତି ସମଗ୍ର ହିନ୍ଦୁ ସମାଜ ଗଭିର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଏହି ଘଟଣାରେ ଜଡିତ ଥିବା କୁଚକ୍ରୀ ତତ୍ତ୍ୱଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଲ୍ଲେଖ ରହିଛି। ଏହି ପ୍ରତିନିଧି ଦଳରେ ହିନ୍ଦୁ ସଂଗଠନର ୱାଇ ଗଣପତି, ପ୍ରଭାତ ମହାପାତ୍ର, ରାମ ପଣ୍ଡା, ଶ୍ରୀନିବାସ ସ୍ୱାଇଁ, ଅନିଲ ସାହୁକାର, ଅମର ସାହୁ, ଗୋପାଳଦେବ ପାତ୍ର, ପ୍ରଶାନ୍ତ ହୋତା ଓ ନନ୍ଦିକେଶ୍ୱରୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଇସ ମିଲରଙ୍କ ଚଞ୍ଚକତା

## ଜାଲିଆତି କରି ଜମି ଲୁଟ୍ ଅଭିଯୋଗ

ସଇଁତଲା(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ପୀପୃଟ ଗାଁ ରେ ଥିବା ଏକ ରାଇସ ମିଲ ମାଲିକ ଜଣେ ଆଦିବାସୀ ଙ୍କ ଜମି ଜାଲିଆତି କରି ଅଧିକାର କରିଥିବା ଅଭିଯୋଗ ହୋଇଛି। କାଗଜପତ୍ରରେ ଚଞ୍ଚକତା କରି ଜମି ହଡ଼ପ କରିନିଆଯାଇଛି। ଘଟଣାଟି ଜଣାପଡିବା ପରେ ଜମିର ଉତ୍ତରାଧିକାରୀ ଲାଳମନ ଭୋଇ ରାଇସ ମିଲ ମାଲିକଙ୍କୁ ଜଣାଇ ହଟହଟା ହେବାପରେ ତହସିଲ ଏବଂ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଏବେ ମାମଲା କୋର୍ଟକୁ ଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ସଇଁତଲା ତହସିଲ ଅନ୍ତର୍ଗତ ପୀପୃଟ ଠାରେ ଜଣେ ଆଦିବାସୀ ଲାଳମନ ଭୋଇ ଉତ୍ତରାଧିକାରୀଙ୍କ ଅଜାଣତରେ ପ୍ରାୟ ଏକ ଏକର ଅଠାଅଶୀ ଡିସ୍ମିଲ ଜମି ବେଆଇନ ଖର୍ଦ୍ଦି ହୋଇଥିବା ଅଭିଯୋଗ ହୋଇଛି। କାରଣ ବିକ୍ରେତା ଦସ୍ତଖତ ଥିବା ଦଲିଲ ସମ୍ପୂର୍ଣ୍ଣ ନୁହେଁ। କେତେକଙ୍କ ବିନା ଦସ୍ତଖତରେ ସେହି ଜମିବିକ୍ରି କରାଯାଇଛି। ଦିନଦ୍ୱିପ୍ରହରରେ ବେଆଇନ ଭାବରେ ଏନଏଚ କଡ଼ରେ ଏକର ଏକର ଜମି ହଡ଼ପ କରିନେବା, ଅଭିଯୋଗ ପରେ ଧମକ ଦେବା ଘଟଣାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସଇଁତଲା ତହସିଲ ଏବଂ ଜିଲ୍ଲା ପ୍ରଶାସନ ଏହି ଜମିଚଞ୍ଚ ଚଞ୍ଚକତା ମାମଲାର ତଦନ୍ତକରି କିଣାବିକା ରେକର୍ଡ (ସେଲଡିଡ) ର ଯାଞ୍ଚ କରିବାକୁ ସାଧାରଣରେ ଦାବି ହୋଇଛି। ଏହି ଜମି ମାଲିକଙ୍କୁ ରାଇସ ମିଲ ମାଲିକ ନାନାଦି ହଇରାଣ ହରକତ କରୁଥିବାରୁ ଜମି ମାଲିକ ବହୁ ଚିନ୍ତାରେ ରହୁଥିବା ଓ ଜୀବନ ପ୍ରତି ବିପଦ ଥିବା ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି ।

# ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ଲହୁଣିପଡ଼ା(ଭାସ୍କର ନ୍ୟୁଜ): ସ୍ଥାନୀୟ ବ୍ଲକ ପଡିଆ ଠାରେ ଗୁରୁବାର ଦିନ ଆଭାସି ମାଧ୍ୟମରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଗ୍ରାମର ବିକାଶ ହେଲେ ରାଜ୍ୟ ହେବ ବିକାଶ ରାଜ୍ୟ ର ବିକାଶ ହେଲେ ଦେଶର ହେବ ବିକାଶ। କିଛ ଏମିତି କହି ଲୋକଙ୍କୁ ପୁରୀରୁ ଆଭାସୀ ମାଧ୍ୟମ ରେ ସାରା ଓଡିଶାକୁ ବାର୍ତ୍ତା ଦେଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି କାର୍ଯ୍ୟକ୍ରମରେ ବଣେଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା,ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାବୁଲ ପେରେଇ ,ଜିଲାପରିଷଦ (କ) ଜୁଲିଆନି କାଣ୍ଡିର,ସହକାରୀ ନିର୍ବାହୀ ଯନ୍ତ୍ରୀ ଯାଉର ଏକ୍କା, ନିର୍ବାହୀ ଯନ୍ତ୍ରୀ ବ୍ରଜବନ୍ଧୁ ବେହେରା, ଡବ୍ଲ୍ୟୁଇଓ ଭାଗବତ ଟୁଡୁ,ବ୍ଲକ ଯୋଗାଣ ଅଧିକାରୀ ଶ୍ୟାମ ଚରଣ ମାଝୀ,ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଡ଼ିଆ,ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ଦର୍ଜିଂ ସରପଞ୍ଚ ସିଂ ରାୟ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିବାବେଳେ ଏପିଓ ବିଷ୍ଣୁ ମୋହନ ନାୟକ ମଞ୍ଚ ପରିଚାଳନା କରିଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ କାଶ୍ମୀର ସ୍ଥିତ ପଲମଗାମ ଠାରେ ଆତଙ୍କବାଦୀ ମାନଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକମାନଙ୍କ ଆମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। । ଏହି ଅବସରରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର କେତେକ ହିତାଧିକାରୀଙ୍କ ନୂତନ ରାସନ କାର୍ଡ ବଣ୍ଟନ କରାଯିବା ସହିତ ମନରେଗା ଯୋଜନା ରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବଡ ପୁରୁଣାପାଣି ପଞ୍ଚାୟତ ପ୍ରଥମ,କୁଳିପୋଷ ପଞ୍ଚାୟତ ଦ୍ୱିତୀୟ, ଖୁଣ୍ଟଗାଁ ପଞ୍ଚାୟତ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କେରାଯାଇଥିଲା। ସେହିଭଳି ପିଏମଏୱାଇ (ଜି) ଯୋଜନାରେ ହଳଦୀ କୁଦର ପଞ୍ଚାୟତ, ପିଏମ(ଜନମନ) ଯୋଜନା ରେ ଫୁଲଝର ପଞ୍ଚାୟତ, ପିଏମ ଏ ୱାଇ (ଜି,ସୂର୍ଯ୍ୟ) ଯୋଜନାରେ କୁରଡ଼ା ପଞ୍ଚାୟତ କୁ ସମ୍ମାନିତ କରାଯାଇଥିଲା ।ଏଥିରେ ଏସଏଚଜି,ସିଆରପି,ଏମବିକେ, ଓ ହିତାଧିକାରୀ ଉପସ୍ଥିତ ଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ଗୀତାଞ୍ଜଳି ସାହୁ, ନରେଶ ମାଝୀ, ଚନ୍ଦନ ମୁର୍ମୁ, ମନୋଜ ପଟେଲ,ସଞ୍ଜୟ କୁମାର ବ୍ରହ୍ମ, ବରିଷ୍ଠ କିରାଣୀ ମନୋଜ କୁମାର ପଟେଲ,ଅଭିଜିତ ମଲ୍ଲ,ବ୍ଲକ କୋଷାଧ୍ୟକ୍ଷ ଦେବରାଜ ମାହାନ୍ତ, ଓ ବ୍ଲକ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଜଣାପଡ଼ିଛି।

# ଯୁବକଙ୍କ ଆତ୍ମହତ୍ୟା

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଷ୍ଟେସନ ଠାରୁ କିଛି ଦୂର କେଆର ରେଳ ଲାଇନରେ ଆଜି ଜଣେ ଯୁବକ ଟ୍ରେନ ଆଗରେ ମୁଣ୍ଡ ଦେଇ ମୃତ୍ୟୁବରଣ କରିଛନ୍ତି ।ମୃତକ ହେଲେ ପିପଲପଦର ପଞ୍ଚାୟତ ଅନ୍ତର୍ଗତ ବିଷମପୁର ଗାଁର ଯୁବ୍ରା ମାଣ୍ଡିଙ୍ଗା ଙ୍କ ପୁଅ ଦିନ ବନ୍ଧୁ ମାଣ୍ଡିଙ୍ଗା(୨୨)। ସିଏ ଦୁଇମାସ ହେଲା ମାନସିକ ଚାପରେ ରହିଆସୁଥିବା ଶୁଣିବାକୁ ମିଳିଛି। ରେଳ ଲାଇନରେ ମୃତ ଦେହ ପଡ଼ିଥିବା ଶୁଣି ଲକ୍ଷ୍ମୀପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା, ଓଡ଼ିଆପେଣ୍ଠ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗା ଓ ବିରିଗୁଡା ଗ୍ରାମର ଯୁବକ ଘନଶ୍ୟାମ ହାଲବା ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ଲକ୍ଷ୍ମୀପୁର ଥାନାକୁ ଖବର ଦେବା ସହିତ ରେଳବାଇ ଜିଆରପି କୁ ଜଣାଇଥିଲେ ।ହେଲେ ପୋଲିସ ପହଞ୍ଚିବା ପୂର୍ବରୁ ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରୁ ମୃତ ଦେହ ନାଇଁ ନିଜ ଗାଁକୁ ନେଇ ଯାଇଥିଲେ ।ଟ୍ରେନ ଧକ୍କାରେ ମୃତ୍ୟୁ ବରଣ କଲେ କୌଣସି କ୍ଷତିପୂରଣ ମିଳୁନ ଥିବାରୁ ପରିବାର ଲୋକେ ଏଇଭଳି ରାସ୍ତା ଆପଣେଇବାକୁ ବାଧ ହୋଇଥିବା ଜଣାପଡିଛି।



ପୁରୀ (ଭାସ୍କର ନ୍ୟୁଜ) : କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ର ସମୀକ୍ଷା କରିଥିଲେ।ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ର ଧାର୍ଯ୍ୟ ଲକ୍ଷ୍ୟ, ସଫଳତା ଓ ହିତାଧିକାରୀଙ୍କ ସମ୍ପର୍କରେ ଡ. ପାଢ଼ୀ ଅନୁଧ୍ୟାନ କରିଥିଲେ।ସମସ୍ତ ସରକାରୀ ଯୋଜନା ଜନସାଧାରଣ ଙ୍କ ହିତ ରେ ପ୍ରଣୟନ କରାଯାଇଥାଏ।ଏହାର ସୁବିଧା ଓ ସୁଯୋଗ ଯେପରି ଉପଯୁକ୍ତ ହିତାଧିକାରୀ ସଠିକ ଭାବେ ପାଇ ପାରିବେ ସେଥିପାଇଁ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।ପ୍ରତିବଦ୍ଧତା ଓ ଉତ୍ତରଦାୟୀ ଭାବେ କାର୍ଯ୍ୟ କାରି ନିଜର ପରିଚୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେବା ସହ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଶୁକ୍ରବାର ଆମ ଓଡ଼ିଶାର ଗୌରବ ସମ୍ବଲପୁରୀ ବସ୍ତ୍ର ପରିଧାନ ପାଇଁ ପରାମର୍ଶ ଦେଇଥିଲେ।ଶ୍ରୀମନ୍ଦିର ରେ ଜୈବିକ ସାରରେ ପ୍ରସ୍ତୁତ ପନିପରିବା, ଚାଉଳ ବ୍ୟବହାର ପାଇଁ ଓରମାସ ପ୍ରସ୍ତୁତ ଥିବା ବୈଠକରେ ସୂଚନା ମିଳିଥିଲା।ସେହିପରି ହସ୍ତଶିଳ୍ପ ବିଭାଗ ପକ୍ଷରୁ ମାଟି ପାତ୍ର ବା କୁଡୁଆ ଯୋଗାଇବା ବ୍ୟବସ୍ଥା କରାଯାଉଛି।ଲକ୍ଷ ପତି ଦିଦି ସୃଷ୍ଟି ରେ ସମଗ୍ର ଦେଶରେ ଓଡିଶା ପ୍ରଥମ ହୋଇ ଥିବାରୁ ସେ ଜିଲ୍ଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗ କୁ ପ୍ରଶଂସା କରିଥିଲେ।

## ମାଓ ଦମନ ଅଭିଯାନ ଜୋରଦାର
# ଅପରେସନ ବନ୍ଦପାଇଁ ମାଓ ସଂଗଠନର ଅପିଲ



ମାଲକାନଗିରି (ଭାସ୍କର ନ୍ୟୁଜ): ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦୀ ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବାପରେ ସୀମାନ୍ତ ତେଲଙ୍ଗାନା ଓ ଛତିଶଗଡ଼ ସୀମାରେ ସୁରକ୍ଷାବାହିନୀ ବଡ଼ଧରଣର ଅପରେସନ ଜାରି ରଖିଛନ୍ତି। ପ୍ରାୟ ୧୦ହଜାର ଯବାନ ମାଓ କମାଣ୍ଡର ହିଡମା ସହ ପାଖାପାଖି ୨ହଜାରରୁ ଊର୍ଦ୍ଧ୍ୱ ମାଓବାଦୀଙ୍କୁ ଘେରାବନ୍ଦୀକରି ରଖିଛନ୍ତି। ୩ ଦିନ ହେବ ଗୁଳି ବିନିମୟ ଲଗାତାର ଜାରି ରହିଛି। ଏପରିକି ହେଲିକପ୍ଟରରୁ ବୋମାମାଡ଼ କରାଯାଉଥିବା ସୂଚନା ଦିଆଯାଇଛି। ସ୍ଥାନୀୟ ଲୋକଙ୍କୁ ଘରଛାଡ଼ି କୌଣସି ସ୍ଥାନକୁ ନ ଯିବାପାଇଁ ବାରଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଛତିଶଗଡ଼ର ବିଜାପୁର ଜିଲ୍ଲା କସ୍ତୁରବା ଗାଁ ନିକଟରେ ଥିବା କେରଗୁଟା ଜଙ୍ଗଲରେ ସବୁଠାରୁ ବଡ଼ଧରଣର ମାଓବିରୋଧୀ ଅଭିଯାନ ଜାରି ରହିଥିବା ସୂଚନା ଦିଆଯାଇଛି। ମାଓ ନେତା ହିଡମା ଓ ଆଉ କେତେକ ଟପ୍ କ୍ୟାଡର ନେତା ଜଙ୍ଗଲରେ ଲୁଚିଥିବା ନେଇ ଖବର ମିଳିବା ପରେ ମହାରାଷ୍ଟ୍ର, ତେଲଙ୍ଗାନା ଓ ଛତିଶଗଡ଼ ସୀମାରେ ୧୦ହଜାରରୁ ଊର୍ଦ୍ଧ୍ୱ ଯବାନ ୭୨ ଘଣ୍ଟାରୁ ଊର୍ଦ୍ଧ୍ୱ ହେବ ଘେରାବନ୍ଦୀ କରି ରଖିଛନ୍ତି। ଯବାନମାନଙ୍କୁ ହେଲିକପ୍ଟର ଯୋଗେ ଖାଦ୍ୟ ଓ ପାନୀୟଜଳ ଯୋଗାଇ ଦିଆଯାଉଛି। ତେବେ ଅପରେସନ ସମୟରେ ପ୍ରବଳ ଗରମ ହେତୁ ୪୦ଜଣ ଯବାନ ଅଚେତ ହେବା ପରେ ସେମାନଙ୍କୁ ହେଲିକପ୍ଟର ଯୋଗେ ଭଦ୍ରାଞ୍ଚଳମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଛତିଶଗଡ଼ ଗୃହମନ୍ତ୍ରୀ ବିଜୟ ଶର୍ମା ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ସେମାନଙ୍କ ପାଇଁ ଶେଷ ସୁଯୋଗ ବୋଲି ଶ୍ରୀ ଶର୍ମା କହିଛନ୍ତି। ଆତ୍ମ ସମର୍ପଣ ନ କଲେ ମୃତ୍ୟୁପାଇଁ ପ୍ରସ୍ତୁତ ହେବାକୁ ସେ କଡ଼ା ଚେତାବନୀ ଦେଇଛନ୍ତି। ଯଦି ଏହି ଅପରେସନ ସଫଳ ହୁଏ, ତେବେ ମାଓ ସଂଗଠନ ନିଶ୍ଚିତଭାବେ ଭୁଶୁଡ଼ି ପଡ଼ିବ ବୋଲି କୁହାଯାଉଛି।

# ଏନ୍‌କାଉଣ୍ଟର: ୨ ଦୁର୍ଦ୍ଦାନ୍ତ ଅପରାଧୀ ଗୁରୁତର

ରାଉରକେଲା (ଭାସ୍କର ନ୍ୟୁଜ): ଆକ୍ସନ ମୋଡ୍‌ରେ ଓଡ଼ିଶା ପୋଲିସ। ଗୋଟିଏ ପରେ ଗୋଟିଏ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ କରାଯାଉଛି ଏନକାଉଣ୍ଟର। ଗୁରୁବାର ବିଳମ୍ବିତ ରାତିରେ ରାଉରକେଲା ପୋଲିସ ୨ ଅପରାଧୀଙ୍କୁ ଏନକାଉଣ୍ଟର କରିଛି। ସେମାନେ ହେଲେ ବାଣେଶ୍ୱର ସିଂ ଓ ଶିବନାଥ ସିଂ। ଉଭୟଙ୍କ ଗୋଡ଼ରେ ଗୁଳି ବାଜିଥିବାବେଳେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଘର ବିଶ୍ରା ଥାନା ଅଞ୍ଚଳରେ ବୋଲି ପୋଲିସ ସୂଚନା ଦେଇଛି। ଗୁରୁବାର ରାତିରେ ବିଶ୍ରା ଥାନା ଅନ୍ତର୍ଗତ ସାରୁବାହାଲରେ ଥିବା ଏକ ଢାବାରେ ୭ରୁ ୮ ଦୁର୍ବୃତ୍ତ ଡକାୟତି ପାଇଁ ପଶିଥିଲେ। ଗ୍ରାହକଙ୍କଠାରୁ ୨୦ ହଜାର ଟଙ୍କା ନେଇ ଫେରାର ହେଉଥିବା ସମୟରେ ଜଣେ ବ୍ୟକ୍ତିଙ୍କ ଉପରକୁ ଗୁଳି ଚଳାଇଥିଲେ। ଏ ନେଇ ବ୍ୟକ୍ତିଙ୍କ ପରିବାର ପକ୍ଷରୁ ବିଶ୍ରା ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଯାଉଥିବା ଏକ ବାଇକକୁ ଅଟକାଇଥିଲା। ତେବେ ବାଇକ୍ ଆରୋହୀ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ପାଲଟା ଜବାବ ଦେଇଥିଲା। ଏହି ଘଟଣାରେ ପୋଲିସ ଆଉ ଜଣକୁ ଗିରଫ କରିଥିବାବେଳେ ଅନ୍ୟଜଣେ ଖସି ପଳାଇବାରେ ସଫଳ ହୋଇଛି। ସୂଚନାଯୋଗ୍ୟ ଯେ ଏଥିପୂର୍ବରୁ ରାଉରକେଲା ପୋଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ଏନକାଉଣ୍ଟର କରିଥିଲା। ରାଜ୍ୟରୁ ଅପରାଧ ଦୂର କରିବା ପାଇଁ ପୋଲିସ ବିଭାଗ ତତ୍ପର ହୋଇଉଠିଛି।

## ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କ ସୂଚନା
# ଶିମିଳିପାଳରେ ୪୦ ମହାବଳ

ଭୁବନେଶ୍ୱର/ବାରିପଦା, (ଭାସ୍କର ନ୍ୟୁଜ): ଶିମିଳିପାଳରେ ବୃଦ୍ଧି ପାଉଛି ମହାବଳ ବାଘଙ୍କ ସଂଖ୍ୟା। ଜିନ୍ନତ ଓ ଯମୁନାକୁ ମିଶାଇଲେ ଏବେ ଶିମିଳିପାଳ ଜାତୀୟ ଉଦ୍ୟାନରେ ୪୦ ମହାବଳ ରହିଛନ୍ତି। ସେମାନଙ୍କ ମଧ୍ୟରେ ୬ଟି ବାଘ ଶାବକ ଅଛନ୍ତି। ଏ ନେଇ ବନ୍ୟପ୍ରାଣୀ ପିସିସିଏଫ ପ୍ରେମକୁମାର ଝା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଚଳିତବର୍ଷ କ୍ୟାମେରା ଟ୍ରାପରୁ ଏହି ବାଘସଂଖ୍ୟା ଜଣାପଡ଼ିଛି। ଜିନ୍ନତ ଓ ଯମୁନା ବ୍ୟତୀତ ଶିମିଳିପାଳରେ ବଡ଼ ମହାବଳ ମଧ୍ୟରୁ ୧୩ଟି ପୁରୁଷ ମହାବଳ ଓ ୧୭ଟି ବାଘୁଣୀ ରହିଛନ୍ତି। ଅନ୍ୟ ଦୁଇଟି ମହାବଳ ପୁରୁଷ ନା ବାଘୁଣୀ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ସେହିପରି ଶିମିଳିପାଳରେ ଥିବା ମହାବଳଙ୍କ ମଧ୍ୟରେ ୧୮ଟି କଳା ମହାବଳ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୯ଟି ପୁରୁଷ ହୋଇଥିବାବେଳେ ଅନ୍ୟ ୯ଟି ବାଘୁଣୀ। ଆଗାମୀ ୧୦ବର୍ଷ ମଧ୍ୟରେ ଏହି ସଂଖ୍ୟା ୧୦୦ରେ ପହଞ୍ଚାଇବାକୁ ବନ ବିଭାଗ ଲକ୍ଷ୍ୟ ରଖିଥିବା ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୪୫ ବର୍ଷ ପରେ ଗତ ଗୁରୁବାର ମୟୂରଭଞ୍ଜର ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟକୁ ମିଳିଛି ଜାତୀୟ ମାନ୍ୟତା। ରାଜ୍ୟ ସରକାର ଏହାକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି। ଏଥିପାଇଁ ୧୯୮୦ରେ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାପରେ ୧୯୮୫-୮୬ ମସିହାରେ ପୁଣିଥରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ସବୁପ୍ରକ୍ରିୟା ଶେଷପରେ ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା ପ୍ରଦାନ କରାଯାଇଛି। ଏବେ ଶିମିଳିପାଳ ଉପରେ କୌଣସି ବ୍ୟକ୍ତିବିଶେଷଙ୍କ କୌଣସି ଅଧିକାର ରହିବ ନାହିଁ ବୋଲି ସୂଚନା ଦିଆଯାଇଛି।

## ପହଲଗାମ୍ ଆତଙ୍କୀ ହମଲା ପ୍ରତିବାଦରେ ୧୨ଘଣ୍ଟିଆ
# ମାଲକାନଗିରି ଜିଲ୍ଲା ବନ୍ଦ, ହିନ୍ଦୁ ଆକ୍ରୋଶ ବିକ୍ଷୋଭ




ମାଲକାନଗିରି (ଭାସ୍କର ନ୍ୟୁଜ): ଜାମ୍ମୁ କାଶ୍ମୀର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ମାଲକାନଗିରି ଜିଲ୍ଲାରେ ବନ୍ଦ ପାଳନ। ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କଲେ ହିନ୍ଦୁ ଜାଗରଣ ମଞ୍ଚ, ବିଶ୍ୱହିନ୍ଦୁ ପରିଷଦ ସମେତ ବିଭିନ୍ନ ହିନ୍ଦୁ ସଙ୍ଗଠନ। ଶୁକ୍ରବାର ସକାଳେ ବିଭିନ୍ନ ସଙ୍ଗଠନ ସ୍ଥାନୀୟ ବସ୍ ଷ୍ଟାଣ୍ଡ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ସ୍ମାରକ ପତ୍ର ଗ୍ରହଣ କରିଥିଲେ। ତେବେ ଜିଲ୍ଲା ସଦର ମହାକୁମା ସହିତ ଅନ୍ୟାନ ଅଞ୍ଚଳର ଦୋକାନ ବଜାର ସବୁ ବନ୍ଦ ରହିଛି। ଯାନବାହାନ ଚଳାଚଳ ସ୍ୱଭାବିକ ରହିଛି। ଓଡ଼ିଶା ତଥା ମାଲକାନଗିରି ଜିଲ୍ଲାରେ ଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କ ନିଜସ୍ୱ ସ୍ଥାନକୁ ପଠାଇବାକୁ ଦାବି କରାଯାଇଛି। ଏହା ସହ ପଶ୍ଚିମବଙ୍ଗର ମୁର୍ସିଦାବାଦ, ନଦିଆ ଓ ମାଲଦା ଜିଲ୍ଲା ତଥା ଉତରପ୍ରଦେଶରୁ ଅନେକ ମୁସଲମାନ ଆସି ମାଲକାନଗିରି ଜିଲ୍ଲାରେ ବସ୍ତି ମାନଙ୍କରେ ରହୁଛନ୍ତି। ସେମାନେ ଦିନ ମଜୁରିଆ, ଫେରିବାଲା ଓ ବିଭିନ୍ନ ହାଟବଜାରରେ ବ୍ୟବସାୟ କରିବା ତଥା ଦୋକାନ ମାନଙ୍କରେ ରହି କାମ କରୁଛନ୍ତି। ବିଶେଷକରି ନିର୍ମାଣ କାର୍ଯ୍ୟ କରି ଜୀବନ ଜୀବିକା କରି ରହୁଛନ୍ତି। ଏହି ଲୋକମାନେ ଜିଲ୍ଲାର ସମସ୍ତ ତଥ୍ୟ ସଂଗ୍ରହ କରୁଛନ୍ତି। ଅନ୍ୟ ସମ୍ପର୍କୀୟଙ୍କୁ ଆଣି ଅସ୍ଥାୟୀ ଭାବେ ନିଜ ସହ ରଖୁଛନ୍ତି। ସେମାନଙ୍କ ଆଧାର କାର୍ଡରେ ଅଧାନାମ ଥିବା ଦେଖିବାକୁ ମିଳୁଛି। ସେମାନେ ଆତଙ୍କବାଦୀଙ୍କ ସ୍ଲିପିଂ ସେଲ୍ ପରି ମଧ କାମ କରୁଥିବା ସନ୍ଦେହ ହେଉଛି। ଗାଁର ସରଳ ନୀରିହ ଝିଅଙ୍କୁ ପ୍ରଲୋଭନ ଦେଖାଇ ବିବାହ କରୁଛନ୍ତି ଓ ଅନ୍ୟତ୍ର ରଖୁଛନ୍ତି। ସେମାନଙ୍କର କୌଣସି ସମ୍ପର୍କ ସେମାନଙ୍କ ଅଭିଭାକଙ୍କୁ ଭବିଷ୍ୟତରେ ମିଳୁନାହିଁ। କେତେକ ସ୍ଥାନରେ ପୋଲିସ୍ ମଧ ଏଥିରେ ସେମାନଙ୍କ ସହଯୋଗ କରୁଛି। ସେମାନେ ବ୍ୟବସାୟ ମଧ୍ୟମରେ ଭଲ କମ୍ପାନି ନାମର ନକଲି ବ୍ରାଣ୍ଡ୍ କରି ନକଲି ଜିନିଷ ବିକି ଲୋକଙ୍କୁ ଠକୁଛନ୍ତି। ଏହି ବିଷୟରେ ବିଭିନ୍ନ ସଂଗଠନ ପୂର୍ବରୁ ଅନେକଥର ପୋଲିସ୍ ବିଭାଗକୁ ଅବଗତ କରିଆସୁଅଛି। କିନ୍ତୁ କୌଣସି ଆଶୁ ପଦକ୍ଷେପ ପୋଲିସ ତଥ ଆଞ୍ଚଳିକ ପ୍ରଶାସନ ନେଉନାହାନ୍ତି। ପୋଲିସ୍ ସବୁ ଖବର ରଖି ମଧ ଅଘଟଣକୁ ଜଗିବସିଛି। ସେତେବେଳକୁ ଅନେକ ନୀରିହ ମୂଲ୍ୟବାନ ଜୀବନ ଚାଲିଯାଇଥିବ। ତେଣୁ ବର୍ତ୍ତମାନ ସମୟ ଆସିଛି ପ୍ରଶାସନ ଏଥିପ୍ରତି ସଜାଗ ହୋଇ ଜିଲ୍ଲା ତଥା ରାଜ୍ୟ ବହାରୁ ଆସିଥିବା ସମସ୍ତ ଲୋକଙ୍କ ଯାଞ୍ଚ କରୁ। ଯେଉଁମାନେ ଘର ତଥା ବ୍ୟବସାୟ ଅନୁଷ୍ଠାନ ଭଡା ଦେଇଛନ୍ତି ସେମାନଙ୍କ ସମସ୍ତ ଆଧାରକାର୍ଡ ସହ ରାସନ କାର୍ଡ ଓ ଭୋଟରକାର୍ଡ ପୋଲିସ୍ ଦ୍ୱାରା ଯାଞ୍ଚ କରାଯାଉ । ଯେଉଁମାନେ ମୁସଲମାନ କର୍ମଚାରୀଙ୍କୁ ନିଜ ଦୋକାନ ତଥା ନିର୍ମାଣ କାର୍ଯ୍ୟରେ ନିଯୋଜନ କରିଛନ୍ତି ସେମାନଙ୍କ ସମସ୍ତ ତଥ୍ୟ ପୋଲିସ୍ ନିକଟରେ ଜମା କରନ୍ତୁ। ମାଲକାନଗିରିରେ ଥିବା ମୁସଲମାନ ତଥା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ତୁରନ୍ତ ସେମାନଙ୍କ ନିଜସ୍ୱ ସ୍ଥାନଙ୍କୁ ପଠାଇବା ବ୍ୟବସ୍ଥା ଅତିଶିଘ୍ର କରାଯାଉ। ଏଥି ସହ ପହଲଗାମରେ ହୋଇଥିବା ଆତଙ୍କବଦୀଙ୍କ ନୃଶଂସ ଗଣହତ୍ୟାର ସମସ୍ତ ଦୋଷୀ ଓ ତା ପଛର ମାଷ୍ଟର୍ ମାଇଣ୍ଡ୍ କୁ ତୁରନ୍ତ ଗିରଫ କରାଯାଉ। ଏହାସହ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଉ ବୋଲି ଦାବି କରାଯାଇଛି। ଯଦି ଆଗାମୀ ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟିହୁଏ ତାହେଲେ ପ୍ରଶାସନ ବ୍ୟକ୍ତିଗତ ଦାୟୀ ରହିବ ବୋଲି ହିନ୍ଦୁ ଜାଗରଣମଞ୍ଚ, ମାଲକାନଗିରି ଜିଲ୍ଲା ତରଫରୁ ମହାମହିମ ରାଷ୍ଟ୍ରପତି, ଭାରତ ସରକାର, ରାଜ୍ୟପାଳ, ଓଡିଶା ସରକାର, ଭୁବନେଶ୍ୱର ତଥା ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି।

**AFFIDAVIT**

By virtue of an affidavit sworn before The Notary Public, Cuttack, dated: 11.03.2025, I Sumitra Sahoo, Address: At-Radhakishorepur, Matsyapur, Po-Radhakishorepur, Ps-Khuntuni, Dist- Cuttack, Odisha, PIN-754029, declare that I have changed my name from Barsha Sahoo to Sumitra Sahoo. Henceforth, I shall be known as Sumitra Sahoo for all purposes.

**Sd/- Sumitra Sahoo**

# ବେହେରା କସ୍ତୁରବା ଆଶ୍ରମର ୨୪ ଛାତ୍ରୀ ଡାକ୍ତରଖାନାରେ ଭର୍ତ୍ତି

ଧର୍ମଗଡ଼ (ଭାସ୍କର ନ୍ୟୁଜ) ଧର୍ମଗଡ଼ ବ୍ଲକ ବେହେରା ସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟର ୨୪ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ହଠାତ ଗୁରୁତର ହୋଇପଡିଥିଲା। ଗୁରୁତର ଅବସ୍ଥାରେ ପର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇ ଥିବା ଜଣାପଡିଛି। ତେବେ ଏକାଧିକ ଛାତ୍ରୀ ଙ୍କୁ ବାନ୍ତି ,ଜ୍ୱର ମୁଣ୍ଡ ବୁଲେଇବା ଦେଖା ଯାଇଥିବା ବେଳେ ଅନେକ ଛାତ୍ରୀ ହାଲିଆ ଅନୁଭବ କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ଡାକ୍ତର ଙ୍କ କହିବା କଥା ତେଲିଆ ଯୁକ୍ତ ଖାଦ୍ୟ ଖାଇବା ଓ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ଯୋଗୁ ଏଭଳି ସମସ୍ୟା ହୋଇଥିବା ପ୍ରାଥମିକତା ଚିକିତ୍ସା ରୁ ଜଣାପଡ଼ିଥିବା ଡାକ୍ତର ଡ଼ଃ ଗୌରାଙ୍ଗ ଚରଣ ଗିରି ଡ଼ଃ ମୁକେଶ କୁମାର ଶବର ପ୍ରକାଶ କରିଛନ୍ତି। ବର୍ତ୍ତମାନ ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ବେଳେ ୪-୫ଜଣ ଙ୍କୁ ପ୍ରାଥମିକତା ଚିକିତ୍ସା ପରେ ଧର୍ମଗଡ଼ ଡାକ୍ତରଖାନା କୁ ରେଫର କରାଯିବ ବୋଲି ସୂଚନା ମିଳିଛି।ଘଟଣା ସ୍ଥଳ ରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନି ମାଝୀ ପ୍ରଧାନ ଶିକ୍ଷୟିତ୍ରୀ ବିଶ୍ମିତା ବାଗ ଆସି ଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟବସ୍ଥା ପରଖି ଥିଲେ।ଅନ୍ୟପଟେ ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚମକା ଖବର ଶୁଣି ତୁରନ୍ତ ପର୍ଲା ଡାକ୍ତରଖାନା କୁ ଆସି ସ୍ୱାସ୍ଥ୍ୟବସ୍ଥା ଦେଖିବା ସହ ବେହେରା କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ କୁ ଯାଇ ତଦନ୍ତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆହୁରି ୫ ଦିନ...

ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରାରେ କିଛିଟା ପରିବର୍ତ୍ତନ ଘଟିବାର ସମ୍ଭାବନା ରହିଛି। ଏପରିକି ୩ରୁ ୫ ଡିଗ୍ରୀ ତାପମାତ୍ରା ହ୍ରାସ ହେବ ବୋଲି ବିଭାଗ ସୂଚନା ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ତେବେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଯେ ୨୬ ତାରିଖ ରାତିରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଘଟିବ। ୨୭ ତାରିଖରୁ କାଳବୈଶାଖୀ ବର୍ଷାର ସମ୍ଭାବନା ଥିବାବେଳେ ସେହି ସମୟରେ ଘଡ଼ଘଡ଼ି ଓ ବିଜୁଳି ମାରିବ। ତେବେ ଘଣ୍ଟାପ୍ରତି ପବନର ବେଗ ୭୦ରୁ ୮୫ କିମି ରହିବ ବୋଲି ବିଭାଗ ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶା ତତଲା କଡେଇରେ ଭାଜି ହେଉଛି। ଝାରସୁଗୁଡ଼ାଠାରୁ ଆରମ୍ଭ କରି ବଲାଙ୍ଗୀର ପର୍ଯ୍ୟନ୍ତ ଲୋକେ ତାତିରେ ହୀନସ୍ତା ହେଉଥିବା ଦେଖିବାକୁ ମିଳୁଛି।

### ଇସ୍ପାତ ହେଉଛି...

କମ୍ପାନୀଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧିର ସମ୍ଭାବନା ଉପରେ ଆଲୋଚନା କରିଥିଲେ। ଭାରତରେ ରସାୟନିକ କ୍ଷେତ୍ରର ପ୍ରତିନିଧିତ୍ୱ କରୁଥିବା ପ୍ରମୁଖ ଶିଳ୍ପସଂଘ, ଇଣ୍ଡିଆନ କେମିକାଲ୍ସ ପରିଷଦ, କୋଠାରୀ ପେଟ୍ରୋ କେମିକାଲ୍ସ, ଦୀପକ ଫର୍ଟିଲାଇଜର୍ସ ଇତ୍ୟାଦି କମ୍ପାନୀଗୁଡ଼ିକର ବରିଷ୍ଠ ପ୍ରତିନିଧିମାନେ ସେମାନଙ୍କ ସମ୍ଭାବ୍ୟ ନିବେଶ ଓ ସଂପ୍ରସାରଣ ଯୋଜନା ଉପରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ଇସ୍ପାତ ଶିଳ୍ପର ପ୍ରସାରଣ ରଣନୀତିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

### ପାକିସ୍ତାନୀଙ୍କୁ...

ମରିବେ ବୋଲି କୁହାଯାଉଛି। ସିନ୍ଧୁନଦୀ ଜଳ ଅଟକାଯିବା ଫଳରେ ପାକିସ୍ତାନର କୃଷିକ୍ଷେତ୍ର ପ୍ରଭାବିତ ହେବା ସହ ଅର୍ଥନୀତି ଭୁଶୁଡ଼ି ପଡ଼ିବ। ଗ୍ରାମୀଣ ରୋଜଗାର ଓ ସାମାଜିକ ଅଶାନ୍ତି ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟପକ୍ଷରେ ଭାରତରେ ଥିବା ପାକିସ୍ତାନୀମାନଙ୍କୁ ତୁରନ୍ତ ତଡିପାର କରିବାକୁ ଶାହ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସବୁ ରାଜ୍ୟକୁ ଚିଠି କରାଯାଇଛି। ତେବେ ଓଡ଼ିଶାରେ ୧୨ଜଣ ପାକିସ୍ତାନୀ ଥିବାବେଳେ ସେମାନଙ୍କୁ ଦେଶ ଛାଡ଼ିବାପାଇଁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ନୋଟିସ ଜାରି କରାଯିବା ସହ ତୁରନ୍ତ ଦେଶ ଛାଡ଼ିବାକୁ କୁହାଯାଇଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ନେଇ ଶାହଙ୍କ ସହ କଥା ହୋଇଛନ୍ତି। ଶ୍ରୀ ମାଝୀ କହିଛନ୍ତି ଯେ ଯେଉଁ ୧୨ଜଣ ରହିଛନ୍ତି, ସେମାନେ ଦୀର୍ଘକାଳୀନ ଭିସାରେ ଅଛନ୍ତି। ରାଜ୍ୟ ସରକାର ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କୁ ସବୁପ୍ରକାରର ସହାୟତା ଯୋଗାଇ ଦେବେ। ବୈଠକରେ କେନ୍ଦ୍ର ବୈଦେଶିକ ଓ ଜଳଶକ୍ତି ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଖୋଜି ଖୋଜି...

ଗତିବିଧି ରହିଥିବାରୁ ସୁରକ୍ଷାକର୍ମୀ ଅପରେସନକୁ ଜୋରଦାର କରିଛନ୍ତି। ପହଲଗାମ ହମଲା ପରେ ଭାରତ-ପାକିସ୍ତାନ ସୀମାରେ ଗୁରୁବାର ରାତିରେ ଗୁଳି ବିନିମୟ ହୋଇଥିଲା। ପାକିସ୍ତାନ ପ୍ରଥମେ ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳି ଚଳାଇଥିଲା। ଏହାର କଡ଼ା ଜବାବ ଦେଇଥିଲେ ଭାରତୀୟ ଯବାନ । ଏଥିରେ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ। ସେହିପରି ବାନ୍ଦିପୁରାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଲସ୍କର ଟପ୍ କମାଣ୍ଡର ଅଲତାଫ ଅଲ୍ଲୀ ନିହତ ହୋଇଛି। ଶୁକ୍ରବାର ଜାମ୍ମୁକାଶ୍ମୀରର ଶ୍ରୀନଗରରେ ପହଞ୍ଚିଥିଲେ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ସେ ସେଠାରେ ପହଲଗାମ ସ୍ଥିତିର ସମୀକ୍ଷା କରିଥିଲେ। ଅନ୍ୟପକ୍ଷରେ ଅନନ୍ତନାଗ ଜିଲ୍ଲାର ବିଜ ବେହେରା ଗୋରୀ ଅଞ୍ଚଳରେ ରହୁଥିବା ଆତଙ୍କବାଦୀ ଆଦିର ହୁସେନ ଥୋକରର ଘରକୁ ବିସ୍ଫୋରଣ କରି ଉଡ଼ାଇ ଦେଇଛନ୍ତି ସୁରକ୍ଷାକର୍ମୀ।

# ଉତ୍କଳ ଆଲୁମିନା ବାଫଲାମାଳି ଖଣି ଅଞ୍ଚଳ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ



କଳାହାଣ୍ଡି (ଭାସ୍କର ନ୍ୟୁଜ): କୈଶୋର ଅବସ୍ଥାରେ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଅନୁକୂଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ, ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ଏକ ସହଯୋଗୀ କମ୍ପାନୀ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର) ଅଭିଯାନ ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜାରି ରଖିଛି । ଉତ୍କଳ ଆଲୁମିନା ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଓ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସୀମାନ୍ତରେ ଅବସ୍ଥିତ ହୋଇଥିବା ବେଳେ କମ୍ପାନୀ ସିଏସ୍‌ଆର ବିଭାଗ ପକ୍ଷରୁ ଉଭୟ ବ୍ଲକରେ ବିକାଶ କାର୍ଯ୍ୟ ଅବିରତ ଚାଲୁ ରହିଛି । ଏହି କ୍ରମରେ କମ୍ପାନୀର ସିଏସ୍‌ଆର ବିଭାଗ ତରଫରୁ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଖଣି ପରିସର ଗ୍ରାମଗୁଡ଼ିକରେ ଅବସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ପୁନଃନବୀକରଣ କରିବା ପାଇଁ ପ୍ରୟାସ ଆରମ୍ଭ କରିଅଛି । ଏହି ପ୍ରୟାସ ଅନ୍ତର୍ଗତ ପାରମ୍ପରିକ ଆଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ସ୍ମାର୍ଟ, ଶିଶୁ-ମିତ୍ର ଶିକ୍ଷାନୁକୂଳ କେନ୍ଦ୍ରରେ ପରିଣତ କରାଯାଅଛି । ସମ୍ପ୍ରତି ଏକ ରାଜ୍ୟସ୍ତରୀୟ ବେସରକାରି ସଂଗଠନ ସହଯୋଗରେ, ଉତ୍କଳ ଆଲୁମିନା ବାଫଲାମାଳି ଖଣି କ୍ଷେତ୍ର ପରିସରରେ ଅବସ୍ଥିତ ୧୧ ଟି ଗ୍ରାମାଞ୍ଚଳର ଆଙ୍ଗନବାଡ଼ି କେନ୍ଦ୍ର ଚିହ୍ନଟ କରି ସିଏସ୍‌ଆର ବିଭାଗ ପକ୍ଷରୁ ଉନ୍ନତିକରଣ କରାଯାଇଛି । ଏହି ପ୍ରୟାସରେ କେନ୍ଦ୍ରର ନବୀକରଣ, ମରାମତି ସହିତ ସାଧାରଣ ଢାଞ୍ଚା ପରିବର୍ତ୍ତନ କାର୍ଯ୍ୟ କରାଯାଇଛି । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁଙ୍କ ପାଇଁ ନିରାପଦ ଓ ଦୀର୍ଘକାଳୀନ ଶୈକ୍ଷିକ ପରିବେଶ ସୃଷ୍ଟି କରିବା । ରାଜ୍ୟ ସରକାରଙ୍କ ସମନ୍ୱୟ ଶିଶୁ ବିକାଶ ବିଭାଗ ଦ୍ୱାରା ଅନୁମୋଦିତ ଶିଶୁ-କେନ୍ଦ୍ରିତ ଛବି ଆଧାରିତ ଚିତ୍ରାଙ୍କନ ଓ କାରୁକାର୍ଯ୍ୟ ଆଙ୍ଗନବାଡ଼ି କେନ୍ଦ୍ର ଭିତର ଓ ବାହାର କାନ୍ଥରେ ପ୍ରୟୋଗ କରାଯାଇଛି, ଯାହା ଶିଶୁମାନଙ୍କର ପ୍ରାକ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିଅଛି । କମ୍ପାନୀ ପକ୍ଷରୁ ସମ୍ପ୍ରତି ପ୍ରୟାସ କରାଯାଇଥିବା ବେଳେ ଏହା ଆଙ୍ଗନବାଡ଼ିରେ ଶିଶୁମାନଙ୍କ ଉପସ୍ଥିତିରେ ଦ୍ରୁତ ବୃଦ୍ଧି ଦେଖିବାକୁ ମିଳିଛି । ଏବଂ କୈଶୋର ବିଦ୍ୟାର୍ଥୀଙ୍କ ମଧ୍ୟରେ ଶାରୀରିକ, ମାନସିକ ଓ ଭାବବତ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପରିଲକ୍ଷିତ ହୋଇଅଛି । ଅନ୍ୟପଟେ କମ୍ପାନୀ ସିଏସ୍‌ଆର ବିଭାଗର ଏହି ପ୍ରୟାସରେ ରାୟଗଡା ଜିଲ୍ଲା କଶିପୁର ବ୍ଲକର ଖଣି ପାର୍ଶ୍ୱସ୍ଥ ଅଞ୍ଚଳ ଯାଥା ମାଇକଞ୍ଚ, ଅଣ୍ଡିରାକଞ୍ଚ, ପଇକାକୁପାଖାଲ, କରଞ୍ଜାକୁପାଖାଲ, କୋଡିପାରି, କୁମ୍ଭାରଶିଳା, ମାଳିଗାଁ ଓ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ସୂର୍ଯ୍ୟଗଡ଼, ଅଡ଼ରୀ, ମାଳିଗାଁ ଓ କେନ୍ଦୁମୁଣ୍ଡି ଗ୍ରାମର ୧୧ଟି ଆଙ୍ଗନବାଡ଼ି କେନ୍ଦ୍ରର ମୋଟ ୩୨୯ ଜଣ ଶିଶୁ ସିଧାସଳଖ ଭାବେ କମ୍ପାନୀ ପକ୍ଷରୁ ସିଏସ୍‌ଆର ବିଭାଗ ଅନ୍ତର୍ଗତ ଚାଲୁ ରହିଥିବା ଏହି ଉଦ୍ୟମରେ ଲାଭାନ୍ୱିତ ହୋଇଛନ୍ତି ।

**AFFIDAVIT**

By virtue of an affidavit sworn before The Executive Magistrate, Kanas, dated: 24.04.2025, I Subhalaxmi Baliarsingh, Address: village- Sunakhala, Po-Bhatapada, Ps-Gadisagoda, Dist- Puri, Odisha, PIN- 752019, declare that I have changed my name from Subhalaxmi Baliyarsingh to Subhalaxmi Baliarsingh. Henceforth, I shall be known as Subhalaxmi Baliarsingh for all purposes.

**Sd/- Subhalaxmi Baliarsingh**

**AFFIDAVIT**

By virtue of an affidavit sworn before The Executive Magistrate, Kanas, dated: 22.04.2025, I Haras Behera, Address: At-Birakeshariipur, Po-Birakesharipur, Ps-Gadisagoda, Dist- Puri, Odisha, PIN-752020, declare that I have changed my son's name from Ashribad Behera to Aditya Behera. Henceforth, He shall be known as Aditya Behera for all purposes.

**Sd/- Haras Behera**

**OFFICE OF THE EXECUTIVE ENGINEER**
**RCD, ROAD DIVISION, RANCHI (Gramin)**
**Line Tank Road, Lakra Godam, Ranchi, PIN – 834001**
**ई–मेल : eercdranchi-gramin@jharkhandmail.gov.in**

**Letter No. 297** **Dated: 24.04.2025**

**Corrigendum regarding completion period**

In the view of instructions received from Higher Authority, in the Tender No. –RCD/Ranchi (Gramin)-263/2025-26 [e-Tender Ref.No.- 2025_CECOMM_100431_1] published vide PR No. – 350497 Road(25-26)D, Dt.-16.04.2025 invited by this division, the period of completion of work bearing work name "IRQP Work in Taimara Ghati-Dasham Fall Road (Length 10.00 km + 385 m Approach)" was treated as four (04) month instead of two (02) month.

All other terms & conditions of the tender documents will remain unchanged.

**Executive Engineer**
**Road Division, Ranchi (Gramin)**

PR 351039 Road(25-26).D

**Office of the Chief District Medical &Public Health Officer, Boudh**
**Quotation/Tender Call Notice For Hiring of Vehicle**

Notification No. 1365 Date: 22.04.2025

Sealed Quotation /tenders are invited from interest reputed Travel Agencies/ Tour Operators/Private individuals for hiring of 1 (One) nos. of AC Petrol /Diesel/ driven vehicles having sitting capacity not more than 7 (Seven) including Driver, which shall conform to the Terms and conditions (Appendix-A) for official use in CDM&PHO, Boudh Department/Office on monthly rent/daily hiring basis. The Quotation completed in all respect should reach to the office of CDM & PHO, Boudh on or before 14.05.2025 by 1.00 PM through Regd. Post/ Speed Post/Courier Only and shall be opened on the same day at 1.00 P.M in presence of the bidders or their authorized representatives in the office chamber of the undersigned.

The undersigned reserves the right to reject any or all the tender without any reason thereof.

Sd/-
CDM&PHO-cum-District Mission Director,
Boudh

# ବୋଲେରୋ ଧକ୍କାରେ ନାବାଳକ ମୃତ

ପୁରୀ (ଭାସ୍କର ନ୍ୟୁଜ) : ଅଧା ରହିଗଲା ଜଗା ଦର୍ଶନ। ଦୁର୍ଘଟଣା ରେ ଚାଲିଗଲା ଜଣେ ନିରୀହ ନାବାଳକର ଜୀବନ। ପୁରୀ ଆରଟିଓ ସମ୍ମୁଖରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ନାବାଳକୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନାବାଳକର ମୃତ୍ୟୁକୁ ନେଇ ପରିବାର ଲୋକେ ଦୁଃଖରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି। ଅଧା ରହିଗଲା ଜଗା ଦର୍ଶନ। ପୁରୀ ଚକ୍ରତୀର୍ଥ ରୋଡରେ ବୋଲେରୋ ଗାଡ଼ି ଚଢ଼ି ଯିବାରୁ ଜଣେ ନାବାଳକର ଜୀବନ ଚାଲିଯାଇଛି। ଚକ୍ରତୀର୍ଥ ରୋଡରେ ଥିବା ଆରଟିଓ ସମ୍ମୁଖରେ ଘଟିଛି ଏଭଳି ଭୟଙ୍କର ଦୁର୍ଘଟଣା। ଚିକିତ୍ସା ପାଇଁ ଗୁରୁତର ଅବସ୍ଥାରେ ନାବାଳକ ପୁଅକୁ ପରିବାର ଲୋକେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ନାବାଳକ ଜଣକ ହେଉଛନ୍ତି ଖୋର୍ଦ୍ଧା ବେଗୁନିଆ ଅଞ୍ଚଳର ସୂର୍ଯ୍ୟକାନ୍ତ ଦାସ ଙ୍କ ଚାରିବର୍ଷ ର ପୁଅ ଆଶୁ ଦାସ। ନାବାଳକ ପୁଅର ମୃତ୍ୟୁ ଖବର ଶୁଣି କାନ୍ଦ ବୋବାଳି ରେ ଫାଟି ପଡୁଥିଲା ସମ୍ପୂର୍ଣ୍ଣ ହସ୍ପିଟାଲ ପରିସର। ମୋ ପୁଅକୁ କେହି ଫେରାଇ ଆଣ ବୋଲି କୋହ ଭରା କଣ୍ଠରେ ନେହୁରା ହେଉଥିଲା ମା। ତେବେ ମୃତ ନାବାଳକର ସମ୍ପର୍କୀୟଙ୍କ କହିବାନୁଯାୟୀ ଆଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ଟ୍ରେନ୍ ରେ ପରିବାର ଲୋକଙ୍କ ସହ ପୁରୀ ଆସିଥିଲା ଆଶୁ। ମହାପ୍ରଭୁଙ୍କ ଦର୍ଶନ ପୂର୍ବରୁ ଆରଟିଓ ନିକଟରେ ଥିବା ତାଙ୍କ ବନ୍ଧୁଙ୍କ ଘରକୁ ପରିବାର ସହିତ ଆଶୁ ଆସିଥିଲା। ଜଣେ ସମ୍ପର୍କୀୟଙ୍କ ସହ ନାବାଳକ ଜଣକ କୋଲଡ୍ରିଙ୍କ ପାଇଁ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ଗାଡ଼ି ନାବାଳକ କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭରକୁ ପୋଲିସ ଗିରଫ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ପରିବାର ଲୋକେ। ସେପଟେ ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ସହ ଦୁର୍ଘଟଣା ଘଟାଇଥିବା ବୋଲେରୋ ଗାଡିକୁ ଜବତ କରିବା ସହ ସମ୍ପୃକ୍ତ ଚାଳକକୁ ଅଟକ ରଖି ପଚରାଉଚରା କରୁଛି।



ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିବାଦରେ ଦିଲ୍ଲୀର ବ୍ୟବସାୟୀମାନେ ଶୁକ୍ରବାର ବନ୍ଦ ପାଳନ କରିଛନ୍ତି। ଏହି ବନ୍ଦରେ ଦିଲ୍ଲୀର ପ୍ରମୁଖ ସଦର ବଜାର, ଭାଗୀରଥ ବଜାର, ଗାନ୍ଧିନଗର, ନୟା ବଜାର, ଖରି ବାଓଲି, ଚାଉଡ଼ି ବଜାର, ଚାନ୍ଦିନୀଚୌକ, ଜାମା ମସ୍ଜିଦ୍ ଏବଂ ହାଉଜ୍ କାଜୀ ସମେତ ୧୦୦ରୁ ଅଧିକ ବଜାର ସଙ୍ଗଠନ ଅଂଶଗ୍ରହଣ କରୁଛନ୍ତି। ବ୍ୟବସାୟୀଙ୍କ ଏହି ଧର୍ମଘଟ ଯୋଗୁଁ ଆଜି ଦିଲ୍ଲୀର ୯୦୦ରୁ ଅଧିକ ବଜାରରେ ୮ ଲକ୍ଷରୁ ଅଧିକ ଦୋକାନରେ କୌଣସି ବ୍ୟବସାୟ ହେବ ନାହିଁ ଏବଂ ପ୍ରାୟ ୧୫୦୦ କୋଟି ଟଙ୍କାର ବ୍ୟବସାୟ ଠପ୍ ରହିବ। ବୟନ, ମସଲା, ଧାତବକୁଜନ ଏବଂ ସୁନା ସାମଗ୍ରୀ ଭଳି କ୍ଷେତ୍ରର ବିଭିନ୍ନ ବ୍ୟବସାୟୀ ସଂଘ ମଧ୍ୟ ବନ୍ଦରେ ସାମିଲ ହୋଇଛନ୍ତି।



## ବିବାଦୀୟ ମନ୍ତବ୍ୟ ନେଇ ରାହୁଲଙ୍କୁ ସୁପ୍ରିମକୋର୍ଟଙ୍କ ତାଗିଦ



ନୂଆଦିଲ୍ଲୀ: ସ୍ୱାଧୀନତା ସଂଗ୍ରାମୀ ବୀର ସାବରକରଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି ସୁପ୍ରିମକୋର୍ଟ। ଗୁରୁବାର ମାମଲାରେ ଶୁଣାଣି କରି କୋର୍ଟ କହିଛନ୍ତି ଯେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିରୋଧରେ ଏପରି ମନ୍ତବ୍ୟକୁ କୋର୍ଟ ଅନୁମତି ଦେବ ନାହିଁ। ଯଦି ଏହାର ପୁନରାବୃତ୍ତି ହୁଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ସାବରକରଙ୍କ ବିରୋଧୀ ବିବାଦୀୟ ମନ୍ତବ୍ୟ ପରେ ତାଙ୍କ ବିରୋଧରେ ହୋଇଥିବା ମାମଲାକୁ ରଦ୍ଦ କରିବାକୁ ଆହ୍ଲାବାଦ ହାଇକୋର୍ଟ ମନା କରିବା ପରେ ଏହାକୁ ଚ୍ୟାଲେଞ୍ଜ କରି ରାହୁଲ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଏହାର ଗୋଟିଏ ଦିନ ପରେ ରାହୁଲଙ୍କୁ ଏଭଳି ତାଗିଦ କରିଛନ୍ତି ସର୍ବୋଚ୍ଚ ଅଦାଲତ। ୧୭ ନଭେମ୍ବର ୨୦୨୨ରେ ମହାରାଷ୍ଟ୍ରର ଆକୋଲା ଜିଲ୍ଲାରେ ଭାରତ ଭାରତ ଯୋଡୋ ଯାତ୍ରା ରାଲିରେ ସାବରକରଙ୍କ ଉପରେ ବିବାଦୀୟ ବୟାନ ଦେଇଥିଲେ ରାହୁଲ ଗାନ୍ଧୀ। ସାବରକରଙ୍କୁ ଇଂରେଜ ବ୍ରିଟିଶ ସେବକ ବୋଲି କହିବା ସହିତ ସେ ଔପନିବେଶିକ ସରକାରଙ୍କ ଠାରୁ ପେନସନ ପାଉଥିଲେ ବୋଲି ରାହୁଲ କହିଥିଲେ। ଏହାପରେ ତାଙ୍କ ବିରୋଧରେ ମାନହାନୀ ମାମଲା ହୋଇଥିଲା। ଶୁକ୍ରବାର ବିଚାରପତି ଦୀପାଙ୍କର ଦତ୍ତ ଏବଂ ମନମୋହନଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଗାନ୍ଧୀଙ୍କ ଓକିଲ ଯୁକ୍ତି ଦେଇଥିଲେ ଯେ ବିବୃତ୍ତି ମାଧ୍ୟମରେ ଶତ୍ରୁତାକୁ ଉତ୍ସାହକାରୀ କୌଣସି ଉଦ୍ଦେଶ୍ୟ ନଥିଲା। ଏହାପରେ ଖଣ୍ଡପୀଠ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ରାହୁଲ ଗାନ୍ଧୀ ଯେମିତି ଆଉ ଏପରି ବୟାନ ନ ଦିଅନ୍ତି ସେ ନେଇ ସ୍ପଷ୍ଟ କରିଦେଇଥିଲେ।

## ଇସ୍ରୋର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ



ବେଙ୍ଗାଲୁରୁ: ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ କେ. କସ୍ତୁରୀରଙ୍ଗନଙ୍କ ପରଲୋକ ହୋଇଯାଇଛି। ସେ ବେଙ୍ଗାଲୁରୁରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ଜଣାପଡିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। କୁହାଯାଉଛି ଯେ ସେ କିଛି ଦିନ ଧରି ଅସୁସ୍ଥ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ୨୭ ଏପ୍ରିଲରେ ସାଧାରଣ ଦର୍ଶନ ପାଇଁ ରମଣ ଗବେଷଣା ପ୍ରତିଷ୍ଠାନ (ଆରଆରଆଇ)ରେ ରଖାଯିବ। ପୂର୍ବତନ ଇସ୍ରୋ ମୁଖ୍ୟଙ୍କ ନିଧନରେ ପ୍ରଧାନମନ୍ତ୍ରୀ ମୋଦୀ ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ କେ. କସ୍ତୁରୀରଙ୍ଗନ ଇସ୍ରୋରେ ବହୁତ କଠିନ ପରିଶ୍ରମ କରିଥିଲେ ଏବଂ ଭାରତର ମହାକାଶ କାର୍ଯ୍ୟକ୍ରମକୁ ନୂତନ ଶିଖରରେ ପହଞ୍ଚାଇଥିଲେ। ଜାତୀୟ ଶିକ୍ଷା ନୀତି ପ୍ରସ୍ତୁତ କରିବା ପାଇଁ ଭାରତ ସର୍ବଦା ଡକ୍ଟର କସ୍ତୁରୀରଙ୍ଗନଙ୍କ ପ୍ରତି କୃତଜ୍ଞ ରହିବ। ପ୍ରଖ୍ୟାତ ବୈଜ୍ଞାନିକ କେ କସ୍ତୁରିରଙ୍ଗନଙ୍କ ଜନ୍ମ ୨୪ ଅକ୍ଟୋବର ୧୯୪୦ ମସିହାରେ କେରଳର ଏର୍ଣ୍ଣାକୁଲମରେ ହୋଇଥିଲା। ସେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ରେ ଦୀର୍ଘ ସମୟ ଧରି କାର୍ଯ୍ୟ କରିଥିଲେ। ସେ ୧୯୯୪ ରୁ ୨୦୦୩ ପର୍ଯ୍ୟନ୍ତ ଇସ୍ରୋର ଅଧ୍ୟକ୍ଷ ଏବଂ ଭାରତ ସରକାରଙ୍କ ସଚିବ ଥିଲେ। ୨୦୦୩ ମସିହାରେ ଇସ୍ରୋରୁ ଅବସର ନେବା ପରେ, କସ୍ତୁରୀରଙ୍ଗନ ଭାରତୀୟ ବିଜ୍ଞାନ ଏକାଡେମୀର ସଭାପତି ହୋଇଥିଲେ। ଏହା ସହିତ ସେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ସଦସ୍ୟ ହେଲେ।

## ମୋଦିଙ୍କୁ ଶଙ୍କରାଚାର୍ଯ୍ୟଙ୍କ ଟାର୍ଗେଟ

ନୂଆଦିଲ୍ଲୀ: ଜମ୍ମୁ ଓ କଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ଉତ୍ତରାଖଣ୍ଡର ଜୋଶୀମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ପାହାଲଗାମ ପାକିସ୍ତାନ ସୀମାନ୍ତରୁ ବହୁ ଦୂରରେ ଅବସ୍ଥିତ। ତେଣୁ ଏହି ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ସରକାରଙ୍କ ବୟାନକୁ ସେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପାହାଲଗାମରେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ସମେତ ୨୮ ଜଣଙ୍କର ମୃତ୍ୟୁ ଘଟିଥିଲା। ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ଆତଙ୍କବାଦର ଧର୍ମ ରହିଛି ଏବଂ ଏହାକୁ ଇସଲାମ ସହ ଯୋଡ଼ି ସେ ପାକିସ୍ତାନକୁ ଏହାର ଦାୟୀ ବୋଲି ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ପହଲଗାମ ପରି ଦୂରବର୍ତ୍ତୀ ସ୍ଥାନରେ ଏପରି ଆକ୍ରମଣ ହେବା ଅନେକ ପ୍ରଶ୍ନ ଉଠାଉଛି। ସେ ସରକାରଙ୍କୁ ଏହି ଘଟଣାର ଗଭୀର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

## ଦିଲ୍ଲୀ ମେୟର ନିର୍ବାଚନ ଜିତିଲା ଭାଜପା



ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ଶୁକ୍ରବାରଠାରୁ 'ଟ୍ରିପଲ ଇଞ୍ଜିନ' ସରକାର ଆରମ୍ଭ ହୋଇଛି। ଭାରତୀୟ ଜନତା ପାର୍ଟି(ଭାଜପା)ର ରାଜା ଇକବାଲ ମେୟର ନିର୍ବାଚନରେ ବିଜୟୀ ହୋଇଛନ୍ତି। ସେହିଭଳି ଡେପୁଟି ମେୟର ପଦବୀ ମଧ୍ୟ ଭାଜପା ପାଖରେ ରହିଛି। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ମେୟର ନିର୍ବାଚନରେ ଭାଜପାକୁ ୧୩୩ଟି ଭୋଟ ମିଳିଥିବା ବେଳେ କଂଗ୍ରେସକୁ ମାତ୍ର ୮ଟି ଭୋଟ ମିଳିଛି। ଅପରପକ୍ଷେ ଆମ ଆଦମୀ ପାର୍ଟି ଏହି ନିର୍ବାଚନକୁ ବର୍ଜନ କରିଥିଲା। ଏପରି ପରିସ୍ଥିତିରେ ଭାଜପା ନିର୍ଦ୍ୱନ୍ଦ୍ୱରେ ନିର୍ବାଚନ ଜିତିନେଇଛି। ଏହା ସହିତ କେନ୍ଦ୍ର ଏବଂ ଦିଲ୍ଲୀରେ ଭାଜପା ସରକାର ହେବା ସହିତ ଏମ୍‌ସିଡିରେ ଦଳର ମେୟର ମଧ୍ୟ ନିର୍ବାଚିତ ହୋଇଛନ୍ତି। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନରେ ଭାଜପା ଅଧିକାଂଶ ଦିନ କ୍ଷମତାରେ ରହିଛି। ହେଲେ ଫେବୃଆରୀ ୨୦୨୩ରୁ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ମେୟର ପଦବୀ ଆମ ଆଦମୀ ପାର୍ଟି ପାଖରେ ଥିଲା ଏବଂ ଦଳର ସେଲି ଓବେରୟ ମେୟର ଥିଲେ। ଭାଜପା ନେତା ସର୍ଦ୍ଦାର ରାଜା ଇକବାଲ ସିଂହ ଏପର୍ଯ୍ୟନ୍ତ ଦିଲ୍ଲୀ ନଗର ନିଗମରେ ବିରୋଧୀ ଦଳ ନେତା ପଦବୀରେ ଥିଲେ। ପୂର୍ବରୁ ସେ ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନର ମେୟର ପଦରେ କାର୍ଯ୍ୟ କରିଛନ୍ତି। ସର୍ଦ୍ଦାର ରାଜା ଇକବାଲ ସିଂହ ପୂର୍ବରୁ ଅକାଳୀ ଦଳରେ ଥିଲେ, କିନ୍ତୁ କୃଷି ଆଇନକୁ ନେଇ ଶିରୋମଣି ଅକାଳୀ ଦଳ ଏବଂ ଭାଜପା ମଧ୍ୟରେ ଦୂରତା ବଢ଼ିବା ପରେ ସେ ଭାଜପାରେ ଯୋଗ ଦେଇଥିଲେ।

## ୱାକଫ ଆଇନ୍‌କୁ ନେଇ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ




ନୂଆଦିଲ୍ଲୀ : କେନ୍ଦ୍ର ସରକାର ୱାକଫ ସଂଶୋଧନ ଆଇନ ଉପରେ ଶୁକ୍ରବାର ଜବାବୀ ସତ୍ୟପାଠ ଦାଖଲ କରିଛନ୍ତି। ସୁପ୍ରିମକୋର୍ଟରେ ଦାଖଲ ଜବାବରେ ସରକାର ଆଇନକୁ ଉଚିତ ବୋଲି କହି ଗତ ୧୦୦ ବର୍ଷରୁ ଅଧିକ ସମୟ ହେଲା ୱାକଫ ବାଇ ୟୁଜରକୁ ମୌଖିକ ନୁହେଁ କେବଳ ପଞ୍ଜିକରଣ ଆଧାରରେ ମାନ୍ୟତା ଦିଆଯାଉଥିବା କହିଛନ୍ତି। ସତ୍ୟପାଠରେ କେନ୍ଦ୍ର ସରକାର ୱାକଫ ମୁସଲମାନଙ୍କ ଧାର୍ମିକ ସଂସ୍ଥା ନୁହେଁ ବରଂ ବୈଧାନିକ ଅନୁଷ୍ଠାନ ବୋଲି କହିଛନ୍ତି। ୱାକଫ ସଂଶୋଧନ ଆଇନ ଅନୁସାରେ ଅଭିଭାବକଙ୍କ କାମ ଧର୍ମ ନିରପେକ୍ଷ ହୋଇଥାଏ ଏହି ଆଇନ ନିର୍ବାଚିତ ଜନପ୍ରତିନିଧିଙ୍କ ଭାବନାକୁ ଦର୍ଶାଉଛି। ସେହିମାନେ ହିଁ ଆଇନକୁ ବହୁମତରେ ଗୃହୀତ କରାଇଛନ୍ତି। କେନ୍ଦ୍ର ସରକାର କୋର୍ଟରେ ୱାକଫକୁ ନେଇ ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି ସେଥିରେ କୁହାଯାଇଛି ଯେ ସଂସଦ ଦ୍ୱାରା ଗୃହୀତ ଆଇନକୁ ସମ୍ବିଧାନିକ ରୂପେ ବୈଧ ବୋଲି କୁହାଯାଏ। ବିଶେଷ କରି ସଂଯୁକ୍ତ ସଂସଦୀୟ କମିଟି (ଜେପିସି)ଙ୍କ ସୁପାରିସ ଓ ସଂସଦରେ ବ୍ୟାପକ ତର୍କ ପରେ ବିଧେୟକ ଆଇନରେ ପରିଣତ ହୋଇଛି। କେନ୍ଦ୍ର ସରକାର କୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ ଏବେ ଆଇନର କୌଣସି ପ୍ରାବଧାନ ଉପରେ ଅନ୍ତରୀଣ ରୋକ ଲଗା ନଯାଉ। ଏହି ସଂଶୋଧିତ ଆଇନ ଦ୍ୱାରା କୌଣସି ବ୍ୟକ୍ତିଙ୍କ ୱାକଫ କରିବାରେ ଧାର୍ମିକ ଅଧିକାରରେ କୌଣସି ହସ୍ତକ୍ଷେପ ହେଉ ନାହିଁ। କେବଳ ପ୍ରବନ୍ଧନ ଓ ପାରଦର୍ଶିତା ସୁନିଶ୍ଚିତ କରିବା ପାଇଁ ଏହି ଆଇନରେ ପରିବର୍ତ୍ତନ କରାଯାଇଛି।

## ବିଷ୍ଣୁଦେବଙ୍କ ଘୋଷଣା: ଦିବ୍ୟାଂଗଙ୍କ ସାମଗ୍ରିକ ବିକାଶ ପାଇଁ ମୋ ସରକାର ପ୍ରତିବଦ୍ଧ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ରାଜଧାନୀ ରାୟପୁରସ୍ଥିତ ମେଡିକାଲ କଲେଜର ଅଟଳବିହାରୀ ବାଜପେୟୀ ସଭାଗୃହରେ ଛତିଶଗଡ ନିସପ୍ତଜନ ଏବଂ ବିକାଶ ନିଗମର ନବନିଯୁକ୍ତ ଅଧ୍ୟକ୍ଷଙ୍କ ପଦଭାର ଗ୍ରହଣ ଏବଂ ଅଭିନନ୍ଦନ ସମାରୋହରେ ସାମିଲ ହୋଇଥିଲେ। ନିବନିଯୁକ୍ତ ଅଧ୍ୟକ୍ଷ ଲୋକେଶ କବାଡିଆ ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ କରିଥିବାରୁ ଶ୍ରୀ ସାଏ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭକାମନା କରିଥିଲେ। ଏହି ଅବସରରେ ଶ୍ରୀ ସାଏ ନିସକ୍ତଜନ ବିତ୍ତ ଏବଂ ବିକାଶ ନିଗମର ନାମ ପରିବର୍ତ୍ତନ କରାଯାଇ ଛତିଶଗଡ ଦିବ୍ୟାଂଗଜନ ବିତ୍ତ ଏବଂ ବିକାଶ ନିଗମ କରାଯିବ ବୋଲି ଘୋଷଣା କରିଥିଲେ। ସେ ମଞ୍ଚରେ ୧୫ଜଣ ଦିବ୍ୟାଂଗ ହିତାଧିକାରୀଙ୍କୁ ଋଣ ପ୍ରଦାନ କରିବାସହ ୧୧ ଦିବ୍ୟାଂଗ ଜନଙ୍କୁ ଋଣ ପ୍ରଦାନର କାଗଜପତ୍ର ବଣ୍ଟନ କରିଥିଲେ। ଏପରିକି ଶ୍ରବଣବାଧିତ ଦିବ୍ୟାଂଗଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରିଥିଲେ। ସେ କହିଥିଲେ ମୋ ସରକାର ଦିବ୍ୟାଂଗଜନଙ୍କ ସାମଗ୍ରୀକ ବିକାଶ ପାଇଁ ପ୍ରତିବଦ୍ଧ। ଛତିଶଗଡ ସରକାର ସେମାନଙ୍କ ବିକାଶ ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଦିବ୍ୟାଂଗଜନଙ୍କ ସ୍ଥିତି ଓ ଅବସ୍ଥିତି ଅନୁଧାନ କରି ସେମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରାଇବା, ସରକାରୀ ସୁବିଧାର ଉପଲବ୍ଧ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଲକ୍ଷ୍ମୀ ରାଜୱାଡେ ଯୋଗଦେଇ ସବ୍ କା ସାଥ୍, ସବ୍‌କା ବିକାଶର ସଂକଳ୍ପକୁ ଆଧାର କରି ଦିବ୍ୟାଂଗଜନଙ୍କ ଆର୍ଥିକ ବିକାଶ ପାଇଁ କୌଶଳକ୍ରମ କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ମନ୍ତ୍ରୀ କେଦାର କାଶ୍ୟପ, ରାଜସ୍ୱ ମନ୍ତ୍ରୀ ଟଙ୍କରାମ ବର୍ମା, ବିଧାୟକ ରାଜେଶ ମୁଣତ, ମୋତିଲାଲ ସାହୁ, ପୁରନ୍ଦର ସାଏ ସାମିଲ ଥିଲେ।

## ପହଲଗାମ ଘଟଣା ପରେ ଉଭୟ ଦେଶକୁ ଜାତିସଂଘର ପରାମର୍ଶ



ନୂଆଦିଲ୍ଲୀ: ପହଲଗାମ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବଢ଼ିଯାଇଛି। ଏପରିକି ଏକ ବଡ ଧରଣର ଯୁଦ୍ଧ ହେବାର ସମ୍ଭାବନା ରହିଛି। ଏହାକୁ ନେଇ ଜାତିସଂଘ ଚିନ୍ତା ପ୍ରକଟ କରିଛି। ଜାତିସଂଘର ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରେସଙ୍କ ପକ୍ଷରୁ ଉଭୟ ଦେଶକୁ ସଞ୍ଜମତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ଏନେଇ ତାଙ୍କ ପ୍ରବକ୍ତା କହିଛନ୍ତି ଯେ ଅତି ନିକଟରୁ ଏବଂ ଅତ୍ୟନ୍ତ ଚିନ୍ତାର ସହିତ ଆମେ ନିବେଦନ କରୁଛି। ଉଭୟ ସରକାରଙ୍କୁ ଅଧିକରୁ ଅଧିକ ସଞ୍ଜମତା ଅବଲମ୍ବନ କରିବାକୁ ଆମେ ନିବେଦନ କରୁଛୁ ବୋଲି ସେ କହିଛନ୍ତି। ତେବେ ପହଲଗାମ ଆତଙ୍କବାଦୀ ଘଟଣାକୁ ଗୁଟେରେସଙ୍କ ପ୍ରବକ୍ତା ଷ୍ଟିଫେନ ଡୁଜାରିକ କଡ଼ା ନିନ୍ଦା କରିଛନ୍ତି। ସେ କହିଛନ୍ତି ୨୨ ତାରିଖ ଦିନ ଜମ୍ମୁ ଏବଂ କାଶ୍ମୀରରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ଆମେ ସ୍ପଷ୍ଟ ନିନ୍ଦା କରୁଛୁ। ଏଥିରେ ବହୁ ସଂଖ୍ୟକ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ଗୁରୁବାର ସାମ୍ବାଦିକ ସମ୍ମିଳନୀକୁ ସୂଚନା ଦେଇ ସେ ଏପରି କହିଛନ୍ତି। ଏହା ପୂର୍ବରୁ ପହଲଗାମ ଘଟଣାକୁ ଗୁଟେରେସ କଡ଼ା ନିନ୍ଦା ପ୍ରକାଶ କରିଥିଲେ। ଯେକୌଣସି ପରିସ୍ଥିତିରେ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ ବୋଲି କହିଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ : ଓପୋ ଇଣ୍ଡିଆ ପକ୍ଷରୁ ଓପୋ ଏ୫ ପ୍ରୋ ୫ଜି ସ୍ମାର୍ଟଫୋନର ଶୁଭାରମ୍ଭ କରାଯାଇଛି। ୮ଜିବି+୧୨୮ଜିବି ଭାରିଆଂଟ ପାଇଁ ୧୭୯୯୯ଟଙ୍କା ଓ ୮ଜିବି+୨୫୬ଜିବି ଭାରିଆଂଟ ପାଇଁ ୧୯୯୯୯ଟଙ୍କା ମୂଲ୍ୟରେ ଓପୋ ଏ୫ ପ୍ରୋ ୫ଜି ଆମାଜନ, ଫ୍ଲିପ୍‌କାର୍ଟ, ଓପୋ ଷ୍ଟୋର ଓ ମେନ୍‌ଲାଇନ ରିଟେଲ ଆଉଟଲେଟଗୁଡିକରେ ଦୁଇଟି ରଙ୍ଗ ବିକଳ୍ପ -ଯଥା ମୋଚା ବ୍ରାଉନ ଓ ଫିଦର ବ୍ଲୁରେ ଉପଲବ୍ଧ ହେବ। ଗ୍ରାହକମାନେ ୧୫୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ଏବଂ ଏସ୍‌ବିଆଇ, ଆଇଡିଏଫସି ଫାର୍ଷ୍ଟ ବ୍ୟାଙ୍କ, ବିଓବି ଫାଇନାନ୍ସିଆଲ, ଫେଡେରାଲ ବ୍ୟାଙ୍କ ଓ ଡିବିଏସ ଆଦି ବ୍ୟାଙ୍କର ଅଗ୍ରଣୀ କ୍ରେଡିଟ କାର୍ଡଗୁଡିକ ସହ ୬ମାସ ପର୍ଯ୍ୟନ୍ତ ନୋ କଷ୍ଟ୍ ଇଏମଆଇ ପାଇପାରିବେ।। ଏକ ଜିରୋ ଡାଉନ ପେମେଂଟ ସ୍କିମ ମଧ୍ୟ ଉପଲବ୍ଧ ରହିଛି। ଓପୋର ଆଡ୍‌ଭାନ୍ସଡ ଏଆଇଜିସି ଇନ ଦ୍ୱାରା ପରିଚାଳିତ ଏହି ଫୋନରେ ଏଆଇ ଇରେଜର୨.୦ ରହିଛି ଯାହା ଚତୁରତାର ସହିତ ଫଟୋଗୁଡିକୁ ଅବାଂଛିତ ବସ୍ତୁ ଓ ଲୋକଙ୍କୁ ଦୂର କରିବା ସହିତ ପ୍ରାକୃତିକ ପୃଷ୍ଠଭୂମିଗୁଡିକରେ ମିଶ୍ରଣ କରିଥାଏ। ସେହିଭଳି ଏଆଇର ଅନ୍ୟାନ୍ୟ ଫିଚର ମଧ୍ୟ ରହିଛି। ଏହାବ୍ୟତୀତ ଏଆଇ ଆସିଷ୍ଟାନ୍ସ ସହିତ ଉତ୍ପାଦକତା ବୃଦ୍ଧି କରିଥାଏ। ୧୫ଟି ଭାଷାରେ ଡକ୍ୟୁମେଂଟଗୁଡିକୁ ସଂକ୍ଷିପ୍ତ ଓ ଅନୁବାଦ କରିବାଠାରୁ ଆରମ୍ଭ କରି ନୋଟ୍‌ଗୁଡିକୁ ରିରାଇଟ, ପଲିସ ଓ ଫର୍ମାଟ୍ କରିବା ପର୍ଯ୍ୟନ୍ତ ଏ୫ ପ୍ରୋ ୫ଜି ହେଉଛି କାର୍ଯ୍ୟ ଓ ଖେଳ ପାଇଁ ଏକ ସକ୍ଷମ ଏଆଇ ସାଥୀ।

## ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଉପରେ ସିଆଇଆଇର ରଣନୀତି




ନୂଆଦିଲ୍ଲୀ: କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଓଡ଼ିଶା ରାଜ୍ୟ ପରିଷଦ ଝାରସୁଗୁଡା ସ୍ଥିତ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀଯୁକ୍ତ ସୁନୀଲ ଗୁପ୍ତାଙ୍କୁ ୨୦୨୫-୨୫ ବର୍ଷ ପାଇଁ ଏହାର ଅଧ୍ୟକ୍ଷ ଭାବେ ଘୋଷଣା କରିଛି। ଏହି ଟିମରେ ଏଏମ/ଏନଏସ୍ ଇଣ୍ଡିଆ, ଓଡିଶା ଆସେଟ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଜି ସିଆଇଆଇର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଆଗାମୀ ବର୍ଷର ପ୍ରାଥମିକତା ଉପରେ ବକ୍ତବ୍ୟ ରଖି ସୁନୀଲ ଗୁପ୍ତା ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଉପରେ ସିଆଇଆଇର ରଣନୈତିକ ଧ୍ୟାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍‌ଏସ୍‌ଏମ୍‌ଇ, ଧାତୁ ଏବଂ ଖଣି, ସ୍ୱାସ୍ଥ୍ୟସେବା, ଏବଂ କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସିଆଇଆଇର ଲକ୍ଷ୍ୟ ହେଉଛି ସମଗ୍ର ରାଜ୍ୟରେ ସମାବେଶୀ ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା, ବିଶେଷ କରି ସିଆଇଆଇର କାର୍ଯ୍ୟକଳାପକୁ ସମ୍ପ୍ରସାରିତ କରିବା। ପଶ୍ଚିମ ଓଡ଼ିଶା ବିଶେଷକରି ଓଡ଼ିଶା ସରକାରଙ୍କ ଶିଳ୍ପ, ଏମଏସଏମଇ, କୃଷି, ପରିବେଶ, ପର୍ଯ୍ୟଟନ ଏବଂ ଦକ୍ଷତା ବିକାଶ ଭଳି ବିଭାଗଗୁଡ଼ିକ ସହିତ ଘନିଷ୍ଠ ଭାବରେ ସହଭାଗିତା କରିବା ଉପରେ ଜୋର ଦେଇଥିଲେ। ସୁରେଶ ଜି. ଓଡ଼ିଶାକୁ କ୍ଷେତ୍ରୀୟ ବିଶେଷଜ୍ଞତା ଆଣିବା ପାଇଁ ସିଆଇଆଇର ଉତ୍କର୍ଷ କେନ୍ଦ୍ରଗୁଡ଼ିକର ଲାଭ ଉଠାଇବା ଲାଗି ପରିଷଦର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ବ୍ୟାପକ ବିକାଶ ଏଜେଣ୍ଡାର ଅଂଶବିଶେଷ ସ୍ୱରୂପ, ସିଆଇଆଇ ଓଡ଼ିଶା ମଧ୍ୟ ଏହି କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବ। ପର୍ଯ୍ୟଟନ, ନବସୃଜନ, ସହରୀକରଣ, ମାଲ ପରିବହନ ଏବଂ ବହୁମୁଖୀ ଲଜିଷ୍ଟିକ୍ସ, ମତ୍ସ୍ୟଚାଷ, ଜଳବାୟୁ ସହନଶୀଳତା, ଶକ୍ତି ରୂପାନ୍ତରଣ, ଏବଂ ଓଡ଼ିଶାର ସମୃଦ୍ଧ କଳା, ଐତିହ୍ୟ ଏବଂ କ୍ରୀଡ଼ାର ସଂରକ୍ଷଣ ଦିଗରେ ପଦକ୍ଷେପ ନେବ। ସିଆଇଆଇ ଏବଂ ଏହାର ନୂତନ ନେତୃତ୍ୱ ମିଳିତ ଭାବେ ବ୍ୟବସାୟ ପାଇଁ ଏକ ସକ୍ଷମ ପରିବେଶ ସୃଷ୍ଟି କରିବା, ଗୋଷ୍ଠିଗୁଡ଼ିକୁ ସଶକ୍ତ କରିବା ଏବଂ ଓଡ଼ିଶାର ନିରନ୍ତର ଅର୍ଥନୈତିକ ପରିବର୍ତ୍ତନ ପାଇଁ ନୀତିଗତ ନିଷ୍ପତ୍ତିକୁ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

## ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାକୁ ଟିପିଡବ୍ଲ୍ୟୁଓଡିଏଲ୍‌ର ପ୍ରୟାସ



ବୁର୍ଲା: ପଶ୍ଚିମ ଓଡିଶାରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗରମରେ ଅସ୍ତବ୍ୟସ୍ତ ଜନଜୀବନ। ଏଭଳି ପରିସ୍ଥିତିରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଅତ୍ୟନ୍ତ ଜରୁରୀ ହୋଇ ପଡିଛି। ପ୍ରଚଣ୍ଡ ରୌଦ୍ର ତାପରେ ମଧ୍ୟ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନି ଟିପିଡବ୍ଲୁଓଡିଏଲ୍‌ର ଲାଇନମେନ୍‌ମାନେ ସଦ୍ୟ କାର୍ଯ୍ୟରତ ରହିଛନ୍ତି।ଏହି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ କାର୍ଯ୍ୟରତ ଲାଇନମୟାନ୍ ଏବିଂ ଗ୍ରାଉଣ୍ଡ ଟିମଙ୍କ ଅଦ୍ୟମ ଉତ୍ସାହକୁ ଆରମ ସାଲୁଟ୍ କେୁଛୁ। ଲାଇନମ୍ୟାନଙ୍କ କଠିନ ପରିଶ୍ରମ ନିଶ୍ଚିତ କରେ ଯେ ପଶ୍ଚିମ ଓଡିଶା ଲୋକମାନେ ଏହି କଷ୍ଟକର ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇପାରିବେ ବୋଲି ଟିପିଡବ୍ଲ୍ୟୁଓଡିଏଲ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ତତ୍କ୍ଷଣାତ୍ ବିଦ୍ୟୁତ୍ ସେବାର ସମାଧାନ ପାଇଁ କମ୍ପାନୀ ପକ୍ଷରୁ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଦଳ ନିୟୋଜିତ କରାଯାଇଛି।

## ଏମ୍‌ସିଏଲ୍‌ର କନ୍‌କ୍ଲେଭ ଉଦ୍‌ଘାଟିତ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ଦ୍ୱାରା ଆୟୋଜିତ କୋଲ୍ ଇଣ୍ଡିଆ ଲିମିଟେଡର ଦ୍ୱିତୀୟ ଏଚ୍‌ଆର / ଆଇଆର କନକ୍ଲେଭ ୨୦୨୫ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ମାନବ ସମ୍ବଳ ରଣନୀତି, ଶିଳ୍ପ ସମନ୍ୱୟ ଏବଂ କର୍ମକ୍ଷେତ୍ର ପରିବର୍ତ୍ତନ ଉପରେ ଆଲୋଚନା ପାଇଁ କୋଲ୍ ଇଣ୍ଡିଆ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକର ନିର୍ଦ୍ଦେଶକ (ଏଚ୍‌ଆର୍) ଏବଂ ବରିଷ୍ଠ ଏଚ୍‌ଆର୍ ବୃତ୍ତିଗତମାନଙ୍କୁ ଏକାଠି କରାଯାଇଛି। କୋଲ୍ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷ ପିଏମ୍ ପ୍ରସାଦଙ୍କ ଦ୍ୱାରା ଏହି କନକ୍ଲେଭକୁ ଭର୍ଚୁଆଲ୍ ଭାବରେ ଉଦଘାଟନ କରାଯାଇଥିଲା। ତାଙ୍କ ଭାଷଣରେ, ସେ ମାନବ ସମ୍ବଳ ନେତୃତ୍ୱକୁ ଗୋଟିଏ ମଞ୍ଚ ଅଧୀନରେ ଏକତ୍ରିତ କରିବାର ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ କୋଲ୍ ଇଣ୍ଡିଆର ଉଲ୍ଲେଖନୀୟ ଅଭିବୃଦ୍ଧି ଯାତ୍ରା ଉପରେ ଆଲୋକପାତ କରିଥିଲେ।ଏହି ଅବସରରେ କୋଲ୍ ଇଣ୍ଡିଆର ନିର୍ଦ୍ଦେଶକ (ଏଚ୍‌ଆର୍) ଡକ୍ଟର ବିନୟ ରଞ୍ଜନ ଏଚ୍‌ଆର୍ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ ଗଠନ, ସହାୟକ କମ୍ପାନୀଗୁଡ଼ିକ ମଧ୍ୟରେ ସର୍ବୋତ୍ତମ ଅଭ୍ୟାସ ବାଣ୍ଟିବା ଏବଂ କର୍ମଚାରୀ-ସମର୍ଥକ ନୀତି ମାଧ୍ୟମରେ କର୍ମଚାରୀ କଲ୍ୟାଣକୁ ସୁଦୃଢ଼ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଭବିଷ୍ୟତ ପାଇଁ ପ୍ରସ୍ତୁତ ଏଚ୍‌ଆର୍ ଢାଞ୍ଚା ଗଠନରେ ନିରନ୍ତର ଶିକ୍ଷା ଏବଂ ତାଲିମର ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ, ଏମ୍‌ସିଏଲ୍ ନିର୍ଦ୍ଦେଶକ (ଏଚ୍‌ଆର୍) କେଶବ ରାଓ ସ୍ୱାଗତ ଭାଷଣ ଦେଇଥିଲେ। ସେ ସୁସମ୍ପର୍କିତ ଶିଳ୍ପ ସମ୍ପର୍କ ବଜାୟ ରଖିବାର କୋଲ୍ ଇଣ୍ଡିଆର ଐତିହ୍ୟ ପ୍ରତି ଗର୍ବ ପ୍ରକାଶ କରିଥିଲେ ଏବଂ ପ୍ରତିନିଧିମାନଙ୍କୁ ଓଡ଼ିଶାକୁ ସ୍ୱାଗତ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଐତିହାସିକ ସ୍ଥାନଗୁଡ଼ିକୁ ଅନୁସନ୍ଧାନ କରିବା ପାଇଁ ସମୟ ଦେବାକୁ ଉତ୍ସାହିତ କରିଥିଲେ। ଆଗାମୀ ଦୁଇ ଦିନ ମଧ୍ୟରେ, ଏହି କନକ୍ଲେଭରେ ପ୍ରଖ୍ୟାତ ଶିକ୍ଷାବିତ୍ ଏବଂ ଶିଳ୍ପ ଚିନ୍ତାଧାରା ନେତାମାନଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହେବ, ଯାହାର ନେତୃତ୍ୱ, ଡିଜିଟାଲ୍ ପରିବର୍ତ୍ତନ ଏବଂ ଅନ୍ତର୍ଭୁକ୍ତ କାର୍ଯ୍ୟଶକ୍ତି ରଣନୀତି ବିଷୟରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ। ଏହି କନକ୍ଲେଭ ଏକ ପ୍ରଗତିଶୀଳ ଏବଂ ଲୋକ-କେନ୍ଦ୍ରିକ ଏଚ୍‌ଆର୍ ଇକୋସିଷ୍ଟମ ପ୍ରତି କୋଲ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ନକୋଡା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର ସଂପ୍ରସାରଣ ଯୋଜନା

ନୂଆଦିଲ୍ଲୀ: ପ୍ରିମିୟମ୍ ମାନର ତୁଟି ଫୁଟି (କାଣ୍ଡିଡ୍ ଫ୍ରୁଟ୍ ), ଶୁଖିଲା ଫଳ ଏବଂ ଡିହାଇଡ୍ରେଟେଡ୍ ଫ୍ରୁଟ୍ ସ ଉତ୍ପାଦନ ଓ ରପ୍ତାନି ରେ ନିୟୋଜିତ ନାକୋଡା ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ଏହାର ପ୍ରଡକ୍ଟ ଲାଇନରେ ମିନେରାଲ୍ ୱାଟର, ଏରେଟେଡ୍ ଡ୍ରିଙ୍କ୍‌ସ ଏବଂ ଅଣ-ମଦ୍ୟପାନ ଭଳି ସାମଗ୍ରୀକୁ ସାମିଲ କରି ପାନୀୟ ଓ ପାନୀୟ କ୍ଷେତ୍ରରେ ରଣନୈତିକ ସମ୍ପ୍ରସାରଣ ଘୋଷଣା କରିଛି। ଏହାର ଅଫରରେ ବିବିଧତା ଆଣିବା ଏବଂ ଏହାର ବଜାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ଏକ ବ୍ୟାପକ ରଣନୀତିର ଅଂଶ ବିଶେଷ। ଏହା ଖାଦ୍ୟ ଏବଂ ପାନୀୟ ଶିଳ୍ପରେ କାର୍ଯ୍ୟ କରେ, ଫଳ, ବାଦାମ, ବେକରୀ ସାମଗ୍ରୀ ଏବଂ ବିଭିନ୍ନ କୃଷି ଜାତ ଦ୍ରବ୍ୟ ସମେତ ବିଭିନ୍ନ ପ୍ରକାରର ଖାଦ୍ୟ ଉତ୍ପାଦ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ବ୍ୟବସାୟ ଉପରେ ଧ୍ୟାନ ଦିଏ। ଏହାବ୍ୟତୀତ କଂପାନି 'ଏନ୍‌ଓସିଟିଆରଏଲ୍'ରେ ନୂଆ ପାନୀୟ ଉତ୍ପାଦ ଲଂଚ୍ କରିବ। ନାଗପୁରରେ ଥିବା ବ୍ରାଣ୍ଡ୍ ନାମ ରଣନୈତିକ ଭାବରେ ମୁଖ୍ୟାଳୟ - ଭୌଗୋଳିକ ଭାବରେ ଭାରତର ହୃଦୟ ଭାବରେ ସ୍ୱୀକୃତିପ୍ରାପ୍ତ - କମ୍ପାନୀ ନିରବଚ୍ଛିନ୍ନ ଲଜିଷ୍ଟିକ୍ ସୁବିଧାରୁ ଉପକୃତ ହୋଇଥାଏ, ସମଗ୍ର ଦେଶରେ ଦକ୍ଷ ଏବଂ ଠିକ୍ ସମୟରେ ଡେଲିଭରି ସୁନିଶ୍ଚିତ କରେ। ନାକୋଡାସ ମଧ୍ୟପ୍ରାଚ୍ୟ ଏବଂ ୟୁରୋପୀୟ ଦେଶମାନଙ୍କର ଏକ ପ୍ରମୁଖ ରପ୍ତାନିକାରୀ ଏବଂ ସମଗ୍ର ବିଶ୍ୱରେ ସେମାନଙ୍କପାଦଚିହ୍ନକୁ ପ୍ରଭାବିତ କରିବାକୁ ଚାହୁଁଛି। ଭାରତ ବିଶ୍ୱର ୫ମ ବୃହତମ ଅର୍ଥନୀତି ଏବଂ ପ୍ରମୁଖ ଜି-୨୦ ଦେଶମାନଙ୍କ ମଧ୍ୟରେ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହେବ ଏବଂ ୨୦୩୫ ସୁଦ୍ଧା ଭାରତରେ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ବଜାର ଆକାର ୧,୧୦୦ ବିଲିୟନ ଆମେରିକୀୟ ଡଲାରରେ ପହଂଚିବ ବୋଲି ଆକଳନ କରାଯାଇଛି। ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ପାର୍ଲେ ଆଗ୍ରୋ, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍, ହଳଦୀରାମ୍ ଆଦି କମ୍ପାନିରେ ବ୍ଲୁ ଚିପ୍ ଗ୍ରାହକ ରହିଛନ୍ତି।

## ବ୍ୟାଙ୍କ ଅଫ୍ ବରୋଦା ଇଏସ୍‌ଜି ନୀତି ଉନ୍ମୋଚିତ




ନୂଆଦିଲ୍ଲୀ: ବ୍ୟାଙ୍କ-ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପୃଥିବୀ ଦିବସ ୨୦୨୫ ପାଳନ ଅବସରରେ ଏହାର ପରିବେଶ, ସାମାଜିକ ଓ ପ୍ରଶାସନ (ଇଏସ୍‌ଜି) ନୀତି ଉନ୍ମୋଚନ କରାଯିବାର ଐତିହାସିକ ଘୋଷଣା କରାଯାଇଥିବା ବେଳେ ୨୦୫୭ ସୁଦ୍ଧା ନେଟ୍ ଜିରୋ ଏମିସନ୍ (ନିର୍ଗମନ) ଲକ୍ଷ୍ୟ ହାସଲ କରିବା ଲାଗି ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଛି। ଏହି ରଣନୈତିକ ପଦକ୍ଷେପ ଦାୟିତ୍ୱବାନ ଏବଂ ସ୍ଥାୟୀ ବ୍ୟାଙ୍କିଂ ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ଇଏସଜି ବିପଦକୁ ହ୍ରାସ କରିବା ଏବଂ କମ୍ କାର୍ବନ ଭବିଷ୍ୟତ ପାଇଁ ସୁଯୋଗ ହାସଲ କରିବା, ଗ୍ଲୋବାଲ ସଷ୍ଟେନେବିଲିଟି ଫ୍ରେମୱାର୍କ ସହିତ ସମନ୍ୱିତ ହେବା ଏବଂ ବ୍ୟାଙ୍କ ମଧ୍ୟରେ ଏକ ଇଏସଜି-କେନ୍ଦ୍ରୀତ ସଂସ୍କୃତି ସୃଷ୍ଟି କରିବା ପାଇଁ ବ୍ୟାଙ୍କର ଦୀର୍ଘ ଦିନର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦାର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି ଯେ, 'ପୃଥିବୀ ଦିବସ ୨୦୨୫ ବ୍ୟାଙ୍କ ଅଫ୍ ବରୋଦାର ସ୍ଥାୟୀତ୍ୱ ପୂର୍ଣ୍ଣ ବୃଦ୍ଧି ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ଆମ ଇଏସଜି ନୀତି ଏବଂ ଆମର ନେଟ୍ ଜିରୋ ପ୍ରତିବଦ୍ଧତାର ଉନ୍ମୋଚନ ହେଉଛି ପରିବେଶ ସୁରକ୍ଷାରେ ଅର୍ଥପୂର୍ଣ୍ଣ ଯୋଗଦାନ, ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଏବଂ ଶାସନର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ମାଧ୍ୟମରେ ବ୍ୟାଙ୍କ ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବରେ ଗୁରୁତ୍ୱ ଦେଉଛି। ଆମର ଲକ୍ଷ୍ୟ ହେଉଛି ଇଏସଜି ଅଭ୍ୟାସକୁ ଆମର କାର୍ଯ୍ୟନୀତି ଏବଂ ପରିଚାଳନାରେ ସାମିଲ କରିବା। ବ୍ୟାଙ୍କ ଅଫ୍ ବରୋଦା ଗ୍ରୀନ୍ ଡିପୋଜିଟ୍, ଆବାସିକ ରୁଫଟପ୍ ସୋଲାର ଋଣ ସ୍କିମ୍ ଏବଂ ଗ୍ରୀନ୍ ହାଇଡ୍ରୋଜେନ୍ ଫାଇନାନ୍ସିଂ ସ୍କିମ୍ ଭଳି ଅନେକ ସ୍ଥାୟୀ ଫାଇନାନ୍ସ ସମାଧାନ ଆରମ୍ଭ କରିଛି। ବ୍ୟାଙ୍କରେ ଏକ ନୈତିକତା ସଂହିତା ମଧ୍ୟ ରହିଛି ଯାହା କର୍ମଚାରୀ, ବିକ୍ରେତା ଏବଂ ଅନ୍ୟ ଅଂଶୀଦାରଙ୍କଠାରୁ ଆଶା କରାଯାଉଥିବା ନୈତିକ ଆଚରଣର ନୀତିକୁ ବ୍ୟାଖ୍ୟା କରୁଛି।

## ପହଲଗାମ ଆତଙ୍କବାଦୀ ଆକ୍ରମଣ ପୀଡିତଙ୍କ ପାଇଁ ଏନ୍‌ଏସ୍‌ଇ ପକ୍ଷରୁ ସହାୟତା

ନୂଆଦିଲ୍ଲୀ: ଜମ୍ମୁ ଓ କଶ୍ମୀରର ପହଲଗାମ ଠାରେ ଗତ ଏପ୍ରିଲ ୨୨, ୨୦୨୫ରେ ଘଟିଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣ ପୁରା ଦେଶକୁ ସ୍ତବ୍ଧ କରିଦେଇଛି। ଯେଉଁଥିରେ ଅନେକ ନୀରିହ ଲୋକଙ୍କ ଜୀବନ ଚାଲିଯାଇଛି ଏବଂ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଛି। ଏଭଳି ପରିସ୍ଥିତିରେ ନ୍ୟାସନାଲ ଷ୍ଟକ ଏକ୍ସଚେ ଅଫ ଇଣ୍ଡିଆ (ଏନଏସଇ) ଏହି ଆକ୍ରମଣରେ ପୀଡିତଙ୍କ ପ୍ରତି ସମର୍ଥନ ପାଇଁ ଆଗେଇ ଆସିଛି। ଏହି ହୃଦୟ ବିଦାରକ ହିଂସାକାଣ୍ଡରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସହାୟତା କରିବା ପାଇଁ ସମୁଦାୟ ୧ କୋଟି ଟଙ୍କା (ଅର୍ଥାତ୍ ପରିବାର ପିଛା ପାଖାପାଖି ୪ ଲକ୍ଷ ଟଙ୍କା) ଦେବାକୁ ପ୍ରତିଶ୍ରୁତି ଦେଇଛି ଏନଏସଇ। ଏହି ଦୁଃଖ ଏବଂ ସଙ୍କଟ ସମୟରେ ଏନଏସଇ ଦେଶ ସହିତ ଦୃଢ଼ ଭାବେ ଠିଆ ହୋଇଛି। ଏନେଇ ଏନଏସଇର ଏମଡି ଏବଂ ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, 'ଏହା ଆମ ଦେଶ ପାଇଁ ଏକ ସାମୂହିକ ଶୋକର ମୁହୂର୍ତ୍ତ। ଆମର ସମବେଦନା ଏବଂ ପ୍ରାର୍ଥନା ପ୍ରଭାବିତ ପରିବାରମାନଙ୍କ ସହିତ ରହିଛି ଏବଂ ଆମେ ଆଶା କରୁଛୁ ଯେ ସେମାନଙ୍କୁ ଯଥାସମ୍ଭବ ସହାୟତା ମିଳିବ।'

ଓଡ଼ିଶା ଭାସ୍କର
ODISHA BHASKAR
# ଖେଳ ଖବର



ଇସଲାମାବାଦ: ପାକିସ୍ତାନ ସୁପର ଲିଗ ବା ପିଏସ୍ଏଲ୍ ଆରମ୍ଭ ହେବା ଦିନଠାରୁ କିଛି ନା କିଛି ବିବାଦ ଦେଖିବାକୁ ମିଳୁଛି। ଏବେ ଏକ ନୂଆ ମାମଲା ସାମ୍ନାକୁ ଆସିଛି। ୱିକେଟ ନେବା ପରେ ବୋଲର ଖୁସି ମନାଇବା ସମୟରେ ଏପରି ଘଟଣା ଘଟିଛି। ଭାରତରେ ମଧ୍ୟ ଏପରି ଘଟଣା ଘଟିଯାଇଛି। ଆଇପିଏଲରେ ହରଭଜନ ସିଂହ ଏବଂ ଏସ.ଶ୍ରୀସନ୍ଥଙ୍କ ମଧ୍ୟରେ ହୋଇଥିବା 'ଚାପୁଡ଼ା ଘଟଣା' ବହୁତ ଚର୍ଚ୍ଚାକୁ ଆସିଥିଲା। ଏବେ ସୀମା ଆରପାରିରେ ସମାନ ଏକ ଘଟଣା ଘଟିଛି। ପାକିସ୍ତାନ ସୁପର ଲିଗ ବା ପିଏସ୍ଏଲ୍ର ଏକ ମ୍ୟାଚରେ ଜଣେ ଖେଳାଳି ଅନ୍ୟ ଜଣେ ଖେଳାଳିଙ୍କୁ ଚାପୁଡ଼ା ମାରିଥିଲେ, ଯାହାର ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି। ୨୨ ଏପ୍ରିଲରେ ପାକିସ୍ତାନ ସୁପର ଲିଗରେ ମୁଲତାନ ସୁଲତାନ ଏବଂ ଲାହୋର କଲନ୍ଦର୍ସ ମଧ୍ୟରେ ଏକ ମ୍ୟାଚ ଚାଲିଥିଲା। ଥରେ ମ୍ୟାଚ ମଝିରେ ଏକ 'ଚାପୁଡ଼ା ଘଟଣା' ଘଟିଥିଲା। ଯଦିଓ ଖେଳାଳି ଜଣକ ଜାଣିଶୁଣି ଏହା କରି ନଥିଲେ, କିନ୍ତୁ ଭୁଲ ଏପରି ଥିଲା ଯେ ମୁଲତାନ ସୁଲତାନର ଦୁଇ ଖେଳାଳି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ। ଏହି ଦୁଇ ଖେଳାଳି ହେଉଛନ୍ତି ଓବେଦ ଶାହ ଏବଂ ଉସମାନ ଖାନ। ଲାହୋର କଲନ୍ଦର୍ସ ଇନିଂସର ୧୫ତମ ଓଭରର ଶେଷ ବଲରେ ଓବେଦ ଶାହ ସାମ ବିଲିଙ୍ଗସଙ୍କ ୱିକେଟ ନେଇଥିଲେ। ଖୁସି ମନାଇବା ପାଇଁ, ଓବେଦ ଶାହ ୱିକେଟ କିପର ଉସମାନ ଖାନଙ୍କୁ ହାଇ-ଫାଇଭ ଦେବାକୁ ଯାଇଥିଲେ। କିନ୍ତୁ ସେ ତାକୁ ଠିକ ଭାବରେ ବିଚାର କରିପାରିଲେ ନାହିଁ ଏବଂ ସେ ସିଧା ତାକୁ ଚାପୁଡ଼ା ମାରିଲେ। ଏହି ଘଟଣାରେ ଉସମାନ ଖାନଙ୍କୁ ସାମାନ୍ୟ ଆଘାତ ଲାଗିଥିଲା ଏବଂ ସେ ତଳେ ପଡ଼ିଯାଇଥିଲେ। ତଥାପି, ଆଘାତ ପରେ ମଧ୍ୟ, ଉସମାନ ଶାହ ଖେଳିବା ବନ୍ଦ କରିନଥିଲେ ଏବଂ ୱିକେଟକିପିଂ ଜାରି ରଖିଥିଲେ।



୪୩ତମ ମ୍ୟାଚ୍ | ଚେନ୍ନାଇ ସୁପର କିଙ୍ଗ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ

# ସନରାଇଜର୍ସ ହାଇଦ୍ରାବାଦ ୫ୱିକେଟ୍ରେ ବିଜୟୀ



ଚେନ୍ନାଇ : ଚେନ୍ନାଇର ଏମ.ଏ. ଚିଦାମ୍ବରମ୍ ଷ୍ଟାଡିୟମଠାରେ ଆଇପିଏଲର ୪୩ ତମ ମ୍ୟାଚ ଚେନ୍ନାଇ ସୁପରକିଙ୍ଗସ୍ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍କୁ ସନ୍ ରାଇଜ୍ ହାଇଦ୍ରାବାଦ ୫ ୱିକେଟରେ ଜିତି ନେଇଛି। ହାଇଦ୍ରାବାଦ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପରକିଙ୍ଗସ ଆରମ୍ଭରୁ ହିଁ ୱିକେଟ ହରାଇ ସଂକଟରେ ପଡ଼ିଥିଲା। ଏହା ପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ ହରାଇଚାଲିଥିଲା। ପ୍ରଥମ ଓଭରରେ ମହମ୍ମଦ ସାମି ଚେନ୍ନାଇ ଓପନର ସାଇକ୍ ରସିଦଙ୍କୁ ଆଉଟ କରିଥିଲେ। ସେହିପରି ସାମ କୁରାନ ମାତ୍ର ୯ ରନ କରିଆଉଟ ହୋଇଯାଇଥିଲେ। ତେବେ ଆୟୁଷ ମାହାତ୍ରେ ୩୦ ରନ କରିଥିଲେ। ଡେୱାଲ୍ଡ ବ୍ରେଭିସ୍ ୪୨ ରନ କରିଥିବାବେଳେ ଦିପକ ହୁଦା ୨୨ ରନ କରିଥିଲେ। ଅଧିନାୟକ ଧୋନି ମାତ୍ର ୬ ରନ କରି ହର୍ଷଲ ପଟେଲଙ୍କ ବଲରେ ଆଉଟ ହୋଇଥିଲେ। ଦଳ ୧୯.୫ ଓଭରରେ ୧୫୪ ରନ କରି ଅଲଆଉଟ୍ ହୋଇଯାଇଥିଲା। ୨୦୧୯ ପରେ ପ୍ରଥମ ଥର ପାଇଁ ଚିପକରେ ଚେନ୍ନାଇ ସୁପରକିଙ୍ଗସ୍ ଅଲ୍ଆଉଟ ହୋଇଯାଇଛି। ହାଇଦ୍ରାବାଦ ପକ୍ଷରୁ ହର୍ଷଲ ପଟେଲ ୪ଟି ୱିକେଟ ନେଇଥିବାବେଳେ ଜୟଦେବ ଉନାଡକଟ ଓ ପ୍ୟାଟ କମିନ୍ସ ୨ଟି ଲେଖାଏଁ ୱିକେଟ ନେଇଥିଲେ। ୧୫୫ ରନ୍ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ସନରାଇଜର୍ସ ହାଇଦ୍ରାବାଦ। ଦଳ ୧୮.୪ ଓଭରରେ ୫ ୱିକେଟ୍ ହରାଇ ୧୫୫ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ଶୂନ୍ରେ ଆଉଟ ହେବା ଫଳରେ ଦଳକୁ ବଡ ଝଟ୍କା ଲାଗିଥିଲା। ସେହିପରି ଟ୍ରାଭିସ ହେଡ୍ ୧୯, ଇଷାନ କିଷାନ ୪୪, ୱିକେଟକିପର ହେନ୍ରିଚ କିଷାନ ୭, ଅଙ୍କିତ ବର୍ମା ୧୯, କାମିଣ୍ଡୁ ମେଣ୍ଡିସ୍ ୩୨, ଓ ନୀତିଶ ରେଡ୍ଡି ୧୯ରନ୍ କରିଥିଲେ। ଚେନ୍ନାଇ ପକ୍ଷରୁ ଖଲ୍ଲିଲ ଅହମ୍ମଦ, ଅନ୍ସୁଲ କାମ୍ବୋଜ, ରବିନ୍ଦ୍ର ଜାଡେଜା ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ସେହିପରି ନୁର ଅହମ୍ମଦ ୨ଟି ୱିକେଟ ଅକ୍ତିଆର କରିଥିଲେ। ଚେନ୍ନାଇ ସୁପରକିଙ୍ଗସ ଏହି ମ୍ୟାଚ୍ ହାରି ଯିବା ଫଳରେ ପ୍ଲେ ଅଫ୍ ମ୍ୟାଚ୍ ଖେଳିବା ପାଇଁ ଅନିଶ୍ଚିତତା ଦେଖାଦେଇଛି।

## ପ୍ରଥମ ଦଳ ଭାବେ ପ୍ଲେ ଅଫ୍ ଦୌଡରୁ ବାଦ୍ ପଡିଲା ରାଜସ୍ଥାନ !



ବେଙ୍ଗାଲୁର: ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପ୍ରଥମ ଦଳ ଭାବେ ପ୍ଲେ ଅଫ ଦୌଡରୁ ବାଦ ପଡିଛି। କିଛି ଅସମ୍ଭବ ଓ ଅବିଶ୍ୱସନୀୟ ଭାଗ୍ୟ ଉପରେ ଦଳର ଶେଷ ଆଶା ରହିଛି। ୯ ମ୍ୟାଚରୁ ରାଜସ୍ଥାନ ମାତ୍ର ୪ ପଏଣ୍ଟ ହାସଲ କରିଛି। ଦଳ ଯଦି ବାକିତକ ମ୍ୟାଚ ଜିତେ ତେବେ ଓଭରାଲ ପଂଏଟ ୧୪ ହେବ। ବର୍ତମାନ ପଂଏଟ ଟେବୁଲକୁ ଅନୁଧ୍ୟାନ କଲେ ଏହା ପ୍ରାୟତଃ ଅସମ୍ଭବ ମନେ ହେଉଛି। ୪ରୁ ୫ ଟିମ ଅତି କମରେ ୧୬ ପଏଣ୍ଟ ହାସଲ କରିବା ସମ୍ଭାବନା ରହିଛି। ଗତ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ୧୪ ପଏଣ୍ଟ ସହ ପ୍ଲେ ଅଫରେ ପ୍ରବେଶ କରିଥିଲା। ରାଜସ୍ଥାନର ଆଭରେଜ ମଧ୍ୟ ସେଭଳି ଉତ୍ସାହଜନ ରହି ନାହିଁ। ଅନ୍ୟ ଦଳର ପ୍ରଦର୍ଶନ ଉପରେ ଦଳର ଭାଗ୍ୟ ନିର୍ଭର କରିବ। ସେହିପରି ସନରାଇଜର୍ସ ହାଇଦ୍ରାବାଦ ଓ ଚେନ୍ନାଇ ସୁପର କିଙ୍ଗସ ମୁକାବିଲାରେ ଯେଉଁ ଦଳ ହାରିବ ତାର ମଧ୍ୟ ପ୍ଲେ ଅଫ ପ୍ରବେଶ ଆଶା କ୍ଷୀଣ ହୋଇଯିବ। ରାଜସ୍ଥାନ କ୍ରମାଗତ ୩ଟି ମ୍ୟାଚରେ ବିଜୟ ସୁଯୋଗ ହାତଛଡା କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏବେ ଦଳ ତାର ପରବର୍ତୀ ମୁକାବିଲାରେ ଗୁଜରାଟ, ମୁମ୍ବାଇ, କୋଲକାତା, ଚେନ୍ନାଇ ଓ ପଞ୍ଜାବ ବିପକ୍ଷରେ ମ୍ୟାଚ ଖେଳିବ। ଆରସିବି ବିପକ୍ଷ ମ୍ୟାଚରେ ରାଜସ୍ଥାନ ୧୧ ରନରେ ପରାଜିତ ହୋଇଥିଲା। ଏହି ମ୍ୟାଚରେ ବିରାଟ କୋହଲି ବିସ୍ଫୋରକ ୭୦ ରନ କରିଥିଲେ।

ଟି-୨୦ରେ ବିରାଟଙ୍କ ବଡ ସଫଳତା

## ବାବର ଆଜମଙ୍କୁ ପଛରେ ପକାଇଲେ



ବେଙ୍ଗାଲୁରୁ: ଆଇପିଏଲ ୨୦୨୫ର ୪୨ତମ ମ୍ୟାଚ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ରେ ଆର୍ସିବି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୦୫ ରନ କରିଥିଲା। ବିରାଟ କୋହଲି ୭୦ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହି ଇନିଂସ ଆଧାରରେ, କୋହଲି ଟି-୨୦ କ୍ରିକେଟରେ ଏକ ବଡ଼ ସଫଳତା ହାସଲ କରିବାରେ ସଫଳ ହୋଇଥିଲେ। ସେ ପୂର୍ବତନ ପାକିସ୍ତାନୀ ଦଳର ଅଧିନାୟକ ବାବର ଆଜମଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ଏହି ମ୍ୟାଚ୍ରେ ବିରାଟ କୋହଲି ତାଙ୍କର ୫୦ ରନ ପୂରଣ କରିବା ସହିତ, ଟି-୨୦ କ୍ରିକେଟ ଇତିହାସରେ ପ୍ରଥମେ ବ୍ୟାଟିଂ କରି ସର୍ବାଧିକ ୫୦+ ରନ କରିଥିବା ଖେଳାଳି ମଧ୍ୟ ବନି ଯାଇଥିଲେ। ଟି-୨୦ରେ ପ୍ରଥମେ ବ୍ୟାଟିଂ କରୁଥିବା ସମୟରେ ଏହା କୋହଲିଙ୍କର ୬୨ତମ ଅର୍ଦ୍ଧଶତକରୁ ଅଧିକ ଇନିଂସ ଥିଲା, ଯାହା ସହିତ ସେ ବର୍ତ୍ତମାନ ତାଲିକାର ଶୀର୍ଷ ସ୍ଥାନରେ ପହଞ୍ଚିଛନ୍ତି। ଏହି କ୍ଷେତ୍ରରେ, ବିରାଟ କୋହଲି ବାବର ଆଜମଙ୍କୁ ପଛରେ ପକାଇ ଦେଇଛନ୍ତି, ଯିଏ ବର୍ତ୍ତମାନ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ୬୧ ପଚାଶରୁ ଅଧିକ ରନର ଇନିଂସ ଖେଳିବାର ରେକର୍ଡ ରଖିଛନ୍ତି। ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ସର୍ବାଧିକ ୫୦+ ରନ କରିଥିବା ଖେଳାଳି ମଧ୍ୟରେ ବିରାଟ କୋହଲି–୬୨, ବାବର ଆଜମ–୬୧, କ୍ରିସ ଗେଲ–୫୭, ଡେଭିଡ ୱାର୍ଣ୍ଣର–୫୫, ଜସ ବଟଲର–୫୨, ଫାଫ ଡୁ ପ୍ଲେସିସ–୫୨। ଆଇପିଏଲ୍ ୨୦୨୫ ରେ ବିରାଟ କୋହଲିଙ୍କ ଚମତ୍କାର ଫର୍ମରେ ଅଛନ୍ତି। ସେ ୯ଟି ମ୍ୟାଚରେ ୬୫.୩୩ ହାରରେ ୩୯୨ ରନ କରିଛନ୍ତି। ଏହି ସିଜିନରେ ଏପର୍ଯ୍ୟନ୍ତ କୋହଲିଙ୍କ ବ୍ୟାଟରୁ ମୋଟ ୫ଟି ଅର୍ଦ୍ଧଶତକୀୟ ଇନିଂସ ଦେଖାଯାଇଛି। ଏହା ବ୍ୟତୀତ ତାଙ୍କର ଷ୍ଟ୍ରାଇକ ରେଟ ୧୪୪.୧୧ ହୋଇଛି। କୋହଲି ଏବେ ଅରେଞ୍ଜ କ୍ୟାପ ତାଲିକାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ସାଇ ସୁଦର୍ଶନ ପ୍ରଥମ ସ୍ଥାନରେ ଅଛନ୍ତି। ସାଇ ଏହି ସିଜିନରେ ଏପର୍ଯ୍ୟନ୍ତ ୪୧୭ ରନ କରିଛନ୍ତି।

## ପାରାଦୀପ କ୍ରିକେଟ ଲିଗ୍: ଫାଇନାଲରେ ଡିକେଟି ଷ୍ଟାର ଓ ଶ୍ରୀରାମ ସ୍ପୋର୍ଟିଂ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପର ମଧୁବନ ସ୍ଥିତ ଏନ୍ଏସି ପଡିଆରେ ଆୟୋଜିତ ପାରାଦୀପ କ୍ରିକେଟ ଲିଗ (ପିସିଏଲ)ର ତୃତୀୟ ସଂସ୍କରଣ ଗଙ୍ଗାଧର ଜେନା ଆମନ୍ତ୍ରଣ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେଦୁଇଟି ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମି ଫାଇନାଲରେ ଡିକେଟି ଷ୍ଟାର ନିର୍ଦ୍ଧାରିତ ଓଭରରେ ୧୬୧ ରନ କରି ୭ ଉଇକେଟ ହରାଇଥିବା ବେଳେ ଏହାର ଜବାବରେ ଜସିସି ୱାରିୟର୍ସ ୯ ଉଇକେଟ ହରାଇ ୧୪୩ ରନ କରି ୧୮ ରନରେ ପରାସ୍ତ ହୋଇଥିଲା। ଏହି ମ୍ୟାଚରେ ଡିକେଟି ଷ୍ଟାରର ଦିନା ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସ୍ୟାଣ୍ଡ ବିଚ ପାନ୍ଥର ଦଳର ୧୨୪ ରନ ଜବାବରେ ଶ୍ରୀରାମ ସ୍ପୋର୍ଟିଂ ୧୪.୧ ଓଭରରେ ୩ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ୭ ୱିକେଟରେ ବିଜୟୀ ହୋଇଥିଲା। ଏଥିରେ ଶ୍ରୀରାମ ସ୍ପୋର୍ଟିଂର ପ୍ରକାଶ ଜେନା ୫ ୱିକେଟ ହାସଲ କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ରବିବାର ଦିନ ଫାଇନାଲରେ ଉଭୟ ସେମିଫାଇନାଲ ବିଜେତା ପରସ୍ପରକୁ ଭେଟିବେ। ତେବେ ଏହି ସେମିଫାଇନାଲ ମ୍ୟାଚରେ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ) ର ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓସିଏର କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ପିସିଏଲର ସଭାପତି ରବି ଦାସ, ସଭାପତି, ଉପସଭାପତି ଅକ୍ଷୟ ସୁତାର, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ପତି, ଯୁଗ୍ମ ସମ୍ପାଦକ ଭରଦ୍ୱାଜ ସାହୁ, ଉପସଭାପତି ସୁବାସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ମ୍ୟାନ ଅଫ ଦ ମ୍ୟାଚ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ପହଲଗାମ ଆକ୍ରମଣ ଘଟଣା: ପାକିସ୍ତାନ ସହ ମ୍ୟାଚ୍ ନେଇ ଆଇସିସିକୁ ଚିଠି ଲେଖିଲା ବିସିସିଆଇ

ନୂଆଦିଲ୍ଲୀ : ପହଲଗାମରେ ଆତଙ୍କୀ ହମଲା ପରେ ଆକ୍ସନ ମୋଡରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)। ରିପୋର୍ଟ ଅନୁସାରେ, ବିସିସିଆଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ଚିଠି ଲେଖିଛି। ବିସିସିଆଇ କହିଛି ଯେ ପାକିସ୍ତାନ ସହିତ ମ୍ୟାଚ୍ ଖେଳିବାକୁ ଚାହୁଁନି। ଭାରତ ଓ ପାକିସ୍ତାନ ଶେଷ



ଥର ପାଇଁ ୨୦୨୫ ମସିହାରେ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ମୁହାଁମୁହିଁ ହୋଇଥିଲା। ସେହି ମ୍ୟାଚ୍ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପାକିସ୍ତାନକୁ ଛଅ ୱିକେଟରେ ପରାସ୍ତ କରିଥିଲା। ରିପୋର୍ଟ ଅନୁଯାୟୀ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦକୁ ଏକ ଚିଠି ଲେଖିଛି। ଅନୁରୋଧ କରିଛି ଯେ ଭବିଷ୍ୟତରେ ଆଇସିସି ବିଶ୍ୱସ୍ତରୀୟ ଇଭେଣ୍ଟଗୁଡ଼ିକରେ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପ୍ରେ ରଖାନଯାଉ। ସାମଗ୍ରିକ ଭାବରେ, ବିସିସିଆଇ ଆଉ ଭାରତ ଓ ପାକିସ୍ତାନ ମଧ୍ୟରେ ମୁହାଁମୁହିଁ ହେବାକୁ ଚାହୁଁନାହିଁ। ଅତି କମରେ ଆଇସିସି ଇଭେଣ୍ଟଗୁଡ଼ିକର ଗ୍ରୁପ୍ ପର୍ଯ୍ୟାୟରେ ରହୁ। ତଥାପି, ଉଭୟ ଦଳ ଆଇସିସି ମହିଳା ଦିନିକିଆ ବିଶ୍ୱକପରେ ଅଂଶଗ୍ରହଣ କରିବେ। ଯେଉଁଠାରେ ପାକିସ୍ତାନ ଆଠଟି ଦଳର ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଯେଉଁଠାରେ ପ୍ରତ୍ୟେକ ଦଳ ରାଉଣ୍ଡ-ରବିନ୍ ଫର୍ମାଟରେ ଅନ୍ୟ ସମସ୍ତ ଦଳ ବିପକ୍ଷରେ ଖେଳିବେ। ଆଇସିସି, ପିସିବି ଏବଂ ବିସିସିଆଇ ମଧ୍ୟରେ ହୋଇଥିବା ଏକ ପୁରୁଣା ଚୁକ୍ତିନାମା ଅନୁଯାୟୀ, ପାକିସ୍ତାନ ଭାରତରେ ଏହାର କୌଣସି ମ୍ୟାଚ୍ ଖେଳିବ ନାହିଁ। ଚଳିତ ବର୍ଷ ୨୬ ସେପ୍ଟେମ୍ବରରୁ ୨ ନଭେମ୍ବର ମଧ୍ୟରେ ଭାରତରେ ମହିଳା ବିଶ୍ୱକପ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଯେଉଁଠାରେ ଭାରତ ଓ ପାକିସ୍ତାନ ପାଇଁ ନିରପେକ୍ଷ ସ୍ଥାନ ବିଷୟରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।

## ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍ଘାଟିତ




କ୍ରୀଡା କାର୍ଯ୍ୟକଳାପକୁ ଉତ୍ସାହିତ କରିବା ପାଇଁ ଖୋର୍ଦ୍ଧା ରୋଡ୍ ସ୍ପୋର୍ଟ୍ସ ଆସୋସିଏସନର ପଦକ୍ଷେପ ପାଇଁ, ଏଚ୍ ଏସ ବାଜ୍ୱା, ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ଆହୁରି ମଧ୍ୟ କୋହିଛନ୍ତି ଯେ ଖୋର୍ଦ୍ଧା ରୋଡ୍ ସ୍ପୋର୍ଟ୍ସ ଆସୋସିଏସନ ଦ୍ୱାରା, ଷ୍ଟାଡିୟମ ଏବଂ ଅନ୍ୟାନ୍ୟ ସ୍ଥାନରେ ଭିତ୍ତିଭୂମି ବିକାଶ କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ୍ରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ବିଭାଗ ହେଉଛି, ବିଦ୍ୟୁତ୍ ବିଭାଗ, ରେଳ ସୁରକ୍ଷାବଳ, ବିତ୍ତ ବିଭାଗ, ଅପରେଟିଂ, ମେଡିକାଲ,

ଖୋର୍ଦ୍ଧା (ଭାସ୍କର ନ୍ୟୁଜ୍): ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନ (ଇସିଓଆର୍ଏସ୍ଏ), ଖୋର୍ଦ୍ଧା ରୋଡ୍, ଦ୍ୱାରା, ରେଲୱେ ଷ୍ଟାଡିୟମ୍ ଠାରେ 'ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୫' ଉଦ୍ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୦୭.୦୫.୨୦୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଖୋର୍ଦ୍ଧା ରୋଡ୍ ମଣ୍ଡଳର ୧୩ ଟି ବିଭାଗର ରେଳ କର୍ମଚାରୀ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି। ପ୍ରଥମ ଥର ପାଇଁ ରେଳବାଇ ଷ୍ଟାଡିୟମରେ କ୍ରିକେଟ୍ ମ୍ୟାଚ୍ ସ୍ୱତନ୍ତ୍ର ମାଟିରେ ତିଆରି ଟର୍ଫ ପିଚ୍ ଉପରେ ଅନୁଷ୍ଠିତ ହେଉଛି। ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍କୁ, ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍ ଏସ ବାଜ୍ୱା ଏବଂ ଉଦ୍ଘାଟନ କରିଛନ୍ତି। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ପି କେ ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା) ଶୁଭ୍ର ଜ୍ୟୋତି ମଣ୍ଡଳ, କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳ, ସହକାରୀ କ୍ରୀଡା ଅଧିକାରୀ, ଅଭଦେଶ ଜୈଷ୍ୟା ଏବଂ ମନୀଷ ମୀନା, ସମସ୍ତ ଶାଖାଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତି ଥିଲେ। ଏହି ଅବସରରେ ଉଦବୋଧନ ଦେଇ, ଏଚ୍ ଏସ ବାଜ୍ୱା, ସବୁ ବିଭାଗର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ସମସ୍ତ ଖେଳାଳିଙ୍କୁ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ଅଟଳ ମନୋଭାବ ସହିତ ଖେଳିବାକୁ ପରାମର୍ଶ ଦେଇଥିଲେ, ଯାହା ସେମାନଙ୍କୁ ମ୍ୟାଚ୍ରେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବାରେ ସାହାଯ୍ୟ କରିବ। ରେଳବାଇ କର୍ମଚାରୀ ଏବଂ ଅନ୍ୟମାନଙ୍କ ମଧ୍ୟରେ ଷ୍ଟୋରସ୍, ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଲୋକୋ ସେଡ୍/ଅନୁଗୋଳ, ଇଲେକ୍ଟ୍ରିକାଲ (ଓପି), ବାଣିଜ୍ୟ ବିଭାଗ, ଦୂର ସଂଚାରଏଂ ସଙ୍କେତ, କାର୍ମିକ ବିଭାଗ, ଏଂ ମେକାନିକାଲ ବିଭାଗ। ସମସ୍ତ ବିଭାଗ ମଧ୍ୟରେ ସମୁଦାୟ ୩୦ ଟି ଲିଗ୍ ମ୍ୟାଚ୍ ହେବ। ପ୍ରଥମ ଦିନ ରୋ ପ୍ରଥମ ମ୍ୟାଚ ଇଲେକ୍ଟ୍ରିକାଲ (ଓପି) ବିଭାଗ ଏବଂଇଞ୍ଜିନିୟରିଂ ବିଭାଗ ମଧ୍ୟରେ ଅନୁଷ୍ଠିତ ହେଉଛି। ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜନ କରାଯାଉଛି। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ, କ୍ରୀଡ଼ା ସଚିବ ଏମ. ଡି.ଜାକିରୁଦ୍ଦିନ ଏବଂତାଙ୍କ ଟିମ୍ ଦ୍ୱାରା କରାଯାଉଛି।

ଆଇପିଏଲ୍ ଟେବୁଲ ପଏଣ୍ଟ

## ଗୁଜୁରାଟ ପ୍ରଥମ ସ୍ଥାନ, ଡିସି ଦ୍ୱିତୀୟ, ତୃତୀୟରେ ଆର୍ସିବି



IPL 2025 POINTS TABLE

| | TEAMS | PLD | WON | LOST | NET RR | PTS |
|---|---|---|---|---|---|---|
| 1 | GUJARAT TITANS | 8 | 6 | 2 | +1.104 | 12 |
| 2 | DELHI CAPITALS | 7 | 5 | 2 | +0.589 | 10 |
| 3 | ROYAL CHALLENGERS BENGALURU | 8 | 5 | 3 | +0.472 | 10 |
| 4 | PUNJAB KINGS | 8 | 5 | 3 | +0.177 | 10 |
| 5 | LUCKNOW SUPER GIANTS | 8 | 5 | 3 | +0.088 | 10 |
| 6 | MUMBAI INDIANS | 8 | 4 | 4 | +0.483 | 8 |
| 7 | KOLKATA KNIGHT RIDERS | 8 | 3 | 5 | +0.212 | 6 |
| 8 | RAJASTHAN ROYALS | 8 | 2 | 6 | -0.633 | 4 |
| 9 | SUNRISERS HYDERABAD | 7 | 2 | 5 | -1.217 | 4 |
| 10 | CHENNAI SUPER KINGS | 8 | 2 | 6 | -1.392 | 4 |

ବେଙ୍ଗାଲୁରୁ: ବିରାଟ କୋହଲିଙ୍କ ଅର୍ଦ୍ଧଶତକ ଓ ଜୋଶ ହାଜେଲଉଡଙ୍କ ୪ ଉଇକେଟ ସଫଳତା ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି) ୧୧ ରନ୍ରେ ରାଜସ୍ଥାନ ରୟାଲ୍ସ (ଆର୍ଆର୍)କୁ ପରାସ୍ତ କରିଛି। ଏହା ବେଙ୍ଗାଲୁରୁର ଷଷ୍ଠ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ସପ୍ତମ ପରାଜୟ। ଏହି ବିଜୟ ସହ ଆର୍ସିବି ୧୨ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନକୁ ଉନ୍ନିତ ହୋଇଛି। ଅନ୍ୟପକ୍ଷେ ଗୁଜରାଟ ଟାଇଟନ୍ସ ୮ଟି ମ୍ୟାଚ୍ରେ ୬ଟି ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ପ୍ରଥମ ସ୍ଥାନରେ ରହିଛି। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ୮ଟି ମ୍ୟାଚ୍ରେ ୬ଟି ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୫ ରନ୍ କରିଥିଲା। କୋହଲି ୪୨ ବଲରେ ୭୦(୮ ଚୌକା ଓ ୨ ଛକା) ଏବଂ ପଡିକଲ ୨୭ ବଲରେ ୫୦ (୪ ଚୌକା ଓ ୩ ଛକା) ଓ ଫିଲ ସଲ୍ଟ ୨୬ (୪ ଚୌକା) ରନ୍ କରିଥିଲେ। ରାଜସ୍ଥାନ ପକ୍ଷରୁ ସନ୍ଦୀପ ଶର୍ମା ଦୁଇଟି ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୯୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ଯଶସ୍ୱୀ ଜୟସ୍ୱାଲ ୧୯ ବଲରେ ୪୯ (୭ ଚୌକା ଓ ୩ ଛକା) ଓ ଧ୍ରୁବ ଜୁରେଲ ୪୭(୩ ଲେଖାଏ ଚୌକା ଓ ଛକା) ରନ୍ କରିଥିଲେ। ଆରସିବି ପକ୍ଷରୁ ଜୋଶ ହାଜେଲଉଡ ୪ଟି ଓ କ୍ରୁନାଲ ପାଣ୍ଡ୍ୟା ଦୁଇ ଉଇକେଟ ନେବାରେ ସକ୍ଷମ ହୋଇଥିଲେ।

## ଏମ୍କେସିସି ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍ଯାପିତ




ଭୁବନ ୨୫.୪ – ଭୁବନ ଏମ କେ ସି ସି କ୍ରିକେଟ କ୍ଲବ ର ତୃତୀୟ ବାର୍ଷିକ ନାଇଟ କ୍ରିକେଟ୍ ଟୁର୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏମ କେ ସି ସି ( ବଡ଼ହାଟ) ସହିତ ଲତାବିଲ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ରେ ଜିଣି ଲତବିଲ ଟିମ୍ ୧୨ ଓଭର ରେ ୬ ୱିକେଟ ହରାଇ ୧୬୬ ରନ କରିଥିବା ବେଳେ ଏହାର ଜବାବ ରେ ଏମ କେ ସି ସି ( ବଡ଼ହାଟ) ,୧୨ ଓଭର ରେ ୩ ୱିକେଟ ହରାଇ ୧୨୦ ରନ କରିବାକୁ ସକ୍ଷମ ହୋଇଥିଲା। ଏମ କେ ସି ସି କ୍ଲବ ସଭାପତି ଚଗଲି ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଭୁବନ ଉଚ୍ଚ ବିଦ୍ୟାଳୟ ଅଲୁମିନି କମିଟି ସଭାପତି ଇଞ୍ଜିନିୟର ଦେବେନ୍ଦ୍ର କୁମାର ପୃଷ୍ଟି ମୁଖ୍ୟ ଅତିଥି,ପରିଚାଳନା କମିଟି ସଭାପତି କେଦାର କୁମାର ଦାସ,ବଡ଼ହାଟ ଦଶହରା କମିଟି ସଭାପତି ଦେବେନ୍ଦ୍ର ସାହୁ ଓ ସାମ୍ବାଦିକ ଦେବାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଚାମ୍ପିଅନ ଟିମ୍ କୁ ଟ୍ରଫି ଓ ରନର୍ସ ଅଫ୍ ଟିମ୍ କୁ କପ୍ ପ୍ରଦାନ କରିଥିଲେ। ପ୍ରଭାତ ମହାରଣା ଶ୍ରେଷ୍ଠ ବ୍ୟାଟସ ମ୍ୟାନ, ଚିକୁନ ସାହୁ ଶ୍ରେଷ୍ଠ ବୋଲର ଏବଂ ଦିବ୍ୟ ରଞ୍ଜନ ସାହୁ ଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।

ବାସ୍କେଟ୍ ବଲ୍ କ୍ରୀଡ଼ା ଉତ୍ସବ

## ଭାଗ ନେଲେ ୧୨ ବିଦ୍ୟାଳୟ



ସମ୍ବଲପୁର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସମ୍ଭାଗସ୍ତରୀୟ ତିନିଦିନିଆ ବାସ୍କେଟ୍ ବଲ କ୍ରୀଡ଼ା ଉତ୍ସବ ସମ୍ବଲପୁରସ୍ଥିତ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ରଣରଞ୍ଜୟ ସିଂହଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷ ବଳରାମ ମିଶ୍ର, ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ, ସେକେଣ୍ଡାରୀ ବିଭାଗର ଖେଳ ପ୍ରଭାରୀ ସୋନାଲି କିସ୍ପୋଟ୍ଟା, ପବନ କୁମାର ନୌଟିୟାଲ, ପ୍ରାଥମିକ ବିଭାଗର ଖେଳ ପ୍ରଭାରୀ ସୁଦାମ ଚରଣ ଭୋଇ ଏବଂ ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ଶିକ୍ଷକ ଦିଲୀପ କୁମାର ପୂଜାରୀ, ମଣ୍ଟୁ ସାହୁ, ଅରକ୍ଷିତ କୁମ୍ଭାର, ଖୁଦିରାମ ବେହେରା, ଅବିନାଶ ଦାସ, ଶଙ୍କର ନାଇକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ସମ୍ଭାଗର ୧୨ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୧୫୪ କ୍ରୀଡା ପ୍ରତିଭାଗୀଙ୍କ ସମେତ ୧୭ଜଣ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ରାଉରକେଲା, କଟକ, ଭୁବନେଶ୍ୱରରୁ ଆସିଥିବା ବିଏଫଆଇବି ପେନାଲ ରେଫରୀ ସୁକାନ୍ତ ଧର, ସଙ୍ଗମ ନାୟକ, ଭି. ନାଗେଶ୍ୱର ରାଓ ଓ ଗୌତମ ଗଜପତି, ଆରିୟନ ସିଂହ ଓ ଚିରଞ୍ଜିତ କରନ ଖେଳ ପରିଚାଳନା କରିଥିଲେ। ପ୍ରଥମେ ବିଦ୍ୟାଳୟର ଅଧକ୍ଷ ସିଂହ ଫିତା କାଟି ଖେଳ ପ୍ରତିଯୋଗିତା ଆରମ୍ଭ କରିଥିଲେ। ପରେ ୧୭ ବର୍ଷରୁ କମ ଦଳ ଶ୍ରେଣୀରେ କେନ୍ଦ୍ରୀୟ ବିଦ୍ୟାଳୟ ଭୁବନେଶ୍ୱର-୨ ଓ ପୁରୀ ବାଳକ, ଗୋପାଳପୁର ଓ କଟକ-୧ ବାଳକ ଏବଂ ସମ୍ବଲପୁର -୧ ଓ ପୁରୀ ବାଳିକା ବାସ୍କେଟ ବଲ ଲିଗ ମ୍ୟାଚ ହୋଇଥିଲା। ସେହିପରି ସନ୍ଧ୍ୟାରେ ୧୪ ବର୍ଷରୁ କମ ଦଳ ଶ୍ରେଣୀରେ କେନ୍ଦ୍ରୀୟ ବିଦ୍ୟାଳୟ ବ୍ରହ୍ମପୁର ଓ ଭୁବନେଶ୍ୱର-୨ ବାଳକ, ବ୍ରହ୍ମପୁର ଓ ସମ୍ବଲପୁର-୧ ବାଳକ ଏବଂ ସମ୍ବଲପୁର-୧ ଓ ୨ ବାଳିକା ଖେଳାଳିମାନଙ୍କ ବାସ୍କେଟ ବଲ ଲିଗ ମ୍ୟାଚ ହୋଇଥିଲା। ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ସମ୍ବଲପୁରଠାରେ ସମସ୍ତ ଖେଳାଳି ଓ ରେଫରିଙ୍କ ପାଇଁ ରହିବା ଖାଇବାର ବ୍ୟବସ୍ଥା କରାଯାଇଛି।

# ବିବିଧବର୍ଣ୍ଣା




ଚା’ ପିଇବା ସମୟରେ ଲୋକେ ବାଦାମ, ବିସ୍କୁଟ ଏବଂ ଅନ୍ୟାନ୍ୟ ଜିନିଷ ଖାଉଥିବାର ଅନୁଭବ କରିଥାଉ । କିନ୍ତୁ ଏଗୁଡ଼ିକୁ ସୁସ୍ଥ ଖାଦ୍ୟ ମଧ୍ୟରେ ଗଣନା କରାଯାଏ ନାହିଁ । ଏପରି ପରିସ୍ଥିତିରେ, ମଖାନାକୁ ଏକ ସୁସ୍ଥ ଖାଦ୍ୟ ଭାବରେ ବ୍ୟବହାର କରାଯାଇପାରିବ। ସ୍ୱାସ୍ଥ୍ୟ ଜଗତରେ ମଖାନା ସୁପର ଟ୍ରେଣ୍ଡି ହୋଇଗଲାଣି । ଏଗୁଡ଼ିକ ଭଜା ଏବଂ ମସଲାଯୁକ୍ତ ଏବଂ ସର୍ବୋତ୍ତମ ଖାଦ୍ୟ ଭାବରେ ଜଣାଶୁଣା। ମଖାନା ଅତ୍ୟନ୍ତ ପୁଷ୍ଟିକର ହୋଇପାରେ, କିଛି ଲୋକଙ୍କ ପାଇଁ ଏହା ଲାଭ ଅପେକ୍ଷା ଅଧିକ କ୍ଷତି କରିପାରେ । କୋଷ୍ଠକାଠିନ୍ୟ ଥିବା ବ୍ୟକ୍ତି: କୋଷ୍ଠକାଠିନ୍ୟ କିମ୍ବା ଅନ୍ତନଳୀ ସମସ୍ୟା ଥିବା ବ୍ୟକ୍ତିମାନେ ମାଖାନା ଖାଇବାରୁ ଦୂରେଇ ରହିବା ଉଚିତ କାରଣ ଏଥିରେ ବନ୍ଧନକାରୀ ଗୁଣ ଅଛି । ଏହା ମଳକୁ ବାନ୍ଧି ପାରେ ଯାହା ମଳ ବାହାରକୁ ଯିବାକୁ କଷ୍ଟକର କରିଥାଏ । ଏସିଡିଟି ଥିବା ବ୍ୟକ୍ତି: ଯଦି ନିୟମିତ ଏସିଡିଟି ସମସ୍ୟା ଅଛି, ତେବେ ଅତ୍ୟଧିକ ମାଖାନା ଖାଇବାରୁ ଦୂରେଇ ରହିବା ଉଚିତ । କାରଣ ମାଖାନାରେ ଥିବା ଫାଇବର ଏବଂ କାର୍ବୋହାଇଡ୍ରେଟ୍ ପାଚନ ତନ୍ତ୍ରରେ ମିଶି ବହୁତ ଅସ୍ୱସ୍ତି ସୃଷ୍ଟି କରିପାରେ। କଫ ପ୍ରକୃତି ଥିବା ବ୍ୟକ୍ତି: କଫ ପ୍ରକୃତି ଥିବା ବ୍ୟକ୍ତିଙ୍କ ଶରୀରରେ କଫ ଜମା ହୋଇପାରେ ଏବଂ ଗଳାର ତଳ ଭାଗରେ ମଧ୍ୟ କଫ ଜମା ହୋଇପାରେ, ଯାହା ଫଳରେ ଖାଦ୍ୟ ଗିଳିବା ବହୁତ କଷ୍ଟକର ହୋଇପାରେ ।



# ମହିଳାଙ୍କ ପାଦରୁ ମୁଦି ହଜିବା ଶୁଭ ନା ଅଶୁଭ? ଜାଣନ୍ତୁ ଏହି ୩ଟି ସଙ୍କେତ

ସନାତନ ଧର୍ମରେ, ମହିଳାଙ୍କୁ ଦେବୀ ଲକ୍ଷ୍ମୀଙ୍କ ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ଦେବୀ ଲକ୍ଷ୍ମୀ ସର୍ବଦା ଅଳଙ୍କାରରେ ପରିପୂର୍ଣ୍ଣ ଥାଆନ୍ତି । ସମସ୍ତେ ଜାଣନ୍ତି ଯେ ମହିଳାଙ୍କ ଜୀବନରେ ଅଳଙ୍କାରର ଏକ ବିଶେଷ ମହତ୍ତ୍ୱ ଅଛି । ମହିଳାମାନଙ୍କ ଅଳଙ୍କାରକୁ କେବଳ ଅଳଙ୍କାର ଭାବରେ ବିବେଚନା କରାଯାଏ ନାହିଁ ବରଂ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ଭାବରେ ମଧ୍ୟ ବିବେଚନା କରାଯାଏ । ବିବାହ ପରେ, ମହିଳାମାନେ ପାଦରେ ଆଙ୍ଗୁଠି ମୁଦି ପିନ୍ଧିଥାନ୍ତି । ଏକଥା ଆପଣମାନେ ବି ଜାଣିଥିବେ ନିଶ୍ଚୟ । ବିବାହିତ ମହିଳାଙ୍କ ପାଇଁ ଏହି ଆଙ୍ଗୁଠିର ମୁଦିକୁ ସୌଭାଗ୍ୟର ପ୍ରତୀକ ବୋଲି ବିବେଚନା କରାଯାଏ । ହିନ୍ଦୁ ଧର୍ମର ଅନେକ ବିଶ୍ୱାସ ଏବଂ ପରମ୍ପରା ପାଦ ମୁଦି ସହିତ ଜଡିତ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପାଦ ମୁଦିକୁ ଚନ୍ଦ୍ରର ପ୍ରତୀକ ଭାବରେ ବିବେଚନା କରାଯାଏ ।



ବିବାହିତ ମହିଳାମାନେ ସବୁବେଳେ ନିଜ ଆଙ୍ଗୁଠିରେ ମୁଦି ପିନ୍ଧନ୍ତି କିନ୍ତୁ ଯଦି ଏହି ମୁଦି ସେମାନଙ୍କ ଆଙ୍ଗୁଠିରୁ ହଜିଯାଏ ତେବେ କ’ଣ ହେବ? ଏହି ପ୍ରଶ୍ନ ପ୍ରାୟ ସମସ୍ତଙ୍କ ମନରେ ଆସେ । ଏହା ବିଶ୍ୱାସ କରାଯାଏ ଯେ ମୁଦି ହଜାଇବା ଶୁଭ ନୁହେଁ, ଏହା ଜୀବନରେ କିଛି ଅଶୁଭ ସୂଚାଇଥାଏ । ତେବେ ଆସନ୍ତୁ ଜାଣିବା ଅଖୁଭ ସଙ୍କେତଗୁଡିକ କ’ଣ କ’ଣ ।

■ କୁହାଯାଏ ଯେ ଆଙ୍ଗୁଠିରେ ମୁଦି ହଜିବା ସ୍ୱାମୀଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ, ଅର୍ଥାତ୍ ଭବିଷ୍ୟତରେ ତାଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

■ ଏଥିସହ ଏହା ସ୍ୱାମୀଙ୍କ ଅସୁସ୍ଥତାର ଏକ ଲକ୍ଷଣ ହୋଇପାରେ। ଏହା ମଧ୍ୟ କୁହାଯାଏ ଯେ ଯଦି ମୁଦିଟି ପାଦରୁ ହଜିଯାଏ, ତେବେ ଏହା ସ୍ୱାମୀଙ୍କ ଆର୍ଥିକ ପରିସ୍ଥିତି ଖରାପ ହେବାର ସୂଚନା ମିଳିଥାଏ । ଏହା ସ୍ୱାମୀଙ୍କ ଧନ କିମ୍ବା ଚାକିରି ମଧ୍ୟ ହରାଇବା ସୂଚିତ କରେ ।

■ ଏହା ବିଶ୍ୱାସ କରାଯାଏ ଯେ ମୁଦି ହରାଇବା ସ୍ୱାମୀ ଋଣଗ୍ରସ୍ତ ହେବାର ମଧ୍ୟ ଏକ ସଙ୍କେତ ହୋଇପାରେ ।

■ ଅର୍ଥାତ୍, ମହିଳାମାନଙ୍କ ପାଇଁ ଏହା କେବଳ ଏକ ଅଳଙ୍କାର ନୁହେଁ ବରଂ ବିଶ୍ୱାସ ଏବଂ ପରମ୍ପରାର ଏକ ରୂପ । ତେଣୁ ମହିଳାମାନେ ସେମାନଙ୍କର ଆଙ୍ଗୁଠି ମୁଦିକୁ ସୁରକ୍ଷିତ ରଖିବା ଉଚିତ । ଯଦି ସେଗୁଡ଼ିକ ହଜିଯାଏ ତେବେ ସେଗୁଡ଼ିକୁ ଖୋଜିବାକୁ ଚେଷ୍ଟା କରନ୍ତୁ। ଯଦି ତୁମେ ତାହା ପାଇବ ନାହିଁ, ତେବେ ତୁରନ୍ତ ଆଉ ଏକ ଆଙ୍ଗୁଠି ମୁଦି ପିନ୍ଧ। ବାରମ୍ବାର ଆଙ୍ଗୁଠିରେ ମୁଦି ବଦଳାଇବା ମଧ୍ୟ ଉପଯୁକ୍ତ ବୋଲି ବିବେଚନା କରାଯାଏ ନାହିଁ । ଏହା ମଧ୍ୟ ଖରାପ ପ୍ରଭାବ ପକାଇବା ଆରମ୍ଭ କରିଥାଏ ।



# ପ୍ୟାକେଟ୍ ଜୁସ୍

**ଖରା ତାପ ଓ ଶୋଷ ମେଣ୍ଟାଇବା ଲାଗି ଅନେକ ଲୋକ ଥଣ୍ଡା ପ୍ୟାକେଟ ଉପରେ ନିର୍ଭର କରିଥାନ୍ତି । ପ୍ୟାକେଟ ଜୁସ୍ ମୁଡ୍ ଆକ୍ଟିଭ କରିବା ସହ ତୁରନ୍ତ ଶୋଷ ମେଣ୍ଟାଇ ଶକ୍ତି ଯୋଗାଇଥାଏ ସତ, କିନ୍ତୁ ଏହା ସ୍ୱାସ୍ଥ୍ୟ ହାନିକାରକ ହୋଇଥାଏ । ତଟକା ଫଳକୁ ନେଇ ଜୁସ୍ କରି ପିଇବା ଲାଭକାରୀ । ହେଲେ ବ୍ୟସ୍ତମୟ ଜୀବନରେ ଅନେକ ଲୋକ ସମୟ ବାହାର କରି ଫଳରୁ ଜୁସ୍ କରି ପିଇବା ପରିବର୍ତ୍ତେ ପ୍ୟାକେଟ ଜୁସ୍ ପିଉଛନ୍ତି । ତେବେ ଆସନ୍ତୁ ଜାଣିବା ପ୍ୟାକଟେ କ୍ଲସ୍ ଶରୀର ଉପରେ କେଉଁ ପ୍ରକାରର ପ୍ରଭାବ ପକାଇଥାଏ ।**

◆ ପ୍ୟାକେଟ ଜୁସରେ ସୁଗାର ମାତ୍ରା ଅଧିକ ଥାଏ । ଜୁସକୁ ସ୍ୱାଦିଷ୍ଟ କରିବା ଲାଗି କୃତ୍ରିମ ମିଠା ବା ଆର୍ଟିଫିସିଆଲ ସୁଗାର ଏବଂ କେମିକାଲ ଯୁକ୍ତ ଫ୍ଲେଭର ସିରପ୍ ମିଶାଯାଇଥାଏ, ଯାହା ରକ୍ତରେ ଶର୍କରା ପରିମାଣ ବୃଦ୍ଧି କରାଇ ମଧୁମେହ ରୋଗ ଆଶଙ୍କା ବୃଦ୍ଧି କରେ।

◆ ପିଲାଙ୍କ ଉପରେ ପ୍ୟାକେଟ ଜୁସ ଅଧିକ ପ୍ରଭାବ ପକାଇଥାଏ । ଏହାକୁ ବାରମ୍ବାର ପିଇବା ଦ୍ୱାରା ପିଲାଙ୍କ ପେଟରେ କୃମି ହୋଇଥାଏ ଓ ସେମାନେ ଚିଡଚିଡା ସ୍ୱଭାବର ହୋଇଯାଇଥାନ୍ତି।

◆ ଏଥିରେ କ୍ୟାଡମିୟମ୍, ଆର୍ସେନିକ୍ ଏବଂ ସୀସା ଇତ୍ୟାଦି ମିଶାଯାଇ, ଏହାକୁ ଦୀର୍ଘ ଦିନ ଯାଏ ସତେଜ ରଖାଯାଏ । ଯାହାକୁ ପିଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ଉପରେ ଖରାପ ପ୍ରଭାବ ପଡ଼ିଥାଏ । କେବଳ ସେତିକି ନୁହେଁ ଏହିସବୁ ହାନିକାରକ ଉପାଦାନ କର୍କଟ ଆଶଙ୍କାକୁ ମଧ୍ୟ ବଢ଼ାଇ ଦେଇଥାଏ ।

◆ ପ୍ରତିଦିନ ପ୍ୟାକେଟ୍ ଜୁସ୍ ପିଇବା ଦ୍ୱାରା ଗ୍ୟାସ ସମସ୍ୟା, ଡାଇରିଆ ଏବଂ ବଦହଜମି ହୋଇଥାଏ। ଏଥକ୍ୟାଲୋରିର ମାତ୍ରା ଅଧିକ ଥିବାରୁ ମେଦବହୁଳତା ମଧ୍ୟ ଦେଖାଯାଏ। ଏଥିରେ ପାଚନକ୍ରିୟା ବିଶେଷ ପ୍ରଭାବିତ ହୋଇଥାଏ ଓ ଲିଭର ଉପରେ ଏହାର ପ୍ରଭାବ ପଡିଥାଏ । ବିଶେଷ କରି ଲିଭର ସିରୋସିସ୍ ହେବାର ଆଶଙ୍କା ଅଧିକ ଥାଏ ।



# କୁମ୍ଭୀର ଶୋଇ ରହେ କାହିଁକି ?



**ସାଧାରଣତଃ ଯିଏ ବେଶି ଶୁଅନ୍ତି ତାକୁ ସମସ୍ତେ କୁମ୍ଭୀର ଭଳି ପଡ଼ି ରହୁଛି ବୋଲି କହନ୍ତି । କାରଣ ଅଧିକ ସମୟ ଶୋଇ ରହିବା ଲାଗି କୁମ୍ଭୀର ବେଶ୍ ପରିଚିତ। ତେବେ ସେ ଏତେ ସମୟ କାହିଁକି ଶୋଇ ରହେ ଓ ଶୋଇବା ବେଳେ କାହିଁକି ପାଟି ଖୋଲା ରଖେ ଜାଣନ୍ତୁ ସେ ସମ୍ପର୍କରେ...**

କୁମ୍ଭୀର ଏକ ଶକ୍ତିଶାଳୀ ଓ ହିଂସ୍ର ପ୍ରାଣୀ। ତା’ କବଳରୁ ବଞ୍ଚିବା ଅସମ୍ଭବ ପ୍ରାୟ। ଏମିତି କି ବାଘ, ଚିତା ଭଳି ପ୍ରାଣୀଙ୍କୁ ବି ସେ ଶିକାର କରିପାରେ। ହେଲେ ଦେଖିଥିବେ ଏତେ ଶକ୍ତିଶାଳୀ ପ୍ରାଣୀ ହୋଇ ବି ଅଧିକାଂଶ ସମୟ ସେ ଶୋଇ ରହେ। ତେବେ ସେ କାହିଁକି ଏତେ ସମୟ ଶୁଏ ତା’ ପଛରେ ରହିଛି କେତେ କାରଣ। ପ୍ରଥମତଃ କୁମ୍ଭୀର ଥଣ୍ଡା ରକ୍ତର ପ୍ରାଣୀ। ସେ ନିଜ ଶରୀରର ତାପମାତ୍ରାକୁ ନିୟନ୍ତ୍ରିତ କରିପାରେନା। ସେ ନିଜ ଆଖପାଖର ତାପମାତ୍ରା ଅନୁସାରେ ଗରମ ଅବା ଥଣ୍ଡା ହୁଏ। ତେଣୁ ଶୀତଦିନେ ଏମାନେ କମ୍ ସକ୍ରିୟ ରୁହନ୍ତି ଓ ଅଧିକ ଶୁଅନ୍ତି। କୁମ୍ଭୀର ଦିନରେ ପ୍ରାୟ ୧୦-୧୭ ଘଣ୍ଟା ଯାଏ ଶୋଇଥାଏ। କୁମ୍ଭୀରର ଶୋଇବା ତା’ର ବୟସ, ଋତୁ ଓ ଅନ୍ୟ କାରକ ଉପରେ ବି ନିର୍ଭର କରେ। ଛୋଟ କୁମ୍ଭୀର ବଡ଼ କୁମ୍ଭୀର ଅପେକ୍ଷା କମ୍ ଶୁଅନ୍ତି। ଏହାବାଦ କୁମ୍ଭୀର ଏକ ଶିକାରୀ ପ୍ରାଣୀ, ଶିକାର କରିବା ପାଇଁ ତାକୁ ବହୁତ ଉର୍ଜାର ଆବଶ୍ୟକତା ପଡ଼େ। ଶିକାର କରିବା ପରେ ଶରୀରରେ ପୁଣି ଥରେ ଉର୍ଜା ଫେରାଇବା ଲାଗି ଏମାନେ ଲମ୍ବା ସମୟ ପାଇଁ ଶୁଅନ୍ତି। କୁମ୍ଭୀର ନିଜର ଉର୍ଜା ବହୁତ ଧୀରେ ଧୀରେ ଖର୍ଚ୍ଚ କରନ୍ତି। ତେଣୁ ସେମାନଙ୍କୁ ଅଧିକ ଉର୍ଜାର ଆବଶ୍ୟକତା ପଡ଼ି ନ ଥାଏ। ସେମାନେ କମ୍ ଖାଇ ବି ଅଧିକ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି। କୁମ୍ଭୀର ଅନେକ ସମୟରେ ପାଣିରେ ଭାସି ଭାସି ଶୁଅନ୍ତି ଓ ଶୋଇବାବେଳେ ଗୋଟେ ଆଖି ଖୋଲା ରଖନ୍ତି। କାରଣ କୁମ୍ଭୀର ଶୋଇବାବେଳେ ତା’ର ମସ୍ତିଷ୍କର କେବଳ ଗୋଟିଏ ଭାଗ ହିଁ ଶୋଇଥାଏ ଓ ଅନ୍ୟ ଭାଗଟି ଜାଗ୍ରତ ରହେ। ଅର୍ଥାତ୍ ତାଙ୍କର ଗୋଟିଏ ଭାଗ ମସ୍ତିଷ୍କ ସକ୍ରିୟ ରହେ ଏବଂ ସେମାନେ ଯେକୌଣସି ବିପଦ ପ୍ରତି ସତର୍କ ରହିପାରନ୍ତି। ଆସନ୍ନ ବିପଦକୁ ଅନୁଭବ କରିପାରନ୍ତି। ଗୋଟିଏ ଆଖିରେ ସେମାନେ ବିପଦ ପ୍ରତି ନଜର ରଖନ୍ତି। ଶିକାର ପାଖକୁ ଆସିଲେ ଶିକାର କରିପାରନ୍ତି। ତେଣୁ କୁମ୍ଭୀର ଶୋଇଛି ଭାବି ତା’ର ନିକଟତର ହେବା ବିପଜ୍ଜନକ ହୋଇପାରେ।



# ନିୟୁ ଲୁକ୍‌ରେ ମାହିରା

ବିଗ୍ ବସ୍ ପରେ ମାହିରା ଶର୍ମା ପ୍ରସିଦ୍ଧ ହୋଇଯାଇଛନ୍ତି। ତାଙ୍କର ଗ୍ଲାମରସ୍ ଷ୍ଟାଇଲ୍ ପ୍ରଶଂସକମାନଙ୍କୁ ପସନ୍ଦ ଆସିଛି। ସେ ତାଙ୍କ ଲୁକ୍ ସହିତ ବାରମ୍ବାର ଏକ୍ସପେରିମେଣ୍ଟ୍ କରୁଛନ୍ତି। କେତେବେଳେ ତାଙ୍କୁ ପାଶ୍ଚାତ୍ୟ ତ କେତେବେଳେ ଭାରତୀୟ ଲୁକ୍‌ରେ ଦେଖିବାକୁ ମିଳେ। ମାହିରା ପ୍ରାୟତଃ ସୋସିଆଲ ମିଡିଆରେ ଶାଢ଼ି ପିନ୍ଧା ଫଟୋ ଶେୟାର କରନ୍ତି। ସେ ବ୍ଲାଉଜ୍ ସହିତ ମଧ୍ୟ ଏକ୍ସପେରିମେଣ୍ଟ୍ କରନ୍ତି। ସେ ପ୍ରାୟତଃ ବ୍ୟାକ୍‌ଲେସ୍ ପୋଷାକ ପିନ୍ଧନ୍ତି। ଏହାକୁ ଦେଖି ତାଙ୍କ ପ୍ରଶଂସକମାନେ ପାଗଳ ହୋଇଯାଆନ୍ତି। ଏଠାରେ ମାହିରା ଗୋଲାପୀ ଶାଢ଼ି ସହିତ ଏକ ବ୍ୟାକଲେସ୍ ବ୍ଲାଉଜ୍ ପିନ୍ଧିଛନ୍ତି। ଏହି ପ୍ରକାରର ପୋଷାକରେ ମାହିରାଙ୍କ କର୍ଭି ଫିଗର ସ୍ପଷ୍ଟ ନଜର ଆସେ। ମାହିରାଙ୍କୁ ଏପରି ଫଟୋରେ ଦେଖି ତାଙ୍କ ପ୍ରଶଂସକମାନେ ପାଗଳ ହୋଇଯାଆନ୍ତି। ସେମାନେ ତାଙ୍କ ଫଟୋ ଉପରେ ମତ ଦେବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ମାହିରାଙ୍କ ଏହି ପ୍ଲେନ୍ ଶାଢି ମଧ୍ୟ ତାଙ୍କୁ ଖୁବ୍ ମାନୁଛି। ଏହି ଲୁକ୍ ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରେ।ଶାଢ଼ି ସହିତ ମାହିରା ତାଙ୍କର ଚୁଟି ସଜ୍ଜାକୁ ମଧ୍ୟ ପରିବର୍ତ୍ତନ କରନ୍ତି। କେତେବେଳେ ତାଙ୍କୁ ବେଣୀ ସହିତ ତ କେତେବେଳେ ଖୋଲା ଚୁଟି ସହିତ ଦେଖାଯାଏ।ମାହିରା ଏହି ପ୍ରିଣ୍ଟେଡ୍ ଶାଢ଼ି ସହିତ ଏକ ଫିଲ୍ ସ୍ଲିଭ୍ ବ୍ଲାଉଜ୍ ପିନ୍ଧିଛନ୍ତି ଯାହା ହେଉଛି ବ୍ୟାକ୍‌ଲେସ୍। ଏହା ତାଙ୍କୁ ଖୁବ୍ ଫ୍ୟାଶନେବଲ୍ କରୁଛି।

CK BIRLA GROUP
orient electric

## ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍

ପଞ୍ଜିକୃତ କାର୍ଯ୍ୟାଳୟ: ୟୁନିଟ୍-୮, ପ୍ଲଟ୍ ନଂ.୭, ଭୋଇନଗର, ଭୁବନେଶ୍ୱର-୭୫୧୦୧୨, ଓଡ଼ିଶା
ଟେଲିଫୋନ୍: ୦୬୭୪-୨୩୯୬୯୩୦, ଫାକ୍ସ: ୦୬୭୪-୨୩୯୬୩୬୪, ଇମେଲ୍: investor@orientelectric.com
ୱେବସାଇଟ୍: www.orientelectric.com, ସିଆଇଏନ୍: ଏଲ୍୩୧୧୦୦ଓଆର୍୨୦୧୬ପିଏଲ୍‌ସି୦୨୫୮୯୨


ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା ସମାପ୍ତ ହେଉଥିବା ଆର୍ଥିକ ବର୍ଷର ସଠିକ୍ ହିସାବ — କୋଟି ହିସାବରେ

| କ୍ର.ସ. | ବିବରଣୀ | ତ୍ରୈମାସିକ ଶେଷ | | | ବର୍ଷଶେଷ | |
|---|---|---|---|---|---|---|
| | | ୩୧ ମାର୍ଚ୍ଚ ୨୦୨୫ ହିସାବ | ୩୧ ଡିସେମ୍ବର ୨୦୨୪ ଅଣ ହିସାବ | ୩୧ ମାର୍ଚ୍ଚ ୨୦୨୪ ହିସାବ | ୩୧ ମାର୍ଚ୍ଚ ୨୦୨୫ ହିସାବ | ୩୧ ମାର୍ଚ୍ଚ ୨୦୨୪ ହିସାବ |
| ୧ | ମୋଟ ରାଜସ୍ୱ | ୮୬୧.୮୫ | ୮୧୭.୮୨ | ୭୮୭.୬୬ | ୩୦୯୩.୬୮ | ୨.୮୧୨.୧୨ |
| ୨ | ଏହି ଅବଧିର ମୋଟ ଲାଭ (ଟିକସ, ଏକ୍ସସେପ୍ସନାଲ୍ ଦ୍ରବ୍ୟ ଏବଂ/କିମ୍ବା ଅସାଧାରଣ ଦ୍ରବ୍ୟ) | ୪୨.୧୪ | ୩୬.୬୨ | ୧୩.୪୯ | ୧୧୨.୨୫ | ୭୭.୫୮ |
| ୩ | ଏହି ଅବଧିର ମୋଟ ଲାଭ ଟିକସ ପୂର୍ବରୁ (ଟିକସ, ଏକ୍ସସେପ୍ସନାଲ୍ ଦ୍ରବ୍ୟ ଏବଂ/କିମ୍ବା ଅସାଧାରଣ ଦ୍ରବ୍ୟ) | ୪୨.୧୪ | ୩୬.୬୨ | ୧୩.୪୯ | ୧୧୨.୨୫ | ୯୬.୨୬ |
| ୪ | ଏହି ଅବଧିର ମୋଟ ଲାଭ ଟିକସ ପରେ (ଟିକସ, ଏକ୍ସସେପ୍ସନାଲ୍ ଦ୍ରବ୍ୟ ଏବଂ/କିମ୍ବା ଅସାଧାରଣ ଦ୍ରବ୍ୟ) | ୩୧.୨୬ | ୨୭.୧୭ | ୧୨.୮ | ୮୩.୨୧ | ୭୫.୨୭ |
| ୫ | ଏହି ଅବଧିରେ ମୋଟ କମ୍ପ୍ରେନ୍‌ସିଭ୍ ଆୟ | ୩୧.୫୮ | ୨୭.୨୫ | ୧୪.୦୨ | ୮୩.୭୭ | ୭୬.୫୫ |
| ୬ | ଇକ୍ୱିଟି ସେୟାର କ୍ୟାପିଟାଲ | ୨୧.୩୪ | ୨୧.୩୪ | ୨୧.୩୪ | ୨୧.୩୪ | ୨୧.୩୪ |
| ୭ | ଅନ୍ୟାନ୍ୟ ଇକ୍ୱିଟ | | | | ୬୭୨.୯୬ | ୬୧୭.୫୯ |
| ୮ | ସେୟାର ପିଛା ଆୟ (ପ୍ରତି ୧ ଟଙ୍କା ପିଛା) | | | | | |
| | ବେସିକ୍: | ୧.୪୬ | ୧.୨୭ | ୦.୬ | ୩.୯ | ୩.୫୩ |
| | ଡାଇଲ୍ୟୁଟେଡ୍ | ୧.୪୬ | ୧.୨୭ | ୦.୬ | ୩.୯ | ୩.୫୩ |

ନୋଟ୍:
୧. କମ୍ପାନୀର ଉପରୋକ୍ତ ଆର୍ଥିକ ଫଳାଫଳ ଅଡିଟ୍ କମିଟି ଦ୍ୱାରା ରିଭ୍ୟୁ ହେବା ସହ କମ୍ପାନୀର ବୋର୍ଡ ଅଫ୍ ଡାଇରେକ୍ଟରଙ୍କ ୨୫ ଏପ୍ରିଲ ୨୦୨୫ରେ ଅନୁଷ୍ଠିତ ବୈଠକରେ ରେକର୍ଡକୁ ନିଆଯାଇଛି।
୨. ୨୦୨୫ ଏପ୍ରିଲ ୨୦୨୫ରେ ହେବାକୁ ଥିବା ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ବୈଠକରେ ଚୂଡ଼ାନ୍ତ ଡିଭିଡେଣ୍ଡ ଟ.୦.୭୫ (@ 75%) ଯାହାକି କମ୍ପାନୀ ଇକ୍ୟୁଟି ସେୟାରର ୧ଟଙ୍କା, ମୋଟ ଡିଭିଡେଣ୍ଡ ଟ.୧.୫୦ (@ 150%) ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଇକ୍ୟୁଟି ସେୟାର ପ୍ରତ୍ୟେକଙ୍କ ଏକ ଟଙ୍କା ସହିତ ଅନ୍ତରୀଣ ଡିଭିଡେଣ୍ଡ ଟ. ୦. ୭୫ (@ 75 %) ଯାହାକି ୨୦୨୪-୨୫ ଆର୍ଥିକ ବର୍ଷରେ ଇକ୍ୟୁଟି ସେୟାର ପାଇଁ ଘୋଷଣା କରାଯାଇଥିଲା। ସେୟାର ହୋଲଡରଙ୍କ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଚୂଡ଼ାନ୍ତ ଡିଭିଡେଣ୍ଡ ଆପ୍ରୁଭାଲ ଅପେକ୍ଷାରେ।
୩. ଉପରୋକ୍ତ ସଂଖ୍ୟାଗୁଡ଼ିକ ହେଉଛି ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସମାପ୍ତ ହେଉଥିବା ତ୍ରୈମାସିକ ଏବଂ ବାର୍ଷିକ ହିସାବ ଫଳାଫଳ। ଏହା ସେବିର (ଲିଷ୍ଟିଂ ଓବ୍ଲିଗେସନ୍ ଆଣ୍ଡ୍ ଡିସ୍‌କ୍ଲୋଜର୍ ରିକ୍ୱାରମେଣ୍ଟ) ଅଧିନିୟମ, ୨୦୧୫ର ରେଗୁଲେସନ୍ ୩୩ ଅନୁସାରେ ଷ୍ଟକ୍ ଏକ୍ସଚେଞ୍ଜରେ ଦାଖଲ ହୋଇଛି। ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ସମାପ୍ତ ହେଉଥିବା ତ୍ରୈମାସିକ ଏବଂ ବାର୍ଷିକ ହିସାବ ଆର୍ଥିକ ଫଳାଫଳର ଫୁଲ୍ ଫର୍ମାଟ୍ ଷ୍ଟକ୍ ଏକ୍ସଚେଞ୍ଜ ୱେବସାଇଟ୍ (www.bseindia.com/www.nseindia.com) ଏବଂ କମ୍ପାନୀର ୱେବ୍‌ସାଇଟ୍ (www.orientelectric.com) ରେ ଉପଲବ୍ଧ ଅଛି।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ୨୫ ଏପ୍ରିଲ, ୨୦୨୫

ଓରିଏଣ୍ଟ ଇଲେକ୍ଟ୍ରିକ୍ ଲିମିଟେଡ୍ ପାଇଁ
ସ୍ୱା/-
ରବୀନ୍ଦ୍ର ସିଂ ନେଗୀ
ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ପଞ୍ଚାୟତ ଗେଡ୍ଲେଇକାଟେଣି ଗ୍ରାମରେ ୫ ଦିନ ଧରି ଚାଲିଥିବା ବାଦିପାଲା ପରିବେଷଣ ଉଦଯାପିତ ହୋଇଯାଇଛି। ଗ୍ରାମରେ ବହୁବର୍ଷ ଧରି ଗ୍ରାମର ପାଲା ମଣ୍ଡପରେ ସତ୍ୟନାରାୟଣ ପାଲା ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତବର୍ଷ ଗ୍ରାମ ପାଲା ମଣ୍ଡପରେ ୫ଦିନ ଧରି ବାଦିପାଲା ପରିବେଷଣ ହୋଇଯାଇଛି। କଟକ ଜିଲ୍ଲା ପାଟ ସୁନ୍ଦରପୁର ଅଞ୍ଚଳର ଗାୟକ ନିରଞ୍ଜନ ସ୍ୱାଇଁ ଏବଂ ପୁରୀ ଜିଲ୍ଲାର ବସନ୍ତ କୁମାର ମହାରଣା ନିଜ ନିଜର ସହଯୋଗୀ ସାଥିମାନଙ୍କୁ ନେଇ ବାଦିପାଲା ପରିବେଷଣ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ କମିଟି ସଭାପତି ତଥା ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଥିବା ସରୋଜ କୁମାର ନାୟକ, କମିଟି ସଦସ୍ୟ ସୁଧାକର ନାୟକ, ସୁମନ୍ତ କୁମାର ନାୟକ ଓ ଅନ୍ୟ ସହଯୋଗୀ ସଦସ୍ୟ ମାନଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ପାଲା ପରିବେଷଣ ହୋଇଥିବା ବେଳେ ଗ୍ରାମବାସୀଙ୍କ ସହଯୋଗ ରହିଥିଲା। ହଜାର ହଜାର ସଂଖ୍ୟାରେ ପାଲା ପ୍ରେମୀ ଶ୍ରୋତାମାନେ ଆସି ଉଭୟଙ୍କ ମଧ୍ୟରେ ଚାଲିଥିବା ବାଦିପାଲାକୁ ଉପଭୋଗ କରିଥିଲେ।

## ଗଞ୍ଜେଇ ଜବତ୍ ମାମଲାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜଗଦୀଶପୁର ଛକ ନିକଟରୁ ଏକ କାରରୁ ୪୯ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ୍ ମାମଲାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଦିନ ଏକ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ବୌଦ୍ଧ ଥାନା ପୋଲିସର ଏକ ଟିମ ଜଗଦୀଶପୁର ଛକ ନିକଟରେ ଚଢାଉ କରିଥିଲା। ଏକ କାରକୁ ଅଟକାଇ ଯାଞ୍ଚ କରାଯିବାରୁ ସେଥିରୁ ଗଞ୍ଜେଇ ବାହାରିଥିଲା ଓ ଜଣଙ୍କୁ ଗିରଫ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୪୯କେଜି ୪୦୦ ଗ୍ରାମ ହୋଇଥିଲା। ଏ ସମ୍ପର୍କରେ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ କାରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ରଂଜିତ କୁମାର ମୁନୀ ସୂଚନା ଦେଇଛନ୍ତି।

## ସୁବିଧା କେନ୍ଦ୍ର ଓ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



କଣ୍ଟାପଡା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ପଞ୍ଚାୟତ କାର୍ଯ୍ୟାଳୟରେ ସୁବିଧା କେନ୍ଦ୍ର ଓ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଶୁକ୍ରବାର ପୂର୍ବାହ୍ନରେ ବିଧାୟକ ଛବି ମଲିକଙ୍କ କରକମଳରେ ଉଦଘାଟନ ହୋଇଯାଇଛି। ଏହି ଉଦଘାଟନ ଉତ୍ସବରେ କଣ୍ଟାପଡା ସରପଞ୍ଚ ନିର୍ମଳ କୁମାର ସାହୁ, କଣ୍ଟାପଡା ବ୍ଲକ ବିଡ଼ିଓ ସ୍ୱପ୍ନିତା ନାୟକ, ସହକାରୀ ନିର୍ବାହୀ ଜନ୍ତ୍ରୀ ଧନଞ୍ଜୟ ସାମଲ, କଣ୍ଟାପଡା ପଂଚାୟତ ସମିତି ସଭ୍ୟ ପବିତ୍ର ମୋହନ ସ୍ୱାଇଁ, ପଂଚାୟତ ନିର୍ବାହୀ ଅଧିକାରୀ ତମଳି କାନ୍ତ ମିଶ୍ର, ପଂଚାୟତ ଯେଇ ସୁମନ ସୁଧା ରାୟ, ନାଏବ ସରପଞ୍ଚ ମମତା ମୁଦୁଲି ଉପସ୍ଥିତ ରହିଥିଲେ। ପଂଚାୟତ କାର୍ଯ୍ୟାଳୟରେ ଥଣ୍ଡା ପାନୀୟ ପ୍ରକଳ୍ପ ଲାଗିବା ପରେ ବଜାରରେ ଥିବା ୫୦ରୁ ଊର୍ଦ୍ଧ୍ୱ ଦୋକାନୀ, ବିଦ୍ୟାଳୟ ଛାତ୍ରଛାତ୍ରୀ, ପଂଚାୟତକୁ ଆସୁଥିବା ସାଧାରଣ ଲୋକ ଥଣ୍ଡାପାଣି ପିଇବାକୁ ପାଇପାରିବେ। ଏହି ଉଦଘାଟନ ଉତ୍ସବରେ ଅଶୋକ ସାମନ୍ତରାୟ, ସୁଦାମ ମୁଦୁଲି, ଅଜୁ ଓଝା, ମୟମ ଉଦିନ ଶାହ, ଉମାକାନ୍ତ ଭୋଇ, କମଳା କାନ୍ତ ସାହୁ, ଦୁର୍ଯ୍ୟୋଧନ ରାଉତ, ଗୌର ପରିଜା, ବିପିନ ବେହେରା ଓ ୱାର୍ଡ ସଭ୍ୟସଭ୍ୟା ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିଜେପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନ ମଣ୍ଡଳୀ ତିହିଡ଼ି ବ୍ଲକ ବିଜେପି ସାହାଡ଼ା ସୁନ୍ଦରୀ ମଣ୍ଡଳ ପକ୍ଷରୁ ଶୁକ୍ରବାର ତିହିଡ଼ି ବାରିଣୀ ପଡ଼ିଆ ଠାରେ ବିଜେପିର ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଅଧୀନ ମୁକୁନ୍ଦପୁର, ବାହାବଳପୁର, କୋହ୍ଲ, ସିନ୍ଦୋଳ, ସୟା, ମହରମପୁର, ଫରେପୁର, ମଙ୍ଗଳପୁର ଓ ଭାଟପଡ଼ା ପଞ୍ଚାୟତରୁ ୫୦୦ କର୍ମୀ ବିଜେପିରେ ମିଶିଥିବା ଜଣାପଡ଼ିଛି। ଏହି ଅବସରରେ ବରିଷ୍ଠ ବିଜେପି ନେତା ରଘୁନାଥ ପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକ ହିତକର ଯୋଜନା ଉପରେ ଉପସ୍ଥିତ କର୍ମୀମାନଙ୍କୁ ସୂଚନା ଦେଇଥିବା ବେଳେ ଦଳକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ମଣ୍ଡଳ ସଭାପତି କେଶବ ବେହେରା, ସାଇଶରଣ ବେହେରା ଓ ସରୋଜ ନାୟକ, ବାସୁଦେବପୁର ବିଜେପି ନେତା ଉଦୟ ନାରାୟଣ ମଲ୍ଲିକ, ସରପଞ୍ଚ ପ୍ରଦୀପ ବଳ, ସମିତିସଭ୍ୟ ଶୁକଦେବ ମଲିକ, ବିଜେପି ନେତା ସଂଗ୍ରାମ ମହାନ୍ତି, ଦେବେନ୍ଦ୍ର ପୁହାଣ, ତପନ ପାଢ଼ୀ, ଶରତ ଦାସ, ପ୍ରମୋଦ ଦାସ, ଉମାକାନ୍ତ ଦାସ, ରାଜାରାମ ମହାକୁଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁବନେତା ସୀତାକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମଙ୍ଗରାଜ ନାୟକ, ସରପଞ୍ଚ କୁନ୍ତଳା ମଳିକ, ନିହାରିକା ବିଶ୍ୱାଳ, ଅଜୟ ମହାନ୍ତି, ବିଜେପି ନେତା ପ୍ରଶାନ୍ତ ନାୟକ, ସୁବାସ ସେଠୀ, ସନାତନ ମିଶ୍ର, ରତିକାନ୍ତ ମହାକୁଡ଼, ଉଷାକାନ୍ତ ନାୟକ, ସରୋଜ ନାୟକ, ଶରତ କୁମାର ଲେଙ୍କା, ସଂଦୀପ ଦାସ, ସୂର୍ଯ୍ୟନାରାୟଣ ଭୋଇ, ଅମୀୟଚାନ୍ଦ ନାୟକ ପ୍ରମୁଖଙ୍କ ସହିତ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ। ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ତପୁନୁ ପାଣି, ଜୟପ୍ରକାଶ ବେହେରା, ସରୋଜ ମହାନ୍ତି, ହରିଶ୍ଚନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ନାଥ, ସୁରେଶ ପାତ୍ର, ନିର୍ମଳ ବେହେରା, ଶିବପ୍ରସାଦ ନାଥ, ନିଲୁଆ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ଖେଳ ଉପକରଣ ବଣ୍ଟନ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗ୍ରାମୀଣ କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ବିଭିନ୍ନ କ୍ରୀଡ଼ା ପ୍ରତି ଆକର୍ଷିତ ଓ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଆର୍ଯ୍ୟପଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଅନୌପଚାରିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଖାପାଖି ୧୧ ଗୋଟି ଟିମ୍‌ର ଖେଳାଳିମାନଙ୍କୁ କ୍ରିକେଟ, ଭଲି ଓ ଫୁଟବଲ୍ କିଟ୍ ପ୍ରଦାନ କରାଯାଇଛି। ପ୍ରତ୍ୟେକ ଦଳର ଅଧୀନାୟକ ଓ ଉପଅଧିନାୟକ ସହ ମୋଟ ୧୩୨ ଜଣ ଖେଳାଳି ଯୋଗଦେଇ ଗୋପାଳପୁର ବନ୍ଦର ବିଜନେସ୍ ମୁଖ୍ୟ ସନ୍ଦୀପ ଜୈସୱାଲଙ୍କ ଠାରୁ ଏହି ଖେଳ ସମ୍ବନ୍ଧୀୟ ସାମଗ୍ରୀ ଗ୍ରହଣ କରିଥିଲେ। ଆର୍ଯ୍ୟପଲ୍ଲୀ ପଞ୍ଚାୟତର ଏହି ୧୧ ଟି ଟିମ୍ ମଧ୍ୟରୁ ୬ ଟି କ୍ରିକେଟ ଟିମ୍, ୪ଟି ଭଲିବଲ୍ ଟିମ୍ ଏବଂ ଗୋଟାଏ ଫୁଟବଲ ଟିମ୍ ରହିଛି। ଏହି ଅବସରରେ ଗୋପାଳପୁର ବନ୍ଦର ବିଜନେସ ମୁଖ୍ୟ ଜୈସୱାଲ କହିଥିଲେ ଯେ ଏହି ଖେଳ ଉପକରଣଗୁଡିକ ଗ୍ରାମୀଣ ଅଞ୍ଚଳରେ ଖେଳ ପ୍ରତି ରୁଚି ରଖୁଥିବା ଯୁବକମାନଙ୍କୁ ନିୟମିତ ଅଭ୍ୟାସ କରିବାରେ ଅନେକ ସହାୟକ ହେବ। ଏହି ଟିମ୍ ଗୁଡିକ ମଧ୍ୟରେ ଆଗାମୀ ଦିନରେ କ୍ରିଡା ପ୍ରତିଯୋଗିତା




ଆୟୋଜନର ଲକ୍ଷ୍ୟ ରହିଅଛି। ସ୍ଥାନୀୟ ଖେଳାଳିମାନଙ୍କୁ ପ୍ରୋତ୍ସାହିତ କରିବା ଓ ଆବଶ୍ୟକୀୟ ଜରୁରୀ ଖେଳ ସମ୍ବନ୍ଧୀୟ ସାମଗ୍ରୀ ଯୋଗାଇବା ଆଦାନୀ ଫାଉଣ୍ଡେସନର ମୂଳ ଲକ୍ଷ୍ୟ ଅଟେ। ଏହି କାର୍ଯ୍ୟକ୍ରମରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ସରପଞ୍ଚ ତ୍ରିଲୋଚନ ବେହେରା, ବି ଭୀମସେନ, ଏନ୍ ଶ୍ୟାମା, ଗୋପାଳପୁର ବନ୍ଦର ସିଏସଆର ମୁଖ୍ୟ, ଦେବଦତ୍ତ ମିଶ୍ର ଏବଂ ଆର୍ଯ୍ୟପଲ୍ଲୀ ଗ୍ରାମର ଅନେକ ଭଦ୍ରଲୋକ ଉପସ୍ଥିତ ଥିଲେ। ଆଦାନୀ ଫାଉଣ୍ଡେସନର ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଖେଳପ୍ରେମୀ, କ୍ରୀଡ଼ାବିତ୍ ମାନେ ଉଚ୍ଚ ପ୍ରଶଂସା କରିଥିଲେ।

# ଷୋଳମପୁର ପାଲାସଂସ୍କୃତି ପୀଠର ମହୋତ୍ସବ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ଅନ୍ୟତମ ପ୍ରାଚୀନ ସତ୍ୟନାରାୟଣ ପାଲାପୀଠର ୧୫୦ ବର୍ଷ ପୂର୍ତ୍ତି ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସଂସ୍କୃତ ଅଧ୍ୟାପକ ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସୈର୍କା ଉଦଘାଟନ କରିଥିଲେ। ଷୋଳମପୁର ପାଲା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ସଞ୍ଜିବ ମଲ୍ଲିକ ମୁଖ୍ୟ ଅତିଥି, ଗାୟକ ସିଦ୍ଧାନ୍ତଦର୍ଶୀ ମଦନ ମୋହନ ଜେନା ମୁଖ୍ୟବକ୍ତା, ସରପଞ୍ଚ ପରମାନନ୍ଦ ନାୟକ, ଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ, କଳାକାଳ ସଂଘ ଉପସଭାପତି ତ୍ରିଲୋଚନ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସମାଜସେବୀ ସଞ୍ଜିବ କୁମାର ପରିଡା, ସମିତି ସଭ୍ୟା ମାମିଲତା ଜେନା, ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ଚରଣ ସାହୁ, ମାଳଦା ପାକ୍ସ ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ପୂର୍ବତନ ସଭାପତି ଅରବିନ୍ଦ ନାୟକ, ତାରାକାନ୍ତ ଘଡାଇ, ନାଏବ ସରପଞ୍ଚ ସଙ୍ଗୀତାରାଣୀ ଖଟୁଆ ଓ ସାହିତ୍ୟିକ ଦାମୋଦର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପାଲା ଅନୁଷ୍ଠାନର ଦିବଙ୍ଗତ ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଏବର ପରିଚାଳକଙ୍କୁ ଶୁଭେଚ୍ଛା ଜ୍ଞାପନ କରି ଓଡିଶାର ଅନ୍ୟନ୍ୟ ଲୋକକଳା ପାଲାର ସାହିତ୍ୟ ଚର୍ଚ୍ଚା ଓ ମନୋରଞ୍ଜନ ଦର୍ଶକମାନଙ୍କ ପାଇଁ ପଥପ୍ରଦର୍ଶକ ହୋଇଥାଏ। ବୈଦିକ ଯୁଗରୁ ଗ୍ରାମେ ଗ୍ରାମେ ପାଲା ଅନୁଷ୍ଠାନ ସୃଷ୍ଟି ହୋଇ ବ୍ୟକ୍ତି ଜୀବନକୁ ସଂସ୍କାରିତ କରିଆସୁଛି। ଏହାର ପ୍ରସାର ହେଲେ ସମାଜ ସଂସ୍କାରିତ ହୋଇ ପାରିବ ବୋଲି କହିଥିଲେ। କମିଟି ସମ୍ପାଦକ ସତ୍ୟବାଦୀ ଗାହାଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମଣିନାଥପୁର, ସାରଣା, ମାଳଦା, ନପଙ୍ଗ, ମଞ୍ଜୁରୀ, ଯାଜପୁର ଜିଲ୍ଲା ରାଉତରାପୁର, ବାଲିଗୁଡା, ଅରେଇ ଆଦି ପୁରାତନ ପାଲା ଅନୁଷ୍ଠାନ ସହ ପାଲାର ନିୟମିତ ଓ ତନ୍ମୟ ଦର୍ଶକ ଘନଶ୍ୟାମ ପଲାଇ, ହୃଷିକେଶ ସାମଲ, ଭ୍ରମରବର ଘଡାଇ, ନିର୍ମଳାନନ୍ଦ ବ୍ରହ୍ମ, ଯାଜପୁର ଆଞ୍ଚଳିକ ପାଲାମଞ୍ଚ ସଭାପତି ସନାତନ ନାୟକଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ବିଶ୍ୱମ୍ଭର ରାଉତ ମଞ୍ଚ ପରିଚାଳନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ପାଲା କମିଟି ଓ ଗ୍ରାମବାସୀମାନେ ପରିଚାଳନା କରିଥିଲେ।

## ଶୈକ୍ଷିକ ପ୍ରଗତି ପାଇଁ ଆଲୋଚନା ଚକ୍ର

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ନୂଆସାହି ସାଧନ କେନ୍ଦ୍ର ଅନ୍ତର୍ଗତ ନଅଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସଂଯୋଜକ ଚନ୍ଦ୍ର ଶେଖର ନାୟକଙ୍କ ତତ୍ତ୍ୱବଧାନରେ ବାମନ ସରକାରୀଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଦିନ ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ସାହୁଙ୍କ ପୌରୋହିତ୍ୟରେ ବିଦ୍ୟାର୍ଥୀଙ୍କ ଶୈକ୍ଷିକ ପ୍ରଗତି ନିମନ୍ତେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅମିତା ମିଶ୍ର ମୁଖ୍ୟଅତିଥି, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ବକ୍ତା, ଧ୍ରୁବାନନ୍ଦ ନାୟକ, ରଂଜିତା କୁମାରୀ ସାହୁ, ସେକ ଉମର ଫାରୁକ, ରମେଶ ଚନ୍ଦ୍ରସେଠୀ, ମଞ୍ଜୁବାଳା ବଳିୟାରସିଂହ, ଏଷ୍ଟାବ୍ଲିସମେଣ୍ଟ ଅଧିକାରିଣୀ କେ. ଭି. ଲକ୍ଷ୍ମୀ, ସବିତା ସୁବୁଦ୍ଧି ଓ ପ୍ରକାଶ କୁମାର ସେଠୀ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଶ୍ରେଣୀ ହ୍ୱାଟ୍ସଅପ୍ ଗ୍ରୁପ ଗଠନ କରି ଗ୍ରୀଷ୍ମ ଅବକାଶରେ ପିଲାମାନଙ୍କନିକଟକୁ ପାଠ ଛାଡିବା, ପ୍ରଦତ୍ତ ପ୍ରଶ୍ନର ଉତ୍ତର ଫର୍ଦ୍ଦକୁ ମୂଲ୍ୟାଙ୍କନ କରିବା, ସେମାନଙ୍କ ସନ୍ଦେହ ମୋଚନ କରିବା,



ଶ୍ରେଣୀ ଗୃହରେଶିକ୍ଷାଦାନ ବେଳେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିବା, ଛାତ୍ର ଛାତ୍ରୀଙ୍କଉପସ୍ଥାନ ହାର ବୃଦ୍ଧି ଏବଂ ସମସ୍ତସରକାରୀ ସହାୟତା ପହଞ୍ଚାଇବାକୁ ପଦକ୍ଷେପ ଗ୍ରହଣ କରିବାକୁ ମତ ବ୍ୟକ୍ତ କରିଥିଲେ। ନିକଟ ଅତୀତରେ ସିଆରସିସି ପଦବୀରୁ ଅବ୍ୟାହତି ନେଇଥିବା ବିଶ୍ୱରଞ୍ଜନ ସେଠୀଙ୍କୁ ମାନପତ୍ର, ଉପହାର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶାନ୍ତନୁ ଶ୍ରୀଚନ୍ଦନ, ଅପର୍ତ୍ତି ଅଙ୍ଗ, ଗୌର ଚରଣସୁବୁଦ୍ଧି, ବିଶ୍ୱଜିତ ସରୋଜ କୁମାର, ଚିତ୍ତରଞ୍ଜନ ସାହୁ ଏବଂ ଶିକ୍ଷୟତ୍ରୀଅନିତା ପ୍ରିୟଦର୍ଶିନୀ, ଶୈବାଳିକା ମଲ୍ଲିକ, ରିତାଞ୍ଜଳି ସାହୁ ଓ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍କାଉଟ୍ ଓ ଗାଇଡ଼ ତରଫରୁ ଜଳଛତ୍ର

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ ତରଫରୁ ଜଳଛତ୍ର ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ପ୍ରଚଣ୍ଡ ଗ୍ରୀଷ୍ମ ତାପରୁ ଜନସାଧାରଣଙ୍କୁ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ ଜଳଛତ୍ରର ଆୟୋଜନ



କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କାଉଟ୍ ଓ ଗାଇଡ ଦାୟିତ୍ୱରେ ଥିବା ଶିକ୍ଷୟତ୍ରୀ ଲିପିକା ନାଏକ, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଶର୍ମିଷ୍ଠା, କନ୍ୟାକୁମାରୀ ଭୂତିଆ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବେକରେ ରସି ଲଗାଇ ନାବାଳିକାର ଆତ୍ମହତ୍ୟା

କାଲିମେଳା, (ଭାସ୍କର ନ୍ୟୁଜ୍): ବେକରେ ରସି ଲଗାଇ ନାବାଳିକାର କଲେ ଆତ୍ମହତ୍ୟା। ନାବାଳିକା ଜଣଙ୍କ ହେଲେ ରିଙ୍କି ମଣ୍ଡଳ (୧୬) ଏପରି ଘଟଣା ଦେଖିବାକୁ ମିଳିଛି ଏମଭି ୭୯ଥାନା, ପଡିଆ ବ୍ଲକ, ଶିମିଳି ବାଞ୍ଛା ପଞ୍ଚାୟତ ଅନ୍ତର୍ଗତ ଏମଭି ୬୧ଗ୍ରାମର। ଏମଭି ୭୯ ଥାନା ପକ୍ଷରୁ ଖବର ପାଇ ଶବ ଜବଦ କରିବା ଶହ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଛି। କେସ ନମ୍ବର ୩/୨ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସର ସୂଚନା ଅନୁଯାଇ ଏମଭି ୭୯ଗ୍ରାମରର ଅନୁପ ପାଲ ନାମକ ଯୁବକ ଶହ ନାବାଳିକା ରିଙ୍କିଙ୍କ ମଧ୍ୟରେ ପ୍ରେମ ସୃଷ୍ଟି ହୋଇଥିଲା। ଦୁହେଁ ଘରୁ ଫେରାର ହୋଇଯାଇଥିଲେ। ଦୀର୍ଘମାସ ବାହାରେ ରହି ଗତ ତିନିମାସ ତଳେ ନିଜ ଗ୍ରାମକୁ ଆଣି ଯୁବକ ନିଜ ଘରେ ରଖିଥିଲା। ପନ୍ଦର ଦିନ ତଳେ ରିଙ୍କି ନିଜ ମା’ ଘରକୁ ପଳାଇଯାଇ ଆଜି ଆତ୍ମହତ୍ୟା କରିଥିବା ଖବର ସାମ୍ନାକୁ ଆସିଛି। ତଦନ୍ତ ପରେ ସତ୍ୟ ଜଣାଯିବ ବୋଲି ତଦନ୍ତ କରୁଥିବା ଥାନା ଏସଆଇ ଗିରିଶଙ୍କର ଶାରକା କହିଛନ୍ତି। ନାବାଳିକା ଜଣଙ୍କ ନିଜ ପୋଷାକ ଉପରେ ଯୁବକଟିର ଏକ ସାର୍ଟ ପିନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାଇ ନାବାଳିକାଟିର ବାପା ମରିଯିବା ପରେ ମା’ ଭାଗ୍ୟବତୀ ମଣ୍ଡଳ କନ୍ୟାଟିକୁ ପାଠ ପଢାଇ ପାରି ନଥିଲେ। ନବମ ଶ୍ରେଣୀ ପାଠ ଛାଡି ଘରେ ରହୁଥିଲା ଯୁବକ ଜଣଙ୍କ। ନାବାଳିକାକୁ ଘରୁ ନେଇ ଛଅମାସ ଆନ୍ଧ୍ରପ୍ରଦେଶରେ ରଖିଥିଲେ। ଗତ ତିନିମାସ ହେଲା ଶଙ୍ଖାସିନ୍ଦୁର ଦେଇ ନିଜ ଘରକୁ ଆଣିଥିଲେ। ନାବାଳିକା ଥିବାରୁ ନିଜର ରକ୍ଷା ପାଇଁ ଶଙ୍ଖା ସିନ୍ଦୁର କାଢିଦେଇ ଝିଅ ଭେଷରେ ନିଜ ଘରେ ରଖୁଥିଲେ। କିଛିଦିନ ପରେ ପରିବାର ଶହ ମିଶି ଯୁବକ ଅନୁପ ପାଲ ସବୁ ପ୍ରେମ ଭୁଲି ରିଙ୍କିକୁ ମାନସିକ ଏବଂ ଶାରୀରିକ ଯନ୍ତ୍ରଣା ଦେଉ ଥିଲେ। ସହି ନପାରି ରିଙ୍କି ନିଜ ମା’ ପାଖକୁ ପନ୍ଦରଦିନ ତଳେ ଚାଲିଆସିଥିଲେ। ଶୁକ୍ରବାର ଘରଠାରୁ ତିନିଶହ ମିଟର ଦୂର ଏକ ଗଛରେ ଲୁଗା ଲଗାଇ ଆତ୍ମହତ୍ୟା କରିଥବା ଦେଖିବାକୁ ମିଳିଥିଲା। ନାବାଳିକା ଜଣଙ୍କ ଗର୍ଭବତୀ ଥିବା ସନ୍ଦେହ କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମସ୍ତ ସତ୍ୟ ଜଣାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଯୁବକଙ୍କୁ ଆଇନ ଅନୁଯାଇ କଠୋର ଦଣ୍ଡ ପାଇଁ ଗ୍ରାମବାସୀ ପକ୍ଷରୁ ଦାବି କରାଯାଉଛି।

# ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା କ୍ୟାଡରର ପୁନର୍ଗଠନ ଦାବି



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଓଡିଶା ରାଜସ୍ୱ ଅମଲା ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କ କେନ୍ଦ୍ରାପଡା ଜିଲ୍ଲାଗସ୍ତ ପରିପ୍ରେକ୍ଷୀରେ ଓଡ଼ିଶା ରାଜସ୍ୱ ଅମଲା ସଂଘର କେତେକ ଦାବି ପୂରଣ ଅପେକ୍ଷାରେ ଥିବା ନାର୍ଯ୍ୟ ଦାବି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ, ବେଷାମରିକ ଯୋଗାଣ କାର୍ଯ୍ୟାଳୟ, ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଜିଲ୍ଲା ଯୋଜନା ଓ ସମନ୍ୱୟ ଏକକ କାର୍ଯ୍ୟାଳୟ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଓ ଅନ୍ୟ କେତେକ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ, ଦୈବୀ ଦୁର୍ବିପାକ, ବନ୍ୟା, ବାତ୍ୟା, ମହାମାରୀ, ନିର୍ବାଚନ ଓ ଜନଗଣନା ଭଳି ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ଏଥିସହିତ ବିଭିନ୍ନ ପ୍ରକାର ସରକାରୀ ପ୍ରଣୀତ ଜନ ହିତକାରୀ ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ଉପରୋକ୍ତ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଅମଲାମାନେ ଅହୋରାତ୍ର ସେବା ପ୍ରଦାନ କରିଥାନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ବିଗତ ବର୍ଷମାନଙ୍କରେ ସରକାରଙ୍କୁ ବିଭିନ୍ନ ଦାବି ସଂକ୍ରାନ୍ତରେ ଲିଖିତ ମେମୋରେଣ୍ଡମ ଓ ବିଭିନ୍ନ ସମୟରେ ସମୂହ ଛୁଟି ଓ ଆନ୍ଦୋଳନ ଭଳି ପନ୍ଥା ଅବଲମ୍ବନ କରାଯାଇଥିଲେ ବି କନିଷ୍ଠ ରାଜସ୍ୱ ସହାୟକମାନଙ୍କ ଦରମା ବୃଦ୍ଧି ପ୍ରତି ଉଦାସୀନ ରହି ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା କ୍ୟାଡର ପୁନର୍ଗଠନ ନିମିତ୍ତ ଜିଏ ଆଣ୍ଡ ପିଜି ଡିଇପିଟିଟିରିସଲୁସନ୍ ନଂ-୮୮୯୮, ତା ୧୫।୦୩।୨୦୨୪ରିଖରେ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ କରାଯାଇନାହିଁ। ଅଧିକନ୍ତୁ ସେକ୍ସନ୍ ଅଫିସର ପଦବୀକୁ ପ୍ରମୋଶନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଫଳତଃ କର୍ମଚାରୀ ମହଲରେ ଅସନ୍ତୋଷ ବୃଦ୍ଧିପାଇଛି। ଓଡ଼ିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ନିମ୍ନୋକ୍ତ ଦାବି ପ୍ରତି ଅନୁଧ୍ୟାନ କରିବାକୁ ମନ୍ତ୍ରୀଙ୍କୁ କହିଛନ୍ତି। ସେଗୁଡିକ ହେଲା ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା କ୍ୟାଡର ପୁନର୍ଗଠନ ତ୍ୱରାନ୍ୱିତ କରାଯାଇ ପଦୋନ୍ନତି ଉପରେ ଜାରି କରାଯାଇଥିବା ସରକାରୀ ସ୍ଥଗିତାଦେଶ ପ୍ରତ୍ୟାହାର କରି ପଦୋନ୍ନତି ଭିତ୍ତିକ ପଦବୀଗୁଡିକର ତୁରନ୍ତ ପୂରଣ କରାଯିବା, କନିଷ୍ଠ ରାଜସ୍ୱ ସହାୟକମାନଙ୍କ ପଦୋନ୍ନତି ପାଇଁ ଉଲ୍ଲେଖ ଥିବା ରେସିଡେନ୍ସି ପିରିୟଡ୍ ୬ ବର୍ଷ ପରିବର୍ତ୍ତେ ୪ ବର୍ଷ କରାଯିବା, କ୍ୟାଡର ପୁନର୍ଗଠନ ଓ ପଦବୀ ମଞ୍ଜୁର ଭାବଦରେ ସମସ୍ତ ଜିଲ୍ଲାପାଳମାନେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଦେଇଥିବା ଚିଠିକୁ ଧାନଦେଇ କନିଷ୍ଠ ରାଜସ୍ୱ ସହାୟକ, ସହ ଉପ ବିଭାଗ ଅଧିକାରୀ, ଉପ ବିଭାଗ ଅଧିକାରୀ, ସଂସ୍ଥା ଅଧିକାରୀ, ବରିଷ୍ଠ ସଂସ୍ଥା ଅଧିକାରୀ ପଦବୀମାନ ସୃଷ୍ଟି କରାଯିବା, ଉକ୍ତ ପଦବୀ ସମ୍ପର୍କିତ ଓଏମଏସ ରୁଲ, ୨୦୧୯ମାନ ସଂଶୋଧନ ଅଣାଯିବା, ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ଏବଂ ତାଙ୍କ ପରିବାରସଦସ୍ୟଙ୍କୁ ସରକାରୀ ସ୍ୱାସ୍ଥ୍ୟ ବୀମାରେ ଅନ୍ତର୍ଭୁକ୍ତ କରାଯିବାକୁ ଦାବି କରାଯାଇଛି।

# ରାସ୍ତା ନିର୍ମାଣ ନକରି ୩ ଲକ୍ଷ ଟଙ୍କା ଚଳୁ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଦୀର୍ଘଦିନ ହେଲା ନିଶ୍ଚିନ୍ତକୋଇଲି ବ୍ଲକ ଦୁର୍ନୀତିର ଗନ୍ତାଘରରେ ପରିଣତ ହୋଇଛି। ଦୀର୍ଘ ଦିନ ଧରି ଏଠାରେ ଆସ୍ଥାନ ଜମାଇ ଆସିଥିବା ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ କିପରି ରାସ୍ତା ନିର୍ମାଣ ନକରି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି ତାହାର ଏକ ନଗ୍ନ ନମୂନା ଦେଖିବାକୁ ମିଳିଛି। ସୂଚନା ଅଧିକାରରେ ମିଳିଥିବା ତଥ୍ୟରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟଭାବେ ବାରି ହେଉଛି। ନିଶ୍ଚିନ୍ତକୋଇଲି ବ୍ଲକ ଓରତି ଗ୍ରାମପଂଚାୟତ ମାଣିତିରି ଗାଁରେ କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତା ଠାରୁ ମଳୟ ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯିବା ନିମନ୍ତେ ସରକାରଙ୍କ ତରଫରୁ ୩ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ବିଏନ ଦଳବେହେରାଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟ ନିମନ୍ତେ ଗତ ୨୦୨୩-୨୪ ଆର୍ଥିକ ବର୍ଷ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ତେବେ ତତ୍କାଳୀନ ବହୁଚର୍ଚ୍ଚିତ କନିଷ୍ଠ ଯନ୍ତ୍ରୀ ସରକାରୀ କାଗଜ କଲମରେ ଏହି ରାସ୍ତା ନିର୍ମାଣ କରାଯାଇଥିବାର ଦର୍ଶାଇ ସରକାରୀ ରାଜକୋଷରୁ ଗତ ୨୬/୪/୨୦୨୪ରିଖରେ ବ୍ଲକ ତହବିଲରୁ ୩ଲକ୍ଷ ଟଙ୍କା ଉଠାଇ ନେଇଥିବାର ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି। ଏହି ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ସ୍ଥାନୀୟ ଲୋକେ କଟକ ଜିଲ୍ଲାପାଳ ଓ ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ସମ୍ପୃକ୍ତ ଯନ୍ତ୍ରୀ ଜଣକ ସାନ୍ତପୁର,ତିଳକଣା ପ୍ରଭୃତି ବହୁ ପଂଚାୟତରେ ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟାବିଲ କରି ଆତ୍ମସାତ କରିଥିବା ଘଟଣା କାହାରିକୁ ଅଛପା ନାହିଁ। ସୂଚନା ଥାଉକି ଏହି ବ୍ଲକର କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସେଠୀ ନେମାଳ ଗ୍ରାମ ପଂଚାୟତରେ ଏକ ପ୍ରକଳ୍ପ ଉପରେ ମିଥ୍ୟା ବିଲ କରିଥିବାର ଅଭିଯୋଗ ଉପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଘଟଣା କାହାରିକୁ ଅଛପା ନାହିଁ। ତେବେ ଏହି ବ୍ଲକରେ ବିଏନ ଦଳବେହେରା ଲକ୍ଷଲକ୍ଷ ଟଙ୍କାର ଦୁର୍ନୀତି କରିଥିଲେ ମଧ୍ୟ ତାଙ୍କ ବିରୁଦ୍ଧରେ କଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ତାହା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ଭାବେ ଏହି ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀମାନେ ସ୍ଥାନୀୟ ରାଜନେତାଙ୍କ ହାତବାରିସେ ସାଜି ବ୍ୟାପକ ଦୁର୍ନୀତିରେ ଲିପ୍ତ ରହିଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ସମ୍ପୃକ୍ତ ଯନ୍ତ୍ରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରିବର୍ତ୍ତେ ସେମାନଙ୍କୁ ରାଜନୈତିକ ସୁରକ୍ଷା ଦିଆଯାଉଥିବାର ଅଭିଯୋଗ ହୋଇଛି। ତେବେ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଂଚାୟତରେ ହୋଇଥିବା ଲଗାମଛଡା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଗଲେ ବହୁ ଲୁକାୟିତର ଦୁର୍ନୀତିର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ବିଡିଓ ଦ୍ୟୁତେନ୍ଦୁ ଦାସଙ୍କୁ ପଚାରିବାରୁ ଏସମ୍ପର୍କରେ ଅଭିଯୋଗ କରାଯାଇଛି, ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ମୟୂରଭଞ୍ଜ ଗସ୍ତ

ବାରିପଦା, (ଭାସ୍କର ନ୍ୟୁଜ୍): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ତଥା ମୟୂରଭଞ୍ଜ ଜିଲ୍ଲା ଦାୟିତ୍ୱରେ ଥିବା ଶାସନ ସଚିବ, ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁରେଶ କୁମାର ବଶିଷ୍ଠ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରିଥିଲେ। ଏହି ଗସ୍ତର ଦ୍ୱିତୀୟ ଦିନରେ ଅବସରରେ ସେ କ୍ଷେତ୍ର ପରିଦର୍ଶନରେ ବିଭିନ୍ନ ସ୍ଥାନକୁ ଯାଇ ଜିଲ୍ଲାର ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରି ହେଉଥିବା ସରକାରୀ ଯୋଜନାର ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟ ଗୁଡିକର ଅଗ୍ରଗତି ଏବଂ ସମୀକ୍ଷା କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ କ୍ରମରେ ଆଜି ଶ୍ରୀ ବଶିଷ୍ଠ ପ୍ରଥମେ ବେତନଟୀ ବ୍ଲକ ଅଧିନସ୍ଥ ଅସ୍ତପୁରାର କୈଳାଶ ହେଚେରୀ ଠାରେ ମାଛ ଜାଆଁଳ ୟୁନିଟକୁ ପରିଦର୍ଶନରେ ଯାଇ ଏହାର ଅନୁଧ୍ୟାନ କରିଥିଲେ, ଏହାପରେ ସେଠାରୁ ବେତନଟୀ ବ୍ଲକର ଭଗବତୀପୁର ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ଏହାପରେ ଶମାଖୁଣ୍ଟା ବ୍ଲକ ର ଗୁଣ୍ଡିହୁଡି ଗୋଶାଳା ପରିଦର୍ଶନ କରିଥିଲେ। ସେଠାରୁ ବଡ଼ସାହି ଏବଂ ଗୋପବନ୍ଧୁ ନଗର ଯାଇ ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ର ସ୍ଥିତି ଅନୁଧ୍ୟାନ କରିଥିଲେ ଏହାପରେ ଉଦଳା ଏନ ଏ ସି ର ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟେପ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ର ଅନୁଧ୍ୟାନ କରିଥିଲେ। ସେଠାରୁ ଉଦଳା ବ୍ଲକ ର ରାଢ଼ ଗ୍ରାମକୁ ଯାଇ ମତ୍ସ୍ୟ ଚାଷ ପ୍ରକଳ୍ପକୁ ବୁଲି ଦେଖିଥିଲେ ଏବଂ ୨ଜଣ ମାଛଚାଷୀ ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ତାଙ୍କ ସହିତ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ଓ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଆଜିର କ୍ଷେତ୍ର ପରିଦର୍ଶନ ପରେ ଅପରାହ୍ନରେ ପ୍ରମୁଖ ଶାସନ ସଚିବ ବଶିଷ୍ଠ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି।



ବେତନଟୀ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କର ମତ୍ସ୍ୟ ଓ ପ୍ରାଣୀସମ୍ପଦ ଉନ୍ନୟନ ବିଭାଗର ମୁଖ୍ୟସଚିବ ସୁରେଶ କୁମାର ବଶିଷ୍ଠ ଆଜି ବେତନଟୀ ବ୍ଲକ ଗସ୍ତ କରି ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିବା ବେଳେ ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସମେତ ବେତନଟୀ ବ୍ଲକ ବିଡିଓ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀଗଣ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟସଚିବ ବଶିଷ୍ଠ ପ୍ରଥମେ ବେତନଟୀ ବ୍ଲକ ଅନ୍ତର୍ଗତ ଅସ୍ତପୁରାସ୍ଥିତ କୈଳାଶ ହାଚେରୀ ପରିଦର୍ଶନ କରିଥିଲେ। ଏହା ପରେ ବେତନଟୀ ଭୋଗବାଟୀ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସମେତ ବେତନଟୀ ବ୍ଲକ ବିଡିଓ ସୁଶାନ୍ତ କୁମାର ସୁତାର, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୌମ୍ୟଶ୍ରୀ ଭୋଇ, ସିଡିପିଓ ପାନବତୀ ମୁର୍ମୁ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ପ୍ରମୁଖ ଉପସ୍ଥିତ ରହି ଭୋଗବାଟୀ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ।



# ଉପକୂଳ ସୁରକ୍ଷା ନେଇ ପ୍ରଶ୍ନବାଚୀ

○ ବିଭିନ୍ନ ବିଭାଗର ପଦବୀ ଖାଲି
○ ସାମୁଦ୍ରିକ ଥାନାରେ ଭିତ୍ତିଭୂମି ନାହିଁ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସମୁଦ୍ରକୂଳ ଦେଇ ଅନୁପ୍ରବେଶର ସର୍ବଦା ଭୟ ରହିଛି। ଏହା ଛଡ଼ା ନିଷିଦ୍ଧ କରାଯାଇଥିବା ସମୟରେ ବେଆଇନ ମାଛ ଧରିବାକୁ ଜଳସୀମା ଡେଇଁ ଟ୍ରଲର ପହଞ୍ଚିବାକୁ ରୋକିବା ଏକ ବଡ଼ ଚ୍ୟାଲେଞ୍ଜ। ଏ ସବୁକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ୨୦୧୪ମସିହାରେ ସ୍ଥାପିତ ହୋଇଛି। ନୂଆଗଡ ସାମୁଦ୍ରିକ ଥାନାରେ ବର୍ତ୍ତମାନ ସୁଦ୍ଧା ଜଣେ ଥାନାଅଧିକାରୀ, ଜଣେ ଏଏସଆଇ, ୧୧ ଜଣ କନେଷ୍ଟବଳ, ୯ଜଣ ହୋମଗାର୍ଡ, ୯ ଜଣ ଟେକ୍ନିକାଲ ଷ୍ଟାଫ ସହ ଅନ୍ୟାନ୍ୟ କର୍ମଚାରୀ ରହିଛନ୍ତି। ନୂଆଗଡ ସାମୁଦ୍ରିକ ଥାନାରେ ମଞ୍ଜୁର ପଦ ୫୫ଟି ହୋଇଥିବା ବେଳେ ଖାଲିପଡିଛି ୩୩ଟି ପଦବି। ପୁଲିସ ମୁତୟନ ସତ୍ତ୍ୱେ ବେଆଇନ ଟ୍ରଲର ଚଳାଚଳ କରୁଥିବା ଅନେକ ଘଟଣା ସାମ୍ନାକୁ ଆସୁଛି। ପୁଲିସ ନଜର ପଡିଲେ ଏହା ଜବତ ହେଉଛି। ନଚେତ ଏହା ବେଫିକର ସମୁଦ୍ର ସୀମା ଭିତରେ ମାଛ ମାରି ଚାଲିଯାଉଛନ୍ତି। ସମୁଦ୍ର ଭିତରେ ଏହି ଟ୍ରଲର ଯୋଗେ ନିଶାକାରବାର, ଜୀବଜନ୍ତୁ କାରବାର ହେବାର ଆଶଙ୍କା ମଧ୍ୟ ରହିଛି। ଆବଶ୍ୟକ ସମୟରେ ବାହ୍ୟ ଶତ୍ରୁଙ୍କ ପ୍ରତିହତ କରିବା ସେଗାଇନି ଥାନା ନିମନ୍ତେ ଚ୍ୟାଲେଞ୍ଜ। ଏହା ସହ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ଅସ୍ତରଙ୍ଗ ବ୍ଲକର ୭ଟି ପଞ୍ଚାୟତ ଖାଡ଼ିଲିଙ୍ଗ ଓ ନୂଆଗଡ ରହିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ମଧ୍ୟ ନଜର ରଖିବାକୁ ପୁଲିସ ପଡୁଛି। ମାତ୍ର ଦୁର୍ବଳ ଭିତ୍ତିଭୂମିକୁ ନେଇ ସର୍ବଦା ନୂଆଗଡ ସାମୁଦ୍ରିକ ଥାନା ଆଲୋଚନାରେ ରହିଆସିଛି। ବିଭିନ୍ନ ସମୟରେ ସାଗର କବଚ ସମାଭ୍ୟାସ କରି ନିଜକୁ ସଜାଗ ଥିବା ଦର୍ଶାଉଛି ସାମୁଦ୍ରିକ ଥାନା ପୁଲିସ। ମାତ୍ର ସ୍ଥିତି ପୁରା ଅଲଗା। ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି, ସାମୁଦ୍ରିକ ଥାନାରେ ସରକାରୀ ମଞ୍ଜୁରୀ ମୁତାବକ କର୍ମଚାରୀ ନାହାନ୍ତି, ମାତ୍ର ଯେତିକି ଲୋକ ବଳ ରହିଛି ସ୍ଥିତିକୁ ଠିକ ଭାବେ କଷ୍ଟମଷ୍ଟେ ପରିଚାଳନା କରାଯାଇପାରୁଛି। ମଞ୍ଜୁରୀ ମୁତାବକ ନିଯୁକ୍ତି ହେଲେ କାମ ଆହୁରି ସହଜ ହେବ। କାରଣ ସମୁଦ୍ରରେ ଅନୁପ୍ରବେଶ କାରୀଙ୍କ ଧରିବାକୁ ପୋଲିସ ପ୍ରତିନିଧି ତଥା ଅଧିକାରୀ ଓ କର୍ମଚାରୀ ନାହାନ୍ତି। ସାଧାରଣରେ ଦାବି ହୋଇଛି ନୂଆଗଡ ସାମୁଦ୍ରିକ ଥାନାରେ ପୁଲିସ ଅଫିସର ଓ କର୍ମଚାରୀଙ୍କୁ ନିଯୁକ୍ତି କରନ୍ତୁ। ଏହା ପୁଲିସ ବ୍ୟବସ୍ଥା ଓ ଉପକୂଳ ସୁରକ୍ଷାକୁ ଆହୁରି ମଜଭୁତ କରିବ।

# ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୫ର ଶୁଭ ଉଦଘାଟନ କରିଥିଲେ। ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କେନ୍ଦ୍ରାପଡ଼ା ଜିଲ୍ଲାର ସଦର ମହକୁମାସ୍ଥିତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆ ଓ ଜିଲ୍ଲାର ୮ଟି ବ୍ଲକ ପରିସରରେ ଆୟୋଜନ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ଲୋକସଭା ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଲୋକତନ୍ତ୍ରରେ ପଞ୍ଚାୟତିରାଜର ଗୁରୁତ୍ୱ ମହତ୍ୱପୂର୍ଣ୍ଣ। କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଫଳ ଆଜି ଲୋକମାନେ ପାଇପାରୁଛନ୍ତି। ବିଜେପି ସରକାର ଲୋକମାନଙ୍କର ଓ ଲୋକମାନେ ହିଁ ଆଜିର ସରକାରରେ ମାଲିକ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଲୋକମାନଙ୍କ ନିକଟରେ ମୌଳିକ ସୁବିଧା ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳକାରି ଯୋଜନାଗୁଡିକୁ ପହଞ୍ଚାଇବା ନିମନ୍ତେ ସମସ୍ତଙ୍କର ସହଯୋଗ ସେ କାମନା କରିଥିଲେ। ଆଗାମୀ ୪ବର୍ଷ ଭିତରେ ଗରିବ ଭୂମିହୀନ ବ୍ୟକ୍ତିଙ୍କୁ ରାଜ୍ୟ ସରକାର ୪ଡେସିମିଲ ଜମି ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ଗାଁ'ର ବିକାଶ ହେଲେ ରାଜ୍ୟର ବିକାଶ ସମ୍ଭବ ହେବ। ୨୦୩୬ ମସିହା ସୁଦ୍ଧା ବିକଶିତ ରାଜ୍ୟ ଗଠନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି କ୍ରମରେ ଇ-ପଞ୍ଚାୟତ ସଭା ଓ ପିପିଏମଏସ ପୋର୍ଟାଲର ଉନ୍ମୋଚନ, ପଞ୍ଚାୟତ ମନିଟରିଂ ସିଷ୍ଟମ (ପୋର୍ଟାଲ ଓ ମୋବାଇଲ ଆପ)ର ଶୁଭାରମ୍ଭ କରାଯାଇ ଥିଲା। ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ରାଜ୍ୟର ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ କରିଥିବା ବେଳେ ଜିଲ୍ଲାସ୍ତରୀୟ ସମାରୋହରେ ରାଜସ୍ୱ ମନ୍ତ୍ରୀ ୧୨ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରିଥିବା ବେଳେ ଅନ୍ତ୍ୟୋଦୟ ଯୋଜନାରେ ୪ ଜଣଙ୍କୁ ବାସଗୃହ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଉତ୍ତମ କାର୍ଯ୍ୟଦକ୍ଷତା ଓ ନିଜସ୍ୱ ଆୟ ବୃଦ୍ଧି କରିଥିବା ଆଧାରରେ ପଞ୍ଚାୟତଗୁଡିକୁ କ, ଖ ଓ ଗ ବର୍ଗୀକରଣ କରାଯାଇ କେନ୍ଦ୍ରାପଡ଼ା ଜିଲ୍ଲାର ୨୨ ଗୋଟି ଗ୍ରାମ ପଞ୍ଚାୟତକୁ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ଏସ୍‌ଏଫ୍‌ସି) ପକ୍ଷରୁ ପ୍ରଦାନ କରିବାକୁ ଥିବା ପ୍ରୋତ୍ସାହନ ରାଶି ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ମନ୍ତ୍ରୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟକୁ ମୁଖ୍ୟ ଅତିଥି ଶୁଭାରମ୍ଭ କରିବା ପରେ "ବନ୍ଦେ ଉତ୍କଳ ଜନନୀ" ସଙ୍ଗୀତ ଗାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧାନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାସ୍ତରୀୟ ଉତ୍ସବରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାର ସଫଳ ରୂପାୟନ, ରାଜସ୍ୱ ଆଦାୟ, ପର୍ଯ୍ୟଟନ ଓ ଶିଳ୍ପର ବିକାଶ ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ଜନ ଶୁଣାଣିରେ ଅଭିଯୋଗଗୁଡିକର ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି, ଜିଲ୍ଲା ପରିଷଦ ସଦସ୍ୟ ଏବଂ ମଣ୍ଡଳ ସ୍ତରୀୟ କାର୍ଯ୍ୟକ୍ରମରେ ପଞ୍ଚାୟତର ସଭ୍ୟ/ସଭ୍ୟା, ସରପଞ୍ଚ, ୱାର୍ଡମେମ୍ବର, ନୂତନ ରାସନ କାର୍ଡ ଯୋଗ୍ୟ ହିତାଧିକାରୀ, ଦଳୀୟ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ ଉପସ୍ଥିତ ଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଲୋ ଭୋଲଟେଜ୍ ନେଇ ବଢୁଛି ଜନଅସନ୍ତୋଷ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅସହ୍ୟ ଗୁଳୁଗୁଳି ହେଉଥିବା ବେଳେ ବୋଲଗଡ଼ ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ ଚିନ୍ତା ବଢାଇ ଦେଇଛି। ବୋଲଗଡ଼ ବ୍ଲକର ୫ ଗୋଟି ପଞ୍ଚାୟତକୁ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଇଟାମାଟି ସ୍ଥିତ ରାଜପାଟଣା ଗ୍ରାମ ଠାରେ ଥିବା ଉଚ୍ଚ ବିଦ୍ୟୁତ ଜଙ୍କସନ୍ ଠାରୁ ବିଦ୍ୟୁତ୍ ବିତରଣ କରୁଅଛି। ବୋଲଗଡ ବ୍ଲକ ଅଞ୍ଚଳରେ ଦିନକୁଦିନ ଅଘୋଷିତ ବିଦ୍ୟୁତ କାଟ ନେଇ ଜନ ଅସନ୍ତୋଷ ବୃଦ୍ଧିପାଇଛି। ବିଦୁତ୍ ଶକ୍ତି ବିନା ଛାତ୍ରଛାତ୍ରୀ ମାନଙ୍କ ପାଠ ପଢିବାରେ ସମସ୍ୟା, ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ପ୍ରଭାବିତ, ବିଦୁତ ଚାଳିତ ଉଠା ଜଳସେଚନ ଓ ରୋଗୀମାନେ ବିଶ୍ରାମ ନେବାରେ ବ୍ୟାହତ ସହିତ ବିଦ୍ୟୁତ୍ ଦ୍ୱାରା ବିଭିନ୍ନ ଜରୁରୀ କାର୍ଯ୍ୟ ଠପ୍ ହୋଇପଡୁଛି। ଦିନବେଳା ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଗୁଳୁଗୁଳି ହେଉଥିବା ବେଳେ ବିନା ସୂଚନାରେ ବିଦ୍ୟୁତକାଟ ହଉଥିବା ବେଳେ କର୍ମଚାରୀଙ୍କୁ ଯୋଗାଯୋଗ କଲେ ସନ୍ତୋଷ ଜନକ ଉତ୍ତର ମିଳୁନାହିଁ ତେବେ ବିଦ୍ୟୁତକାଟ କାହା ଇସାରାରେ ହେଉଛି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୋ ଭୋଲଟେଜ ନେଇ ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ସୁଫଳ ମିଳୁନାହିଁ। ଅନ୍ୟ ପଟେ ବିଦୁତ ଗ୍ରାହକ ମାନଙ୍କ ବିଦୁତ୍ ସଂଯୋଗରେ ପୁରୁଣା ମିଟର ଠିକ୍ ଥିଲେ ମଧ ଘରେ ଘରେ ବାଧତା ମୂଳକ ନୂତନ ମିଟର ଲଗାଇବା ଫଳରେ ବିଦ୍ୟୁତ ବିଲ୍ ଅଧିକ ଆସୁଥିବା ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଛି। ପୁରୁଣା ମିଟର ଏବଂ ନୂଆ ମିଟର ମଧ୍ୟରେ ବିଦୁତ୍ ବିଲ୍ ଫରକ୍ ଆସିବା ଫଳରେ ଜନ ଅସନ୍ତୋଷ ଦେଖାଦେଇଛି। ଏହାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରିବାକୁ ବୋଲଗଡ଼ ବ୍ଲକ ଅଞ୍ଚଳର ଜନସାଧାରଣ ମାନେ ଦୃଢ଼ ଦାବି କରିଅଛନ୍ତି। ବିଦ୍ୟୁତ କାଟ ପୂର୍ବରୁ ଜନସାଧାରଣମାନଙ୍କ ଅବଗତ ନିମନ୍ତେ ସୂଚନା ଦେବା ବାଧତାମୂଳକ ଅଟେ। ବିନା ସୂଚନାରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଆଇନ ବିରୋଧ ଥିବାବେଳେ କମ୍ପାନୀ ବିରୋଧର ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ କଠୋର ଜୋରିମନା ଦେବାର ନିୟମ ରହିଛି। ବିଦୁତ ଗ୍ରାହକ ମାନଙ୍କୁ ୨୪ ଘଣ୍ଟିଆ ବିଦୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ ଘୋଷଣା କରିଥିଲେ ମଧ ତାହା କାର୍ଯ୍ୟକାରୀ ହେଉନାହିଁ। ଏଥିପ୍ରତି ରାଜ୍ୟ ସରକାର ଓ ବିଦୁତ୍ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣମାନେ ଦୃଢ଼ ଦାବି କରିଅଛନ୍ତି।

# ପହଲଗାମ ଗଣହତ୍ୟାର ପ୍ରତିବାଦରେ ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ଗଣବିକ୍ଷୋଭ




ବୌଦ୍ଧ, (ଭାସ୍କର ନ୍ୟୁଜ୍): ଆମ ରାଷ୍ଟ୍ର ଭାରତ ବର୍ଷର ଜମ୍ମୁ କାଶ୍ମୀରର ପର୍ଯ୍ୟଟନ ସ୍ଥଳ ପହଲଗାମ ଠାରେ ଅପରାହ୍ନରେ ସ୍ପଷ୍ଟ ଦିବାଲୋକରେ ପର୍ଯ୍ୟଟକଙ୍କ ଉପରେ ଆକ୍ରୋଶମୂଳକ ଭାବେ ତାଙ୍କର ଧାର୍ମିକ ପରିଚୟ ପଚାରି ଏବଂ ତାପରେ ଗୁଳି ଚଳାଇ ନିର୍ମମ ହତ୍ୟା ସର୍ବାଗ୍ରେ ନିନ୍ଦିତ। ଏହିପରି ପ୍ରାୟୋଜିତ ଆତଙ୍କବାଦ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଗଭୀର କୁଠାରାଘାତ ଓ ସମଗ୍ର ଦେଶବାସୀଙ୍କ ପାଇଁ ଏକ ଚିନ୍ତାଜନକ ବିଷୟ ଅଟେ। ଦେଶରେ ଅସ୍ଥିରତା ଓ ବିଦ୍ୱେଷ ନିର୍ମାଣର ଏହା ଏକ ଘୃଣ୍ୟ ପ୍ରୟାସ ଅଟେ। ଏହିଭଳି ଘଟଣା ଆଜି ସମଗ୍ର ସଭ୍ୟ ସମାଜର ଭାବନାକୁ ଦୋହଲାଇ ଦେଇଛି। ଏହି ଘଟଣା ପଛରେ ଯେଉଁ କୁଚକ୍ରି ସଂଗଠନ ଅଛି ତା'ର ଯଥୋଚିତ ଶାସ୍ତି ଆବଶ୍ୟକ ଏବଂ ଏହି ମାନସିକ ପ୍ରୋତ୍ସାହନ ଦେଉଥିବା ତତ୍ତ୍ୱର ସମୁଳେ ବିନାଶ ଆବଶ୍ୟକ। ଏଣୁ ସମଗ୍ର ହିନ୍ଦୁ ସମାଜ ନିଜର ଚିନ୍ତନ ତଥା ବ୍ୟଥା ପ୍ରକଟ କରିବା ସହ ଏହି ଘଟଣା ରେ ପ୍ରାଣବଳି ଦେଇଥିବା ସମସ୍ତ ବିଭୂତିଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଗଭୀର ସମବେଦନା ଜଣାଉଛି। ଏଥିସହ ତ୍ୱରିତ ଉଦାହରଣମୂଳକ କାର୍ଯ୍ୟାନୁଷ୍ଠାନ ସରକାରଙ୍କ ଠାରୁ ଯଥାଶୀଘ୍ର ଅପେକ୍ଷା ରଖୁଛି ବୋଲି ହିନ୍ଦୁ ସୁରକ୍ଷା ସମିତି, ବୌଦ୍ଧ ପକ୍ଷରୁ ସ୍ଥାନୀୟ ଭୈରବୀ ମନ୍ଦିର ଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ବିଜେପି ଦଳ, ତପସ୍ୱିନୀ ମାତୃଶକ୍ତି, ବିଦ୍ୟାର୍ଥୀ ପରିଷଦ, ବିଭିନ୍ନ ଧର୍ମ ଅନୁଷ୍ଠାନ, ସଂଘର ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ, ବ୍ୟବସାୟୀ ପ୍ରଭୃତି ଶତାଧିକ ବ୍ୟକ୍ତି ଯୋଗ ଦେଇଥିଲେ।

# ୪୭୩ ଟି କଇଁଚ ଏବଂ ଗୋଟିଏ ବୋଲେର ଜବତ





ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ମୋଟୁ ଠାରେ ଚୋରା ଚାଲାଣ ହୋଉଥିବା ୪୭୩ ଟି କଇଁଚ ସମେତ ଗୋଟିଏ ବୋଲେର ପ୍ଲସ ଗାଡ଼ି ଜବତ କରିଛି ମୋଟୁ ବନବିଭାଗ। ସୂଚନାଥାଉ କି ଶୁକ୍ରବାର ଭୋର ୪ଟା ସମୟରେ ଆନ୍ଧ୍ର ଠାରୁ ଓଡ଼ିଶାକୁ କଇଁଚ ଚୋରାଚାଲାଣ ହୋଉଥିବା ଗୁପ୍ତ ଖବର ପାଇ ମୋଟୁ ବନ ବିଭାଗ ରେଞ୍ଜର ରଶ୍ମି ରଞ୍ଜନ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ମୋଟୁ ଫରେଷ୍ଟର ମୁରଲିଧର ଅନୁଗୁଳିଆଙ୍କ ନେତୃତ୍ୱରେ ଏକ ଟିମ ମୋଟୁ ଦେଇ ମାଲକାନଗିରିକୁ ସଂଯୋଗ କରୁଥିବା ଦୁଇଟି ବୋର୍ଡର ଚେକଗେଟ ଯଥା ଆନ୍ଧ୍ରର କାଲେରୁ ଛତିଶଗଡର କୋଣ୍ଟା ମୋଟୁ ପୋଲ ଠାରେ ଜଗି ରହିଥିଲେ। ଶେଷରେ ଶୁକ୍ରବାର ଭୋର ପ୍ରାୟ ୪ଟା ସମୟରେ କୋଣ୍ଟା ମୋଟୁକୁ ସଂଯୋଗ କରୁଥିବା ପୋଲ ଦେଇ ଆସୁଥିବା ସନ୍ଦେହଜନକ ଏକ ବୋଲେର ପ୍ଲସ ଗାଡ଼ିକୁ ମୋଟୁ ବନବିଭାଗ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଗାଡ଼ି ଛାଡ଼ିଦୁଇ ଅଭିଯୁକ୍ତ ଫେରାର ହୋଇଗଲେ। ଗାଡ଼ିକୁ ଯାଞ୍ଚ କରିବା ପରେ ସେଥିରୁ ୪୭୩ ଟି କଇଁଚ ରହିଥିବା ଦେଖିବାକୁ ମିଳିଥିଲା। ଏହି କୋଇଁଚ ଆନ୍ଧ୍ର ଠାରୁ ଓଡ଼ିଶାର କାଳିମେଳାର ବିଭିନ୍ନ ଅଞ୍ଚଳରେ ବିକ୍ରି କରିବା ପାଇଁ ନିଆଯାଉଥିବା ଜଣାପଡିଛି। ଉକ୍ତ ବୋଲେର ପ୍ଲସ ଗାଡ଼ିକୁ ଜବତ କରାଯାଇଥିବା ବେଳେ ଫେରାର ଦୁଇ ଅଭିଯୁକ୍ତଙ୍କୁ ଧରିବାର ପ୍ରୟାସ ଜାରି ରହିଥିବା ସୂଚନା ଦେଇଛନ୍ତି ମୋଟୁ ଫରେଷ୍ଟର ମୁରଲିଧର ଅନୁଗୁଳିଆ।

# ସ୍ଥାଣୁ ଅବସ୍ଥାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାଷ୍ଟର ପ୍ଲାନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବଦଳିବ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପରେଖ। ଏଥିପାଇଁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ହେଲା। ଏହି ମାଷ୍ଟର ପ୍ଲାନ ଏବେ ସ୍ଥାଣୁ ଅବସ୍ଥାରେ ରହିଛି। ପୂର୍ବ ସରକାରଙ୍କ ସମୟରେ ଯାହା ଥିଲା ଏବେ ସ୍ଥିତି ମଧ ସମାନ ରହିଛି। ପୂର୍ତ୍ତ ବିଭାଗ ତରଫରୁ ଦୁଇରୁ ତିନିଥର ସମୀକ୍ଷା ହୋଇ ରହିଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅସ୍ତରଙ୍ଗ ନିକଟସ୍ଥ ଝାରିଆ ନିକଟରେ ହେବ ବୋଲି ଜାଗା ଅନୁଧାନ କରିଥିଲେ ପୂର୍ତ୍ତବିଭାଗର ବିଭାଗୀୟ ଅଧିକାରୀ ମାନେ। ସରକାର ନିଷ୍ପତ୍ତି ଅନୁସାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିକଶିତ କରାଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତମାନର ସେବା ଓ ରୋଗୀଙ୍କ ଭିଡ଼ କମାଇବାକୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ, ହେଲେ କାର୍ଯ୍ୟ ତ୍ୱରାନ୍ୱିତ ହୋଇନାହିଁ। ମାଷ୍ଟର ପ୍ଲାନ ଦୂରର କଥା ହସ୍ପିଟାଲରେ ପାଇଁ ଝାରିଆ ଠାରେ କାମ ଆରମ୍ଭ ହେଲା ନାହିଁ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବଦଳିବ। ମୋଟ ୩୫ଏକରରୁ ଊର୍ଦ୍ଧ୍ୱ ଜାଗାରେ ହସ୍ପିଟାଲ କାର୍ଯ୍ୟ କରିବ। ହସ୍ପିଟାଲରେ ରୋଗୀଙ୍କ ପାଇଁ ୫୦ରୁ ଊର୍ଦ୍ଧ୍ୱ ଶଯ୍ୟା ରହିବା ପାଇଁ ବ୍ୟବସ୍ଥା ରହିବ। ସ୍ୱାସ୍ଥ୍ୟ ବିଜ୍ଞାନୀ ହସ୍ପିଟାଲ ଭଳି ସମସ୍ତ ସୁବିଧା ସୁଯୋଗ ମିଳିବ। ଗୋଟିଏ ସ୍ଥାନରେ ଓଟିରୁ ନେଇ ଓପିଡି ଏବଂ ପାଥୋଲୋଜି ରୁ ବିବରଣୀ ମିଳିବ। ଏହାପରେ ସରକାରୀ ସ୍ତରରେ ନିର୍ଦ୍ଦେଶ ପରେ ଅସ୍ତରଙ୍ଗ ନିକଟସ୍ଥ ଝାରିଆ ନିକଟରେ ପୂର୍ତ୍ତବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ସହ ବରିଷ୍ଠ ଅଧିକାରୀମାନେ ଜାଗା ଅନୁଧାନ କଲେ। ପରବର୍ତ୍ତୀ ସମୟରେ ଆନୁସଙ୍ଗିକ ବିଧିବ୍ୟବସ୍ଥା ଓ ମାନବସମ୍ବଳ ଉପରେ ଗୁରୁତ୍ୱ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପୂର୍ତ୍ତ ବିଭାଗ ତରଫରୁ ଯାହା ସୂଚନା ମିଳିଛି ମେଡିକାଲ ନିର୍ମାଣ ଖର୍ଚ୍ଚ ଠାରୁ ନିର୍ମାଣ ସ୍ଥାନରେ ଅତ୍ୟଧିକ ଖର୍ଚ୍ଚ ହେବ ବୋଲି ଏହା ସ୍ଥଗିତ ରହିଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବଦଳିବା ସହ ଆବଶ୍ୟକ ମୁତାବକ ଡାକ୍ତର ଓ କର୍ମଚାରୀ, ବିଭିନ୍ନ ସରଞ୍ଜାମ ରହିଲେ ଅସ୍ତରଙ୍ଗ ବ୍ଲକର ୧୫ ଗୋଟି ପଂଚାୟତ ଲୋକ ନିର୍ଭର କରିବା ସହ ପୀରଜାହାନିଆ ଆସୁଥିବା ପର୍ଯ୍ୟଟକ ମାନେ ଦୈନିକ ହସ୍ପିଟାଲ ଉପରେ ନିର୍ଭର କରିବେ। କିନ୍ତୁ ରୋଗୀ ମାନେ ଏବେ ବହୁ ସମସ୍ୟାରେ ପଡ଼ି ଚିକିତ୍ସା ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୂର୍ବ ସରକାର ଏହାକୁ ନିଷ୍ପତ୍ତି ନେଇଥିଲେ, ହେଲେ ନୂଆ ସରକାର ଆସିବା ପରେ କାର୍ଯ୍ୟ ତ୍ୱରାନୀତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ କହିଛନ୍ତି ସରକାରୀ ସ୍ତରରେ ମେଡିକାଲ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା ଯଦିଓ ସରକାରୀ ସ୍ତରରେ ସ୍ୱୀକୃତି ମିଳିଲା ନାହିଁ। ଏ ଦିଗରେ ସରକାର ଯାହା ନିଷ୍ପତ୍ତି ନେବେ।

# ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବିଦ୍ୟୁତ୍ ଡିଭିଜନ ପକ୍ଷରୁ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲ୍ଲା ତାଳଚେର ଉପଖଣ୍ଡ ବିଦ୍ୟୁତ୍ ବିଭାଗରେ ଦାୟିତ୍ୱ ନିର୍ବାହ କରୁଥିବା ଏମଏସବିକେଏସ ଏଣ୍ଟରପ୍ରାଇଜେସ ପକ୍ଷରୁ ସୁରକ୍ଷା ସମ୍ପର୍କିତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଉକ୍ତ କମ୍ପାନୀର ମୁଖ୍ୟ ପରିଚାଳକ ଇଂଜିନିୟର ଭରତ କୁମାର ସାହୁଙ୍କ ନେତୃତ୍ୱରେ ବିଦ୍ୟୁତ୍ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିବା ବେଳେ ପରଜଙ୍ଗ ବ୍ଲକର ଖଇରାମୁଣ୍ଡା ଓ ପିତିରି ଗ୍ରାମରେ ବିଭାଗର କର୍ମଚାରୀ ମାନେ ବିଦ୍ୟୁତ୍ ଉପଭୋକ୍ତାଙ୍କ ନିକଟରେ ପହଞ୍ଚି ବିଦ୍ୟୁତ୍ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଅଧିକାଂଶ ଦିନ ମାନଙ୍କରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅନେକ ନିରୀହ ଲୋକ ବିପଦର ସମ୍ମୁଖୀନ ହେଉଛନ୍ତି, ଏହାକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ କରିବା, ବିଦ୍ୟୁତ୍ ବ୍ୟବହାର ସମୟରେ ଉପକରଣ ବ୍ୟବହାର କରିବା ଏହିପରି କେତେକ ସମସ୍ୟା ଉପରେ ପରିବାର ବର୍ଗଙ୍କୁ ବିଭାଗୀୟ ଅଧିକାରୀ ଅବଗତ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ଇଂଜିନିୟର ପ୍ରଶାନ୍ତ କୁମାର ସ୍ୱାଇଁ, ସୁପରଭାଇଜର ଦିବାକର ବେହେରା, ହେଲପର ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଟାଟା ପାୱାର କମ୍ପାନୀ ପକ୍ଷରୁ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ସଚେତନତା ଅଭିଯାନ ଏକ ଅଂଶବିଶେଷ ବୋଲି ଅବଗତ କରିଥିଲେ। ସମସ୍ତ ତଥ୍ୟାବଳୀ ଉପଭୋକ୍ତା ଗୁରୁତ୍ୱାରୋପ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏପରି ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଗ୍ୟାରେଜରୁ ଚୋରି

ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ଅନ୍ତର୍ଗତ ଝୋଡ଼ିଆଗୁଡ଼ା ଗ୍ରାମରେ ଏକ ମୋଟର ସାଇକେଲ ଗ୍ୟାରେଜରୁ ଗୁରୁବାର ରାତିରେ ଚୋରି ହୋଇଛି। ଗ୍ୟାରେଜ ମାଲିକ ବିଜୟ ପଡାର କହିବା ଅନୁସାରେ ପ୍ରାୟ ଏକ ଲକ୍ଷ ଚାଳିଶ ହଜାର ଟଙ୍କାର ସାମାନ ଚୋରି ହୋଇଥିବା ଆକଳନ କରାଯାଇଛି। ଏହି ଘଟଣା ବିଷୟରେ ଗ୍ୟାରେଜ ମାଲିକ ତେନ୍ତୁଳିଖୁଣ୍ଟି ଥାନାରେ ଶୁକ୍ରବାର ଦିନ ଏତଲା ଦେଇଛନ୍ତି। ସୂଚନା ପାଇବା ପରେ ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁ ଓ ଏ.ଏସ.ଆଇ. ଅନନ୍ତ କାତ୍ରାକା ସମେତ ପୁଲିସ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନାମାନ ସଂଗ୍ରହ ସହ ବିଭିନ୍ନ ଦିଗରୁ ଅନୁସନ୍ଧାନ କରିଛନ୍ତି। ସନ୍ଦିଗ୍ଧଙ୍କୁ ଠାବ କରିବା ପାଇଁ ଉଦ୍ୟମ କରାଯିବ ବୋଲି ପୁଲିସ କହିଛି। ଏଠାରେ ସୂଚନାଯୋଗ୍ୟ ଦହଣା ଓ ଡଙ୍ଗରଭେଜା ଅଞ୍ଚଳରେ ପୂର୍ବରୁ ଡକାୟତ ଗ୍ୟାଙ୍ଗ ମାତିଥିବାର ଦେଖିବାକୁ ମିଳିଥିଲା। ଯଦି ଅପରାଧୀମାନେ ଧରା ନ ପଡନ୍ତି ତାହେଲେ ଚୋରି ଡକାୟତି ଆହୁରି ଅଧିକ ବୃଦ୍ଧି ପାଇବ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି।

# ବିକଶିତ ଗାଁ' ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ

ଚିକିଟି, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଏହି ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତର ଖଜୁରିଆ ଠାରେ ବିକଶିତ ଗାଁ' ବିକଶୀତ ଓଡିଶା ଯୋଜନା ଆନୁକୂଲ୍ୟରେ ଏକ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରା। ଏହି ଯୋଜନା ଅନୁଯାଇ ଖଜୁରିଆ ଗ୍ରାମ ଠାରୁ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଓ ନାଳ ଚାରିଲକ୍ଷ ବେୟ ବରାଦ କରି ନିର୍ମାଣ କରିବା ସକାଶେ ଭିତ୍ତି ପ୍ରସ୍ତର ସ୍ଥାପନ କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚିକିଟି ବିଡ଼ିଓ ପ୍ରମୋଦ ନାୟକ, ସହାୟକ ଯନ୍ତ୍ରୀ ଉଦୟନାଥ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ କେ. ନରସିଂହ ମୂର୍ତ୍ତି, ସତ୍ୟନାରାୟଣ ପଣ୍ଡା, କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ, ଆଦି ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ସକାଶେ ବିଜେପିର ବରିଷ୍ଠ ଯୁବ ସଙ୍ଗଠକ ଦେବଦତ୍ତ ପଣ୍ଡା ମୁଖ୍ୟ ଥିବାବେଳେ ହୃଷିକେଶ ନାଇକ ଟୁନା ପ୍ରଧାନ, ସରୋଜ ସାହୁ, ସିମାଞ୍ଚଳ ପ୍ରଧାନ ଦିଲୀପ କୁମାର ସାହୁ ସୁମନ ରାଉଳ, ଚିକୁ ପଣ୍ଡା ପ୍ରମୁଖ ନିଜର ସହଯୋଗର ହାତ ବଢ଼ାଇଥିଲେ।

# ଗୋପୀନାଥ ଦେବଙ୍କ ମହୋତ୍ସବ ଆୟୋଜିତ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଜାଲାରପୁର ପଂଚାୟତ ଟୋଲା ଗୋପୀନାଥ ମହୋତ୍ସବ ରେ ଭଗବତ ଦେବ ଙ୍କ ପ୍ରତିଷ୍ଠା ଉତ୍ସବରେ ପ୍ରାତଃ ସୂର୍ଯ୍ୟ ପୂଜା, ସର୍ବ ଘଟ ମଣ୍ଡଳ ଆଦି ପୂଜା, ଅଷ୍ଟାଦ ସାକ୍ଷର ଗୋପାଳ ମନ୍ତ୍ର, ପୁରସ୍କାରଣ ଆହୁତି, ଆରତୀ କରାଯାଇଥିଲା। ଦିତୀୟ ଦିନ ସଂଧ୍ୟା ମହୋତ୍ସବ ରେ ଓଁ ମା ବାସେଲୀ ଗ୍ରୁପ ଦ୍ୱାରା ଘୋଡା ନାଚ ପ୍ରଦର୍ଶନ କରାଯାଇଥିଲା।, ମା ହରଚଣ୍ଡୀ ଅନୁଷ୍ଠାନ ପକ୍ଷରୁ ଭଜନ କରାଯାଇଥିଲା। ଦ୍ୱିତୀୟ ଦିନ ସାନ୍ଧ୍ୟରେ ଦର୍ଶକ ଘୋଡା ନାଚ ରେ ବିଭୋର ହୋଇଥିଲେ,ଏହି ମହୋତ୍ସବ ର ଦ୍ୱିତୀୟ ଦିନ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଡ. ତ୍ରିନାଥ ପଟନାୟକ ଯୋଗ ଦେଇଥିବା ବେଳେ ମହୋତ୍ସବ ରେ ସଭାପତି ତ୍ୱ କରୁଥିଲେ ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସାମ୍ମନୀତ ଅତିଥିଭାବେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ସେବାୟତ ସୂର୍ଯ୍ୟ ନାରାୟଣ ପଣ୍ଡା,ଜିଲ୍ଲା ପରିଷଦ ଦେବାଶିଷ ସଡଙ୍ଗୀ, ନିଆଳି ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରିଣୀ ଜ୍ୟୋସ୍ନା ରାଣୀ ମହାପାତ୍ର, ସରପଞ୍ଚ ମଞ୍ଜୁଲତା ପଣ୍ଡା ଓ ବୁଦ୍ଧି ଯିବି ଲିଙ୍ଗରାଜ ମିଶ୍ର। ଏହି କାର୍ଯ୍ୟକ୍ରମରେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅର୍ଜୁନ ଦାଶ।

# ମଠ ମହନ୍ତଙ୍କୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଗ୍ରାମପଂଚାୟତ ହଳଧରପୁର ଗ୍ରାମରେ ଜଣେ ମଠ ମହନ୍ତଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯିବା ସହ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବାର ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ ହୋଇଛି। ସୁକରପଡା ଗ୍ରାମପଂଚାୟତ ହଳଧରପୁ-କଂଟିବାଙ୍କ ଗ୍ରାମରେ ଥିବା ଏକ ମଠର ମହନ୍ତ ରୂପେ ଆଜକୁ ୪୫ବର୍ଷ ହେଲା ନିରାକାର ଦେବ କାର୍ଯ୍ୟକରି ଆସୁଛନ୍ତି। ସମ୍ପୃକ୍ତ ମହନ୍ତ ଜଣକ ମଠ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରିଛନ୍ତି। ଏହି ଚାରା ଗୁଡିକ ଲୋକଙ୍କ ବିଭିନ୍ନ କାର୍ଯ୍ୟରେ ଲାଗିଥାଏ। ତେବେ ସ୍ଥାନୀୟ ଗ୍ରାମର ଜନୈକ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଏହି ଔଷଧୀୟ ଗଛ ଗୁଡିକୁ ଉପାଡି ଦେବା ସହ ଫୋପଡାଫିଙ୍ଗା କରିଥିଲେ। ମହନ୍ତ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବାର ଅଭିଯୋଗ ହୋଇଛି। ଏସମ୍ପର୍କରେ ମହନ୍ତ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତ ଦୂରର କଥା ଏପରିକି ଘଟଣାର ସାମାନ୍ୟତମ ତଦନ୍ତ କରିନଥିବାର ଅଭିଯୋଗ ହୋଇଛି। ତେବେ ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ପୋଲିସ ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

# ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବୋଲଗଡ, (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ଦେଉଳି ପଂଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମରେ ସରପଞ୍ଚ ଅକ୍ଷୟ କୁମାର ରାଉତରାୟଙ୍କ ଆବାହକତ୍ୱରେ ତୃତୀୟ ବାର୍ଷିକ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଚିତାକର୍ଷକ ହୋଇଥିଲା। ଏଥିରେ ମହୋତ୍ସବ କମିଟିର ଉପସଭାପତି ବିଜୟାନନ୍ଦ ରାଉତରାୟଙ୍କ ଅଧ୍ୟକ୍ଷତାରେ ମାନସ କୁମାର ବେହେରା ମୁଖ୍ୟଅତିଥି, ସମାଜସେବୀ ଜୟଶ୍ରୀ ପଟ୍ଟନାୟକ ମୁଖ୍ୟବକ୍ତା, ଜିଲ୍ଲା ବନଖଣ୍ଡ ଅଧିକାରୀ ଜୟ ପ୍ରକାଶ ପଣ୍ଡା, ବନପାଳ ସାଧୁ ଚରଣ ମହାପାତ୍ର ଓ ଶିକ୍ଷାବିତ ବ୍ରଜବନ୍ଧୁ ମହାପାତ୍ରଙ୍କ ସମେତ ବହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଜନ୍ମେଶ୍ୱର ମଙ୍ଗରାଜ ସଂଯୋଜନା କରିଥିବା ବେଳେ ଓଡ଼ିଶା ରାଜ୍ୟ ସରକାରଙ୍କ କଳା ସଂସ୍କୃତି ବିଭାଗ ପକ୍ଷରୁ ଓ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା'ଙ୍କ ବଡ଼ ସୂଚନା । ଶିମିଳିପାଳରେ ଅଛନ୍ତି ୪୦ ମହାବଳ । ସେଥିମଧ୍ୟରୁ ୬ଟି ବାଘ ଶାବକ ଅଛନ୍ତି । ଚଳିତ ବର୍ଷ କ୍ୟାମେରା ଟ୍ରାପରୁ ଏହା ସ୍ପଷ୍ଟ ହୋଇଛି । ଜିନତ୍ ଓ ଯମୁନା ବ୍ୟତୀତ ଶିମିଳିପାଳରେ ଥିବା ଆଡଲ୍ଟ ମହାବଳ ମଧ୍ୟରୁ ୧୩ଟି ପୁରୁଷ ମହାବଳ ଓ ୧୭ଟି ବାଘୁଣୀ ଅଛନ୍ତି । ଅନ୍ୟ ଦୁଇଟି ମହାବଳ ପୁରୁଷ ନା ବାଘୁଣୀ ତାହା ସ୍ପଷ୍ଟ ହୋଇପାରିନି । ସେହିପରି ଶିମିଳିପାଳରେ ଥିବା ମହାବଳ ମଧ୍ୟରୁ ୧୮ ଟି କଳା ମହାବଳ ଅଛି । ଆଗାମୀ ୧୦ ବର୍ଷ ମଧ୍ୟରେ ଏ ସଂଖ୍ୟା ୧୦୦କୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି ବନ ବିଭାଗ ।



# ରାଜ୍ୟ ଯୋଗାଣ ନିଗମ ନୂତନ ଭବନର ଶିଳାନ୍ୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ନୂତନ ଭବନର ଶିଳାନ୍ୟାସ କରିଛନ୍ତି । ଏହି ନୂତନ ଭବନଟି ପ୍ରାୟ ୨୫ କୋଟି ଟଙ୍କା ବିନିମୟରେ ନିର୍ମାଣ ହେବ । ଆସନ୍ତା ଏକ ବର୍ଷ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇ ଭବନଟିରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ମୁଖ୍ୟ ଦପ୍ତର ଭାବେ କାର୍ଯ୍ୟ କରିବ । ବର୍ତମାନ ନିଗମର ପରିସରରେ ଉକ୍ତ ନୂତନ ଭବନ ନିର୍ମାଣ କରାଯାଉଛି । ସୂଚନାଯୋଗ୍ୟ ଯେ ବର୍ତମାନ ନିଗମର କାର୍ଯ୍ୟ ହେଉଥିବା ଭବନଟି ୩୭ ବର୍ଷ ପୁରୁଣା ଏବଂ ନିଗମର କାର୍ଯ୍ୟଭାର ଓ କର୍ମଚାରୀ ସଂଖ୍ୟା ବୃଦ୍ଧି ଯୋଗୁଁ ଏକ ନୂତନ ଭବନର ଆବଶ୍ୟକତା ରହିଛି । ନିର୍ମାଣ ହେବାକୁ ଥିବା ଏହି ନୂତନ ଭବନଟି ପାଞ୍ଚମହଲା ବିଶିଷ୍ଟ ହେବ । ଏହାର ବେସ୍‌ମେଂଟରେ ଯାନ ରଖିବା ପାଇଁ ପାର୍କିଂ ସ୍ଥଳି ରହିବ । ନୂତନ ଭବନରେ ବରିଷ୍ଠ ଅଧିକାରୀ ମାନଙ୍କ କାର୍ଯ୍ୟାଳୟ, ସମ୍ମିଳନୀ କକ୍ଷ, ପ୍ୟାଂଟ୍ରି, ପ୍ରତୀକ୍ଷାଳୟ, ନିରୀକ୍ଷଣ କକ୍ଷ ସମେତ ଅନ୍ୟ କର୍ମଚାରୀ ଓ ଅଧିକାରୀମାନଙ୍କ ପାଇଁ ଯଥେଷ୍ଟ କକ୍ଷ ଓ ସ୍ଥାନ ରହିବ । ଏହି ଅବସରରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର, ନିର୍ମାଣକାରୀ ସଂସ୍ଥାର ପ୍ରତିନିଧି ସମେତ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି ବୈଠକ

# ୱେଭ୍ସ ଶିଖର ସମ୍ମିଳନୀର ବ୍ୟାପକ ପ୍ରଚାରପ୍ରସାର ଉପରେ ଗୁରୁତ୍ୱ ଦେଲେ ପିଆଇବି ଏଡିଜି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ କାର୍ଯ୍ୟରତ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି) ବୈଠକ ଆଜି କଟକ ଆକାଶବାଣୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପିଆଇବି ଓ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷ କରି ଆସନ୍ତା ମଇ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀ-'ୱେଭ୍ସ' ପାଇଁ ପ୍ରଚାର ରଣନୀତିକୁ ନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପିଆଇବି ଏଡିଜି ଶ୍ରୀ ମିଶ୍ର କହିଥିଲେ, ପ୍ରଥମ ଥର ପାଇଁ ୱେଭ୍ସ ଭଳି ସମ୍ମିଳନୀ ଭାରତରେ ଆୟୋଜନ କରାଯାଉଛି । ଏଥିରେ ବିଶ୍ୱ ଗଣମାଧ୍ୟମ, ମନୋରଞ୍ଜନ, ଚଳଚ୍ଚିତ୍ର, ଏଭିଜିସି କ୍ଷେତ୍ରର ପେସାଦାର ଓ ଶିଳ୍ପୋଦ୍ୟୋଗୀମାନେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ଏହା ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସୃଜନଶୀଳ ପ୍ରତିଭା, ନିର୍ମାତା ଏବଂ ଉଦ୍ୟୋଗୀମାନଙ୍କୁ ଏକ ଅଭିନବ ସୁଯୋଗ ଯୋଗାଇ ଦେବ । ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଟାଟା ପାୱାରର କର୍ପୋରେଟ୍ ଯୋଗାଯୋଗ ବିଭାଗ ମୁଖ୍ୟ ଡକ୍ଟର ଜ୍ୟୋତି ପ୍ରକାଶ ମହାପାତ୍ର ୱେଭ୍ସ ଭଳି କାର୍ଯ୍ୟକ୍ରମର ପ୍ରଚାରପ୍ରସାର ନିମନ୍ତେ ସ୍ୱତନ୍ତ୍ର ରଣନୀତି ଆପଣାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆକାଶବାଣୀ କଟକ ସମାଚାର ବିଭାଗର ଉପନିର୍ଦ୍ଦେଶକ ଏସ.ଏନ. ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମାଚାର ସମ୍ପାଦକ ଇତିଶ୍ରୀ ସିଂ ରାଠୋର୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପିଆଇବି ଭୁବନେଶ୍ୱରର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ଧନ୍ୟବାଦ ପ୍ରଦାନ କରିଥିଲେ ।

## ରାଜ୍ୟରେ ଗଠିତ ହେଲା ୪୬ ସିଭିଲ୍ ଜଜ୍ କୋର୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗଠିତ ହୋଇଛି ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍) । ଏହି କୋର୍ଟ ଗୁଡ଼ିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସିମୁଳିଆ, ସୋରୋ, ବାହାନଗା ଓ ଜଳେଶ୍ୱର, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲ୍ଲାର ରାୟଗଡା, ପୁରୀ ଜିଲ୍ଲାର ସତ୍ୟବାଦୀ, କେନ୍ଦୁଝର ଜିଲ୍ଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୁରଭଞ୍ଜ ଜିଲ୍ଲାର ବହଳଦା, ରାରୁଆଁ, ବିଶୋଇ ଓ ବାରିପଦା, ଜଗତସିଂହପୁର ଜିଲ୍ଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା, କଟକ ଜିଲ୍ଲାର ବାରଙ୍ଗ ଓ କଣ୍ଟାପଡ଼ା, ସୋନପୁର ଜିଲ୍ଲାର ଉଲୁଣ୍ଡା, ବରଗଡ଼ ଜିଲ୍ଲାର ଭଟଲି, ଝାରସୁଗୁଡ଼ା ଜିଲ୍ଲାର କୋଲାବିରା, ଖୋର୍ଦ୍ଧା ଜିଲ୍ଲାର ବାଣପୁର, କୋରାପୁଟ ଜିଲ୍ଲାର ପଟାଙ୍ଗୀ, ଯାଜପୁର ଜିଲ୍ଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲ୍ଲାର ଟିକାବାଲି, କେ ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲ୍ଲାର ତିହିଡ଼ି, ମାଲକାନଗିରି ଜିଲ୍ଲାର ଖଇରପୁଟ, ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ, ବଲାଙ୍ଗୀର ଜିଲ୍ଲାର ପାଟଣାଗଡ ଏବଂ ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି, ଧରାକୋଟ ଓ ଗଞ୍ଜାମ ।ଓଡିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟ ଗୁଡ଼ିକ ଗଠନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ତିନୋଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟ ଗୁଡ଼ିକର ଅଧିକାର ସମାପ୍ତ ହେଲା ।

## ରବି ଋତୁ ଧାନ କିଣା ପାଇଁ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ରବି ଋତୁରେ ଚାଷୀମାନଙ୍କଠାରୁ ଧାନ କିଣିବା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସଂପୃକ୍ତ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ ଯୋଗ ଦେଇଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଧାନକିଣା ପାଇଁ ପ୍ରଶାସନିକ ଓ ବୈଷୟିକ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଶ୍ରୀ ସିଂ କହିଲେ ଯେ, ଗତ ଖରିଫ୍ ଋତୁରେ ପ୍ରାୟ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା । ଏଥିନିମନ୍ତେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୬ ହଜାର ୮୫୩ କୋଟି ଏବଂ ଇନ୍‌ପୁଟ୍ ସହାୟତା ବାବଦକୁ ୫୮୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ସେହିଭଳି ଚଳିତ ରବି ଋତୁ ପାଇଁ ଆସନ୍ତା ମଇ ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହେବ । ଚଳିତ ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ଏଥିନିମନ୍ତେ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୨୨ ପ୍ରତିଶତ ଅଧିକ ରହିଛି । ଚଳିତ ବର୍ଷ କନ୍ଧମାଳ, ସୁନ୍ଦରଗଡ଼ ଓ ଭଦ୍ରକ ଜିଲ୍ଲାରୁ ନୂତନ ଭାବେ ଧାନକିଣା ଆରମ୍ଭ ହେଉଥିବାବେଳେ ରବି ଋତୁରେ ମୋଟ୍ ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ହେବ । ଏଥିରେ ମଧ୍ୟ ୨୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଏହି ବୈଠକରେ ମିଶନ ଶକ୍ତି କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ, ପରିବହନ କମିଶନର ଅମିତାଭ ଠାକୁର, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ୍ ସକ୍‌ସେନା, ଭାରତୀୟ ଖାଦ୍ୟ ନିଗମ ଓ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସହରୀ ଶିକ୍ଷକ ଯିବେ ଗାଁ ସ୍କୁଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସହରି ଶିକ୍ଷକ ଯିବେ ଗାଁ ସ୍କୁଲ । ସହରାଞ୍ଚଳର ବହୁ ସ୍କୁଲରେ ଛାତ୍ରଛାତ୍ରୀଙ୍କ ଅନୁପାତରେ ଅଧିକ ଶିକ୍ଷକ ଅଛନ୍ତି । କିନ୍ତୁ ଗ୍ରାମାଞ୍ଚଳର ଅନେକ ସ୍କୁଲରେ ଶିକ୍ଷକ ଆନୁପାତିକ ହାର ଯଥେଷ୍ଟ କମ୍ ରହିଛି । ଏପରିକି ବହୁ ସ୍କୁଲ ଜଣେ ଶିକ୍ଷକରେ ଚାଲୁଛି । ଶିକ୍ଷକ ଦେବାକୁ ସରକାରଙ୍କ ପାଖରେ ଗଦା ଗଦା ଆବେଦନ ଓ ଅଭିଯୋଗ । ଯୋଗ । ଯଥାଶୀଘ୍ର ଜିଲ୍ଲାରେ ଶିକ୍ଷକଙ୍କ ନିଯୁକ୍ତି ତାଲିକା ତଦାରଖ କର କରାଯିବ । ଯେଉଁ ସ୍କୁଲରେ ଅଧିକ ଶିକ୍ଷକ ଅଛି ସେଠାରୁ ଶିକ୍ଷକ ନଥିବା ସ୍କୁଲକୁ ଅବସ୍ଥାପିତ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଏମିତି ଚିଠି କରିଛି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ।

## ଆତଙ୍କୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପ୍ରତି ଦେବଯୁଗ୍ ପରିବାରର ମହମବତୀ ଶୋଭାଯାତ୍ରା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଅମର ଆତ୍ମାଙ୍କ ପ୍ରତି ଦେବଯୁଗ୍ ପରିବାରର ଶତାଧିକ ସଦସ୍ୟମାନେ ତଥା ଶତାଧିକ ଯୁବକ ଓ ଯୁବତୀ ମାନେ ଆଜି ସନ୍ଧ୍ୟା ୬.୩୦ ଘଟିକାରେ ମାଉସୀମା ଛକରୁ ବିବେକାନନ୍ଦ ମାର୍ଗ ସ୍ଥିତ ମହାପ୍ରଭୁ ଶ୍ରୀହନୁମାନଙ୍କ ମନ୍ଦିର ପର୍ଯ୍ୟନ୍ତ ମହମବତୀ ଜଳେଇ ଯାତ୍ରା କରି ଶୋକ ପ୍ରକାଶ କରିବା ସହିତ ପ୍ରଭୁ ଶ୍ରୀହନୁମାନଙ୍କ ନିକଟରେ ଦୀପ ଜଳାଇଲେ । ଆମ୍ଭ ଦେଶର ଏହି ଦୁଃଖର ସମୟରେ ସମସ୍ତ ଦେଶବାସୀଙ୍କୁ ଏକାଠି ହେବାପାଇଁ ଆହ୍ୱାନ କରିବା ସହିତ ନିଜ ଭିତରେ ଏକତା ରଖି ଆତଙ୍କବାଦ ବିରୋଧରେ ଲଢେଇ କରିବାକୁ ଏବଂ ଆତଙ୍କବାଦକୁ ମୂଳପୋଛ କରିବାକୁ ସାରା ଦେଶ ପ୍ରସ୍ତୁତ ବୋଲି ଦିବ୍ୟଯୁଗ୍ ପରିବାରର ସଦସ୍ୟମାନେ ସୂଚାଇ ଦେଇଛନ୍ତି ।

## ବିଏମ୍‌ସି ଅଞ୍ଚଳରେ ହେବ ସାମୟିକ ସହରୀ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୦ କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ହେବ ସାମୟିକ ସହରୀ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ । ବିଏମ୍ ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଆଜି ବିଏମ୍ ସି ପକ୍ଷରୁ ସିଟି ଇଂଜିନିୟର ବିଳାସ କୁମାର ବେହେରା ଏବଂ ମାର୍ସ ପ୍ଲାନିଂ ଆଣ୍ଡ ଇଂଜିନିୟରିଂ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଭାଇସ୍-ପ୍ରେସିଡେଂଟ ନିହାର ରଞ୍ଜନ ପାଢୀଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି । ଅତି ପ୍ରବଳ ବର୍ଷା ସମୟରେ ବିଏମ୍‌ସି ଅଞ୍ଚଳର କେତେକ ସ୍ଥାନରେ ସାମୂହିକ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥାଏ । ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ଭୁବନେଶ୍ୱରର ଇସ୍କନ-ବେହେରା ସାହି, ବମିଖାଲ, ରୁଦ୍ରପୁର, ଏମ୍ସ ଆଦି ୧୩ ଗୋଟି ପ୍ରକଳ୍ପର ବିସ୍ତୃତ ରିପୋର୍ଟ ସହ ସୁପରଭିଜନ କାର୍ଯ୍ୟ କରିବ ମାର୍ସ ପ୍ଲାନିଂ ଆଣ୍ଡ ଇଂଜିନିୟରିଂ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ୍ । ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଏମ୍ ସିର କାର୍ଯ୍ୟନିର୍ବାହୀ ଅଧିକାରୀ (ଡ୍ରେନେଜ୍ ଡିଭିଜନ) ପ୍ରୀୟବ୍ରତ ବେହେରା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସେହିପରି ମାର୍ସ ପ୍ଲାନିଂ ଆଣ୍ଡ ଇଂଜିନିୟରିଂ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡର ସହଯୋଗୀ ଭାଇସ୍-ପ୍ରେସିଡେଣ୍ଟ ମଳୟ କୁମାର ପଟ୍ଟନାୟକ ଓ ତାଙ୍କ ଟିମ୍ ଉପସ୍ଥିତ ଥିଲେ ।

## ରାଜ୍ୟରେ ଅଂଶୁଘାତରେ କୌଣସି ବ୍ୟକ୍ତିର ମୃତ୍ୟୁ ହୋଇନାହିଁ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଅଂଶୁଘାତ ନେଇ କୌଣସି ବ୍ୟକ୍ତିର ମୃତ୍ୟୁ ହୋଇନାହିଁ ବୋଲି ପୁଣି ଥରେ ସ୍ପଷ୍ଟ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ବନ୍ୟା ଦିଶେ ବନ୍ୟା ଗତି ଶୁଭେ, ବାତ୍ୟା ଦେଖିପାରୁ । କିନ୍ତୁ ଗ୍ରୀଷ୍ମ ପ୍ରବାହ ଦେଖାଯାଏ ନାହିଁ । ଏହା ବହୁତ ମାରାତ୍ମକ । ଏଥିରେ ବ୍ୟକ୍ତିଗତ କ୍ଷତି ହୁଏ । ଏହାକୁ ସିରିୟସ ନେଇଛି ସରକାର । ସ୍ୱତନ୍ତ୍ର ଆଡ଼ଭାଇଜରି ଜାରି କରାଯାଇଛି । ଦୈନନ୍ଦିନ ରିପୋର୍ଟ ତଲବ ମଧ୍ୟ କରାଯାଉଛି । ସେଥିପାଇଁ ସ୍କୁଲ, କଲେଜ ଛୁଟି କରାଯାଇଛି । ଅଙ୍ଗନବାଡି ବନ୍ଦ ରହିଛି । ପିଲାଙ୍କ ଖାଦ୍ୟ ଘରେ ପହଂଚାଯିବ । ଶ୍ରମିକମାନେ ମଧ୍ୟ ଦିନ ୧୧ ରୁ ୩ ଯାଏଁ କାମ କରିବେ ନାହିଁ । ସମସ୍ତଙ୍କ ପାଇଁ ଆଡ଼ଭାଇଜରି ଜାରି ହୋଇଛି । ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ନିଖୁଣ ବ୍ୟବସ୍ଥା ହୋଇଛି । ସାରା ରାଜ୍ୟରେ ଯେଉଁ ଏସଓପି ପାଳନ ହେବ ତା ପରେ ମଧ୍ୟ ଯଦି ଆବଶ୍ୟକ ପଡେ ତେବେ ଜିଲ୍ଲାପାଳ ଜିଲ୍ଲା ସ୍ଥିତି ଦେଖି ନିଷ୍ପତି ନେଇପାରିବେ । ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ । ଓଡ଼ିଶାର ସମସ୍ତ ପିଏଚ୍‌ସି, ସିଏଚ୍‌ସିରେ ସବୁ ପ୍ରକାର ବ୍ୟବସ୍ଥା ହୋଇଛି । ସମ୍ପୁର୍ଣ୍ଣ ସ୍ଥିତି ନିୟନ୍ତ୍ରଣରେ ଅଛି । ବୟସ୍କ ଲୋକେ ଘରେ ରୁହନ୍ତୁ । ଛୋଟ ପିଲା ବାହାରକୁ ବାହାରନ୍ତୁ ନାହିଁ ବୋଲି ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଲକ୍ଷେ ଘର ବାଣ୍ଟିବେ ରାଜ୍ୟ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ମାସରେ ଆଉ ଲକ୍ଷେ ଘର ବାଣ୍ଟିବେ ରାଜ୍ୟ ସରକାର । ଅନ୍ତୋଦ୍ୟ ଗୃହ ଯୋଜନାରେ ଆଉ ଲକ୍ଷେ ହିତାଧିକାରୀଙ୍କୁ ସାମିଲ କରାଯିବ । ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା । ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ । ଏହା ସହ କହିଛନ୍ତି ମେ ମାସ ଶେଷ ଯାଏଁ ଚାଲିବ ଆବାସ ସର୍ଭେ । ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ଯୋଡି ହେଲେଣି । ସର୍ଭେରେ ଯୋଡି ହେବାକୁ ବ୍ୟାପକ ସଚେତନତା କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି ।

## ଏମ୍‌ସ ଭୁବନେଶ୍ୱରରେ ଆରମ୍ଭ ହେଲା ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ

# ଖୁବ୍‌ଶୀଘ୍ର ରୋବୋଟିକ୍ ହିପ୍ ପ୍ରତିରୋପଣ ବ୍ୟବସ୍ଥା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମ୍‌ସ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଅତ୍ୟାଧୁନିକ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା । ଏହି ସୁବିଧା ପ୍ରଚଳନ ସହିତ ଏମ୍‌ସ ଭୁବନେଶ୍ୱର ଓଡ଼ିଶା ସମେତ ସମ୍ପୂର୍ଣ୍ଣ ପୂର୍ବଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ହେବାର ଗୌରବ ଲାଭ କରିଛି । ଏଥିସହିତ ପ୍ରଯୁକ୍ତିବିଦ୍ୟା ସହିତ ଚିକିତ୍ସା ବିଜ୍ଞାନର ସମ୍ମିଶ୍ରଣ କରି ଉନ୍ନତ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ଲପଲବ୍ଧି ହାସଲ କରିଛି ଏହି ଜାତୀୟ ଅନୁଷ୍ଠାନ । ଏମ୍‌ସ ଭୁବନେଶ୍ୱର ଅର୍ଥୋପେଡିକ୍‌ସ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗର ଜଣେ ୬୬ ବର୍ଷୀୟା ମହିଳା ରୋଗୀଙ୍କର ପ୍ରଥମ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସଫଳତାର ସହିତ କରାଯାଇଛି । ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାଯୁକ୍ତ ରୋବଟିକ୍ ଆଣ୍ଠୁ ପ୍ରତିରୋପଣ ବେଶ୍ ସୁଗମ ଭାବରେ ସମ୍ପନ୍ନ ହୋଇଛି । ଅସ୍ତ୍ରୋପଚାର ପରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ମାତ୍ର ୪୮ ଘଂଟା ପରେ ସେ ସ୍ୱାଭାବିକ ଭାବେ ଚଲାବୁଲା କରିପାରିବେ ବୋଲି ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି । ଓଡ଼ିଶା ତଥା ପୂର୍ବ ଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ଭାବେ ଏହି ପ୍ରକ୍ରିୟା ସମ୍ପାଦନରେ ସଫଳତା ପାଇଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ସମ୍ପୂର୍ଣ୍ଣ ଅର୍ଥୋପେଡିକ୍ସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ବର୍ତମାନ ସମୟରେ ରୋବୋଟିକ୍ ସର୍ଜରୀର ଗୁରୁତ୍ୱ ସମୟର ଏକ ବଡ଼ ଆହ୍ୱାନ । କିନ୍ତୁ ଘରୋଇ କ୍ଷେତ୍ରରେ ରୋବଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟୟବହୁଳ ହୋଇଥିଲେ ମଧ୍ୟ ଏମ୍‌ସରେ ଏହା ସମାଜର ସମସ୍ତ ବର୍ଗଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟସେବା ସେବାର ଉପଲବ୍ଧତାକୁ ସୁନିଶ୍ଚିତ କରି ରୋବୋ-ସହାୟିତ ଅସ୍ତ୍ରୋପଚାରଗୁଡ଼ିକୁ ସୁଗମ କରିଥିବା ଡ. ବିଶ୍ୱାସ କହିଛନ୍ତି । ଏନେଇ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ବିଶ୍ୱାସଙ୍କ ସହିତ, ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ବିଭାଗୀୟ ମୁଖ୍ୟ ଡ. ପାତ୍ରଙ୍କ ସମେତ ଡ. ସୁଜିତ ତ୍ରିପାଠୀ, ଡ. ଗୁରୁଦୀପ ଦାସ, ଡ. ମେଗାନାଥ ଭି ପାଓ୍ୱାର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସାତସାହି ନୃତ୍ୟୋତ୍ସବରେ ସଚେତନାଧର୍ମୀ ବାର୍ତ୍ତା ପ୍ରଦାନ କରାଯିବ

କଟକ,(ଭାସ୍କର ନ୍ୟୁଜ୍): କଟକ ନୃତ୍ୟଉତ୍ସବ କମିଟି ପକ୍ଷରୁ ଆସନ୍ତା ମଇ ୧୬ରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ଷୋଡଶ ସାତସାହି କଟକ ନୃତ୍ୟୋତ୍ସବ ଆୟୋଜିତ ହେବ । ଉତ୍ସବ ସଫଳତାର ସହିତ ଆୟୋଜନ କରିବା ପାଇଁ ଆଜି ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ଓ କଟକ ନୃତ୍ୟୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉତ୍ସବ ଆୟୋଜନ କମିଟିର ଅଧ୍ୟକ୍ଷ ତଥା କଟକ ମହାନଗର ନିଗମ ମେୟର, ସୁବାଷ ଚନ୍ଦ୍ର ସିଂହ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶିବ ଟସ୍ପୋ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀ କାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସଂମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ମିଶନ ଶକ୍ତି, ହସ୍ତଶିଳ୍ପ ବିଭାଗ, ଓରମାସ, ଜିଲ୍ଲା ଅବକାରୀ ପରିବହନ, ସ୍ୱାସ୍ଥ୍ୟ, ୱାଟକୋ ଓ ଟିପିସିଓଡ଼ିଏଲର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇ ସେମାନଙ୍କ ବିଭାଗୀୟ ସଂପୃକ୍ତି ଓ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସମ୍ବନ୍ଧରେ ନିଜର ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷ ଏହି ଉତ୍ସବ ଓ ମେଳାକୁ ଅଧିକ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ଏନସିସି କ୍ୟାଡେଟ ମାନଙ୍କୁ ସ୍ୱେଚ୍ଛାସେବୀ ଭାବେ ନିୟୋଜିତ କରାଯିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ସେମାନେ ୧୦ଦିନ ଧରି ଏହି ଉତ୍ସବରେ ଭିଡ଼ ନିୟନ୍ତ୍ରଣ ଠାରୁ ଆରମ୍ଭ କରି ଅତିଥି ନିମନ୍ତ୍ରଣ ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର, କର୍ମକର୍ତ୍ତା ଉଲ୍ଲାସ ସେନ, ଡାକ୍ତର ଦୁର୍ଗା ଚରଣ ଦାଶ ରଶ୍ମି ରଞ୍ଜନ ତ୍ରିପାଠୀ ରାଜେଶ ଦାସ, ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରାହ୍ମଚାରୀ ଜିତେନ୍ଦ୍ର ପ୍ରସାଦ, ବିନୋଦ ଦାସ, ସ୍ନେହାଶିଷ ଦାସ ସୁଭାଶିଷ ଦାସ, ପାର୍ଥ ସାରଥୀ ସ୍ୱାଇଁ, ବିଶ୍ୱଜିତ ସେନାପତି, ସତ୍ୟ ପ୍ରସାଦ ବଳସାମନ୍ତ, ଶକ୍ତି ପ୍ରସାଦ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।

## ଆର୍‌ଆଇ ଅମିନ ପରୀକ୍ଷାରେ ଜିରୋ କରପ୍ସନକୁ ଗୁରୁତ୍ୱ ଦିଆଯାଉଛି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆରଆଇ ଅମିନ ପରୀକ୍ଷାରେ ସ୍ୱଚ୍ଛତା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ପୂର୍ବ ସରକାର କରିଯାଇଥିବା ବ୍ୟବସ୍ଥାକୁ ଆମେ ଉତ୍ତରାଧିକାରୀ ଭାବେ ପାଇଛୁ । ଏହି ପରୀକ୍ଷା ରାଜ୍ୟ ସରକାର କରନ୍ତି ନାହିଁ । ପୂର୍ବ ସରକାର ସମୟରୁ ଏହାକୁ ଓଏସଏସସି କରୁଛି । ତାହା ବି ଆଉଟ ସୋର୍ସ ମାଧ୍ୟମରେ । ସେ ଆଉଟ ସୋର୍ସ ସଂସ୍ଥା ମଧ୍ୟ ପୁଣି ଆଉ ଗୋଟିଏ ସଂସ୍ଥା ଉପରେ ନିର୍ଭର କରି ପରୀକ୍ଷା ଚଳାଉଛି । ଭିତିଭୂମି ଅଭାବ ଥିବା ସରକାରଙ୍କ ନଜରକୁ ଆସିଛି ।ଆମେ ଚେଷ୍ଟା ଏସବୁ କିଭଳି ସୁଧାର ହୋଇପାରିବ । ସବୁ ଭଲ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ । ଗୁଣାତ୍ମକ ମାନ ପ୍ରତି ଦୃଷ୍ଟି ଦିଆଯାଉଛି । ଲୋକଙ୍କ ସେବା କରିବେ । ଜିରୋ କରପ୍ସନକୁ ଗୁରୁତ୍ୱ । ସରକାରୀ ଅଧିକାରୀ ଦୁର୍ନୀତି ହୋଇଥିଲେ ବିଗତ କିଛି ଦିନରେ ସେମାନଙ୍କ ଉପରେ ଆକ୍ସନ ହୋଇଛି । ଏକ ସ୍ୱତନ୍ତ୍ର ଆପ ପ୍ରସ୍ତୁତ ହେଉଛି ଯେଉଁଥିରେ କୌଣସି ତ୍ରୁଟି ବିଚ୍ୟୁତି ହେବ ନାହିଁ । ସବୁ ସେବା ପାଇବା ପାଇଁ ମୋବାଇଲ ମାଧ୍ୟମରେ ଲୋକେ ଆବେଦନ କରିପାରିବେ । ଯେ କୌଣସି ବ୍ୟକ୍ତି ଘରେ ବସି ସାର୍ଟିଫିକେଟ ପାଇପାରିବ । ଲାଂଚର ପ୍ରଶ୍ନ ରହିବ ନାହିଁ ।

## ଡଃ. ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

କଟକ,(ଭାସ୍କର ନ୍ୟୁଜ୍): ଭାରତ ସମ୍ବିଧାନର ପ୍ରଣେତା ଡଃ. ବାବା ସାଣେବ୍ ଆଣବେଦକରଙ୍କ ଜୟନ୍ତୀ ପାଳିତ । ଆମ୍ବେଦକର ସ୍ମୃତିପରିଷଦ ପକ୍ଷରୁ ଭାରତ ସମ୍ବିଧାନର ପ୍ରଣେତା ଡଃ. ବାବା ସାହେବ ଆମ୍ବେଦକରଙ୍କ ୧୩୪ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । କଟକ ମହାନଗର ନିଗମ ୫୬ ନମ୍ବର ୱାର୍ଡର ବାଲିକୁଦ ସ୍ଥିତ ପରିଷଦ କାର୍ଯ୍ୟାଳୟରେ ସଭାପତି ସୁକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଳୀ ସଭା ଆୟୋଜନ କରାଯାଇ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଏହା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଡଃ. ବାବା ସାହେବ ଆମ୍ବେଦକରଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଳୀ ଜ୍ଞାପନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନିତା ନାୟକ, ଚୁମୁକୀ ସେଠୀ, ଅଭୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

# ୨୮ରେ ରାଜ୍ୟ କଂଗ୍ରେସ ପାଳିବ ସମ୍ବିଧାନ ବଞ୍ଚାଅ ଦିବସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ ଓ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଉପସ୍ଥିତିରେ କହିଥିଲେ ଯେ ରାଜ୍ୟରେ ସମ୍ବିଧାନ ଦିବସ ପାଳନ କରିବାପାଇଁ ରାଜଧାନୀରୁ ନେଇ ଗାଁ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରାଯିବ । ଓଡ଼ିଶାରେ ମୟୂରଭଞ୍ଜ ଜିଲ୍ଲା ସମେତ ଅନ୍ୟ ଆଦିବାସୀ ବହୁଳ ଜିଲ୍ଲା ଗୁଡ଼ିକରେ ବିଜେପିର କମ୍ପାନୀ ପ୍ରୀତି ପାଇଁ ସାଧାରଣ ଆଦିବାସୀଙ୍କର ଭିଟାମାଟି ଏବଂ ଜଙ୍ଗଲ, ଜଳ, ଜମି ହଡ଼ପ କରିବାପାଇଁ କରାଯାଉଥିବା ଚକ୍ରାନ୍ତ ବିରୁଦ୍ଧରେ ରାଜ୍ୟ କଂଗ୍ରେସ ଜୋରଦାର ବିରୋଧ ଆରମ୍ଭ କରିବ । ଓଡ଼ିଶା ଫରେଷ୍ଟ ଆଇନ ଅନୁସାରେ ଆଦିବାସୀ ମାନଙ୍କୁ ଜମିପଟ୍ଟା ଦେବାର ବ୍ୟବସ୍ଥା ଥିବା ବେଳେ ବିଜେପି ସରକାର ତାଙ୍କର ଜମି ହଡ଼ପ କରିବା ଅତ୍ୟନ୍ତ ନିନ୍ଦନିୟ । ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ ଯେ ଆସନ୍ତା ଏପ୍ରିଲ ୨୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯିବା ସହିତ ଆସନ୍ତା ମଇ ମାସ ୩ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ କରାଯିବ । ମଇ ମାସ ୧୧ ତାରିଖରୁ ୧୭ ତାରିଖ ଯାଏଁ ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଏ କାର୍ଯ୍ୟକ୍ରମକୁ ପାଳନ କରାଯିବା ସହିତ ମେ ମାସ ୨୦ ତାରିଖରୁ ୩୦ ତାରିଖ ଯାଏଁ କଂଗ୍ରେସ କାର୍ଯ୍ୟକର୍ତ୍ତା ଓଡ଼ିଶାର ପ୍ରତ୍ୟେକ ଗାଁର ଘରକୁ ଘର ଯାଇ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରିବା ସହିତ ଲୋକଙ୍କ ପାଖକୁ ଯାଇ ତାଙ୍କର ନାର୍ଯ୍ୟ ଦାବି ଏବଂ ଅଧିକାର ସମ୍ପର୍କରେ ସଚେତନ କରାଇବେ । ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡାମ କହିଲେ ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରରେ ଆଦିବାସୀମାନେ ସଂପୂର୍ଣ ଭାବରେ ଅସୁରକ୍ଷିତ । ପେଷା ଆଇନ ସମଗ୍ର ଦେଶରେ ଅନେକ ରାଜ୍ୟରେ ଲାଗୁ ହୋଇସାରିଥିଲେ ମଧ୍ୟ ଓଡ଼ିଶାରେ ବିଜେପି ସରକାର ଜାଣିଶୁଣି ଏ ଆଇନକୁ ଲାଗୁ କରୁନାହିଁ । ଆଦିବାସୀଙ୍କ ଉପରେ ହେଉଥିବା ସରକାରୀ ଆକ୍ରମଣ ବିରୁଦ୍ଧରେ କଂଗ୍ରେସ ସେହି ଅଂଚଳରେ ଜୋରଦାର ଆନ୍ଦୋଳନ କରିବା ସହିତ ତାଙ୍କର ସ୍ୱାର୍ଥରକ୍ଷା କରିବା ପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟକ୍ରମ ହାତକୁ ନେବ ।

# ଚୌଧୁରୀ ବଜ଼ାର ଯୁବକଙ୍କ ଦ୍ୱାରା ଜଳଛତ୍ର



କଟକ(ଭାସ୍କର ନ୍ୟୁଜ): କଟକ ସହରରେ ଏବେ ବହୁ ମାତ୍ରାରେ ଗ୍ରୀଷ୍ମପ୍ରବାହ ଚାଲିଥିବା ସମୟରେ କଟକ ସହରକୁ ଦୈନ ଦିନ ହଜାର ହଜାର ସଂଖ୍ୟାରେ ଲୋକେ ଆସିଥାନ୍ତି । ବଡ଼ମେଡିକାଲ, ହାଇକୋର୍ଟ, ଶିଶୁଭବନ ଏବଂ ମାର୍କେଟ ଥିବାରୁ ଜନ ଗହଳି ସବୁବେଳେ ଦେଖା ଯାଇଥାଏ । ସହରର ଏକ ପ୍ରମୁଖ ମାର୍କେଟ ଚୌଧୁରୀ ବଜାରରେ ବାହାଘର ବ୍ରତଘର ହେଉ କିମ୍ବା ବିଭିନ୍ନ ପ୍ରକାର ସାମଗ୍ରୀ ନେବାକୁ ଲୋକଙ୍କ ଭିଡ଼ ସବୁବେଳେ ଦେଖିବାକୁ ମିଳିଥାଏ । ଏହି ସମୟରେ ଚୋଧୁରୀ ବଜ଼ାର ଯୁବକ ମାନଙ୍କ ଦ୍ୱାରା ଜଳଛତ୍ରର ବ୍ୟବସ୍ଥା କରାଯାଇଛି । ୨୬ନମ୍ବର ୱାର୍ଡର କର୍ପୋରେଟର ବିଜେପି ଯୁବ ନେତା ଗଗନ ଓଝା, ଚୌଧୁରୀ ବଜ଼ାର ମହନ୍ତ ନିର୍ମଳ କୁମାର ନନ୍ଦି, କାର୍ତିକ ନନ୍ଦି, ପ୍ରକାଶ ସିଂହ, ରାଜେଶ ଶର୍ମା, କେଶବ କୁଣ୍ଡୁ, ବିଜୟାନନ୍ଦ ବାରିକ, ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହି ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଦହି ପାଣି ବଣ୍ଟନ କରିଥିଲେ ।



# ଆମ କଳାହାଣ୍ଡି



ପୃଷ୍ଠା-୧୨
Page-12
ଶନିବାର, ୨୬ ଏପ୍ରିଲ୍ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


## ଶିକ୍ଷାଚେତନା ଅଭିଯାନ ଓ ଅମୃତ ପାଠ୍ୟ ସେବା କାର୍ଯ୍ୟକ୍ରମ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଜୁନାଗଡ଼ ବ୍ଲକ ଅନ୍ତର୍ଗତ ମୁଣ୍ଡରାଗୁଡ଼ା ଠାରେ ଥିବା ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ (ପିବିବିଏମୱାଇଓ), ମୁଣ୍ଡରାଗୁଡ଼ା ପକ୍ଷରୁ ଭବାନୀପାଟଣାସ୍ଥିତ ସହର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ୧୧୬ତମ ଶିକ୍ଷା ଚେତନା ଅଭିଯାନ-୨୦୨୫ ଏବଂ ଅମୃତ ପାଠ୍ୟ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦଣ୍ଡପାଟ ଯୁବ ସେବା ସଂଗଠନ, ନେତାଜୀ ସେବା ସଂଗଠନ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭବାନୀପାଟଣାଙ୍କ ମିଳିତ ସହଯୋଗରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଉଦ୍‌ଘାଟକ ଭାବେ ସମାଜସେବୀ ହରକିଶନ ଜୈନ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ସନ୍ତୋଷ କୁମାର ପଣ୍ଡା ଏବଂ ସମ୍ମାନୀତ ଅତିଥି ଭାବେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭବାନୀପାଟଣାର ଆଞ୍ଚଳିକ ପରିଚାଳକ ଆର୍ ଗଙ୍ଗାଧର ପଟ୍ଟନାୟକ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ହଳଧର ନିଆଲ ଏବଂ ବିଶିଷ୍ଟ ସଂଗଠକ ଚିନ୍ମୟ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାକୁ ସଂପାଦକ ଅବିନାଶ ମୁଣ୍ଡ ପରିଚାଳନା କରିଥିବା ବେଳେ ଯୁଗ୍ମ ସଂପାଦକ ରଜତ ବଂଶଲ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନେ ନିଜର ଜ୍ଞାନ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହା ସହିତ 'ଅମୃତ ପାଠ୍ୟ ସେବା' କାର୍ଯ୍ୟକ୍ରମ ଅଧୀନରେ ଗରିବ, ଅସହାୟ ପଛୁଆ ବର୍ଗର ଛାତ୍ରୀମାନଙ୍କୁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ଯାହା ସେମାନଙ୍କ ଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଶିକ୍ଷା ଚେତନା ଅଭିଯାନର ଉଦ୍ଦେଶ୍ୟ ଓ ଏହାର ସାମାଜିକ ପ୍ରଭାବ ଉପରେ ଆଲୋଚନା କରି ଏହାକୁ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ସନ୍ତୋଷ କୁମାର ପଣ୍ଡା ନିଜ ବକ୍ତବ୍ୟରେ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିବା ବେଳେ ହରକିଶନ ଜୈନ ଉଦ୍‌ଘାଟନୀ ଭାଷଣରେ ଛାତ୍ରୀଙ୍କୁ ନିଜର ସଂସ୍କୃତି ଓ ଐତିହ୍ୟ ପ୍ରତି ଗର୍ବିତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା, ସଂଜୀବ ଠାକୁର, ବେଦ ପ୍ରକାଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଲଳିତ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରବଳ ଗ୍ରୀଷ୍ମପ୍ରବାହ: ଜନ ଜୀବନ ବିପର୍ଯ୍ୟସ୍ତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ପ୍ରବଳ ଖରାରେ ମୁଣ୍ଡ ଗୁଞ୍ଜିବାକୁ ଛାଇ ଟିକେ ଖୋଜିଲେ ରାସ୍ତା କଡ଼ରେ ଗଛ ଟିଏ ନାହିଁ। ପିଇବାକୁ ପାଣି ଟୋପେ ଖୋଜିଲେ ନଈ ନାଳ ପୋଖରୀ ଶୁଖିଲା। ଯାହାବି ମୁନ୍ଦାଏ ପାଣି ଅଛି ତାହା ପିଇ ହେବ ନାହିଁ। ଗୋରୁଗାଈଙ୍କୁ ବି ସିଏ ନିଅଣ୍ଟ। କେଉଁ ନଳକୂଅରୁ ପାଣି ବାହାରୁଛି ତ କିଏ ପୁଣି ଅଚଳ। କୋଉଠି ତିରିଶି ଥର ମାରିଲେ ବି ପାଣି ଉଠୁନାହିଁ। କେଉଁ ସାତ ତାଳ ତଳେ ବାଲି ମିଶା ଗୋଳିଆ ପାଣି ମନ ହେଲେ ଉଠେ ନହେଲେ ନାହିଁ। ଜିଲ୍ଲାରେ ବସୁଧା ଯୋଜନା ଫେଲ୍। ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଜଳଯୋଗାଣ ସମୟ ଉପରେ ନିର୍ଭର କରେ। ଅମୃତ ଧାରା ଜଳ ଯୋଗାଣ ଯୋଗୁଁ କିଛି ଜାଗାରେ ଭଲ ଥଣ୍ଡା ପିଇବା ପାଣି ମିଳୁଛି ଭବାନୀପାଟଣାର ସହରରେ ହେଲେ ସିଏ ବି ସୀମିତ ସମୟ ପାଇଁ। ସେଥିରେ ପୁଣି ଲାଇନରେ ବି ବେଳେ ବେଳେ ଠିଆ ହୋଇ ଶୋଷରେ ଲୋକ ଆକ୍ତାମାକ୍ତା ହୁଅନ୍ତି। ପ୍ରାୟ ସପ୍ତାହେ ହେଲା ଭବାନୀପାଟଣାରେ ପାରଦ ଚାଳିଶ ଡିଗ୍ରୀ ଛୁଉଁଛି। ୨୧ ତାରିଖ ସୋମବାର ଠାରୁ ଜିଲ୍ଲାରେ ହୁ ହୁ ହୋଇ ବଢି ଚାଲିଛି ତାପମାତ୍ରା। ସରକାରୀ ଭାବେ ୨୧ତାରିଖ ଦିନ ତାପମାତ୍ରା ୪୨.୫ ଥିଲାବେଳେ ୨୨ତାରିଖ ଦିନ ୪୨.୮,ତା.୨୩ ତାରିଖ ଦିନ ୪୨.୫ ଓ ତା.୨୪ତାରିଖ ଦିନ ତାପମାତ୍ରା ୪୨.୦୦ଡିଗ୍ରୀ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଲୋକଙ୍କ କହିବା କଥା ହେଲା ଏ ଯେଉଁ ଗ୍ରୀଷ୍ମପ୍ରବାହ ହେଉଛି ତାହା ସରକାରଙ୍କ ରିପୋର୍ଟ ଠାରୁ ଅଧିକ କିଛି ଡିଗ୍ରୀ ନିଶ୍ଚିତ ହେବ। ଖରାକୁ ଆଖି ଆଗରେ ରଖି ସରକାରଙ୍କ ସ୍କୁଲ ଛୁଟି ଘୋଷଣା ସମୟୋପଯୋଗୀ ପଦକ୍ଷେପ ହୋଇଥିଲା ବେଳେ ସହର ଏବେ ଦିନ ୯ଟା ପରେ ଖାଁ ଖାଁ ଲାଗୁଛି। ଗାଆଁ ଗହଳିରୁ ଆସୁଥିବା ଲୋକମାନେ ସକାଳୁ ସକାଳୁ ବଜାର ସାରି ଫେରିଯାଉଛନ୍ତି। କେବଳ ଆଖୁରସ, ଲେମ୍ବୁ ପାଣି ଦୋକାନ, ତରଭୁଜ ଦୋକାନ ଓ ପୌରପାଳିକା ର ଅମୃତଧାରା ପାଣି ପାଖରେ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ପୂର୍ବାହ୍ନ ଦଶଟା ବେଳଠାରୁ ଅପରାହ୍ନ ପାଞ୍ଚଟା ଯାଏଁ ସହର ପୂରା ଜନଶୂନ୍ୟ ହେଇଯାଉଛି। ସରକାରୀ ଆଇନ ବ୍ୟବସ୍ଥାକୁ ଅଣଦେଖା କରି ଶ୍ରମିକ ମାନଙ୍କ କାମ କିମ୍ବା କୌଣସି ଯାନବାହନ ଚଳାଚଳ ର ସମୟରେ ପରିବର୍ତନ ଦେଖାଯାଉନାହିଁ। ସହରରେ ଥିବା ଜଳଛତ୍ର ମାନଙ୍କରେ କାଁ ଭାଁ ପାନୀୟ ଜଳ ମିଳୁଥିବାରୁ ପଥଚାରୀ ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଆଖିଆଗରେ ରହି ସେଭଳି କୌଣସି ପ୍ରତିଷେଧକ ବ୍ୟବସ୍ଥା କରାଯାଇନାହିଁ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶହୀଦ ରେଣ୍ଡୋମାଝୀ ମେଡ଼ିକାଲ କଲେଜ ହସପିଟାଲରେ ଅଂଶୁଘାତ ରୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୁରୁଷ ଓ ମହିଳା ଅଂଶୁଘାତ ରୋଗୀଙ୍କ ପାଇଁ ଯଥାକ୍ରମେ ଛଅଟି ଓ ତିନୋଟି ଶଯ୍ୟାର ବ୍ୟବସ୍ଥା ରହିଥିବା ବେଳେ ଥଣ୍ଡା ପାଣି ଓ କୁଲର୍ ବ୍ୟବସ୍ଥା ରହିଛି ବୋଲି ଜଣାପଡିଛି। ତେବେ ଜିଲ୍ଲାର କୌଣସି ସ୍ଥାନରେ ଅଂଶୁଘାତ ଜନିତ ସମସ୍ୟା ଉପୁଜିଥିବା ସୂଚନା ମିଳିନାହିଁ। ବେଳେବେଳେ ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଲାଇନ୍ ଚାଲିଯିବାରୁ ଅସହ୍ୟ ଗରମରେ ଲୋକମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ଭବାନୀପାଟଣା ସହରର ଲାଇଫଲାଇନ୍ କୁହାଯାଉଥିବା ଓ ସବୁବେଳେ ଜଳପୂର୍ଣ୍ଣ ରହି ସହରବାସୀଙ୍କୁ ତଥା ଅଗଣିତ ପଶୁପକ୍ଷୀ ମାନଙ୍କ ତୃଷ୍ଣା ମେଣ୍ଟାଇ ଆସୁଥିବା ରାଜପରିବାର ନିର୍ମିତ ଆଶାସାଗର ଏ ବର୍ଷ ପୁନଃରୁଦ୍ଧାର ନାଁଆରେ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇ ମଧ ଶୁଖିଲା ପଡିଛି। ତେଣୁ ଆଗାମୀ ଦିନରେ ସ୍ଥାନୀୟ ପ୍ରାଣୀ ସମ୍ପଦ କି ଭଳି ଟୋପାଏ ପାଣି ପାଇ ପାରିବେ ସେ ନେଇ ବୁଦ୍ଧିଜୀବୀ ମହଲରେ ଆଶଙ୍କା ଦେଖାଯାଇଛି।

## ପାଣି ପାଇଁ ହନ୍ତସନ୍ତ ଉକ୍ଳେଲା ଲାଲ ପଡାବାସୀ

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ଚାରିଆଡେ ଗ୍ରୀଷ୍ମ ଲହରୀ ହାହାକାର ମଚାଉଥିବା ବେଳେ ପାଣି ଲାଗି କେସିଙ୍ଗା ବ୍ଲକ ଉକ୍ଳେଲା ଗ୍ରାମପଞ୍ଚାୟତ ଲାଲପଡ଼ା ଲୋକଙ୍କ ବିକଳ ଅବସ୍ଥା ଦେଖିବାକୁ ମିଳିଛି। ପଡ଼ାରେ ଥିବା ନଳକୂପରୁ ଖାରିଆ ଜଳ ବାହାରୁଥିବାରୁ କୌଣସି ବ୍ୟବହାରରେ ଲାଗୁନାହିଁ। ପିଇବା ପାଣି ଲାଗି ଦେଢ଼ କିଲୋମିଟର ଦୂରରେ ଥିବା ବଙ୍ଗଳା ପଡ଼ା ଶିବ ମନ୍ଦିର ନଳକୂପରୁ ଯିବାକୁ ପଡୁଛି। ଗାଧୋଇବା ଲାଗି କେନ୍ଦୁବନ୍ଧ ପାଣି ଉପରେ ଭରଷା କରୁଥିଲେ। ବର୍ତ୍ତମାନ ମାଟି କାମ ହେବ ବୋଲି କେନ୍ଦୁ ବନ୍ଧର ପାଣିକୁ ବନ୍ଦ କରି ଦିଆଯାଇଛି। ଉକ୍ତ ମାଟି କାମ ପାଇଁ ମାତ୍ର ୧୦ ଲକ୍ଷ ଟଙ୍କା ପଞ୍ଚାୟତକୁ ଆସିଛି। ଯାହାକି ସମୁଦ୍ରକୁ ଶଙ୍ଖେ, କେନ୍ଦୁ ବନ୍ଧ ପାଣି ଶୁଖି ମାସକ ହେଲାଣି କାମ ଆରମ୍ଭ ହୋଇନି। ଏପଟେ ନଦୀ ଜଳ ଯୋଗାଣକୁ ଭରଷା କରି ପଡା ଲୋକେ ବନ୍ଧର ପାଣି ବନ୍ଦ କରିବାକୁ ହଁ ମାରିଲେ। ଦୁଇ ଦିନ ହେଲା ନଦୀ ଜଳ ଯୋଗାଣ ମଧ ବନ୍ଦ ହୋଇ ଯାଇଛି। ରାସ୍ତା କାମ ଏକ ଠିକାଦାର କରୁଥିବା ବେଳେ ପାଇପ ଫଟାଇ ଦେଇଥିବା ଯୋଗୁଁ ପାଣି ଆସୁନଥିବା ଅଭିଯୋଗ ବିଭାଗୀୟ ଯନ୍ତ୍ରୀକୁ କହିବାରୁ ସେ ରାସ୍ତା କାମ କରି ଫଟାଇ ଥିବା ଠିକାଦାରଙ୍କୁ କହିବାକୁ ମତ ରଖିଥିଲେ। ପଡାକୁ ଠିକ ମାତ୍ରାରେ ପାଣି ଯୋଗାଇବା ପାଇଁ ପାଟ ବନ୍ଧ ପାଣି ଟାଙ୍କିରୁ ଦେବା ପାଇଁ ଚର୍ଚ୍ଚା ହେଉଥିଲା। କିନ୍ତୁ ଠିକାଦାର ଜଣକ ବେହେରା ପଡ଼ା, ହରିଜନ ପଡ଼ା, ମାରୱାଡ଼ି ପଡ଼ା, ଶୁଣ୍ଡି ପଡ଼ା, ଇଲେକ୍ଟ୍ରି ଷ୍ଟ୍ରକଚର ବୁଲାଣି ଦେଇ ଦୁଇ କିଲୋମିଟର ହେବ ପାଇପ ଦେଇ ଆସୁଥିବା ଫଳରେ ପ୍ରାୟ ୬୦ ଘରରୁ ୩୦ ଘରକୁ ପାଣି ଆସୁଛି। ତାହାବି ଠିକରେ ମିଳି ପାରୁନାହିଁ। ତେଣୁ ଉକ୍ତ ପଡାକୁ ସିଧାସଳଖ ପାଟ ବନ୍ଧ ଟାଙ୍କିରୁ ଜଳ ଯୋଗାଣ ଦେଲେ ଉପକୃତ ହେବେ କହି ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଲେ ମଧ କର୍ଣ୍ଣପାତ କରୁନାହାନ୍ତି। ଆଗାମୀ ଦିନରେ ତାର ସୁବ୍ୟବସ୍ଥା କରା ନ ଯାଏ ତାହେଲେ ଗରା ମାଠିଆ ଧରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ପଡ଼ା ଲୋକେ ଜଣାଇଛନ୍ତି ।

## ଦୁର୍ଘଟଣାରେ ୩ଗୁରୁତର



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ଥାନା ପର୍ଲା ରାଜୀବ ନଗର ଠାରେ ଏକ ମର୍ମନ୍ତୁକ ଦୁର୍ଘଟଣା ଘଟିଛି। ୨ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୩ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଯେ ଜୟନ୍ତପୁର ପଞ୍ଚାୟତ କାଦୋମାଲ ଗ୍ରାମର ଧନିରାମ ବାଗ(୪୭) ଓ ଗଜିନ୍ଦ୍ର ବାଗ(୨୬) ଏକ ମଟର ସାଇକେଲ ଯୋଗେ କୌଣସି କାମ ପାଇଁ ପର୍ଲା ଆସୁଥିଲେ। ଠିକ ଅପରପଟେ ଛତିଶଗଡ଼ -ଝୁରିପେନ ଗ୍ରାମର ଉମା ମାଝୀ(୨୭)ପର୍ଲା ଦେଇ ଜୟନ୍ତପୁର ଯିବା ବେଳେ ରାଜୀବ ନଗର ପାଖରେ ମୁହାଁମୁହିଁ ହୋଇଥିଲା। ୩ଜଣ ଛିଟିକି ପଡ଼ିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗି ରହିଥିବା ବେଳେ ୨ଜଣଙ୍କୁ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକ ସରପଞ୍ଚଙ୍କୁ ଖବର ଦେବା ପରେ ଘଟଣା ସ୍ଥଳକୁ ସରପଞ୍ଚ ବ୍ରିଜଲାଲ ନାଏକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପର୍ଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ୩ଜଣଙ୍କ ସ୍ୱାସ୍ଥାବସ୍ଥା ଅତି ସଙ୍କଟ ହେବା ପରେ ଡାକ୍ତର ପ୍ରାଥମିକ ଚିକିତ୍ସା କରି ଧର୍ମଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ବର୍ତ୍ତମାନ ଧର୍ମଗଡ଼ ଡାକ୍ତରଖାନାରେ ୩ଜଣଙ୍କ ଚିକିତ୍ସା ଜାରି ରହିଛି।

## ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ



କୋକସରା, (ଭାସ୍କର ନ୍ୟୁଜ୍ ) : ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ଜାତୀୟ ପଞ୍ଚାୟତି ରାଜ ଦିବସକୁ ପଞ୍ଚାୟତ, ବ୍ଲକ ଓ ରାଜ୍ୟସ୍ତରରେ ପାଳନ କରୁଥିବା ବେଳେ କୋକସରା ବ୍ଲକ ସମ୍ମୁଖରେ ମଧ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। କୋକସରା ବିଡ଼ିଓ ଡ଼ ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଡିଓ ଡ଼ ମାଝୀ ପଞ୍ଚାୟତିରାଜ ଦିବସର ଆଭିମୁଖ୍ୟ ଓ ପଞ୍ଚାୟତିରାଜ ଦ୍ୱାରା ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଦୁର୍ଗାପ୍ରସାଦ ପ୍ରଧାନୀ, ବିଜେପି ନେତା ତ୍ରିନାଥ ଶବର ମଞ୍ଚାସିନ ଥିଲେ। ଏହି ଅବସରରେ କୃଷି ବିଭାଗ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଓଡିଶା ଜୀବିକା ମିଶନ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ମାନ ପ୍ରଦର୍ଶିତ ହୋଇ ଅଧିକାରୀ ମାନେ ଲୋକଙ୍କୁ ସମସ୍ତ ଯୋଜନାର ସୁଫଳ ପାଇବା ପାଇଁ ସଚେତନ କରିଥିଲେ। ଏହି ଅବସରରେ କୋକସରା ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ୫୯ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଜନପ୍ରତିନିଧି, ସ୍ୱୟଂ ସହାୟିକା ମହିଳା, ଏମ୍ବିକେ, ସିଆରପି, ଓ ସାଧାରଣ ଜନତା ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟ ଜଳ, ଦହି ସରବତ, ସୁସ୍ୱାଦୁ ଭୋଜନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା ପରିଚାଳନା କରିଥିବା ବେଳେ, ବ୍ଲକ ଯୋଗାଣ ଅଧିକାରୀ, ଜଗାରାମ ମୁର୍ମୁ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ସମେତ ସମସ୍ତ ଯନ୍ତ୍ରୀ ଓ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ପଞ୍ଚାୟତିରାଜ ଦିବସରେ ଛାତ୍ରଛାତ୍ରୀ ପୁରସ୍କୃତ



କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କେସିଙ୍ଗା ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଡିଓ ଜନ୍ମଜେୟ ସ୍ୱାଇଁଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ସମ୍ମାନିତ ଅତିଥି ରୂପେ ଏବିଡିଓ ସିଦ୍ଧେଶ୍ୱର ମେହେର, ତହସିଲଦାର ପ୍ରଶାନ୍ତି ପ୍ରଧାନ, ସିଡିପିଓ ସସ୍ମିତା ମିଶ୍ର ମଞ୍ଚାସୀନ ଥିଲେ। ଏଥିସହିତ ସମସ୍ତ କନିଷ୍ଠ ଯନ୍ତ୍ରୀ, ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ଓ ମହିଳା ଗ୍ରୁପ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ସେନାପତି ପୁରସ୍କାର ବିତରଣ କରିଥିଲେ। ସ୍କୁଲର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗିତ ପରିବେଷଣ କରିଥିଲା ବେଳେ ଅନ୍ୟ ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟମାନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ହିସାବ ରକ୍ଷକ ବିନାୟକ ବିଶ୍ୱାଳ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଶେଷରେ ପୁରୀ ବେଳାଭୂମିରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଜାତୀୟ ପଞ୍ଚାୟତିରାଜ ଦିବସକୁ ଉଦଘାଟନ କରିଥିଲେ।

## ଜୁନାଗଡ଼ରେ ପଞ୍ଚାୟତିରାଜ ଦିବସ ପାଳିତ

ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ପଞ୍ଚାୟତ ସମିତି ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସାପ୍ତାହିକ ହାଟ ଆରଏମସି ମାର୍କେଟ ୟାର୍ଡ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ଦେବାଶିଷ କର, ଅତିରିକ୍ତ ତହସିଲଦାର ଅଶୋକ କୁମାର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ଜିପିଇଓ, ବି ଏସ ଏସ ଓ ତୁଷାର ସାହୁ ଓ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସମେତ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ହରିଙ୍କୁ ମିଳିଲା ଭତ୍ତା, ୨ମାସ ମଧ୍ୟରେ ଘର ଯୋଗାଇ ଦେବାକୁ ବିଡ଼ିଓଙ୍କ ପ୍ରତିଶ୍ରୁତି



ଓଡ଼ିଶା ଭାସ୍କର ପ୍ରଭାବ

ଧର୍ମଗଡ଼, ( ଭାସ୍କର ନ୍ୟୁଜ୍ ) : ଶେଷରେ ଓଡ଼ିଶା ଭାସ୍କରର ମହା ପ୍ରଭାବରେ ହରିଙ୍କ ଦୁଃଖ ଦୂର ହୋଇପାରିଛି। ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ପଞ୍ଚାୟତ ଘଣ୍ଟିଗୁଡା - ତେଲିପଡା ଗ୍ରାମର ଦମ୍ପତି ହରି ଗହୀର(୮୨) ଓ ମାଳତୀ ଗହୀର(୮୦) ଦୋଦୋ ମାନ ସ୍ଥିତିରେ ଦୀର୍ଘଦିନରୁ ଜୀବନ କାଟୁଥିଲେ। ଭିକ୍ଷା ବୃତ୍ତିରେ ନିଜ ପ୍ରତିପୋଷଣ କରୁଥିବା ବେଳେ କେବେ ଚୁଲିରେ ନିଆଁ ଲାଗୁଥିଲା ତ କେବେ ଉପବାସରେ ଦିନ କାଟୁଥିଲେ। ଏକ ନିଛାଟିଆ ସ୍ଥାନରେ ଏକ ଝାଟି କୁଡ଼ିଆ କରି ରହି ଆସୁଛନ୍ତି। ଏପରିକି ୮୦ବର୍ଷ ଅତିକ୍ରମ କରିଥିଲେ ବି ବାର୍ଦ୍ଧକ୍ୟ ଭତ୍ତା ଖଣ୍ଡକ ଦୂରର କଥା ଖାଦ୍ୟ ସୁରକ୍ଷା ଆଇନ ବ୍ୟବସ୍ଥାରୁ ବଞ୍ଚିତ ରହି ଆସୁଥିଲେ। ଦୁର୍ଦ୍ଦିନ ଜୀବନ ଭିତରେ କାଳ କାଟୁଥିବା କଥା ଓଡ଼ିଶା ଭାସ୍କର ଖବର କାଗଜରେ ପ୍ରସାରଣ ହେବା ପରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତତ୍ପରତା ଦେଖାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ସବୁଠି ବଡ଼ କଥା ଦମ୍ପତି ଦୁହିଁଙ୍କ ଆଧାର କାର୍ଡ କିମ୍ବା ଭୋଟ ପରିଚୟ କାର୍ଡ ନ ଥିବା ଯୋଗୁଁ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ତଦନ୍ତରୁ ଜଣାପଡିଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତତ୍‌କ୍ଷଣି ଦ୍ୱାର ମୁହଁରେ ସେବା ଯୋଗାଇ ଦେଇ ଆଧାର କାର୍ଡ ନିର୍ମାଣ କରିଥିଲେ। ଆଜି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କ ସହ ତହସିଲଦାର ସଞ୍ଜୟ କୁମାର ସାମନ୍ତରାଏ, ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଦମୟନ୍ତି ନାଏକ, ସ୍ଥାନୀୟ ସରପଞ୍ଚ ଗୌଲୋଚନ ଗୋପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ ଦମ୍ପତିଙ୍କ କୁଡ଼ିଆକୁ ଯାଇ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୧୨ଶହ ଟଙ୍କା ପ୍ରଦାନ କରିଛନ୍ତି। ଏଥିସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନ୍ତଦୟ ରାସନ କାର୍ଡ଼ ସମେତ ୨ମାସ ମଧ୍ୟରେ ଘର ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ତହସିଲଦାର ଘର ଡିହ ବାବଦକୁ ୨ଡିସମିଲ ଜମି ପ୍ରଦାନ କରାଯିବ ବୋଲି କହିଛନ୍ତି। ତେବେ ବିଡ଼ିଓ ଓ ତହସିଲଦାରଙ୍କ ଏଭଳି ପଦକ୍ଷେପକୁ ନେଇ ବିଭିନ୍ନ ମହଲରୁ ପ୍ରସଂସା କରାଯାଉଛି। ସେବା କରିବାରେ ମୋତେ ଆନନ୍ଦ ମିଳେ-ଗରିବ ଓ ଅସହାୟ ତଥା ଯୋଗ୍ୟ ହିତାଧିକାରୀକୁ ସରକାରୀ ସୁବିଧା ମିଳିବା ନିତ୍ୟାନ୍ତ ଆବଶ୍ୟକ -ଦମ୍ପତିଙ୍କ ଖବର ଓଡ଼ିଶା ଭାସ୍କରରେ ପ୍ରସାରଣ ପରେ ନିଜେ ଆସି ତଦନ୍ତ କରି ବାସ୍ତବତା ପରଖି ଥିଲି-ଏଣୁ ସବୁ ଶ୍ରେୟ ଓଡ଼ିଶା ଭାସ୍କରକୁ ଯିବ ବୋଲି ନିଜ ପ୍ରତିକ୍ରିୟା ରଖିଥିଲେ।

## ପହଲଗ୍ରାମ ମୃତକ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି

ଧର୍ମଗଡ଼ (ଭାସ୍କର ନ୍ୟୁଜ) : ପହଲଗ୍ରାମରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ବର୍ବରୋଚିତ ଆକ୍ରମଣ ଘଟଣାକୁ ଧର୍ମଗଡ଼ରେ ବିଭିନ୍ନ ସଂଗଠନ ତରଫରୁ ନିନ୍ଦା ହେବା ସହ ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଥିଲା। ବ୍ୟବସାୟୀ ସଂଘ ସଭାପତି ବିଦ୍ୟାଧର ସାହୁଙ୍କ ନେତୃତ୍ୱରେ ତିନିଛକରୁ କ୍ୟାଣ୍ଡେଲ ମାର୍ଚ୍ଚ ଆୟୋଜିତ କରି ଚାରିଛକ ଠାରେ ନିରବ ପ୍ରାର୍ଥନା କରି ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ସଂପାଦକ ଅରୁଣ ତାୟଲ, ସରୋଜ ସାହୁ, ସୁକଲାଲ ଅଗ୍ରୱାଲ, ଅତୁଲ୍ୟ ମେହେର, ହରେଶ ଅଗ୍ରୱାଲ, ବିକାଶ ମେହେର ସମେତ ଏନ୍ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, କାଉନସିଲର ପ୍ରବୀଣ ପଣ୍ଡା, ହୃଷିକେଶ ମିଶ୍ର, ଅପ୍ରେଶ ସ୍ୱାଇଁ, ଜଗବନ୍ଧୁ ମିଶ୍ର, ଶିକ୍ଷାବିତ୍ ଜୟନ୍ତ ମୁଣ୍ଡ, ରଞ୍ଜିତ ଲାଲ ପଣ୍ଡା,





ବାଞ୍ଛାନିଧି ପଣ୍ଡା, ବରିଷ୍ଠ ନାଗରିକ ସଙ୍ଘର ଗୁଣନିଧି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିଡ୍ୟୁଲ କାଷ୍ଟ ଫେଡେରେସନ ପକ୍ଷରୁ ଫେଡେରେସନ ସଭାପତି ବିରଞ୍ଚିନାରାୟଣ ଜାଲଙ୍କ ଅଧ୍ୟକ୍ଷତାରେ ସଂଗଠନର ସଭ୍ୟମାନେ ଉପଜିଲ୍ଲାପାଳଙ୍କ ଅଫିସରୁ କ୍ୟାଣ୍ଡେଲ ମାର୍ଚ୍ଚ କରି ଚାରିଛକ ଠାରେ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ ସଂପାଦକ ପ୍ରଭାକର ଜାଲ, ଦିଗାମ୍ବର ଦୂରିଆ, ଜୟଦ୍ରଥ ମହାନନ୍ଦ, ଡାକେଶ୍ୱର ଲହଜଲ, ଢଗ ନାଏକ, ରାଜେନ୍ଦ୍ର ଦୂରିଆ, ପ୍ରେମ ଜଗତ, ଲକ୍ଷ ଜ୍ୟୋତି ଜାଲ, ସୁଧୀର ଗୋପାଳ, ମହେଶ ସୁନାନୀ ପ୍ରମୁଖ ସାମିଲ ହୋଇଥିଲେ।

## ରାଶିଫଳ


ଶନିବାର, ୨୬ ଏପ୍ରିଲ ୨୦୨୫



**ମେଷ:** ଆଜି ଆପଣ ମାନସିକ କ୍ଲାନ୍ତ ଅନୁଭବ କରିପାରନ୍ତି ଏବଂ ପରିଶ୍ରମ କରିବା ସତ୍ତ୍ୱେ ଫଳାଫଳ କମ୍ ହେବ। ଆପଣ ନିଜ ପିଲା ବିଷୟରେ ଚିନ୍ତିତ ହୋଇପାରନ୍ତି। ଅଧିକ ବ୍ୟସ୍ତତା ହେତୁ ଆପଣ ପରିବାରକୁ କମ୍ ସମୟ ଦେବେ।




**ବୃଷ:** ଦିନ ଆରମ୍ଭରେ, ଆପଣଙ୍କର ମାନସିକ ସମସ୍ୟା ହୋଇପାରେ। ଅସ୍ଥିରତା ଆପଣଙ୍କ ଶରୀର ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଶରୀରରେ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ଅସ୍ଥିରତା ଅନୁଭବ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇପାରନ୍ତି।



**ମିଥୁନ:** ଆଜି ମଧ୍ୟମ ଦିନ ହେବ। ଆଜି କୌଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି। ଜୀବନସାଥୀ ଏବଂ ପିଲାମାନଙ୍କ ବିଷୟରେ ଚିନ୍ତା ହେବ। ସମସ୍ତଙ୍କ ଶରୀର, ମନ ଏବଂ ଧନରେ ବାଧା ଆସିବ। ପ୍ରତିଯୋଗୀମାନଙ୍କ ସହିତ କୌଣସି ପ୍ରକାର ଆଲୋଚନାକୁ ଏଡ଼ାନ୍ତୁ।



**କର୍କଟ:** ଆଜି ଛାତି ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ବ୍ୟାଧିରୁ ଯନ୍ତ୍ରଣା ଅନୁଭବ ହେବ । ଘରେ ସଦସ୍ୟଙ୍କ ସହ ତୀବ୍ର ଆଲୋଚନା କିମ୍ବା ବିତର୍କ ହେତୁ ମନରେ ଦୁଃଖ ମଧ ରହିବ। ଆଜିର ଦିନ ଅସୁବିଧାରେ ପରିପୂର୍ଣ୍ଣ। କୌଣସି ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ।




**ସିଂହ:** ଆଜି ଆପଣଙ୍କର ଦିନ ଶୁଭ ଅଟେ । ସ୍ୱାସ୍ଥ୍ୟ ଭଲ ହେବ ଏବଂ ଆପଣ ଭାଇମାନଙ୍କ ସହିତ ସମୟ ବିତାଇବେ। ଏକ ସୁନ୍ଦର ଯାତ୍ରାର ଯୋଗ ରହିଛି। ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କୁ ଭେଟିବାର ସମ୍ଭାବନା ଅଛି । କାର୍ଯ୍ୟରେ ସଫଳତା ପାଇ ବନ୍ଧୁମାନେ ଖୁସି ହେବେ।




**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ। ବକ୍ତବ୍ୟର ମଧୁରତା ସହିତ, ଆପଣ ଅନ୍ୟ ଲୋକଙ୍କ ମନରେ ଏକ ସକରାତ୍ମକ ଭାବନା ଛାଡି ପାରିବେ । ଘରେ ସୁଖ ଏବଂ ଶାନ୍ତିର ପରିବେଶ ରହିବ ଏବଂ ମନ ମଧ ଖୁସି ହେବ। ଏକ ସୁଖଦ ବ୍ୟାପାର ହେବ। ରୋଗରେ ପୀଡିତଙ୍କ ଅବସ୍ଥା ସୁଧୁରିବାରୁ ସନ୍ତୋଷର ଭାବନା ରହିବ।



**ତୁଳା:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ସୁଖ ଅନୁଭବ କରିବେ। ପୋଷାକ ଏବଂ ଆନନ୍ଦ-ପ୍ରମୋଦ ପଛରେ ଖର୍ଚ୍ଚ ହେବ। ଆଦର୍ଶଗତ ଭାବରେ ଦୃଢ ରହିବେ। ମନ ସୃଜନଶୀଳ ଧାରାରେ ରହିବ। ଦିନଟି ଖୁସିରେ ବିତାଇବ। ବୌଦ୍ଧିକ ଧାରା ଏବଂ ଆଲୋଚନା ପାଇଁ ଦିନଟି ଭଲ।



**ବିଛା:** ଆଜି ଏକ ଶାନ୍ତିପୂର୍ଣ୍ଣ ଦିନ ହେବ। କୋର୍ଟ ସମ୍ବନ୍ଧୀୟ କାର୍ଯ୍ୟରେ ଯତ୍ନବାନ ହୁଅନ୍ତୁ। ପ୍ରତ୍ୟେକ ବିଷୟର ମଧ୍ୟମ ଆଚରଣ ଅପଚୟରୁ ଦୂରେଇ ରହିବ। ମନ ଚିନ୍ତିତ ରହିବ ଏବଂ ବ୍ୟକ୍ତିଗତ ସମ୍ପର୍କ ମଧ୍ୟରେ ପାର୍ଥକ୍ୟ ଅଛି, ତଥାପି କୌଣସି କ୍ଷତି ହେବ ନାହିଁ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।




**ଧନୁ:** ଆଜି ଆପଣଙ୍କ ଆୟ ଏବଂ ଲାଭର ବୃଦ୍ଧି ସମ୍ଭାବନା ରହିଛି। ସାମାଜିକ କାର୍ଯ୍ୟରେ ଭାଗ ନେଇ ମନ ଖୁସି ହେବ। ବ୍ୟବସାୟରେ ଲାଭବାନ ହେବେ । ଶାରୀରିକ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହେବ। ବକ୍ତବ୍ୟରେ ସଂଯମତା ରଖନ୍ତୁ।



**ମକର:** ଆଜି କଣ୍ଟିଜେନ୍ସି ଟଙ୍କା ମିଳିପାରେ। ପରିବାର ସଦସ୍ୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି ଯାହା ଘରକୁ ନଷ୍ଟ କରିପାରେ। ବ୍ୟବସାୟ କ୍ଷେତ୍ରରେ ଧନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ। ଉଚ୍ଚ ପଦାଧିକାରୀଙ୍କ ସୁଖ ଆପଣଙ୍କ ଉପରେ ରହିବ। ଛାତ୍ରମାନଙ୍କୁ ଆଜି ଅଧିକ ପରିଶ୍ରମ କରିବାକୁ ପଡିବ। ନକାରାତ୍ମକ ଚିନ୍ତାଧାରାକୁ ରୋକନ୍ତୁ।



**କୁମ୍ଭ:** ଆଜି ପ୍ରତିଯୋଗୀମାନଙ୍କ ସହିତ ବିତର୍କ କରନ୍ତୁ ନାହିଁ। ଶାରୀରିକ ଅସୁସ୍ଥ ରହିବେ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଉତ୍ସାହିତ ହେବେ। ଦିନଟି ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ଅଟେ। ଆଧ୍ୟାତ୍ମିକତା ଏବଂ ଚିନ୍ତାଧାରା ଭଲ ରହିବ।



**ମୀନ:** ଆଜିର ଦିନ ସବୁ କ୍ଷେତ୍ରରେ ଆପଣଙ୍କ ପାଇଁ ଲାଭଦାୟକ । ଆଜି କିଛି ଦାନ କରନ୍ତୁ। ଉପଯୁକ୍ତ ଯୋଜନା ମାଧ୍ୟମରେ ବ୍ୟବସାୟ ବୃଦ୍ଧି ପାଇବ। ବ୍ୟବସାୟ ସହ ଜଡିତ ସ୍ଥାନାନ୍ତରଣର ସମ୍ଭାବନା ରହିଛି। ପିତା ଏବଂ ବରିଷ୍ଠମାନଙ୍କର ଆଶୀର୍ବାଦ ମିଳିବ। ଲାଭ ପାଇବେ। ଆୟ ବୃଦ୍ଧି ପାଇବ।



ଶ୍ରୀପତିଙ୍କ ଦୃଷ୍ଟି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯